ପୃଷ୍ଠା-୮+୮

# ଧରିତ୍ରୀ
DHARITRI

ସମ୍ବଲପୁର, ଗୁରୁବାର, ମାର୍ଚ୍ଚ ୩/୨୦୨୨ (୮+୮=୧୬ ପୃଷ୍ଠା) | Sambalpur, Thursday, March 3/2022 | Page 16 | ₹ 7.00 | ★★

୧୮ଶ ଭାଗ ୭୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-

# ୧୬ କୋଟିର ସୁନା ଜବତ



- ଜିଏସ୍‌ଟି ଠକେଇ ପାଇଁ ମୁମ୍ବାଇରୁ ଆସୁଥିଲା ଭୁବନେଶ୍ୱର
- ଅଳଙ୍କାର ବ୍ୟବସାୟୀଙ୍କୁ ନୋଟିସ

**ଭୁବନେଶ୍ୱର, ୨।୩(ବ୍ୟୁରୋ)**

ସୁନାରେ ନା ଅଛି ୱେ ବିଲ୍, ନା ଦିଆଯାଇଛି ଜିଏସ୍‌ଟି, ନା ଲାଗିଛି ହଲ୍‌ମାର୍କ। ତଥାପି ବିନା ଭୟରେ ମୁମ୍ବାଇରୁ ସୁନା ଆଣି ଭୁବନେଶ୍ୱରରେ କାରବାର କରିବାକୁ ଯୋଜନା ଥିଲା। ହେଲେ ଜିଆର୍‌ପି ପୋଲିସ ସନ୍ଦେହରେ ୪ଜଣଙ୍କୁ ଭୁବନେଶ୍ୱର ଷ୍ଟେଶନରେ ଅଟକ ରଖି ସେମାନଙ୍କଠାରୁ ୩୨କେଜି ୮୦୦ଗ୍ରାମର ସୁନା ଅଳଙ୍କାର ଜବତ କରିଛି। ଏହାର ଆନୁମାନିକ ମୂଲ୍ୟ ୧୬ କୋଟିରୁ ଊର୍ଦ୍ଧ୍ୱ ହେବ ବୋଲି ପୋଲିସ କହିଛି। ଅଟକ ବ୍ୟକ୍ତିମାନେ ହେଲେ ମୁମ୍ବାଇର ହସ୍‌ମୁଖ ଲାଲ ଜୈନ, ସୁରେଶ ସହଦେବ ଖାରେ, ମହେଶ ଭୋମ୍‌ସାର ଓ ଦୀପକ ପାଡେଲେ। ଏନେଇ ଜିଏସ୍‌ଟି ଓ ଇନ୍‌କମ୍ ଟ୍ୟାକ୍ସ ବିଭାଗକୁ ଜିଆର୍‌ପି ଖବର ଦେଇଥିଲା। ☞ପୃଷ୍ଠା-୪

## ୭ ଲକ୍ଷର ୨୦୦ ଟଙ୍କିଆ ନକଲି ନୋଟ୍



**ଭୁବନେଶ୍ୱର, ୨।୩(ବ୍ୟୁରୋ)**

### ନକଲି ନୋଟ୍ ଦେଇ ଅସଲି ନେଉଥିଲେ

ରାଜଧାନୀରେ ନକଲି ନୋଟ୍‌ର କାରବାର। ନକଲି ନୋଟ ଦେଇ ଅସଲି ଟଙ୍କା ନେଉଥିଲେ। ଏଭଳି ଠକାମିର ଶିକାର ହୋଇଥିବା ଜଣେ ଯୁବକଙ୍କ ଅଭିଯୋଗ ପରେ ଜାଲ୍ ଟଙ୍କା କାରବାର କରୁଥିବା ୨ଜଣ ଅଭିଯୁକ୍ତଙ୍କୁ କମିଶନରେଟ ପୋଲିସ ମାଷ୍ଟରକ୍ୟାଣ୍ଟିନ ଅଞ୍ଚଳରୁ ମଙ୍ଗଳବାର ଗିରଫ କରିଛି। ସେମାନେ ହେଲେ ଗଞ୍ଜାମ ଜିଲା ଜରଡ଼ା ଥାନା ଅନ୍ତର୍ଗତ ସୁବର୍ଣ୍ଣପୁର ଗ୍ରାମର ଭୁଲା ପ୍ରଧାନ(୨୮) ଓ ଭଞ୍ଜନଗର ☞ପୃଷ୍ଠା-୪

# ୧୦ ଘଣ୍ଟା ଧରି ଷ୍ଟାର୍ଟିଂ କାର୍‌ରେ ମୃତଦେହ

**ହିନ୍ଦୋଳ, ୨।୩(ଡି.ଏନ୍.ଏ.)**

ଦୀର୍ଘ ୧୦ ଘଣ୍ଟାରୁ ଅଧିକ ସମୟ ଧରି ଷ୍ଟାର୍ଟିଂ ଅବସ୍ଥାରେ ରାସ୍ତାକଡ଼ରେ ଥିଲା କାର୍। ସନ୍ଦେହଜନକ ଅବସ୍ଥାରେ ଡ୍ରାଇଭର ସିଟ୍‌ରେ ଚେତାଶୂନ୍ୟ ଅବସ୍ଥାରେ ପଡ଼ିଥିଲେ ଜଣେ ବ୍ୟକ୍ତି। ସ୍ଥାନୀୟ ଲୋକଙ୍କଠାରୁ ସୂଚନା ପାଇବା ପରେ ପୋଲିସ ପହଞ୍ଚିଲା। ଗାଡ଼ି ଲକ୍ ହୋଇଯାଇଥିବାରୁ କାଚ ଭାଙ୍ଗି ସମ୍ପୃକ୍ତ ବ୍ୟକ୍ତିଙ୍କୁ ବାହାର କରାଗଲା। ହେଲେ ସେତେବେଳକୁ ଉଡ଼ିଯାଇଥିଲା ତାଙ୍କର ପ୍ରାଣବାୟୁ।



ପ୍ରଣବ ପୂର୍ଣ୍ଣଚନ୍ଦ୍ରଙ୍କ ମୃତଦେହ ମିଳିଥିବା କାର୍।

ଢେଙ୍କାନାଳ ଜିଲା ହିନ୍ଦୋଳ ଥାନା ପୁରୁଣା କଟକ-ସମ୍ବଲପୁର ରାସ୍ତାର କାଜଲ ଢାବା ନିକଟରେ ବୁଧବାର ଘଟିଥିବା ଏହି ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ମୃତକଙ୍କ ଆଧାରକାର୍ଡରୁ ତାଙ୍କ ପରିଚୟ ମିଳିଛି। ତାଙ୍କ ନାମ ପ୍ରଣବ ପୂର୍ଣ୍ଣଚନ୍ଦ୍ର ପ୍ରଧାନ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ପ୍ରଗତିର ପଥ ଗଣତନ୍ତ୍ର









**ପାଇଖାନା ଟାଙ୍କି ସଫା ବେଳେ ୪ ମୃତ**

ମହାରାଷ୍ଟ୍ର ପୁଣେର ଲୋନି କାଲଭୋରରେ ପାଇଖାନା ଟାଙ୍କି ସଫା କରୁଥିବାବେଳେ ୪ ଜଣଙ୍କ ମୃତ୍ୟୁ ହୋଇଛି। ଲୋନି କାଲଭୋରରେ ଥିବା କଦମ ୱାକ୍ ୱସ୍ତିରେ ଏକ ରେସିଡେନ୍ସିଆଲ ବିଲ୍ଡିଂର ସେପ୍ଟିକ୍ ଟାଙ୍କି ସଫା କଲାବେଳେ ଭିତରେ ଅଣନିଶ୍ୱାସୀ ହୋଇ ସେମାନଙ୍କ ମୃତ୍ୟୁ ଘଟିଛି। ଜଣେ ଗୁରୁତରଙ୍କୁ ନିକଟସ୍ଥ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟ ତିନି ଜଣଙ୍କୁ ବାହାର କଲାବେଳକୁ ସେମାନଙ୍କର ମୃତ୍ୟୁ ଘଟିସାରିଥିଲା।



## ସଂକ୍ଷେପରେ

### ଶ୍ରୀଲଙ୍କାରେ ୭.୫ ଘଣ୍ଟା ବିଦ୍ୟୁତ୍ କାଟ୍

**କଲମ୍ବୋ,୨।୩(ପି.ଟି.):** ଗୁରୁତର ଆର୍ଥିକ ସଙ୍କଟର ସମ୍ମୁଖୀନ ହୋଇଥିବା ଶ୍ରୀଲଙ୍କାରେ ବୁଧବାର ୭.୫ ଘଣ୍ଟା ବିଦ୍ୟୁତ୍ କାଟ୍ ହୋଇଛି। ୧୯୯୬ ପରେ ଏହା ସବୁଠୁ ଦୀର୍ଘ ସମୟ ବିଦ୍ୟୁତ୍ କାଟ୍। ଏହି ଦ୍ୱୀପ ଦେଶ ଗମ୍ଭୀର ବିଦେଶୀ ବିନିମୟ ସଙ୍କଟର ସମ୍ମୁଖୀନ ହୋଇଛି। ବିଦ୍ୟୁତ୍ ପ୍ଲାଣ୍ଟ ଚଳାଇବା ଲାଗି ଆବଶ୍ୟକ ଇନ୍ଧନ ଆମଦାନୀ ବିଲ୍ ଭରିବାକୁ ସରକାର ସମର୍ଥ ନୁହନ୍ତି। ଫଳରେ ଦିନରେ ୫.୫ ଘଣ୍ଟା ଏବଂ ରାତିରେ ୨ ଘଣ୍ଟା ବିଦ୍ୟୁତ୍ କାଟ ଲାଗି ନିଷ୍ପତ୍ତି ନିଆଯାଇଥିବା ଶ୍ରୀଲଙ୍କାର ପବ୍ଲିକ୍ ୟୁଟିଲିଟିଜ୍ କମିଶନ୍‌ର ଅଧିକାରୀ ଜନକ ରତ୍ନାୟକ ଗଣମାଧମକୁ କହିଛନ୍ତି। ଗତ ସପ୍ତାହରେ ୩ଟି ଜାହାଜରେ ଆସିଥିବା ତେଲ ବିଲ୍ ପୈଠ କରିବାରେ ସରକାର ସହାୟତା କରିବାକୁ ଦେଶର ଇନ୍ଧନ ସଂସ୍ଥା ପକ୍ଷରୁ ଅନୁରୋଧ କରାଯାଇଛି। ବିଦ୍ୟୁତ୍ ସେକ୍ଟର ଅଧିକାରୀଙ୍କ କହିବା ଅନୁଯାୟୀ ଅନାବୃଷ୍ଟି ଯୋଗୁ ଜଳଭଣ୍ଡାରରେ ଜଳସ୍ତର ଯଥେଷ୍ଟ ହ୍ରାସ ପାଇଛି। ତେଣୁ ଜଳବିଦ୍ୟୁତ୍ ମଧ କମ୍ ଉତ୍ପାଦନ ହେଉଛି। ସରକାରଙ୍କ ପାଖରେ ଅର୍ଥାଭାବ ଦେଖାଦେଇଛି। ଏହା ସତ୍ତ୍ୱେ ତୈଳ ଆମଦାନୀକୁ ସର୍ବାଧିକ ପ୍ରାଥମିକତା ଦିଆଯିବ ବୋଲି ଶକ୍ତିମନ୍ତ୍ରୀ ଉଦୟ ଗମ୍ମାନପିଲା କହିଛନ୍ତି। ଏବେ ଗଚ୍ଛିତ ଥିବା ଇନ୍ଧନ ମାତ୍ର ୪ ଦିନରେ ଶେଷ ହୋଇଯିବ। ଜରୁରୀ ଶକ୍ତି ଚାହିଦା ପୂରଣ ଲାଗି ଶ୍ରୀଲଙ୍କା ଗତ ମାସରେ ଭାରତର ବୃହତ ତୈଳ କମ୍ପାନୀ ଇଣ୍ଡିଆନ ଅଏଲ୍ କର୍ପୋରେଶନଠାରୁ ୪୦,୦୦୦ ମେଟ୍ରିକ୍ ଟନ୍ ଡିଜେଲ ଓ ପେଟ୍ରୋଲ କିଣିଥିଲା। ଗତ ଜାନୁୟାରୀରେ ଭାରତ ଶ୍ରୀଲଙ୍କାକୁ ୯୦୦ ନିୟୁତ ଡଲାର ଋଣ ଯୋଗାଇ ଦେଇଥିଲା।

### କିନ୍ନରଙ୍କୁ ସ୍ୱତନ୍ତ୍ର ସଂରକ୍ଷଣ ଦିଅ: ଦିଲ୍ଲୀ ହାଇକୋର୍ଟ




**ଚେନ୍ନାଇ,୨।୩(ପି.ଟି.):** ସାମାଜିକ ଓ ଆର୍ଥିକ ଦୁର୍ବଳ ଶ୍ରେଣୀଙ୍କୁ ଦିଆଯାଉଥିବା ସୁବିଧା ବାଦ୍ କିନ୍ନର ବା ତୃତୀୟ ଲିଙ୍ଗଙ୍କୁ ସରକାରୀ ନିଯୁକ୍ତିରେ ନିର୍ଦ୍ଦିଷ୍ଟ ଅନୁପାତରେ ସ୍ୱତନ୍ତ୍ର ସଂରକ୍ଷଣ ସୁବିଧା ଯୋଗାଇ ଦେବାକୁ ମାଡ୍ରାସ ହାଇକୋର୍ଟ ବୁଧବାର ତାମିଲନାଡୁ ସରକାରଙ୍କୁ ସୁପାରିସ କରିଛନ୍ତି। ଶରଥ ନାମକ କିନ୍ନର ଓ ଅନ୍ୟ ୭ ଜଣଙ୍କ ରିଟ୍ ପିଟିଶନର ଶୁଣାଣି ବେଳେ ଜଷ୍ଟିସ୍ ଏମ୍.ଏସ୍. ରମେଶଙ୍କ ଖଣ୍ଡପୀଠ ଉପରୋକ୍ତ ସୁପାରିସ କରିଛନ୍ତି। କିନ୍ନରମାନଙ୍କ ଲାଗି ଶାରୀରିକ ମାପଦଣ୍ଡ, ସାମର୍ଥ୍ୟ ଏବଂ ଶାରୀରିକ ଦକ୍ଷତା ପରୀକ୍ଷାରେ କୋହଳ କରାଯିବାକୁ ବିଚାରପତି କହିଛନ୍ତି। କିନ୍ନରମାନଙ୍କୁ କୌଣସି ସଂରକ୍ଷଣ, ରିହାତି ଓ କୋହଳ ପ୍ରଦାନ କରିବା ବେଳେ ଅନ୍ୟ ସାମାଜିକ ଓ ଅର୍ଥନୈତିକ ଦୁର୍ବଳ ଶ୍ରେଣୀଙ୍କୁ ଦିଆଯାଇଥିବା ଏହି ସୁବିଧାର ଅନୁପାତକୁ ବିଚାରକୁ ନେବା ଆବଶ୍ୟକ। କିନ୍ନରଙ୍କ କ୍ଷେତ୍ରରେ ସମାନ ପଦ୍ଧତି ଆପଣାଇବାକୁ ହାଇକୋର୍ଟ କହିଛନ୍ତି।

### ଆର୍ଯ୍ୟନଙ୍କ ବିରୋଧରେ ପ୍ରମାଣ ନାହିଁ ଖବରକୁ ଏନ୍‌ସିବିର ଖଣ୍ଡନ



**ମୁମ୍ବାଇ,୨।୩:** ମୁମ୍ବାଇ କ୍ରୁଜ୍ ଡ୍ରଗ୍ସ ମାମଲାରେ ବଲିଉଡ୍ କିଙ୍ଗ୍ ଖାନ୍ ଶାହରୁଖଙ୍କ ପୁଅ ଆର୍ଯ୍ୟନ ଖାନ୍‌ଙ୍କ ବିରୋଧରେ କୌଣସି ପ୍ରମାଣ ନାହିଁ। ବୁଧବାର ଏମିତି କିଛି ଖବର ଗଣମାଧମରେ ପ୍ରକାଶ ପାଇଥିଲା। ତେବେ ନାର୍କୋଟିକ୍ କଣ୍ଟ୍ରୋଲ୍ ବ୍ୟୁରୋ (ଏନ୍‌ସିବି)ର ସାଧାରଣ ନିର୍ଦ୍ଦେଶକ ତଥା ସ୍ୱତନ୍ତ୍ର ଯାଞ୍ଚ ଏଜେନ୍ସିର ମୁଖ୍ୟ ସଞ୍ଜୟ ସିଂ ଏହାକୁ ଖଣ୍ଡନ କରି କହିଛନ୍ତି, ମିଡିଆରେ ପ୍ରସାରିତ ଖବରରେ କୌଣସି ସତ୍ୟତା ନାହିଁ। ବର୍ତ୍ତମାନ ସୁଦ୍ଧା ଏହି ମାମଲାର ଯାଞ୍ଚ ଜାରି ରହିଛି। ଯାଞ୍ଚ ଶେଷ ନ ହେବା ପୂର୍ବରୁ କୌଣସି ମନ୍ତବ୍ୟ ଦେବା ଠିକ୍ ହେବ ନାହିଁ। ୨୦୨୧ ଅକ୍ଟୋବର ୨ରେ କୋର୍ଡେଲିଆ କ୍ରୁଜ୍ ଜାହାଜରେ ଏନ୍‌ସିବି ଚଢ଼ାଉ କରିଥିଲା। ଏ ମାମଲାରେ ଅକ୍ଟୋବର ୩ରେ ଆର୍ଯ୍ୟନଙ୍କୁ ଗିରଫ କରାଯାଇଥିଲାବେଳେ ଅକ୍ଟୋବର ୩୦ରେ ମୁମ୍ବାଇ ହାଇକୋର୍ଟ ଦ୍ୱାରା ଆର୍ଯ୍ୟନଙ୍କୁ ସର୍ତ୍ତମୂଳକ ଜାମିନ ମିଳିଥିଲା।




କୋଲକାତାର ଅନିସ୍ ଖାନ୍ ହତ୍ୟା ମାମଲା ପ୍ରତିବାଦରେ ଅଖିଳ ଭାରତୀୟ ଗଣତାନ୍ତ୍ରିକ ଛାତ୍ର ସଂଗଠନ (ଏଆଇଡିଏସ୍‌ଓ)ର ସଦସ୍ୟମାନେ ଲାଲ୍ ବଜାର ଅଭିମୁଖେ ଶୋଭାଯାତ୍ରାରେ ଯାଉଛନ୍ତି।



ଶ୍ରୀନଗରରେ ବୁଧବାର ସ୍କୁଲ ଖୋଲିବା ପରେ ପ୍ରଥମ କରି ଆସିଥିବା ଛାତ୍ରୀଛାତ୍ରମାନଙ୍କୁ ଶିକ୍ଷୟିତ୍ରୀ ଶିକ୍ଷକ ଫୁଲ ଦେଇ ସ୍ୱାଗତ କରୁଛନ୍ତି।

# ନ୍ୟୁଜିଲାଣ୍ଡ ପାର୍ଲାମେଣ୍ଟ ଗ୍ରାଉଣ୍ଡରେ ନିଆଁ

**ୱେଲିଙ୍ଗଟନ୍,୨।୩**

କୋଭିଡ୍ ମହାମାରୀ ଟିକାକରଣକୁ ବିରୋଧ କରି ନ୍ୟୁଜିଲାଣ୍ଡ ରାଜଧାନୀ ୱେଲିଙ୍ଗଟନ୍‌ରେ ୨୩ ଦିନ ଧରି ଜାରି ରହିଛି ବିକ୍ଷୋଭ। ବିକ୍ଷୋଭକାରୀମାନେ ୱେଲିଙ୍ଗଟନ୍‌ରେ ଥିବା ପାର୍ଲାମେଣ୍ଟ ଗ୍ରାଉଣ୍ଡରେ ଟେଣ୍ଟ ବାନ୍ଧି ପ୍ରତିବାଦ କରୁଥିବାବେଳେ ବୁଧବାର ପୋଲିସ ଓ ସେମାନଙ୍କ ମଧ୍ୟରେ ସଂଘର୍ଷ ଦେଖିବାକୁ ମିଳିଥିଲା। ପ୍ରଦର୍ଶନକାରୀଙ୍କୁ ପାର୍ଲାମେଣ୍ଟ ଗ୍ରାଉଣ୍ଡରୁ ହଟାଇବା ପାଇଁ ପୋଲିସ ସେମାନଙ୍କ ଉପରକୁ ରବର ବୁଲେଟ ପ୍ରୟୋଗ କରିଥିଲା। ଦୁଇ ଗୋଷ୍ଠୀ ସଂଘର୍ଷ ଭିତରେ ପାର୍ଲାମେଣ୍ଟ ଗ୍ରାଉଣ୍ଡରେ ଥିବା ଟେଣ୍ଟରେ ବିକ୍ଷୋଭକାରୀମାନେ ନିଆଁ ଲଗାଇଦେଇଥିଲେ। ଘଟଣାର ସୂଚନା ପାଇ ଅଗ୍ନିଶମ ବିଭାଗ ସେଠାର ପହଞ୍ଚି ନିଆଁକୁ ଆୟତ କରିଥିଲା। ନିଆଁ ଲାଗିବା ଦ୍ୱାରା ୫,୭୨,୦୦୦ ଡଲାରରେ ତିଆରି ପାର୍ଲାମେଣ୍ଟ ଗ୍ରାଉଣ୍ଡର ଅଧିକାଂଶ ଭାଗ ନଷ୍ଟ ହୋଇଯାଇଛି। ଟିକାକରଣକୁ ବିରୋଧ କରୁଥିବା ଲୋକେ ୱେଲିଙ୍ଗଟନ୍‌ର ପ୍ରମୁଖ ରାସ୍ତାରେ କାର୍, ଟ୍ରକ୍ ରଖି ରାସ୍ତା ବନ୍ଦ କରିଛନ୍ତି। ଦୀର୍ଘ ୨୩ ଦିନ ଧରି ପ୍ରଦର୍ଶନ ଜାରି ଥିବାବେଳେ ବୁଧବାର ପୋଲିସ ରାସ୍ତାରୁ ଏହି ଗାଡ଼ି ସବୁକୁ ହଟାଇଥିଲା; ଫଳରେ ପ୍ରଦର୍ଶନକାରୀ ପୋଲିସକୁ ବିରୋଧ କରିଥିଲେ। ବର୍ତ୍ତମାନ ସୁଦ୍ଧା ୬୦ ପ୍ରଦର୍ଶନକାରୀଙ୍କୁ ପୋଲିସ ଗିରଫ କରିଥିବାବେଳେ ପାଖାପାଖି ୩ ପୋଲିସ ଅଫିସର ଆହତ ହୋଇଛନ୍ତି। ପାର୍ଲାମେଣ୍ଟ ଗ୍ରାଉଣ୍ଡରେ ଅଗ୍ନିକାଣ୍ଡ ଯୋଗୁ ସେ ଦୁଃଖିତ ଥିବା କହିଛନ୍ତି ନ୍ୟୁଜିଲାଣ୍ଡ ପ୍ରଧାନମନ୍ତ୍ରୀ ଜୁସିଣ୍ଡା ଆରଡର୍ନ। ଟିକାକରଣକୁ ବିରୋଧ କରି ପ୍ରଦର୍ଶନ ଆରମ୍ଭ ହୋଇଥିବାବେଳେ ବର୍ତ୍ତମାନ ଦେଶରୁ କରୋନା କଟକଣା ହଟାଇବା ପାଇଁ ପ୍ରଦର୍ଶନକାରୀ ଦାବି କରୁଛନ୍ତି। କିଛିଦିନ ପୂର୍ବେ କାନାଡାରେ ଟ୍ରକ୍ ଡ୍ରାଇଭରମାନେ ଟିକାକରଣକୁ ବିରୋଧ କରି ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୁଡିଓଙ୍କ ବାସଭବନ ସମ୍ମୁଖରେ ପ୍ରଦର୍ଶନ କରିଥିଲେ। ବର୍ତ୍ତମାନ ସୁଦ୍ଧା ନ୍ୟୁଜିଲାଣ୍ଡରେ ୧,୧୮,୦୦୦ ଜଣ କରୋନାରେ ଆକ୍ରାନ୍ତ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ୫୬ ଜଣ ପ୍ରାଣ ହରାଇଛନ୍ତି। ଅନ୍ୟ ଦେଶଗୁଡ଼ିକ ତୁଳନାରେ ନ୍ୟୁଜିଲାଣ୍ଡରେ କରୋନା ସଂକ୍ରମଣ ମାତ୍ରା କମ୍ ରହିଛି।



ନ୍ୟୁଜିଲାଣ୍ଡ ପାର୍ଲାମେଣ୍ଟ ପରିସରରେ ବିକ୍ଷୋଭକାରୀ ନିଆଁ ଲଗାଇଦେଇଛନ୍ତି।

**ଟିକାକରଣ ବିରୋଧୀ ବିକ୍ଷୋଭ**

### ଏସ୍-୪୦୦ ଯୋଗାଣରେ ଅସୁବିଧା ହେବନାହିଁ



**ନୂଆଦିଲ୍ଲୀ,୨।୩**

ରୁଷିଆ ଏବଂ ୟୁକ୍ରେନ୍ ମଧ୍ୟରେ ଲାଗି ଥିବା ଯୁଦ୍ଧ ଯୋଗୁ ରୁଷିଆ ପକ୍ଷରୁ ଭାରତକୁ ଏସ୍-୪୦୦ ମିଶାଇଲ ଯୋଗାଣ ବ୍ୟାହତ ହେବ ନାହିଁ ବୋଲି କହିଛନ୍ତି ରୁଷିଆ ରାଷ୍ଟ୍ରଦୂତ ଡେନିସ୍ ଏଲିପୋଭ। ଯୁଦ୍ଧ କାରଣରୁ ବହୁ ଦେଶ ରୁଷିଆ ଉପରେ କଟକଣା ଲାଗୁ କରିଛନ୍ତି। କଟକଣା ସତ୍ତ୍ୱେ ଭାରତ ସହିତ ରୁଷିଆର ଡିଫେନ୍ସ ଡିଲ୍ ପ୍ରଭାବିତ ହେବନାହିଁ। ବିନା କୌଣସି ବାଧାରେ ଏସ୍-୪୦୦ ମିଶାଇଲ ଭାରତରେ ପହଞ୍ଚିବ ବୋଲି ସେ କହିଛନ୍ତି। ଖାର୍କିଭରେ ପ୍ରାଣହରାଇଥିବା ଭାରତୀୟ ଛାତ୍ରଙ୍କ ମୃତ୍ୟୁ ନେଇ ଶୋକ ବ୍ୟକ୍ତ କରିବା ସହ ଘଟଣାର ତଦନ୍ତ କରାଯିବ ବୋଲି ଏଲିପୋଭ କହିଛନ୍ତି। ଏଥିସହ ଯୁଦ୍ଧକୁ ନେଇ ଭାରତର ଆଭିମୁଖ୍ୟକୁ ସେ ପ୍ରଶଂସା କରିଛନ୍ତି।

### 'ବାୟୁ ଶକ୍ତି'ରେ ସାମିଲ ହେବ ଆଇଏଏଫ୍‌ର ୧୪୮ ବିମାନ

**ନୂଆଦିଲ୍ଲୀ,୨।୩**

ଜୈସାଲମେରର ପୋଖରନ ରେଞ୍ଜରେ ଭାରତୀୟ ବାୟୁସେନା ପକ୍ଷରୁ ମାର୍ଚ୍ଚ ୭ରେ 'ବାୟୁ ଶକ୍ତି' ୱାର ଡ୍ରିଲ୍ କରାଯିବ। ଏଥିରେ ବାୟୁସେନାର ୧୪୮ ବିମାନ ଯୋଗଦେବେ। ତେବେ ଏ ନେଇ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମୁଖ୍ୟ ଅତିଥି ରହିବେ। ଦୁଇ ଘଣ୍ଟାର କାର୍ଯ୍ୟକ୍ରମ ସକାଳ ୧୦ଟା ୩୦ରୁ ୧୨ଟା ୩୦ରେ ସରିବ ବୋଲି କହିଛନ୍ତି ଆଇଏଏଫ୍ କର୍ତ୍ତୃପକ୍ଷ। ଏହି କାର୍ଯ୍ୟକ୍ରମ ବାୟୁସେନାର ଯୁଦ୍ଧ ବିମାନ ଜାଗୁଆର, ସୁଖୋଇ-୩୦, ମିଗ୍-୨୯, ତେଜସ୍ ରାଫେଲ ଓ ମିରେଜ୍-୨୦୦୦ ଭଳି ବହୁ ବିମାନଙ୍କୁ ସାମିଲ କରାଯିବ। ଏହା ବ୍ୟତୀତ ବାୟୁସେନା ହେଲିକପ୍ଟର ଆପାଚେ, ଚିନୁକ୍, ଏମ୍ଆଇ ୧୭ଭି୫, ଏମ୍ଆଇ ୩୫,ଏଏଲ୍‌ଏଚ୍‌ଏମ୍ କେଆଇଭି ହେଲିକପ୍ଟର ଏହି ୱାର ଡ୍ରିଲ୍‌ରେ ସାମିଲ ହେବେ।

## ସୁପ୍ରିମକୋର୍ଟରେ ହେବ ଜରୁରୀ ଶୁଣାଣି

**ନୂଆଦିଲ୍ଲୀ,୨।୩(ପି.ଟି.)**

**ନିର୍ବାଚନ ବେଳେ ମାଗଣା ଉପହାର ପ୍ରତିଶ୍ରୁତି**

ନିର୍ବାଚନ ବେଳେ ଭୋଟରମାନଙ୍କୁ ପ୍ରଲୋଭିତ କରିବା ଲାଗି ବିଭିନ୍ନ ଦଳ ପକ୍ଷରୁ ମାଗଣା ଉପହାର ପ୍ରତିଶ୍ରୁତି ଦିଆଯାଉଛି। ଉକ୍ତ ରାଜନୈତିକ ଦଳଗୁଡ଼ିକ ବିରୋଧରେ ଏତଲା ଦାଏର ଲାଗି ନିର୍ଦ୍ଦେଶ ଦେବାକୁ ସୁପ୍ରିମକୋର୍ଟରେ ଜନସ୍ୱାର୍ଥ ମାମଲା (ପିଆଇଏଲ୍) ଦାଏର ହୋଇଥିଲା। ଏହାର ଜରୁରୀ ଶୁଣାଣି ପାଇଁ ସର୍ବୋଚ୍ଚ ଅଦାଲତ ବୁଧବାର ରାଜି ହୋଇଛନ୍ତି। ହିନ୍ଦୁ ସେନା ଉପାଧ୍ୟକ୍ଷ ସୁର୍ଜିତ ସିଂ ଯାଦବଙ୍କ ପକ୍ଷରୁ ଦାଏର ହୋଇଥିବା ଜନସ୍ୱାର୍ଥ ମାମଲା ଉପରେ ଆଇନଜୀବୀ ବରୁଣ କୁମାର ସିହ୍ନା କହିଥିଲେ, ୫ ରାଜ୍ୟରେ ନିର୍ବାଚନ ଶେଷ ହେବାକୁ ଯାଉଥିବାରୁ ମାମଲାର ଜରୁରୀ ଶୁଣାଣି ହେବା ଆବଶ୍ୟକ। ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଏନ୍.ଭି. ରମନ୍ନାଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ୍ ଏ.ଏସ୍. ବୋପନ୍ନା ଏବଂ ହିମା କୋହଲିଙ୍କୁ ନେଇ ଗଠିତ ଖଣ୍ଡପୀଠ ଏଥିରେ ସମ୍ମତ ହେବା ସହ ଜରୁରୀ ଶୁଣାଣି ଲାଗି ତାଲିକାଭୁକ୍ତ କରାଯିବ ବୋଲି କହିଥିଲେ।

ଯାଦବ ତାଙ୍କ ପିଟିଶନରେ ଦର୍ଶାଇଥିଲେ ନିର୍ବାଚନ ହେଉଥିବା ୫ ରାଜ୍ୟରେ କଂଗ୍ରେସ, ସମାଜବାଦୀ ପାର୍ଟି, ବିଏସ୍‌ପି, ଆମ୍ ଆଦ୍‌ମୀ ପାର୍ଟି ପକ୍ଷରୁ ଭୋଟରଙ୍କୁ ବିଭିନ୍ନ ଜିନିଷ ମାଗଣାରେ ଯୋଗାଇ ଦିଆଯିବାର ପ୍ରତିଶ୍ରୁତି ଦିଆଯାଉଛି। ରାଜନୈତିକ ଦଳ, ଏହାର ନେତା ଓ ପ୍ରାର୍ଥୀଙ୍କ ଦ୍ୱାରା ଏଭଳି ପ୍ରତିଶ୍ରୁତି ଜନପ୍ରତିନିଧି ଆଇନ, ୧୯୫୧ ଅନୁଯାୟୀ ଦୁର୍ନୀତି ଓ ଲାଞ୍ଚ ଭାବେ ଘୋଷଣଶ କରାଯାଇପାରେ। ଏଥିସହିତ ଉକ୍ତ ଦଳ ପକ୍ଷରୁ ଦିଆଯାଇଥିବା ପ୍ରାର୍ଥୀଙ୍କୁ ନିର୍ବାଚନ ଲଢ଼ିବାରୁ ଅଯୋଗ୍ୟ ଘୋଷଣା କରାଯାଇପାରେ। ସ୍ୱଚ୍ଛ ଓ ଅବାଧ ମତଦାନ ଲାଗି ଏହା ଗୁରୁତ୍ୱପୂର୍ଣ୍ଣ। ନିର୍ବାଚନ ବେଳେ ଅସାଧୁ ଉପାୟ ଅବଲମ୍ବନ କରୁଥିବା ଦଳ, ପ୍ରାର୍ଥୀ ଓ ନେତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବା ଆବଶ୍ୟକ ବୋଲି ଆବେଦନକାରୀ କହିଛନ୍ତି।

## ରାଣେ, ପୁଅ ନୀତେଶଙ୍କୁ ନୋଟିସ

**ମୁମ୍ବାଇ,୨।୩**

**ଦିଶା ସାଲିଆନ ମୃତ୍ୟୁ ମାମଲା**

ମହାରାଷ୍ଟ୍ର ମାଲୱାନି ପୋଲିସ ବୁଧବାର କେନ୍ଦ୍ରମନ୍ତ୍ରୀ ନାରାୟଣ ରାଣେ ଓ ପୁଅ ନୀତେଶ ରାଣେଙ୍କୁ ନୋଟିସ୍ ଜାରି କରିଛି। ବଲିଉଡ୍ ନାୟକ ସୁଶାନ୍ତ ସିଂ ରାଜପୁତଙ୍କ ମ୍ୟାନେଜର ଦିଶା ସାଲିଆନଙ୍କ ମୃତ୍ୟୁ ନେଇ ରାଣେ ଏବଂ ତାଙ୍କ ପୁଅ ମିଥ୍ୟା ଖବର ପ୍ରଘଟ କରିବା ଅଭିଯୋଗରେ ଏହି ନୋଟିସ ଜାରି କରାଯାଇଛି। ଚଳିତ ସପ୍ତାହରେ ହାଜର ହେବା ପାଇଁ ନୋଟିସ୍‌ରେ ଉଲ୍ଲେଖ କରାଯାଇଛି। ଦିଶାଙ୍କ ଅଭିଭାବକ ଏହି ଅଭିଯୋଗ କରିଛନ୍ତି। ଫେବୃୟାରୀ ୧୯ରେ ରାଣେ ଓ ପୁଅ ନୀତେଶଙ୍କ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ କରାଯାଇଥିଲା। ଯେଉଁଥିରେ ଦିଶା ଆତ୍ମହତ୍ୟା କରିଥିବା ସେ କହିଥିଲେ। ଦିଶାଙ୍କ ମୃତ୍ୟୁ ନେଇ କେନ୍ଦ୍ରମନ୍ତ୍ରୀଙ୍କ ବୟାନକୁ ବିରୋଧ କରି ଦିଶାଙ୍କ ମା' ବାସନ୍ତୀ ମହିଳା ଆୟୋଗଙ୍କ ଦ୍ୱାରସ୍ଥ ହୋଇଥିଲେ। ରାଣେଙ୍କ ବୟାନ କାରଣରୁ ଦିଶାଙ୍କ ପରିବାର ସମ୍ମାନହାନୀ ହେବା ସହ ଦିଶାଙ୍କ ଚରିତ୍ର ସଂହାର ହେଉଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି।

# ଶୂନ ଡିଗ୍ରୀ ତାପମାତ୍ରାରେ ୩୫ ଘଣ୍ଟା

- ଅନୁଭୂତି ବଖାଣିଲେ ୟୁକ୍ରେନ୍ ଫେରନ୍ତା ଛାତ୍ର
- ଖାଦ୍ୟ, ପାଣି ନ ଥିଲା
- ମାଡ଼ ମାରୁଥିଲେ ୟୁକ୍ରେନ୍ ସୈନ୍ୟ

**ମୁମ୍ବାଇ,୨।୩**

ୟୁକ୍ରେନ୍‌ରୁ ଫେରିଥିବା କେତେଜଣ ଛାତ୍ର ସେମାନଙ୍କ ଦୁଃଖଦ ଅନୁଭୂତି ବଖାଣିଛନ୍ତି। ସେମାନଙ୍କୁ ୟୁକ୍ରେନ୍ ସୀମାରେ ଶୂନରୁ କମ୍ ଡିଗ୍ରୀ ତାପମାତ୍ରାରେ ୩୫ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟରେ ଧାଡ଼ିରେ ଛିଡ଼ାହେବାକୁ ପଡ଼ିଥିଲା। ନା ଥିଲା ଖାଦ୍ୟ ନା ପାଣି। ଏପରିକି ଟଏଲେଟ ମଧ ନ ଥିଲା। ୟୁକ୍ରେନ୍ ସୈନ୍ୟଙ୍କ ଠାରୁ ଧକ୍କା ଓ ମାଡ଼ ଖାଇବାକୁ ପଡୁଥିଲା। ଲଗେଜ୍ ଧରି ୧୦ କିଲୋମିଟରରୁ ଅଧିକ ରାସ୍ତା ଚାଲିଚାଲି ୧୮୨ ଜଣ ଭାରତୀୟ ଛାତ୍ରୀଛାତ୍ର ସୀମା ପାର ହେବା ପରେ ରୋମାନିଆର ବୁକାରେଷ୍ଟକୁ ଯାଇଥିଲେ। ସେଠାରୁ ମଙ୍ଗଳବାର ସକାଳେ ଏୟାର ଇଣ୍ଡିଆ ଏକ୍ସପ୍ରେସ୍ ବିମାନ ଯୋଗେ ସେମାନେ ମୁମ୍ବାଇରେ ପହଞ୍ଚିଥିଲେ। ଏହାର ପୂର୍ବ ୪/୫ ଦିନ ସେମାନେ ଆତଙ୍କ ମଧ୍ୟରେ ରହିଥିଲେ ବୋଲି କହିଛନ୍ତି।

ବୁକାରେଷ୍ଟର ହେନ୍‌ରି କୋଏଣ୍ଡା ବିମାନ ବନ୍ଦରରେ ଆହୁରି ୨,୦୦୦ ଭାରତୀୟ ଛାତ୍ର ଫେରିବା ପାଇଁ ଅପେକ୍ଷା କରିଛନ୍ତି। ଅନ୍ୟ ୩,୦୦୦ ଛାତ୍ରୀଛାତ୍ର ୟୁକ୍ରେନ୍ ପାର୍ଶ୍ୱରେ ଅଟକି ରହିଥିବା ବିହାର ମୁଜାଫରପୁରର ଦୀନନାଥ ରାୟ (୨୧) କହିଛନ୍ତି। ସେହିପରି ୫ ମାସ ପୂର୍ବରୁ ୟୁକ୍ରେନ୍ ଯାଇଥିବା ଦରଭଙ୍ଗା ଅଞ୍ଚଳର ସୌରଭ କୁମାର କହିଛନ୍ତି, ଫେବୃୟାରୀ ୨୪ରୁ ତାଙ୍କ ସମେତ ୧୫୦ ଜଣ ପିଲା ହଷ୍ଟେଲ ବେସ୍‌ମେଣ୍ଟରେ ଏକ ବଙ୍କର ମଧ୍ୟରେ ରହିଥିଲେ। ପ୍ରତି ୧୫-୨୦ ମିନିଟରେ ବିମାନ ଆକ୍ରମଣ ସାଇରନ ବାଜୁଥିବାରୁ ସେମାନେ ବାହାରକୁ ବାହାରିପାରୁ ନ ଥିଲେ। ରୋମାନିଆକୁ ଆସିବା ପରେ ସେଠାକାର ସରକାର ଓ ନାଟୋ ପକ୍ଷରୁ ଖାଦ୍ୟ, ପାଣି ଓ ଆଶ୍ରୟ ଯୋଗାଇ ଦିଆଯାଇଥିଲା।



ୟୁକ୍ରେନ୍‌ର ଲୁଇଭ୍‌ଠାରେ ସ୍ୱେଚ୍ଛାସେବୀମାନେ ସହାୟତା ବଣ୍ଟନ କରୁଛନ୍ତି।

## କୌଣସି ଉଦ୍ୟମକୁ ହାତଛଡ଼ା କରାଯିବ ନାହିଁ: ମୋଦି

**ସୋନଭଦ୍ରା,୨।୩(ପି.ଟି.)**

**ଭାରତୀୟଙ୍କୁ ଫେରାଇ ଆଣିବା ପ୍ରାଥମିକତା**



ଭାରତର ଶକ୍ତି ବୃଦ୍ଧି ପାଇଥିବାରୁ ଯୁଦ୍ଧ କ୍ଷତିଗ୍ରସ୍ତ ୟୁକ୍ରେନ୍‌ରେ ଅଟକି ରହିଥିବା ନାଗରିକମାନଙ୍କୁ ଉଦ୍ଧାର କରିବାରେ ଆମେ ସମର୍ଥ ହୋଇପାରିଛୁ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବୁଧବାର କହିଛନ୍ତି। ଉତ୍ତରପ୍ରଦେଶର ସୋନଭଦ୍ରା ଜିଲାରେ ଏକ ନିର୍ବାଚନୀ ରାଲିକୁ ସମ୍ବୋଧିତ କରି ମୋଦି କହିଥିଲେ, ୟୁକ୍ରେନ୍‌ରେ ରହିଥିବା ପ୍ରତ୍ୟେକ ଭାରତୀୟଙ୍କୁ ଫେରାଇ ଆଣିବା ଲାଗି ତାଙ୍କ ସରକାର କୌଣସି ଉଦ୍ୟମକୁ ହାତଛଡ଼ା କରିବେ ନାହିଁ। ବିରୋଧୀଙ୍କୁ ସମାଲୋଚନା କରି ପ୍ରଧାନମନ୍ତ୍ରୀ କହିଥିଲେ, ଯେଉଁମାନେ ସୈନ୍ୟବାହିନୀର ବୀରତା ଏବଂ 'ମେକ୍ ଇନ୍ ଇଣ୍ଡିଆ' ଉପକ୍ରମକୁ ନେଇ ପ୍ରଶ୍ନ ଉଠାଉଥିଲେ, ସେମାନେ କଦାପି ଦେଶକୁ ଶକ୍ତିଶାଳୀ କରିପାରିବେ ନାହିଁ।

୭ ତାରିଖରେ ନିର୍ବାଚନ ହେବାକୁ ଥିବା ସୋନଭଦ୍ରାରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ କହିଥିଲେ ୟୁକ୍ରେନ୍‌ରୁ ଭାରତୀୟଙ୍କୁ ଉଦ୍ଧାର ଉପରେ ସରକାର ପ୍ରାଥମିକତା ଦେଉଛନ୍ତି। ଭାରତର ଶକ୍ତିବୃଦ୍ଧି ଯୋଗୁ ସେଠାରେ ଅଟକି ରହିଥିବା ଛାତ୍ରୀଛାତ୍ର ଓ ଅନ୍ୟମାନଙ୍କୁ ଫେରାଇ ଅଣାଯାଇପାରିଛି। ଏଥିପାଇଁ ଅପରେଶନ ଗଙ୍ଗା ଅଭିଯାନ ଚାଲିଛି ଓ ଉଦ୍ଧାର କାର୍ଯ୍ୟର ତଦାରଖ ଲାଗି ୪ ଜଣ କେନ୍ଦ୍ରମନ୍ତ୍ରୀଙ୍କୁ ସେଠାକୁ ପଠାଯାଇଛି ବୋଲି ମୋଦି କହିଥିଲେ। ଉଦ୍ଧାର କାର୍ଯ୍ୟରେ ସ୍ଥଳସେନା ଓ ବାୟୁସେନାକୁ ମଧ୍ୟ ନିୟୋଜିତ କରାଯାଇଛି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୪୩,୯୫,୧୪,୯୯୭ | ୫୯,୮୭,୩୬୧ | ୩୭,୨୧,୦୯,୩୧୫ |
| ଭାରତ | ୪,୨୯,୩୮,୫୯୯ | ୫,୧୪,୨୪୬ | ୪,୨୩,୩୮,୬୭୩ |
| ଓଡ଼ିଶା | ୧୨,୮୫,୩୪୯ | ୯୦୮୫(+୫୩) | ୧୨,୭୪,୪୨୬ |

ବୁଧବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ୟୁକ୍ରେନ୍‌ରୁ ସୁନ୍ଦରଗଡ଼ ଫେରିଲେ ୨ ଛାତ୍ରୀଛାତ୍ର



ୟୁକ୍ରେନ୍‌ରୁ ଫେରିବା ପରେ ସ୍ମିତି କୁଜୁରଙ୍କୁ ପରିବାରବର୍ଗ ଓ ଅନ୍ୟମାନେ ସ୍ୱାଗତ କରୁଛନ୍ତି।

## ୟୁକ୍ରେନ୍ ଓ ହଙ୍ଗେରି ସୀମାରେ ୧୦ ରୁ ୧୧ଘଣ୍ଟାର ଅନିଶ୍ଚିତତା ମଧ୍ୟରେ ଭାରତ ଫେରିବାର ଆଶା ହରାଇ ବସିଥିଲେ

ସୁନ୍ଦରଗଡ଼, ୨।୩ (ଡି.ଏନ୍.ଏ.)

ୟୁକ୍ରେନ୍‌ରେ ଡାକ୍ତରୀ ପଢୁଥିବା ସୁନ୍ଦରଗଡ଼ ଜିଲାର ୨ ଛାତ୍ରୀଛାତ୍ର ବୁଧବାର ଘରକୁ ଫେରିଛନ୍ତି। ସେମାନେ ହେଲେ ସୁନ୍ଦରଗଡ ଜିଲା କିଞ୍ଜିରିକେଲା ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ ଡା. ଫ୍ରାଙ୍କଲିନ୍ କୁଜୁରଙ୍କ କନ୍ୟା ସ୍ମିତି କୁଜୁର ଓ ରାଉରକେଲାର ସାକିତ ସୋହେବ ଖାନ୍। ସ୍ମିତି ଘରକୁ ଫେରିବା ପରେ ତାଙ୍କର ଅନୁଭୂତି ସମ୍ପର୍କରେ କହିଥିଲେ। ସେ ଗତ ଜାନୁୟାରୀ ୨୬ରେ ଡାକ୍ତରୀ ପାଠ ପଢିବା ପାଇଁ ୟୁକ୍ରେନ୍ ଯାଇଥିଲେ। ୟୁକ୍ରେନ୍‌ସ୍ଥିତ ୟୁଜରୋଡ୍ ନ୍ୟାଶନାଲ ୟୁନିଭର୍ସିଟିରେ ପ୍ରଥମ ବର୍ଷ ଡାକ୍ତରୀ ଛାତ୍ରୀ ଭାବେ ନାମ ଲେଖାଇଥିଲେ। ସେଠାକାର ପରିବେଶରେ ଖାପଖୁଆଇ ପାଠପଢିବା ଆରମ୍ଭ କରିବା ସମୟରେ ହଠାତ୍ ୟୁକ୍ରେନ୍ ଏବଂ ରୁଷିଆ ଯୁଦ୍ଧ ସମ୍ପର୍କରେ ଜାଣିବାକୁ ପାଇଥିଲେ। ସେମାନେ ୟୁକ୍ରେନ୍‌ର ପଶ୍ଚିମ ପଟରେ ରହୁଥିବାବେଳେ ପୂର୍ବ ଭାଗରେ ଏହି ଯୁଦ୍ଧ ହେଉଥିବାରୁ ପ୍ରଥମେ ଆଶ୍ୱସ୍ତ ରହିଥିଲେ। ହଠାତ୍ ଯୁଦ୍ଧର ବିଭୀଷିକା ବୃଦ୍ଧି ପାଇ ୟୁକ୍ରେନ୍‌ର ବିଭିନ୍ନ ସହର ଉପରେ ରୁଷୀୟ ସୈନ୍ୟଙ୍କର ଅତର୍କିତ ଆକ୍ରମଣ ଖବର ଜଣାପଡିବା ପରେ ଭୟଭୀତ ହୋଇପଡିଥିଲେ ବୋଲି କହିଛନ୍ତି ସ୍ମିତି। ଏହି ୟୁନିଭର୍ସିଟିରେ ୬ବର୍ଷିଆ ଡାକ୍ତରୀ ପାଠ୍ୟକ୍ରମରେ ପ୍ରଥମବର୍ଷରୁ ପିଜି ପର୍ଯ୍ୟନ୍ତ ପ୍ରାୟ ୬୦୦ ଭାରତୀୟ ଛାତ୍ରୀଛାତ୍ର ଅଧ୍ୟୟନ କରିଥାନ୍ତି। ଯୁଦ୍ଧ ଯୋଗୁ ଭାରତୀୟ ଛାତ୍ରୀଛାତ୍ର ଦେଶକୁ ଫେରିବା ପାଇଁ ବିମାନ ଟିକେଟ କରିବାକୁ ଆରମ୍ଭ କରିଦେଇଥିଲୁ। ହେଲେ ବିମାନ ଭଡା ଆଶାତୀତ ଭାବେ ବୃଦ୍ଧି ପାଇ ୧ଲକ୍ଷ ଟଙ୍କାରେ ପହଞ୍ଚିଥିଲା। ଆଶାଆଶଙ୍କା ଭିତରେ ଥିବାବେଳେ ଭାରତୀୟ ଦୂତାବାସ ପକ୍ଷରୁ ଆମକୁ ଭାରତ ଫେରାଇ ଆଣିବାର ବ୍ୟବସ୍ଥା କରାଯାଇଥିଲା। ଆମ ୟୁନିଭର୍ସିଟିକୁ ଭାରତ ଦୂତାବାସ ପକ୍ଷରୁ ୫ଟି ବସ ପଠାଯାଇଥିଲା। ପ୍ରାୟ ୨୪୦ ଭାରତୀୟ ଛାତ୍ରୀଛାତ୍ର ଓ ୟୁନିଭର୍ସିଟିରେ କାର୍ଯ୍ୟରତ ଭାରତର ଅଧ୍ୟାପକ ଏହି ବସ୍‌ରେ ଆସିଥିଲେ। ପ୍ରାୟ ଅଧଘଣ୍ଟାର ବସ୍ ଯାତ୍ରା ପରେ ଆମେ ହଙ୍ଗେରି ସୀମାରେ ପହଞ୍ଚିଥିଲୁ। ସେଠାରେ ସକାଳ ସାଢେ ୯ଟାରୁ ସନ୍ଧ୍ୟା ସାଢେ ୫ଟା ପର୍ଯ୍ୟନ୍ତ ଭିସା, ପାସପୋର୍ଟ ଆଦି ଆନୁଷଙ୍ଗିକ ଯାଞ୍ଚ ସକାଶେ ଆମେ ବସ୍ ମଧ୍ୟରେ ଅଟକି ରହିଥିଲୁ। ୟୁକ୍ରେନ୍ ଏବଂ ହଙ୍ଗେରି ସୀମାରେ ଦୀର୍ଘ ୧୦ରୁ ୧୧ଘଣ୍ଟାର ସମୟରେ ଭୟ ଓ ଅନିଶ୍ଚିତତା ମଧ୍ୟରେ ସ୍ୱଦେଶକୁ ଫେରି ପାରିବୁ କି ନାହିଁ ସେ ଆଶା ମଉଳି ଯାଇଥିଲା। ୧୧ଘଣ୍ଟା ପରେ ଆମକୁ ବସ୍ ନେଇ ହଙ୍ଗେରିର ବୁଡାପେଷ୍ଟ ଏୟାରପୋର୍ଟରେ ପହଞ୍ଚିଥିଲା। ୨୮ତାରିଖ ସକାଳ ସାଢେ ୮ଟାରୁ ବିମାନ ଯୋଗେ ଆସି ଦିଲ୍ଲୀ ଏୟାର ପୋର୍ଟରେ ପହଞ୍ଚିଥିଲୁ। ସେଠାରୁ ଆମ ଓଡିଶାର ଛାତ୍ରୀଛାତ୍ରଙ୍କୁ ଓଡିଶା ଭବନକୁ ନିଆଯାଇଥିଲା। ମୁଁ ରାଉରକେଲାର ଛାତ୍ରଙ୍କ ସହ ଦିଲ୍ଲୀରୁ ବିମାନ ଯୋଗେ ଆସି ଝାରସୁଗୁଡା ବୀର ସୁରେନ୍ଦ୍ର ସାଏ ବିମାନବନ୍ଦରରେ ପହଞ୍ଚିଥିଲୁ। ସେଠାରେ ସମ୍ବଲପୁର ଗୋଶାଳାରେ ଶିକ୍ଷକତା କରୁଥିବା ମିନୁ କୁଜୁର, ବାପା ଫ୍ରାଙ୍କଲିନ୍ କୁଜୁରଙ୍କ ସମେତ ପରିବାରବର୍ଗ ଆମକୁ ସ୍ୱାଗତ କରିଥିଲେ। ନିଜ ଘରକୁ ଫେରିବା ପରେ ବେଶ୍ ଖୁସି ଏବଂ ଆଶ୍ୱସ୍ତି ଅନୁଭବ କରୁଥିବା କହିଛନ୍ତି ସ୍ମିତି। ଏଥିପାଇଁ ସେ ଭାରତ ସରକାର, ଓଡିଶା ସରକାରଙ୍କ ଉଦ୍ୟମକୁ ପ୍ରଶଂସା କରିବା ସହ କୃତଜ୍ଞତା ଜଣାଇଛନ୍ତି। ଏଥିସହ ୟୁକ୍ରେନ୍‌ରେ ଥିବା ଭାରତୀୟ ଛାତ୍ରୀଛାତ୍ରଙ୍କୁ ତୁରନ୍ତ ଫେରାଇ ଆଣିବାକୁ ସେ ନିବେଦନ କରିଛନ୍ତି।

# ଆପାର୍ଟମେଣ୍ଟ ପାଇଁ ଆଗ୍ରହ ବଢୁଛି

**ଓଡ଼ିଶାରେ ରିୟଲ୍ ଇଷ୍ଟେଟ୍‌ର ସ୍ଥିତି ଭଲ ରହିଛି। ବର୍ତ୍ତମାନ ରାଜ୍ୟବାସୀ ରିୟଲ୍ ଇଷ୍ଟେଟ୍ କ୍ଷେତ୍ରରେ ନିବେଶ ପାଇଁ ମନ ବଳାଉଛନ୍ତି। ଏହା ଉପରେ କେବଳ ଭୁବନେଶ୍ୱର ନୁହେଁ, ଅନ୍ୟ ସହରଗୁଡ଼ିକରେ ମଧ ଲୋକଙ୍କ ଆଗ୍ରହ ବଢୁଥିବା କହିଛନ୍ତି ଇଭୋସ ବିଲ୍ଡକନ୍ ପ୍ରାଇଭେଟ୍ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ କଳିଙ୍ଗ କେଶରୀ ରଥ। ଧରିତ୍ରୀକୁ ସ୍ୱତନ୍ତ୍ର ସାକ୍ଷାତ୍‌କାରରେ ସେ ଅନେକ କଥା ଶେୟାର କରିଛନ୍ତି।**



**କଳିଙ୍ଗ କେଶରୀ ରଥ**
**ପରିଚାଳନା ନିର୍ଦ୍ଦେଶକ, ଇଭୋସ ବିଲ୍ଡକନ୍ ପ୍ରାଇଭେଟ୍ ଲିଃ**

**➤ଓଡ଼ିଶାରେ ରିୟଲ ଇଷ୍ଟେଟ୍ ବଜାର ସ୍ଥିତି କ'ଣ ରହିଛି?**

● ଓଡ଼ିଶାର ଅଗ୍ରଣୀ ଓ ମାନ୍ୟତାପ୍ରାପ୍ତ କ୍ଷେତ୍ରଗୁଡ଼ିକ ମଧ୍ୟରେ ରିୟଲ୍ ଇଷ୍ଟେଟ୍ ମାର୍କେଟ ଅନ୍ୟତମ। ରାଜ୍ୟରେ ରିୟଲ ଇଷ୍ଟେଟ୍ ମାର୍କେଟର ସ୍ଥିତି ଭଲ ରହିଛି ଏବଂ ଏହା ସମ୍ପର୍କରେ ରାଜ୍ୟର ଲୋକମାନେ ଜାଣିଛନ୍ତି ତଥା ଏହା ସେମାନଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ।

**➤ରିୟଲ ଇଷ୍ଟେଟ୍ ମାର୍କେଟ୍‌କୁ କୋଭିଡ୍ ମହାମାରୀ କିଭଳି ପ୍ରଭାବିତ କରିଛି?**

● ରିୟଲ୍ ଇଷ୍ଟେଟ୍ ମାର୍କେଟ ଉପରେ କୋଭିଡ୍ ମହାମାରୀର କୌଣସି ପ୍ରଭାବ ପଡ଼ିନାହିଁ। ପୂର୍ବଭଳି ଏହା ଠିକ୍ ଭାବରେ ଚାଲିଥିଲା। କେବଳ ଲକ୍‌ଡାଉନ୍ ସ୍ଥିତି ବ୍ୟବସାୟକୁ ଧିମା କରିଦେଇଥିଲା। ତେବେ ଉକ୍ତ ସମୟରେ ଏହାର ଉଚିତ ପରିଚାଳନା କରାଯାଇଥିଲା।

**➤ବର୍ତ୍ତମାନର ରିୟଲ ଇଷ୍ଟେଟ୍ ଦର ଉପରେ କ'ଣ କହିବେ?**

● ଓଡ଼ିଶା ବଜାରରେ ରିୟଲ ଇଷ୍ଟେଟ୍ କ୍ଷେତ୍ର ଆଗକୁ ବଢୁଛି। ଅନ୍ୟ ରାଜ୍ୟଗୁଡ଼ିକ ତୁଳନାରେ ଭୁବନେଶ୍ୱରରେ ଫ୍ଲୋର୍ ଏରିଆ ଅନୁପାତ ବା ଫ୍ଲୋର୍ ସ୍ପେଶ୍ ଇନ୍‌ଡେକ୍ସ ଅଧିକ ରହିଛି।

**➤ବର୍ତ୍ତମାନ ସ୍ଥିତିରେ ଉନ୍ନତି ଆସିବାକୁ କେତେ ସମୟ ଲାଗିବ?**

● ବର୍ତ୍ତମାନ ସମୟ ଆସିଗଲାଣି। ଲୋକଙ୍କ ମାନସିକତାରେ ପରିବର୍ତ୍ତନ ଆସିବା ସହିତ ସେମାନେ ରିୟଲ ଇଷ୍ଟେଟ୍ ବଜାରରେ ଲମ୍ବା ସମୟ ପର୍ଯ୍ୟନ୍ତ ନିବେଶ କରିବା ପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି। କେବଳ ଭୁବନେଶ୍ୱର ନୁହେଁ, ବରଂ ରାଜ୍ୟର ପ୍ରାୟ ସବୁ ସହରରେ ଏନେଇ ଲୋକଙ୍କର ଆଗ୍ରହ ବୃଦ୍ଧି ପାଉଥିବା ଦେଖାଯାଉଛି।

**➤ଇଭୋସ ବିଲ୍ଡକନ୍ ପ୍ରାଇଭେଟ୍ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ହିସାବରେ ଭବିଷ୍ୟତ ପାଇଁ ଆପଣଙ୍କର କି କି ଯୋଜନା ରହିଛି?**

● ଦେଶର ଆର୍ଥିକ ବିକାଶ ଦିଗରେ ରିୟଲ୍ ଇଷ୍ଟେଟ୍ ସେକ୍ଟରର ଅନେକ ମାତ୍ରାରେ ଯୋଗଦାନ ରହିଛି। ଆର୍ଥିକ ବିକାଶରେ ଯେଉଁ ସେକ୍ଟରଗୁଡ଼ିକର ପ୍ରମୁଖ ଅବଦାନ ରହିଛି, ସେଥିମଧ୍ୟରୁ ରିୟଲ ଇଷ୍ଟେଟ୍ ତୃତୀୟ ସ୍ଥାନରେ ରହିଛି। ଏହାଛଡ଼ା ନିଯୁକ୍ତି ସୁଯୋଗ ସୃଷ୍ଟି ଦିଗରେ ମଧ ଏହାର ସ୍ଥାନ ଦ୍ୱିତୀୟରେ। ୨୦୨୫ ସୁଦ୍ଧା ଦେଶର ଜିଡିପିରେ ଏହାର ୧୩% ଯୋଗଦାନ ରହିବ। ଏଥିସହିତ ୨୦୨୫ ସୁଦ୍ଧା ୫,୦୦୦ ସନ୍ତୁଷ୍ଟ ଗ୍ରାହକଙ୍କ ସହ ଯୋଡ଼ିହେବାକୁ ଲକ୍ଷ୍ୟ ରଖିଛି।

**➤ଓଡ଼ିଶାରେ କାହାର ମାର୍କେଟ୍ ବ୍ୟାପକ ରହିଛି; ଜମି ବ୍ୟବସାୟ ନା ଆପାର୍ଟମେଣ୍ଟର?**

● ବର୍ତ୍ତମାନ ସମୟରେ ଆପାର୍ଟମେଣ୍ଟର ଅଧିକ ଚାହିଦା ରହିଛି। ଜମି କିଣିବାଠାରୁ ଆରମ୍ଭ କରି ବିଲ୍ଡିଂ ତିଆରି କରିବା ଜଣେ ବ୍ୟକ୍ତି ପାଇଁ କଷ୍ଟକର ବ୍ୟାପାର। କିନ୍ତୁ ଏକ ଆପାର୍ଟମେଣ୍ଟ କ୍ରୟ କରିବା ସହଜ। ଆପାର୍ଟମେଣ୍ଟଗୁଡ଼ିକରେ ଆବଶ୍ୟକତା ଅନୁସାରେ ଇଣ୍ଟେରିୟର ଡିଜାଇନ୍ ମଧ ରହୁଛି। ତେଣୁ ଗ୍ରାହକମାନେ ଆପାର୍ଟମେଣ୍ଟ କିଣିବା ପାଇଁ ଅଧିକ ଆଗ୍ରହ ପ୍ରକାଶ କରୁଛନ୍ତି।

ଧରିତ୍ରୀ | OrissaPOST BUSINESS EMINENCE AWARDS

# ମୁଖ୍ୟ ଶାସନ ସଚିବଙ୍କୁ ଏନ୍‌ଏଚ୍‌ଆର୍‌ସିଙ୍କ ଜବାବ ତଲବ

## ବାସୁଦେବପୁର ଜଳସେଚନ ପ୍ରକଳ୍ପ ବିସ୍ଥାପିତ ମାମଲା

**ଭୁବନେଶ୍ୱର,୨।୩(ବ୍ୟୁରୋ):** କେନ୍ଦୁଝର ଜିଲା ବାସୁଦେବପୁର କାନପୁର ବୃହତ୍ ଜଳସେଚନ ପ୍ରକଳ୍ପ ବିସ୍ଥାପିତଙ୍କୁ ଥଇଥାନ କରିବା ନେଇ ରାଜ୍ୟ ସରକାର କି ପଦକ୍ଷେପ ନେଇଛନ୍ତି। ବୁଧବାର ଜାତୀୟ ମାନବ ଅଧିକାର କମିଶନ(ଏନ୍‌ଏଚ୍‌ଆର୍‌ସି) ଏ ନେଇ ମୁଖ୍ୟ ଶାସନ ସଚିବଙ୍କୁ ଜବାବ ତଲବ କରିଛନ୍ତି। ଆସନ୍ତା ୪ ସପ୍ତାହ ମଧ୍ୟରେ ଏ ନେଇ ଏକ ରିପୋର୍ଟ ଦେବାକୁ କମିଶନ ନିର୍ଦ୍ଦେଶ ଦେଇଛନ୍ତି। ମାନବ ଅଧିକାର କର୍ମୀ ରାଧାକାନ୍ତ ତ୍ରିପାଠୀ ବିସ୍ଥାପିତ ହୋଇଥିବା ୫ ହଜାର ପରିବାରଙ୍କୁ ଥଇଥାନ କରିବାରେ ଜିଲା ଓ ରାଜ୍ୟ ପ୍ରଶାସନ ବିଫଳ ହୋଇଥିବା ନେଇ କମିଶନଙ୍କ ନିକଟରେ ଆବେଦନ କରିଥିଲେ। ସେ ଅଭିଯୋଗ କରିଥିଲେ ଯେ ବିସ୍ଥାପିତ ହୋଇଥିବା ଅଧିକାଂଶ ଲୋକ ଅନୁସୂଚିତ ଜାତି ଓ ଜନଜାତି ସମ୍ପ୍ରଦାୟର। ପ୍ରଶାସନିକ ଅବହେଳା ପାଇଁ ସେମାନଙ୍କୁ ଖୋଲା ଆକାଶ ତଳେ ରାତି ବିତାଇବାକୁ ପଡୁଛି। ସେମାନଙ୍କୁ ତୁରନ୍ତ ଥଇଥାନ କରିବା ସହ କ୍ଷତିପୂରଣ ରାଶି ଦେବାକୁ ଆବେଦନକାରୀ ଜଣାଇଥିଲେ। ଏହାର ଶୁଣାଣି କରି କମିଶନ ରାଜ୍ୟ ସରକାରଙ୍କଠାରୁ ରିପୋର୍ଟ ମାଗିଛନ୍ତି। ଏଠାରେ ସୂଚନାଯୋଗ୍ୟ, ବାସୁଦେବପୁର ଜଳସେଚନ ପ୍ରକଳ୍ପ ପାଇଁ ୫ ହଜାର ପରିବାରଙ୍କୁ ବିସ୍ଥାପିତ ହେବାକୁ ପଡ଼ିଥିଲା।

# ଜିତିବା ମନୋବଳ ନେଇ ଲଢ଼ିବାକୁ ଆହ୍ୱାନ

## ପୌର ନିର୍ବାଚନ ପାଇଁ ପିସିସି ନିର୍ବାଚନ କମିଟି ବୈଠକ

ଭୁବନେଶ୍ୱର,୨।୩(ବ୍ୟୁରୋ)

ପୌର ନିର୍ବାଚନ ପାଇଁ ପ୍ରଦେଶ କଂଗ୍ରେସ କମିଟି (ପିସିସି) ପକ୍ଷରୁ ପଞ୍ଚାୟତ ଓ ପୌର ନିର୍ବାଚନ କମିଟି ବୈଠକ ବୁଧବାର ରାଜ୍ୟ କଂଗ୍ରେସ ଭବନରେ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ଦଳ ନେତା ତଥା କମିଟି ଅଧ୍ୟକ୍ଷ ନରସିଂହ ମିଶ୍ର ଅଧ୍ୟକ୍ଷତା କରିଥିବାବେଳେ ପୌର ନିର୍ବାଚନରେ ଉପଯୁକ୍ତ ପ୍ରାର୍ଥୀ ଚୟନ, କଂଗ୍ରେସ ଆଭିମୁଖ୍ୟ ନେଇ ପ୍ରଚାର, ନିର୍ବାଚନ ବଜେଟ ସଂକ୍ରାନ୍ତରେ ଆଲୋଚନା କରାଯାଇଥିଲା। ପ୍ରତ୍ୟେକ କର୍ମୀ, ନେତା ତଥା ସମସ୍ତ ପ୍ରକୋଷ୍ଠ ଓ ସଂଗଠନର ଅଧ୍ୟକ୍ଷ ଓ ପଦାଧିକାରୀମାନେ ମିଳିତ ଭାବରେ ପ୍ରାର୍ଥୀଙ୍କ ସପକ୍ଷରେ ଦ୍ୱାର ଦ୍ୱାର ବୁଲି ପ୍ରଚାର କରିବାକୁ ଗୁରୁତ୍ୱ ଦିଆଯାଇଛି। ଏଥିସହ ଜିତିବା ମନୋବଳ ନେଇ ଲଢିବା ପାଇଁ ଆହ୍ୱାନ ଦିଆଯାଇଥିଲା। ବୈଠକରେ କଟକ ସହର ସଭାପତି ଗିରିବାଳା ବେହେରାଙ୍କୁ କଟକ ମେୟର ପ୍ରାର୍ଥୀ ଭାବେ ମନୋନୀତ କରାଯାଇଥିବାବେଳେ ଭୁବନେଶ୍ୱର ମେୟର ପ୍ରାର୍ଥୀ ସଂକ୍ରାନ୍ତରେ ନିଷ୍ପତ୍ତି ହୋଇପାରି ନାହିଁ। ତେବେ ଏହି ଦୌଡ଼ରେ ଦୁଇ ଦାବିଦାର ମଧୁସ୍ମିତା ଆଚାର୍ଯ୍ୟ ଓ ଗତ ନିର୍ବାଚନରେ ଏକାମ୍ର ବିଧାୟକ ପ୍ରାର୍ଥିନୀ ରଶ୍ମି ମହାପାତ୍ରଙ୍କ ନାଁକୁ ନେଇ ଚର୍ଚ୍ଚା ଚାଲିଛି। ବୈଠକରେ ବିଧାୟକ ସନ୍ତୋଷ ସିଂ ସାଲୁଜା, ମହମ୍ମଦ ମୋକିମ୍, ଚିରଞ୍ଜୀବ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

ଧରିତ୍ରୀ DHARITRI
**ଆବଶ୍ୟକ କରୁଛି**

**ମେଶିନ ସହଯୋଗୀ**
**(Machine Unit Assistant Color & B/W)**

**ଯୋଗ୍ୟତା:** ଅନ୍ୟୂନ ୧୦ମ ଶ୍ରେଣୀ ପାସ୍ କରିଥିବା ଆବଶ୍ୟକ। ୱେବ୍ ଅଫ୍‌ସେଟ ମେଶିନରେ ପୂର୍ବରୁ କାର୍ଯ୍ୟ କରିଥିବା ପ୍ରାର୍ଥୀଙ୍କୁ ପ୍ରାଥମିକତା ଦିଆଯିବ।

ଇଚ୍ଛୁକ ପ୍ରାର୍ଥୀମାନେ ଆସନ୍ତା ୭ଦିନ ମଧ୍ୟରେ ନିମ୍ନ ଠିକଣାରେ ଦରଖାସ୍ତ ପଠାଇବେ।

ମୁଖ୍ୟ କାର୍ଯ୍ୟନିର୍ବାହୀ, ଧରିତ୍ରୀ
ବି-୧୫, ଶିଳ୍ପାଞ୍ଚଳ, ରସୁଲଗଡ, ଭୁବନେଶ୍ୱର-୭୫୧୦୧୦
ଇ-ମେଲ: recruitment@dharitri.com

ବି.ଦ୍ର.: ପ୍ରାର୍ଥୀ ଯେଉଁ ପଦବୀ ପାଇଁ ଆବେଦନ କରୁଛନ୍ତି, ତାହାର ନାମ ଦରଖାସ୍ତ ଲଫାପା ଉପରେ ଉଲ୍ଲେଖ କରିବା ଆବଶ୍ୟକ।

DSPL - 416

ଭୋଟର ସଚେତନତା ପ୍ରତିଯୋଗିତା — ମୋ ଭୋଟ ମୋ ଭବିଷ୍ୟତ — ଗୋଟିଏ ଭୋଟର ଶକ୍ତି — ସଂଗୀତ•କୁଇଜ୍•ପୋଷ୍ଟର•ଭିଡିଓ•ସ୍ଲୋଗାନ

**ରାଷ୍ଟ୍ରୀୟ ମତଦାତା ସଚେତନତା ପ୍ରତିଯୋଗିତା**

ଭାରତ ନିର୍ବାଚନ ଆୟୋଗ ଜାନୁୟାରୀ ୨୫, ୨୦୨୨ ରୁ ମାର୍ଚ୍ଚ ୧୫, ୨୦୨୨ ପର୍ଯ୍ୟନ୍ତ "ମୋ ଭୋଟ ମୋ ଅଧିକାର – ଗୋଟିଏ ଭୋଟର ଶକ୍ତି" – ନାମକ ଏକ ଭୋଟର ସଚେତନତା ପ୍ରତିଯୋଗିତାର ଆରମ୍ଭ କରିଛନ୍ତି । ଏହି ପ୍ରତିଯୋଗିତାରେ ଭାଗ ନିଅନ୍ତୁ ଏବଂ ଉତ୍ସାହଜନକ ପୁରସ୍କାର ଜିତନ୍ତୁ ।

**ପ୍ରତିଯୋଗିତାରେ ନିୟମାବଳୀ**

୧. ଏହି ପ୍ରତିଯୋଗିତା ସମସ୍ତ ବର୍ଗର ଆୟୁଙ୍କ ପାଇଁ ଉପଲବ୍ଧ ଅଟେ ।
୨. ଏଥିରେ ଅନ୍ତର୍ଭୁକ୍ତ ଥିବା ପାଞ୍ଚଟି ପ୍ରତିଯୋଗିତାଗୁଡିକ ହେଉଛି ପ୍ରଶ୍ନୋତ୍ତର (କୁଇଜ୍) ପ୍ରତିଯୋଗିତା , ସ୍ଲୋଗାନ ତିଆରି ପ୍ରତିଯୋଗିତା, ଭିଡିଓ ତିଆରି ପ୍ରତିଯୋଗିତା, ସଙ୍ଗୀତ ପ୍ରତିଯୋଗିତା ଏବଂ ପୋଷ୍ଟର ଡିଜାଇନ୍ ପ୍ରତିଯୋଗିତା।
୩. ପ୍ରତିଯୋଗିତାର ଥିମ୍ ବା ବିଷୟବସ୍ତୁ – "ମୋ ଭୋଟ ମୋ ଭବିଷ୍ୟତ – ଗୋଟିଏ ଭୋଟର ଶକ୍ତି" (My Vote is my Future – Power of one vote)
୪. ପ୍ରତିଯୋଗିତାର ତିନୋଟି ବର୍ଗ ଅଛି ଯଥା Institutional, Professional, Amateur(ଆନୁଷ୍ଠାନିକ, ପେସାଦାର ଏବଂ ଅନଭିଜ୍ଞ)।
୫. ପ୍ରତିଯୋଗିତା ସମ୍ବନ୍ଧରେ ସମସ୍ତ ସବିଶେଷ ତଥ୍ୟ ଭାରତ ନିର୍ବାଚନ ଆୟୋଗଙ୍କ website ecisveep.nic.in/contest ତଥା voterawarenesscontest.in ରେ ଉପଲବ୍ଧ ଅଛି ।
୬. ପ୍ରତିଯୋଗିତାରେ ଭାଗନେବାପାଇଁ ପ୍ରତିଯୋଗି voter-contest@eci.gov.in ରେ ସବିଶେଷ ବିବରଣୀ ସହିତ ଆବେଦନ ଗୁଡିକୁ ୧୫ ମାର୍ଚ୍ଚ ୨୦୨୨ ସୁଧା ଇମେଲ୍ କରିବେ ।
୭. <ପ୍ରତିଯୋଗିତା> ଯଥା <ବର୍ଗ> ର ନାମ ଯାହା ପାଇଁ ଅଂଶଗ୍ରହଣକାରୀ ଆବେଦନ କରୁଛନ୍ତି ତାହା ଇମେଲ ପ୍ରସଙ୍ଗରେ ସ୍ପଷ୍ଟ ଭାବରେ ଉଲ୍ଲେଖ କରିବେ ।
୮. ପ୍ରଶ୍ନୋତ୍ତର ପ୍ରତିଯୋଗିତାରେ ଭାଗ ନେବାକୁ ପ୍ରତିଯୋଗିମାନଙ୍କୁ ECI ପ୍ରଦତ୍ତ ୱେବସାଇଟ ecisveep.nic.in/contest କିମ୍ବା voterawarenesscontest.in ରେ ପଞ୍ଜୀକରଣ କରିବାକୁ ପଡିବ |
୯. ଭାରତ ନିର୍ବାଚନ ଆୟୋଗଙ୍କ ଦ୍ୱାରା ଗଠିତ ଏକ ଖଣ୍ଡପୀଠ ଦ୍ୱାରା ଆବେଦନଗୁଡିକର ବିଚାର କରାଯିବ ।
୧୦. ପ୍ରତିଯୋଗିତାରେ ଦିଆଯାଉଥିବା ପୁରସ୍କାର ରାଶିଗୁଡିକ ହେଲା :-

| କ୍ରନଂ . | ପ୍ରତିଯୋଗିତା | ଶ୍ରେଣୀ / ବର୍ଗ | ପ୍ରଥମ ପୁରସ୍କାର | ଦ୍ୱିତୀୟ ପୁରସ୍କାର | ତୃତୀୟ ପୁରସ୍କାର | ବିଶେଷ ଉଲ୍ଲେଖ |
|---|---|---|---|---|---|---|
| କ | ସଙ୍ଗୀତ ପ୍ରତିଯୋଗିତା | ଅନୁଷ୍ଠାନିକ | ୧,୦୦,୦୦୦ | ୫୦,୦୦୦ | ୩୦,୦୦୦ | ୧୫,୦୦୦ |
| | | ପେଶାଦାର | ୫୦,୦୦୦ | ୩୦,୦୦୦ | ୨୦,୦୦୦ | ୧୦,୦୦୦ |
| | | ଅନଭିଜ୍ଞ | ୨୦,୦୦୦ | ୧୦,୦୦୦ | ୭,୫୦୦ | ୩,୦୦୦ |
| ଖ | ଭିଡିଓ ତିଆରି ପ୍ରତିଯୋଗିତା | ଅନୁଷ୍ଠାନିକ | ୨,୦୦,୦୦୦ | ୧,୦୦,୦୦୦ | ୭୫,୦୦୦ | ୩୦,୦୦୦ |
| | | ପେଶାଦାର | ୫୦,୦୦୦ | ୩୦,୦୦୦ | ୨୦,୦୦୦ | ୧୦,୦୦୦ |
| | | ଅନଭିଜ୍ଞ | ୩୦,୦୦୦ | ୨୦,୦୦୦ | ୧୦,୦୦୦ | ୫,୦୦୦ |
| ଗ | ପୋଷ୍ଟର ଡିଜାଇନ୍ ପ୍ରତିଯୋଗିତା | ଅନୁଷ୍ଠାନିକ | ୫୦,୦୦୦ | ୩୦,୦୦୦ | ୨୦,୦୦୦ | ୧୦,୦୦୦ |
| | | ପେଶାଦାର | ୩୦,୦୦୦ | ୨୦,୦୦୦ | ୧୦,୦୦୦ | ୫,୦୦୦ |
| | | ଅନଭିଜ୍ଞ | ୨୦,୦୦୦ | ୧୦,୦୦୦ | ୭,୫୦୦ | ୩,୦୦୦ |

ଘ. ସ୍ଲୋଗାନ ପ୍ରତିଯୋଗିତା: ପ୍ରଥମ ପୁରସ୍କାର-୨୦,୦୦୦ ଟଙ୍କା ; ଦ୍ୱିତୀୟ ପୁରସ୍କାର –୧୦,୦୦୦ ଟଙ୍କା; ତୃତୀୟ ପୁରସ୍କାର-୭,୫୦୦ ଟଙ୍କା | ବିଶେଷ କୃତୀ ପାଇଁ ପଚାଶ ଜଣ ପ୍ରତିଯୋଗିଙ୍କୁ ୨,୦୦୦ ଟଙ୍କା ପୁରସ୍କାର ସ୍ୱରୂପ ପ୍ରତ୍ୟେକଙ୍କୁ ପ୍ରଦାନ କରାଯିବ|

ଙ. ପ୍ରଶ୍ନୋତ୍ତର ପ୍ରତିଯୋଗିତା: ବିଜେତାମାନଙ୍କୁ ଉତ୍ସାହଜନକ ECI ବାଣିଜ୍ୟ ପଦାର୍ଥ ଦିଆଯିବ ଏବଂ ପ୍ରତିଯୋଗିତାର ସମସ୍ତ ତିନୋଟି ସ୍ତର ସମାପ୍ତ ହେବା ପରେ ସମସ୍ତ ପ୍ରତିଯୋଗିଙ୍କୁ ଇ-ସାର୍ଟିଫିକେଟ୍ ପ୍ରଦାନ କରାଯିବ |

ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡିଶା

OIPR-12113/13/0004/2122

75 Azadi Ka Amrit Mahotsav
pnb ...the name you can BANK upon !

**କଣ ଆପଣ ₹10 ଲକ୍ଷ ବା ତତୋଧିକ ଚେକ୍ ମାଧ୍ୟମରେ ପୈଠ କରୁଛନ୍ତି କି?**

**ଚେକ୍ ଠକେଇ ରୁ ରକ୍ଷା ପାଇବା ପାଇଁ 4 ଏପ୍ରିଲ, 2022 ପର ଠାରୁ ପଜିଟିଭ ପେ ସୁନିଶ୍ଚିତକାରୀ ବାର୍ତ୍ତା ବାଧ୍ୟତାମୂଳକ ।**




**PPS**

**ଆପଣଙ୍କର ଚେକ୍ ପାଇଁ ଠକେଇ ସୁରକ୍ଷା ପ୍ରଣାଳୀ**

ପଜିଟିଭ ପେ ସିଷ୍ଟମ (ପିପିଏସ) ଦ୍ୱାରା CTS କ୍ଲିୟରିଂ ରେ ଉପସ୍ଥାପିତ ବଡ଼ ପରିମାଣର ଚେକ୍ ଗୁଡ଼ିକର ମୁଖ୍ୟ ବିବରଣୀ ଗୁଡ଼ିକୁ ପୁନଃ ସୁନିଶ୍ଚିତ ଓ ଯାଞ୍ଚ କରାଯିବା ଦ୍ୱାରା ନକଲ, ରାଶି ଅଦଳବଦଳ, ଏବଂ ଅନ୍ୟ କିଛିବି ଠକେଇ କରାଯିବା ରୁ ସୁରକ୍ଷିତ କରାଯାଇଥାଏ।

କୌଣସି ଚେକ୍ ଅନ୍ୟ ଗ୍ରାହକଙ୍କୁ ଦେବା ପୂର୍ବରୁ, ଖାତାଧାରୀ ମାନେ ଶାଖାରେ ଅଥବା ଡିଜିଟାଲ ଚାନେଲ ଯେମିତି ଇଣ୍ଟରନେଟ୍ ବ୍ୟାଙ୍କିଙ୍ଗ୍ ସର୍ଭିସ (ରିଟେଲ ଓ କର୍ପୋରେଟ), ମୋବାଇଲ ବ୍ୟାଙ୍କିଙ୍ଗ୍ ସର୍ଭିସ (PNB ONE), SMS ବ୍ୟାଙ୍କିଙ୍ଗ୍ ଦ୍ୱାରା ଚେକ୍ ବିବରଣୀ ଦର୍ଜ କରିପାରିବେ।

ବିସ୍ତୃତ ସୂଚନା ପାଇଁ ଦୟାକରି ଟୋଲ ଫ୍ରି ନମ୍ବର 18001802222 ରେ କଲ କରନ୍ତୁ ଅଥବା ଆମର ଶାଖାକୁ ଆସନ୍ତୁ ବା ୱେବସାଇଟ (E-service → ପଜିଟିଭ ପେ ସିଷ୍ଟମ [ପିପିଏସ] ଦେଖନ୍ତୁ)

ଆମକୁ ଫଲୋ କରନ୍ତୁ:

पंजाब नैशनल बैंक ...भरोसे का प्रतीक ! pnb punjab national bank ...the name you can BANK upon !

**ଆଜିର ମନ୍ତବ୍ୟ**

"ରାଜନୀତିଠାରୁ ମାନବିକତା ଅଧିକ ଗୁରୁତ୍ୱପୂର୍ଣ୍ଣ ବୋଲି କେନ୍ଦ୍ର ସରକାର ହୃଦୟଙ୍ଗମ କରି ୟୁକ୍ରେନ୍‌ରେ ଫସିଥିବା ଭାରତୀୟମାନଙ୍କୁ ଫେରାଇ ଆଣିବା ଉଚିତ। -**ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ**"

## ଜନ୍ମଦିନର ଶୁଭେଚ୍ଛା

ନାମ: ...................................
ବୟସ:...................................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଡ଼ି ବସିଛି ଗେହ୍ଲା ପୁଅ**
**ବାଘ ଦୁଧ ଆଣି ଟୋପାଏ ଦିଅ ।**

ପୁଅ ହେଉକି ଝିଅ ପରିବାର ମଧ୍ୟରେ ଥିବା ଗୋଟିଏ ସନ୍ତାନ ଅଧିକ ଗେଲବସର ହୋଇଥାଏ। ଏପରି ସ୍ଥିତିରେ ତା'ର ଅଳି ନିର୍ବିଘ୍ନରେ ପୂରଣ ହୋଇଯାଉଥିବାରୁ ସେ ଟିକିଏ ଏକଜିଦିଆ ହୋଇଯାଇଥାଏ। ବେଶ୍ ଅଲିଅଳରେ ବଢ଼ିଆସିଥିବା ପୁଅ ଦୁର୍ମୂଲ୍ୟ ଦ୍ରବ୍ୟକୁ ହାତେଇବା ନେଇ ଅଡ଼ି ବସୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଅଘଟ ଘଟାଇ କହୁଛି କଥା**
**ଗୋଟିଏ ଗଣ୍ଡିକି ଚାରିଟି ମଥା ।**

କିଛି ବ୍ୟକ୍ତି ଏପରି କଥା କହିଥାନ୍ତି ଯେ ଶୁଣିବା ଲୋକ ତଟସ୍ଥ ହୋଇଯାଏ। ଆଚମ୍ବିତ କଥା ଶୁଣି କାନକୁ ବିଶ୍ୱାସରେ ନେବା କାଠିକର ପାଠ ହୋଇଯାଏ। ଗୋଟିଏ ଶରୀରରେ ଚାରିଟି ମୁଣ୍ଡ ରହିବା ଭଳି ନିହାତି ଅସମ୍ଭବ କଥା କହୁଥିବା ବ୍ୟକ୍ତି ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୁଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:

# ପ୍ରଫେସର ରମେଶ ଚନ୍ଦ୍ର ପରିଡ଼ାଙ୍କୁ ଜାତୀୟ ବିଜ୍ଞାନ ପୁରସ୍କାର



ନୂଆଦିଲ୍ଲୀର ବିଜ୍ଞାନ ଭବନଠାରେ ଡ. ରମେଶ ଚନ୍ଦ୍ର ପରିଡ଼ାଙ୍କୁ କେନ୍ଦ୍ରମନ୍ତ୍ରୀ ଡ. ଜିତେନ୍ଦ୍ର ସିଂ (ବାମରୁ ଦ୍ୱିତୀୟ) ପୁରସ୍କୃତ କରୁଛନ୍ତି।

**ଭୁବନେଶ୍ୱର, ୨।୩ (ବ୍ୟୁରୋ)**

ଲେଖା ମାଧ୍ୟମରେ ବିଜ୍ଞାନକୁ ଜନପ୍ରିୟ କରାଇବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଶିଷ୍ଟ ଲେଖକ ପ୍ରଫେସର ଡ. ରମେଶ ଚନ୍ଦ୍ର ପରିଡ଼ାଙ୍କୁ ମିଳିଛି ଜାତୀୟ ପୁରସ୍କାର। ୨୦୨୧ ମସିହା ଲାଗି ନ୍ୟାଶନାଲ କାଉନସିଲ ଅଫ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି ଆୱାର୍ଡ ପାଇ ସେ ରାଜ୍ୟର ସୁନାମ ବଢାଇଛନ୍ତି। ନୂଆଦିଲ୍ଲୀର ବିଜ୍ଞାନ ଭବନଠାରେ ଜାତୀୟ ବିଜ୍ଞାନ ଦିବସ ଅବସରରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ଡ. ପରିଡ଼ାଙ୍କୁ କେନ୍ଦ୍ର ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ରାଷ୍ଟ୍ରମନ୍ତ୍ରୀ ଡ. ଜିତେନ୍ଦ୍ର ସିଂ ପୁରସ୍କୃତ କରିଥିଲେ। ଦୀର୍ଘ ୫୫ ବର୍ଷରୁ ଊର୍ଦ୍ଧ୍ୱକାଳ ଧରି ନିଜ ଲେଖା ମାଧ୍ୟମରେ ବିଜ୍ଞାନକୁ ଜନପ୍ରିୟ କରାଇ ଆସୁଥିବା ଡ. ପରିଡ଼ାଙ୍କର ଓଡ଼ିଆ ଓ ଇଂରାଜୀରେ ୧୦୨ ପୁସ୍ତକ ଏବଂ ୩ ହଜାରରୁ ଅଧିକ ଲେଖା ପ୍ରକାଶିତ ହୋଇଛି। ଏଥିଲାଗି ତାଙ୍କୁ ଓଡ଼ିଶା ବିଜ୍ଞାନ ଏକାଡେମୀ, ଓଡ଼ିଶା ସାହିତ୍ୟ ଏକାଡେମୀ ଏବଂ ସର୍ବଭାରତୀୟ ଜନ ବିଜ୍ଞାନ କଂଗ୍ରେସ ସମେତ ବହୁ ସୁନାମଧନ୍ୟ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି।

# ରୁଷିଆରେ ସ୍କୁଲ ପିଲା ବନ୍ଦୀ

ମସ୍କୋ, ୨।୩: ଯୁଦ୍ଧ ବିରୋଧୀ ଆନ୍ଦୋଳନକୁ ରୁଷିଆର କେତେକ ପ୍ରାଥମିକ ବିଦ୍ୟାଳୟ ଛାତ୍ରୀଛାତ୍ର ଓହ୍ଲାଇ ରାସ୍ତାରେ ବିକ୍ଷୋଭ କରୁଥିବା ଦେଖିବାକୁ ମିଳିଛି। ସେମାନଙ୍କ ମଧ୍ୟରୁ କେତେଜଣଙ୍କୁ ପୋଲିସ ଉଠାଇ ନେଇ ବନ୍ଦୀ କରି ରଖିଥିବା ଫଟୋ ଭାଇରାଲ ହୋଇଛି। ନୋବେଲ ପୁରସ୍କାରପ୍ରାପ୍ତ ନ୍ୟୁଜପେପର ଏହି ଖବରକୁ ପ୍ରସାର କରିଛି। ଶେୟାର କରାଯାଇଥିବା ଫଟୋରେ ଛୋଟ ପିଲାଙ୍କୁ ପୋଲିସ ଗାଡ଼ିରେ ବସାଯାଇଥିବା, ଥାନାକୁ ନିଆଯାଇଥବା ଦେଖିବାକୁ ମିଳିଛି। ଏଥିସହ ପିଲାମାନେ ହାତରେ ପ୍ଲା କାର୍ଡ, ଫୁଲ ଆଦି ଧରିଥିବା ଦେଖାଯାଇଛି।

# ଅପରାଧୀଙ୍କ ହାତରେ ଅସ୍ତ୍ର

**କିଭ୍:୨।୩**

ୟୁକ୍ରେନ୍ ଉପରକୁ ରୁଷୀୟ ସୈନ୍ୟଙ୍କ ଆକ୍ରମଣ ସାଙ୍ଗକୁ ଦେଶରେ ବଢ଼ିଚାଲିଛି ହତ୍ୟା, ବଳାତ୍କାର ଏବଂ ଲୁଟ୍ ଭଳି ଅନେକ ଅପରାଧିକ କାରବାର। ରାଷ୍ଟ୍ରପତି ଜେଲେନସ୍କିଙ୍କ ଆହ୍ୱାନକ୍ରମେ ୟୁକ୍ରେନ୍‌ର ସାଧାରଣ ଜନତାଙ୍କଠାରୁ ଆରମ୍ଭ କରି କଏଦୀ ରୁଷିଆ ସୈନ୍ୟ ବିରୋଧରେ ଅସ୍ତ୍ର ଉଠାଛନ୍ତି। ଅପରାଧୀମାନେ ସୈନ୍ୟ ଅସ୍ତ୍ର ଧରି ଦେଶରେ ଖୋଲାଖୋଲି ଭାବେ ଲୋକଙ୍କୁ ଡରା ଧମକ ଦେଇ ଲୁଟ୍‌ପାଟ୍ କରୁଥିବାବେଳେ ମହିଳାଙ୍କୁ ବଳାତ୍କାର ସାଙ୍ଗକୁ ହତ୍ୟା କରୁଥିବା ଦେଖିବାକୁ ମିଳିଛି। ୟୁକ୍ରେନ୍‌ର ଗୋଞ୍ଜାଲୋ

**ୟୁକ୍ରେନ୍‌ରେ ବଢ଼ୁଛି ହତ୍ୟା, ବଳାତ୍କାର ଓ ଲୁଟ୍**



ଲେଖକ ଗୋଞ୍ଜାଲୋ ଲିରା

ଲିରା ନାମକ ଜଣେ ଲେଖକ ଏହା ଦାବି କରିଛନ୍ତି। ଦେଶ ସୁରକ୍ଷା ପାଇଁ ଜେଲେନସ୍କି ସାଧାରଣ ଲୋକଙ୍କୁ ଅସ୍ତ୍ର ଉଠାଇବାକୁ ଆହ୍ୱାନ ଦେବା କାରଣରୁ ରାଷ୍ଟ୍ରରେ ଏ ପ୍ରକାର ଅରାଜକତା ପରିସ୍ଥିତି ଉପୁଜିଥିବା ଲିରା କହିଛନ୍ତି। ଟୁଇଟରରେ ଏକ ଭିଡିଓ ଶେୟାର କରି ଲେରା ୟୁକ୍ରେନ୍‌ରେ ଯୁଦ୍ଧବେଳର ସ୍ଥିତିକୁ ଦେଖାଇଛନ୍ତି। ରୁଷୀୟ ସୈନ୍ୟଙ୍କ ଗୁଳିରେ ନୁହେଁ, ଅସ୍ତ୍ର ଧରିଥିବା ୟୁକ୍ରେନ୍ ଅପରାଧୀଙ୍କ ଗୁଳି କେତେବେଳେ ତାଙ୍କ ପ୍ରାଣ ନେଇଯାଇ ପାରେ ବୋଲି ସେ ଭିଡିଓ ବାର୍ତ୍ତାରେ କହିଛନ୍ତି। ଏ ନେଇ ଲିରା ରାଷ୍ଟ୍ରପତି ଜେଲେନସ୍କିଙ୍କୁ ଦାୟୀ କରିଛନ୍ତି। ରୁଷୀୟ ସେନାଙ୍କୁ ବିରୋଧ କରିବା ଆଳରେ ଅପରାଧୀମାନେ ଅସ୍ତ୍ରର ଦୁରୁପଯୋଗ କରୁଛନ୍ତି। ମୃତ୍ୟୁ ଭୟରେ ଲୋକେ ଆତଙ୍କିତ ଥିବାବେଳେ ସେମାନଙ୍କୁ ଅସ୍ତ୍ରଧାରୀ ଅପରାଧୀଙ୍କ ଆକ୍ରୋଶର ଶିକାର ହେବାକୁ ପଡୁଛି। ପାଶ୍ଚାତ୍ୟ ଗଣମାଧ୍ୟମ ଏ ସମ୍ପର୍କିତ ଖବର ପ୍ରସାରଣ କରୁ ନଥିବା ଲିରା ଅଭିଯୋଗ କରିଛନ୍ତି।

# ଉତ୍ତାପ ପାଇଁ ପୋଷାକ ଜାଳୁଛନ୍ତି

ମସ୍କୋ, ୨।୩: ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣର ଯନ୍ତ୍ରଣା କେବଳ ୟୁକ୍ରେନବାସୀ ନୁହଁନ୍ତି, ସେଠାରୁ ଜୀବନ ରକ୍ଷା ପାଇଁ ପଳାୟନ କରୁଥିବା ଅନ୍ୟ ଦେଶର ଲୋକେ ମଧ୍ୟ ଭୋଗୁଛନ୍ତି। ଆଫ୍ରିକା, ମଧ୍ୟପ୍ରାଚ୍ୟ, ଭାରତ ସମେତ ବିଭିନ୍ନ ଦେଶର ଲୋକେ ୟୁକ୍ରେନ୍ ସୀମାରେ ଉଦ୍ଧାର ପାଇଁ ସାହାଯ୍ୟକୁ ଅପେକ୍ଷା କରିଛନ୍ତି। ଜାତିସଂଘ ଶରଣାର୍ଥୀ ଏଜେନ୍ସିର ଆକଳନ ଅନୁସାରେ ପ୍ରାୟ ୬ ଲକ୍ଷ ୭୦ ହଜାରରୁ ଊର୍ଦ୍ଧ୍ୱ ଲୋକ ୟୁକ୍ରେନ୍ ସୀମା ପାରହୋଇ ଅନ୍ୟ ଦେଶକୁ ପଳାଇଛନ୍ତି। ଆହୁରି ଲକ୍ଷାଧିକ ଲୋକ ୟୁକ୍ରେନ ସୀମାରେ ପଡ଼ି ରହିଛନ୍ତି। ଖାଦ୍ୟ, ପାନୀୟ ଭଳି ଅତ୍ୟାବଶ୍ୟକ ସାମଗ୍ରୀର ଅଭାବ ଭିତରେ ଭୀଷଣ ଥଣ୍ଡା ସେମାନଙ୍କ କଷ୍ଟକୁ ଆହୁରି ବଢ଼ାଇ ଦେଇଛି। କୌଣସି ମତେ ପୋଲାଣ୍ଡକୁ ଆସିଥିବା ଜଣେ ୩୧ ବର୍ଷୀୟ ସୋମାଲି ଯୁବକ ମୁସ୍ତାଫା ମହମ୍ମଦ କହିଛନ୍ତି, ସୀମାରେ ବହୁ ସଂଖ୍ୟାରେ ଲୋକେ ସହାୟତା ଅପେକ୍ଷାରେ ଅଛନ୍ତି। ବିନା ଖାଇବା ପିଇବାରେ ଛୋଟ ପିଲାଙ୍କୁ ଧରି ଅନେକ ସେଠାରେ ପଡ଼ି ରହିଛନ୍ତି। ଭୀଷଣ ଥଣ୍ଡାରୁ ରକ୍ଷା ପାଇବା ପାଇଁ ଅନେକେ ସାଙ୍ଗରେ ଆଣିଥିବା ପୋଷାକ ଜାଳୁଛନ୍ତି। ଯୁଦ୍ଧ ପୂର୍ବରୁ ସବୁ କିଛି ଠିକଥିଲା। ଏବେ ସହର ସାରା ସୈନ୍ୟ ଛାଉଣୀ, ଭୟଙ୍କର ବିସ୍ଫୋରଣ ଶବ୍ଦ ଶୁଣିବାକୁ ମିଳୁଛି। ଏପରି ଯୁଦ୍ଧ ହେବ ବୋଲି କେବେ କଳ୍ପନା କରି ନ ଥିଲି। ୧୦ ବର୍ଷରୁ ଊର୍ଦ୍ଧ୍ୱ ୟୁକ୍ରେନ୍‌ରେ ରହିବା ପରେ ଏବେ ଜୀବନ ବଞ୍ଚାଇ ସେଠାରୁ ପଳାଇ ଆସିବାରେ ସଫଳ ହୋଇଛି। ସୀମାରେ ହଜାର ହଜାର ସଂଖ୍ୟାରେ ଆଫ୍ରିକୀୟ ଅଛନ୍ତି। କିନ୍ତୁ ଟ୍ରେନ୍, ବସ୍‌ରେ ପ୍ରଥମେ ୟୁକ୍ରେନ୍ ନାଗରିକଙ୍କୁ ଚଢ଼ିବା ପାଇଁ ଅନୁମତି ଦିଆଯାଉଛି। ଛୋଟ ଛୋଟ ବସ୍‌ରେ ବହୁ ସଂଖ୍ୟାରେ ଲୋକ ଏକସଙ୍ଗରେ ଅତ୍ୟନ୍ତ ବିପଜ୍ଜନକ ଅବସ୍ଥାରେ ଆସୁଛନ୍ତି। ଏ ସବୁ ଦୃଶ୍ୟ ବେଶ୍ ହୃଦୟବିଦାରକ ବୋଲି ସେ ତାଙ୍କ ଅନୁଭୂତି ବଖାଣିଛନ୍ତି।

**ୟୁକ୍ରେନ୍‌ରେ ପ୍ରବାସୀଙ୍କ ପୀଡ଼ା**



## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଦୈହିକ ଅସୁସ୍ଥତା ସଙ୍ଗକୁ ମାନସିକ ଶିଥିଳତା ନିରୁତ୍ସାହତା ସୃଷ୍ଟି କରିବ। ଅଟକି ରହିଯାଇଥିବା ବୃତ୍ତିଗତ ଧନ୍ଦାକୁ ପୂରା ଦମ୍‌ରେ କରିବା ପାଇଁ ନିଷ୍ପତ୍ତି ନେବେ। ଆତ୍ମୀୟ ସ୍ୱଜନଙ୍କୁ ଅତି ନିକଟରେ ପାଇ ନିଜକୁ କିଛି ସମୟ ପାଇଁ ଭୁଲିଯିବେ। ସଭାସମିତି, ମନୋରଞ୍ଜନ, କିମ୍ବା କୌଣସି ନୂତନ କର୍ମାରମ୍ଭ କରିବାରେ ବ୍ୟସ୍ତ ରହିପାରନ୍ତି।

**ବୃଷ**
ଅଟକି ରହିଥିବା କାମ ସମ୍ପନ୍ନ କରିବା ସକାଶେ ବ୍ୟସ୍ତତା ବୃଦ୍ଧି ପାଇବ। ଆପଣଙ୍କ ପ୍ରଶଂସା ଓ ପ୍ରତିଷ୍ଠାକୁ ଅନ୍ୟମାନେ ସହି ନ ପାରି ଭିନ୍ନ ମନ୍ତବ୍ୟ ଦେଇପାରନ୍ତି। ସବୁ କାମରେ ଆଗୁଆ ରହିବାରୁ କ୍ଳାନ୍ତି ଅନୁଭବ କରିବେ। ପରିବାରର ବ୍ୟୟ ବୃଦ୍ଧି ଯୋଗୁ କିମ୍ବା ପରିବହନରେ ସମସ୍ୟା ମନକୁ ଭାରାକ୍ରାନ୍ତ କରିପାରେ।

**ମିଥୁନ**
ଦିନଭିତରେ ଯେତିକି ଅର୍ଥ ପାଇବେ ତାହାଠାରୁ ଅଧିକ ଖର୍ଚ୍ଚ କରିବାକୁ ପଡ଼ିବ। ଅନ୍ୟମାନଙ୍କ କଥାରେ ଭାସିଯାଇ କାମ କଲେ ପରେ ଅନୁତାପ କରିବାକୁ ପଡ଼ିପାରେ। ସାମାଜିକ କ୍ଷେତ୍ରରେ କେବଳ ବେଠି ଖଟିବା ବ୍ୟତୀତ କିଛି ଲାଭ ହେବନି। ମାତ୍ର ବ୍ୟବସାୟ, ବାଣିଜ୍ୟ ଓ ପ୍ରତିଦ୍ୱନ୍ଦ୍ୱିତା କ୍ଷେତ୍ରରେ ଆଶାଜନକ ଫଳ ପାଇବେ।

**କର୍କଟ**
ସମସ୍ୟା ରହିଲେ ମଧ୍ୟ ବିଶିଷ୍ଟ ବ୍ୟକ୍ତିଙ୍କ ସହାୟତା ସାନ୍ତ୍ୱନା ପ୍ରଦାନରେ ସହାୟକ ହେବ। ଆପଣଙ୍କୁ କୌଣସି ବନ୍ଧୁ ହଇରାଣରେ ପକାଇବାକୁ ଚେଷ୍ଟା କରିପାରନ୍ତି। ଶିଳ୍ପ, ବ୍ୟବସାୟ, ବାଣିଜ୍ୟ ଓ ପରିବହନରେ ଅଭିଯୋଗ ଆସିପାରେ। ଘରୋଇ କଥାରେ କିଛି ମତ ପାର୍ଥକ୍ୟ ସୃଷ୍ଟିଜନିତ ମାନସିକ ଦ୍ୱନ୍ଦ୍ୱର ଆଶଙ୍କା ରହିଛି।

**ସିଂହ**
ଅର୍ଥସଂକଟ କେତେକ ଗୁରୁତ୍ୱପୂର୍ଣ୍ଣ କାମରେ ଅନ୍ତରାୟ ସୃଷ୍ଟି କରିବ। କୌଣସି ସମ୍ପର୍କୀୟଙ୍କ ସହ ଉଚ୍ଚବାଚ ଜନିତ କଳହର ସୂଚନାକୁ ଏଡ଼ି ହେବନାହିଁ। ଯେଉଁ କାମରେ ହାତ ଦେବେ ସେଥିରେ ସଫଳତା ପାଇବା କଷ୍ଟକର ହୋଇପାରେ। କର୍ମକ୍ଷେତ୍ରରେ ମଧ୍ୟ ପରିସ୍ଥିତି ବଶତଃ ଇଚ୍ଛା ନ ଥିଲେ ମଧ୍ୟ ଦୂରସ୍ଥାନକୁ ଯିବାପାଇଁ ବାଧ୍ୟ ହେବେ।

**କନ୍ୟା**
ନିଜଲୋକଙ୍କ ତରଫରୁ କିମ୍ବା ପାଖପଡ଼ୋଶୀଙ୍କ ବାକ୍ୟବାଣରେ ଅତିଷ୍ଠ ହୋଇପାରନ୍ତି। ରୋଗୀଣା ସ୍ୱାସ୍ଥ୍ୟରେ ସାମାନ୍ୟ ବ୍ୟତିକ୍ରମ ଦେଖାଦେଇପାରେ। ଆର୍ଥିକ ସ୍ଥିତି, କର୍ମକ୍ଷେତ୍ର, ବ୍ୟବସାୟିକ ସ୍ଥିତି, ପାରିବାରିକ ଜୀବନ ଗତାନୁଗତିକ ରୀତିରେ ଗଡ଼ିଚାଲିବ। ହସ୍ତା ନକ୍ଷତ୍ର ପାଇଁ ଦିନଟି ଅନୁକୂଳ ରହିବ, ଅର୍ଥ ଓ ସମ୍ମାନ ପାଇବେ ।

**ତୁଳା**
ଭଲ ଓ ମନ୍ଦର ମିଶ୍ରିତ ଫଳାନୁଭୂତି ମଧ୍ୟରେ ଦିନଟି କଟିବ। ଯେତିକି ଆଶା ଓ ଆଗ୍ରହ ନେଇ ବନ୍ଧୁଙ୍କ କାମରେ ବାହାରିଥିଲେ ଫେରିବା ବେଳକୁ ଆଉ ତାହା ନ ଥିବ। ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ, ଫଳରେ ମନ ହାଲୁକା ହୋଇଯିବ। ବୈଷୟିକ କ୍ଷେତ୍ରରେ ଯାହା ଆଶା କରୁଥିଲେ କିଛି ପରିମାଣରେ ଅବଶ୍ୟ ପାଇବେ।

**ବିଛା**
ଏକ ଭିନ୍ନ ପରିବେଶରେ ପରିସ୍ଥିତି ବଦଳିଯିବ, ଯାହା କି ଆପଣଙ୍କ ସକାଶେ ରୁଚିକର ହୋଇପାରେ। ଯେତେ କାମ କଲେ ମଧ୍ୟ ସମ୍ପର୍କୀୟମାନେ ଦୂରେଇ ରହୁଥିବାର ଅନୁଭବ କରିବେ। ପାରିବାରିକ କ୍ଷେତ୍ରରେ ନାନା ସମସ୍ୟାରେ ପଡ଼ି ବିଚଳିତ ହୋଇପାରନ୍ତି। କଳା, ସାହିତ୍ୟ ଓ ବନ୍ଧୁ ମିଳନ କ୍ଷେତ୍ରରେ ବେଶ୍ ଆଦୃତ ହେବେ।

**ଧନୁ**
ଭାଙ୍ଗି ପଡ଼ିଥିବା ସମ୍ପର୍କକୁ ପୁନଃ ଯୋଡ଼ିବା ସକାଶେ ଚେଷ୍ଟା କରି କିଛି ଲାଭ ପାଇବେ ନାହିଁ। ଶିଳ୍ପ,ବାଣିଜ୍ୟ ଓ ବ୍ୟବସାୟ, ପରିବହନରେ ଉନ୍ନତି କରିବେ। ଦୀର୍ଘ ଦିନରୁ ଭିତରେ ଭିତରେ କୁହୁଳୁଥିବା ପାରିବାରିକ ସମସ୍ୟାର ସରଳ ସମାଧାନ ଆଶା ମଉଳି ଯାଇପାରେ। ଯାନବାହନ ଚଳାଚଳରେ ଦେଖିଚାହିଁ ପଦକ୍ଷେପ ନିଅନ୍ତୁ।

**ମକର**
କର୍ମକ୍ଷେତ୍ରରେ ପ୍ରଶଂସା ଓ ପ୍ରୋତ୍ସାହନ ପାଇ ଭାବାବେଗକୁ ରୋକିପାରିବେ ନାହିଁ। ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ, ମାତ୍ର ବହୁତ ତକଲିଫ ସହିବାକୁ ପଡ଼ିବ। ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ, କିନ୍ତୁ ମନଟା କାହିଁକି ଅଜଣା ଆଶଙ୍କାରେ ଉଦ୍‌ବେଳିତ ହୋଇପାରେ। ଶାରୀରିକ ପରିଶ୍ରମଜନିତ କ୍ଳାନ୍ତି ଅନୁଭବ କରିପାରନ୍ତି।

**କୁମ୍ଭ**
ନିଜର ବ୍ୟବହାରରେ ସଂଯମତା ରକ୍ଷା ନ କଲେ ବିବାଦ ଭିତରକୁ ଟାଣି ହୋଇପାରନ୍ତି। ଗତକାଲିର କୌଣସି ଘଟଣାକୁ ନେଇ ଆଜି ମନଟା ଭାରାକ୍ରାନ୍ତ ରହିବ। ସବୁ କାମ ନିରୁତ୍ସାହିତ ଭାବେ କରିବେ ଏବଂ କୌଣସିଥିରେ ଆନ୍ତରିକତା ନ ଥିବ। ଶାରୀରିକ ଅସୁସ୍ଥତା ମଧ୍ୟ ଏହାର ଏକ କାରଣ ହେଇପାରେ।

**ମୀନ**
ପ୍ରତ୍ୟେକ ଦିଗରୁ ସମୟ ଅନୁକୂଳ ରହିଲେ ମଧ୍ୟ ଆର୍ଥିକ ଅନଟନ ଓ ସ୍ୱାସ୍ଥ୍ୟ ସମସ୍ୟା ମନକୁ ଭାରାକ୍ରାନ୍ତ କରିବ। ଯେତେ ଭାବିଚିନ୍ତି କାମ କଲେ ମଧ୍ୟ ପାରିବାରିକ ପ୍ରତିରୋଧ କେତେକ କାମକୁ ବିଶୃଙ୍ଖଳିତ କରିବ। କର୍ମ କ୍ଷେତ୍ରରେ ସାଧାରଣ ଘଟଣାରେ ବନ୍ଧୁଙ୍କ ସହ କଳହ ଘଟିପାରେ। ସ୍ୱାସ୍ଥ୍ୟରେ ଉନ୍ନତି ଘଟିବ କିନ୍ତୁ ସମ୍ପୂର୍ଣ୍ଣ ନିରାମୟର ଆଶା ରହିବ।


# classifieds Everyday
0674-2580101, 2549302

**real estate**

**SALE**

ଭୁବନେଶ୍ୱର ଜଟଣୀଗେଟ୍ ନିକଟରେ sqft.-300/- ଏବଂ ତ୍ରିନାଥବଜାର ନିକଟରେ sqft.-240/- (outright). 9776974912. D-23286

**30' Road, Gated society, Security guard, CCTV** ଥାଇ ତୁରନ୍ତ ଘର କଲାଭଳି 3ଟି **plot** ହଂସପାଳ ରାମଚନ୍ଦ୍ରପୁର ମୌଜାରେ ବିକ୍ରିହେବ। **9437033320.** D-71798

BDA plot Pitapalli NHକୁ ଲାଗି Electricity, Boundary ଥାଇ ମିଳୁଅଛି। Contact: 9437285016, 7735888421. D-23268

**healthcare**

Ashirvaad Saloon and SPA get good massage for your health tha best therapy. 7077181074. D-71870

Refreshing your mind and body with the best therapy, 7873794731. D-23024

Newly opening SPA positively health benefits with expert therapist. 8917332216. D-71949

**Relax, Refresh your body, mind at SAIKRUPA SPA with best therapies. 8984068077.** D-23219

Newly open full body massage ladies and gents. 8327740003. D-71869

**Relax, Refresh your Body, Mind at Lotus Spa with Best Therapies. 8018891951.** D-23276

**AFFIDAVIT**

By virtue of an affidavit sworn before The Executive Magistrate, Bhubaneswar, on dtd. 02.03.2022, C.F. No.-46, That Jayasri Nanda, W/o- Late Basanta Kumar Nanda and Jayashree Satpathy, W/o- Late Basanta Kumar Nanda and D/o Late Dukhishyam Satpathy is the one and same person. My permanent address is At: Kushmbi, PO: Sungra, Via: Salipur, Dist.: Cuttack, Odisha- 754221 and present address is S-2-34, Niladri Vihar, Chandrasekharpur, Sailashree Vihar, Khordha, Odisha-751021. That there after I have changed my name from Jayasri Nanda to Jayashree Satpathy. Henceforth my new name JAYASHREE SATPATHY will be mentioned for all official records. D-23289

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ୧୬ କୋଟିର...

ପରେ ଜିଏସ୍‌ଟି ଏବଂ ଇନ୍‌କମ୍ ଟ୍ୟାକ୍ସର ଅଧିକାରୀମାନେ ଅଟକ ୪ଜଣଙ୍କୁ ନିଜ ହେପାଜତରେ ରଖି ପଚରାଉଚରା କରିବା ପରେ ମୁମ୍ବାଇର ଜଣେ ଅଳଙ୍କାର ବ୍ୟବସାୟୀ ଜିଏସ୍‌ଟି ଫାଙ୍କିବା ପାଇଁ ତାଙ୍କ କର୍ମଚାରୀଙ୍କ ମାଧ୍ୟମରେ ଭୁବନେଶ୍ୱରରେ ବିକ୍ରି କରିବା ଉଦ୍ଦେଶ୍ୟରେ ସୁନା ପଠାଇଥିବା ଜାଣିବାକୁ ମିଳିଥିଲା। ଏନେଇ ରାଜ୍ୟ ଜିଏସ୍‌ଟି ଏନ୍‌ଫୋର୍ସମେଣ୍ଟର ଡେପୁଟି କମିଶନର ମନ୍ମଥ କୁମାର ପ୍ରଧାନ କହିଛନ୍ତି, ମୁମ୍ବାଇର ଏକ ଜୁଏଲର୍ସ ୪ଜଣ କର୍ମଚାରୀଙ୍କ ହାତରେ ସୁନା ଦେଇ ବିକ୍ରି ଉଦ୍ଦେଶ୍ୟରେ ପଠାଇଥିଲା। ସେମାନଙ୍କୁ ପଚରାଉଚରା କରିବା ପରେ ଜବତ ଅଳଙ୍କାରର କୌଣସି ବିଲ୍ ଦେଖାଇ ପାରି ନ ଥିଲେ। ପରେ ସେମାନଙ୍କ ମାଲିକଙ୍କୁ ଡକାଯାଇଥିଲା। ଜବତ ସୁନାର ଜିଏସ୍‌ଟି ମୂଲ୍ୟ ପ୍ରାୟ ୫୦ଲକ୍ଷ ଟଙ୍କା ହେବ। ତେଣୁ ଶୁକ୍ରବାର ମଧ୍ୟରେ ଆସି ହାଜର ହେବାକୁ ଜୁଲଏର୍ସ ମାଲିକଙ୍କୁ ନୋଟିସ କରାଯିବା ସହ ଅଟକ ୪ଜଣଙ୍କୁ ଛଡ଼ାଯାଇଛି ବୋଲି ପ୍ରଧାନ କହିଛନ୍ତି। ଅପରପକ୍ଷରେ ଏହି ଘଟଣାରେ ଇନ୍‌କମ୍ ଟ୍ୟାକ୍ସ ବିଭାଗ ମଧ୍ୟ ତଦନ୍ତ କରୁଛି।

ସୂଚନାନୁଯାୟୀ, ମଙ୍ଗଳବାର ରାତି ୧୧.୨୦ ସମୟରେ ଭୁବନେଶ୍ୱର ରେଳ ଷ୍ଟେଶନର ୩ ନଂ ପ୍ଲାଟଫର୍ମରେ କୋଣାର୍କ ଏକ୍ସପ୍ରେସ ଲାଗିଥିଲା। ସେଥିରୁ ୪ଜଣ ବ୍ୟକ୍ତି ୪ଟି ବ୍ୟାଗ୍ ଧରି ଓହ୍ଲାଇ ମାଲବୁହା ଟ୍ରେନ୍ ଗାଡି ଲାଗୁଥିବା ଲାଇନ୍‌ରେ ଯାଉଥିଲେ। ଜିଆର୍‌ପିର ୨କନଷ୍ଟେବଳ ବିଶ୍ୱଜିତ୍ ରାଉତ ଓ ସୁବ୍ରତ କୁମାର ବେହେରା ସେମାନଙ୍କୁ ଦେଖି ସନ୍ଦେହ କରିଥିଲେ। ବ୍ୟାଗ୍‌ରେ କ'ଣ ଅଛି ବୋଲି ପଚାରିବାରୁ ସେମାନେ କୌଣସି ସନ୍ତୋଷଜନକ ଉତ୍ତର ନ ଦେଇ ଯୁକ୍ତିତର୍କ କରିଥିଲେ। ପରେ ସେମାନଙ୍କୁ ଜିଆର୍‌ପି ଥାନାକୁ ଆଣି ଯାଞ୍ଚ କରିବା ପରେ ୪ଟି ବ୍ୟାଗ୍‌ରେ ବିପୁଳ ପରିମାଣର ସୁନା ଥିବା ଜଣାପଡିଥିଲା। ଜିଆର୍‌ପି ଆଇଆଇସି ଜୟଦେବ ବିଶ୍ୱଜିତ୍ ୪ ଜଣଙ୍କୁ ପଚରାଉଚରା କରିବାବେଳେ ତାଙ୍କ କଥାରେ ତାଳମେଳ ରହି ନ ଥିଲା। ଘଟଣା ସମ୍ପର୍କରେ ଇନ୍‌କମ ଟ୍ୟାକ୍ସ ଓ ଜିଏସ୍‌ଟି ଅଧିକାରୀଙ୍କୁ ଖବର ଦେଇଥିଲେ।

## ୭ ଲକ୍ଷର ୨୦୦ ଟଙ୍କିଆ ...

ଥାନା ଅଞ୍ଚଳରେ ରହୁଥିବା ନୟାଗଡ଼ ଜିଲା ବାଣିଗୋଛା ଥାନା ଅଞ୍ଚଳର ସତ୍ୟ ନାରାୟଣ ପୃଷ୍ଟି (୨୯)। ଅଭିଯୁକ୍ତଙ୍କ ନିକଟରୁ ବିପୁଳ ପରିମାଣର ୨ଶହ ଟଙ୍କିଆ ଜାଲ୍ ନୋଟ ସମେତ ୨ଟି ମୋବାଇଲ ଜବତ କରାଯାଇଛି। ଅଭିଯୁକ୍ତଦ୍ୱୟଙ୍କୁ ପଚରାଉଚରା ସମୟରେ ସେମାନଙ୍କ ଠାରୁ ମିଳିଥିବା ସୂଚନା ଆଧାରରେ ଗଞ୍ଜାମ ଜରଡ଼ାସ୍ଥିତ ଭୁଲାଙ୍କ ଘରେ ଚଢ଼ାଉ କରାଯାଇ ବିପୁଳ ପରିମାଣର ଜାଲ୍ ନୋଟ ସମେତ ଗୋଟିଏ ଲାପ୍‌ଟପ୍, ଗୋଟିଏ ପ୍ରିଣ୍ଟର୍, ଜାଲ୍ ନୋଟ ପ୍ରସ୍ତୁତ ହେଉଥିବା କାଗଜ, ପେପର୍ କଟର୍, ଗ୍ରିନ୍ ଜେଲ ପେନ୍, ୩ଟି କାଳି ବୋତଲ ଜବତ କରାଯାଇଛି। ଜବତ ହୋଇଥିବା ଜାଲ୍ ନୋଟ୍‌ଗୁଡ଼ିକ କେବଳ ୨୦୦ ଟଙ୍କିଆ ହୋଇଥିବାବେଳେ ଏହା ୭ ଲକ୍ଷ ଟଙ୍କାର ହେବ। ଅଭିଯୁକ୍ତଦ୍ୱୟଙ୍କ ନାମରେ ପୋଲିସ ଏକ ମାମଲା (ନଂ.୬୪/୨୦୨୨) ରୁଜୁ କରି ବୁଧବାର କୋର୍ଟ ଚାଲାଣ କରିଥିଲା। ଜାମିନ୍ ନାମଞ୍ଜୁର ହେବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅପରପକ୍ଷରେ ଅଭିଯୁକ୍ତଦ୍ୱୟଙ୍କୁ ପଚରାଉଚରା ସମୟରେ ଚାକିରି ଠକେଇର ମଧ୍ୟ ପର୍ଦ୍ଦାଫାଶ ହୋଇଛି। ଅଭିଯୁକ୍ତ ସତ୍ୟ ଏକାଧିକ ବ୍ୟକ୍ତିଙ୍କୁ ଚାକିରି ଦେବା ଆଳରେ ଲକ୍ଷାଧିକ ଟଙ୍କା ଠକିଥିବା ତଦନ୍ତରୁ ଜଣାପଡ଼ିଛି।

### ଚାକିରି ଦେବା ଆଳରେ ଠକୁଥିଲେ

ଅଭିଯୁକ୍ତ ସତ୍ୟ ଭଞ୍ଜନଗରରେ ଏକ କୋଚିଂ ସେଣ୍ଟର ଚଳାଉଛନ୍ତି। ୨୦୨୦ରୁ ସେ ନିଜକୁ ଜଣେ ଉଚ୍ଚପଦସ୍ଥ ଅଧିକାରୀ ବୋଲି ପରିଚୟ ଦେଇ ଏକାଧିକ ଚାକିରି ଆଶାୟୀଙ୍କ ଠାରୁ ଲକ୍ଷାଧିକ ଟଙ୍କା ଠକିଛନ୍ତି। ଢେଙ୍କାନାଳର ବିସ୍ମୟ କୁମାର ହୋତାଙ୍କ ସହ ଭୁବନେଶ୍ୱରରେ

## ପ୍ରଥମ ପୃଷ୍ଠାରୁ...

ସତ୍ୟଙ୍କ ପରିଚୟ ହୋଇଥିଲା। ସେ ତାଙ୍କୁ ଏମ୍‌ସିଏଲ୍‌ରେ ଚାକିରି କରାଇଦେବାକୁ କହି ଗତବର୍ଷ ଡିସେମ୍ବରରେ ୭୫ହଜାର ନେଇଥିଲେ। ଏଥିସହ ବାଲିଅନ୍ତା ଥାନା ଅଞ୍ଚଳର ଶିବ ରଞ୍ଜନ ମୁଦୁଲିଙ୍କୁ ମଧ୍ୟ ବ୍ୟାଙ୍କରେ ଚାକିରି ଦେବାକୁ କହି ୮ଲକ୍ଷ ନେଇଥିଲେ। ଏହିପରି ସେ ଏକାଧିକ ବ୍ୟକ୍ତିଙ୍କୁ ଜାଲରେ ଫସାଇ ଟଙ୍କା ଲୁଟିଥିବା ଖାରବେଳନଗର ଥାନା ଅଧିକାରୀ ଅରୁଣ କୁମାର ସ୍ୱାଇଁ କହିଛନ୍ତି।

### ଧନୀ ହେବା ପାଇଁ ବାଛିଥିଲେ ନୂଆ ତରିକା

ଟ୍ରେନ୍‌ରେ ଯିବା ସମୟରେ ଭୁଲାଙ୍କ ସହ ସତ୍ୟଙ୍କ ପରିଚୟ ହୋଇଥିଲା। ଭୁଲା ଆନ୍ଧ୍ରପ୍ରଦେଶ ଓ ୟୁଟ୍ୟୁବ୍‌ରୁ ଜାଲ୍ ନୋଟ୍ ପ୍ରସ୍ତୁତ କରିବା କଳା ଶିଖିଛନ୍ତି ବୋଲି ସତ୍ୟଙ୍କୁ କହିଥିଲେ। ତେଣୁ ଧନୀ ହେବା ପାଇଁ ଉଭୟେ ଜାଲ ନୋଟ କାରବାର କରିବେ ବୋଲି ମନସ୍ଥ କରିଥିଲେ। ଭୁଲା ଜାଲ୍ ନୋଟ ପ୍ରସ୍ତୁତରେ ଆବଶ୍ୟକ ସାମଗ୍ରୀ କିଣି ତାଙ୍କ ଘରେ ତିଆରି କରୁଥିବାବେଳେ ସତ୍ୟ ତାଙ୍କୁ ସହଯୋଗ କରୁଥିଲେ। ୨୦୦ ଟଙ୍କିଆ ନୋଟ୍ ଭଲ ଭାବେ ପ୍ରସ୍ତୁତ ହୋଇପାରୁ ଥିବାରୁ ସେମାନେ କେବଳ ଏହି ନୋଟ୍ ହିଁ ପ୍ରସ୍ତୁତ କରୁଥିଲେ। ଏହି ଜାଲ୍ ନୋଟ୍‌କୁ ବଦଳାଇବା ପାଇଁ ସେ ଚାକିରି ପାଇବା ଆଳରେ ଫସିଥିବା ଲୋକଙ୍କୁ ଟାର୍ଗେଟ କରୁଥିଲେ। ଶିବଙ୍କୁ ସେମାନେ ପ୍ରଥମେ ୨୦୦ଟଙ୍କିଆ ୧୨ ଲକ୍ଷ ଟଙ୍କାର ଜାଲ ନୋଟ ଦେଇ ପ୍ରତିବଦଳରେ ୫୦୦ ଏବଂ ୨ହଜାର ଟଙ୍କିଆ ନୋଟ ନେଇଯାଇଥିଲେ। ସେହିପରି ବିସ୍ମୟଙ୍କୁ ମଧ୍ୟ ୩ ଲକ୍ଷ ୫୦ହଜାର ଟଙ୍କାର ଜାଲ୍ ନୋଟ୍ ଦେଇ ଅସଲି ନୋଟ୍ ନେଇଯାଇଥିଲେ। ଗତ ୩ଦିନ ତଳେ ମାଷ୍ଟରକ୍ୟାଣ୍ଟିନ୍ ଆଖପାଖରେ ଜାଲନୋଟ କାରବାର ହେଉଥିବା ବିଶ୍ୱସ୍ତ ସୂତ୍ରରୁ ଖାରବେଳନଗର ଥାନା ପୋଲିସ ଖବର ପାଇଥିଲା। ଏହାରି ଭିତରେ ବିସ୍ମୟ ଥାନାରେ ଅଭିଯୋଗ କରିବା ପରେ ମଙ୍ଗଳବାର ପୋଲିସ ଏକ ଠକେଇ ମାମଲା ( ନଂ. ୬୩/୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ମଙ୍ଗଳବାର ପୂର୍ବାହ୍ନ ପ୍ରାୟ ୧୧ଟାବେଳେ ପୋଲିସ ମାଷ୍ଟରକ୍ୟାଣ୍ଟିନ ଅଞ୍ଚଳରେ ଚଢ଼ାଉ କରି ରିଲିଏନ୍ସ ସ୍ମାର୍ଟ ନିକଟରୁ ଅଭିଯୁକ୍ତଦ୍ୱୟଙ୍କୁ କାବୁ କରିଥିଲା। ଏହାପରେ ଡିସିପିଙ୍କ ନିର୍ଦ୍ଦେଶରେ ଏକ ସ୍ୱତନ୍ତ୍ର ଟିମ୍ ଜରଡ଼ାସ୍ଥିତ ଭୁଲାଙ୍କ ଘରେ ଚଢ଼ାଉ କରି ଜାଲ୍ ନୋଟ୍ କାରଖାନା ଠାବ କରିଥିଲା।

## ୧୦ ଘଣ୍ଟା ଧରି ଷ୍ଟାର୍ଟିଂ ...

ବୋଲି ପୋଲିସ ସ୍ପଷ୍ଟ କରିଛି। ଭୁବନ ବ୍ଲକ କାନପୁର ଅଞ୍ଚଳର ମୂଳବାସିନ୍ଦା ପ୍ରଣବ ଛୋଟବେଳୁ ମହାରାଷ୍ଟ୍ର ରାଜ୍ୟର ନାଗପୁରରେ ରହୁଥିଲେ। ସେଠାକାର ଏକ ମାଇନ୍ସରେ ଅତିରିକ୍ତ ମ୍ୟାନେଜର ଭାବେ କାର୍ଯ୍ୟ କରୁଥିଲେ। ସେ ନାଗପୁରରେ ବିବାହ କରିଥିବାବେଳେ ତାଙ୍କର ୨ବର୍ଷର ଏକ ଝିଅ ଅଛି। ଗାଡ଼ିରୁ ମିଳିଥିବା ମୋବାଇଲ, ଆଧାରକାର୍ଡ ଏବଂ ଅନ୍ୟ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ରରୁ ପୋଲିସ ମୃତକଙ୍କ ପରିବାର ସହିତ ଯୋଗାଯୋଗ କରିଥିବାବେଳେ ତାଙ୍କ ସ୍ତ୍ରୀ ଏହି ସୂଚନା ଦେଇଛନ୍ତି। ପ୍ରଣବଙ୍କ ୧୦ରୁ ଊର୍ଦ୍ଧ୍ୱ ଗାଡ଼ି ରହିଛି। ସେ ଜଣେ ପ୍ରତିପତ୍ତିଶାଳୀ ବ୍ୟକ୍ତି ବୋଲି ପ୍ରାଥମିକ ତଦନ୍ତରୁ ପୋଲିସ ଜାଣିବାକୁ ପାଇଛି।

ପ୍ରଣବ କାର୍ (ନଂ. ଏମ୍‌ଏଚ୍-୩୧ ଏଫ୍‌ସି-୧୩୩୩)ରେ କୌଣସି କାର୍ଯ୍ୟରେ ଓଡ଼ିଶା ଆସିଥିବା ବେଳେ ମଙ୍ଗଳବାର ବିଳମ୍ବିତ ରାତି ୨ଟାରୁ ୪ଟା ମଧ୍ୟରେ ଏହି ଅଘଟଣ ଘଟିଥିବା ଅନୁମାନ କରାଯାଉଛି। ତେବେ ବୁଧବାର ପୂର୍ବାହ୍ନ ପ୍ରାୟ ୮ଟା ବେଳକୁ ସନ୍ଦେହଜନକ ଅବସ୍ଥାରେ ଥିବା ଉକ୍ତ ଗାଡ଼ି ପାଖରେ ଲୋକଙ୍କ ଭିଡ଼ ଜମିବା ପରେ ଘଟଣା ପଦାକୁ ଆସିଥିଲା। ହେଲେ ପ୍ରଣବ କୁଆଡ଼େ ଯାଉଥିଲେ ତାହା ସ୍ପଷ୍ଟ ହୋଇନାହିଁ। ହୁଏତ ଗାଡ଼ି ଚଳାଇବା ବେଳେ ପ୍ରଣବ ହୃଦ୍‌ଘାତର ଶିକାର ହେବା ପରେ ରାସ୍ତାପାର୍ଶ୍ୱରେ ଗାଡ଼ିକୁ ରଖି ବିଶ୍ରାମ କରୁଥିଲେ ଏବଂ ସେହି ସମୟରେ ମୃତ୍ୟୁ ଘଟିଥାଇପାରେ ବୋଲି ସାଧାରଣରେ ଆଲୋଚନା ହେଉଛି। ତେବେ ଗାଡ଼ିରେ ଯଥେଷ୍ଟ ଇନ୍ଧନ ଥିବାରୁ ତାହା ବୁଧବାର ସକାଳ ପର୍ଯ୍ୟନ୍ତ ଷ୍ଟାର୍ଟିଂ ଅବସ୍ଥାରେ ରହିଥିଲା ବୋଲି ପୋଲିସ କହିଛି।

ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ କାନପୁରରେ ରହୁଥିବା ସମ୍ପର୍କୀୟଙ୍କୁ ହସ୍ତାନ୍ତର କରିଛି। ପ୍ରଣବଙ୍କ ମୃତ୍ୟୁ ହୃଦ୍‌ଘାତଜନିତ କି ନୁହେଁ, ତାହା ଶବ ବ୍ୟବଚ୍ଛେଦ ରିପୋର୍ଟରୁ ସ୍ପଷ୍ଟ ହେବ ବୋଲି ଥାନାଧିକାରୀ ଅନାଦି ଚରଣ ପଟ୍ଟାୟତ କହିଛନ୍ତି। ଏ ନେଇ ନଂ. ୪/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

## ଜିତେନ୍ଦ୍ର ପିସିସି ଭିନ୍ନକ୍ଷମ ପ୍ରକୋଷ୍ଠ ଅଧ୍ୟକ୍ଷ

ଭୁବନେଶ୍ୱର,(ବ୍ୟୁରୋ): ଓଡ଼ିଶା ପ୍ରଦେଶ କଂଗ୍ରେସ ଭିନ୍ନକ୍ଷମ ପ୍ରକୋଷ୍ଠର ଅଧ୍ୟକ୍ଷଭାବେ ଜିତେନ୍ଦ୍ର ବିଶ୍ୱାଳଙ୍କୁ ନିଯୁକ୍ତି ଦିଆଯାଇଛି। ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ନିଷ୍ପତ୍ତି କ୍ରମେ ଏହି ନିଯୁକ୍ତି ଦିଆଯାଇଛି। ଜିତେନ୍ଦ୍ର ଆଗାମୀ ଦିନରେ ରାଜ୍ୟରେ ଥିବା ଦିବ୍ୟାଙ୍ଗ ବନ୍ଧୁଙ୍କୁ ସଂଗଠିତ କରି କଂଗ୍ରେସ ଦଳ ମାଧ୍ୟମରେ ସେମାନଙ୍କର ବିଭିନ୍ନ ସମସ୍ୟାକୁ ସମାଧାନ ଦିଗରେ କାର୍ଯ୍ୟ କରିବାକୁ ସେ ଆଶା ପ୍ରକଟ କରିଛନ୍ତି। ଏନେଇ ପିସିସି ଉପସଭାପତି ଯଜ୍ଞେଶ୍ୱର ବାବୁ ଏକ ପ୍ରେସ ବିଜ୍ଞପ୍ତି ସୂଚନା ପ୍ରଦାନ କରିଛନ୍ତି।

# ବିରୋଧୀଙ୍କ ଅପପ୍ରଚାର ପାଇଁ ସତର୍କ ରୁହ

ଭୁବନେଶ୍ୱର,୨।୩(ବ୍ୟୁରୋ)

ପଞ୍ଚାୟତ ନିର୍ବାଚନରେ ବିରୋଧୀ ଦଳ କେତେ ଅପପ୍ରଚାର କରିଛନ୍ତି। ସରକାରକୁ ବଦନାମ କରିବା ପାଇଁ ମିଛ କାହାଣୀ କହିଛନ୍ତି ଓ ନକାରାତ୍ମକ ରାଜନୀତି କରିଛନ୍ତି। ଓଡ଼ିଶାବାସୀ ସେମାନଙ୍କ କଥାକୁ ଗୁରୁତ୍ୱ ଦେଇନାହାନ୍ତି। ଆଗାମୀ ପୌର ନିର୍ବାଚନରେ ମଧ୍ୟ ସେମାନେ ପୁଣିଥରେ ସେହିଭଳି ଅପପ୍ରଚାର କରିବେ। ଲୋକଙ୍କ ଆଗରେ ବିରୋଧୀ ଦଳଙ୍କ ଅପପ୍ରଚାରର ମୁଖା ଖୋଲିବା

**ପୌର ନିର୍ବାଚନ**

ହେଉଛି ପ୍ରତି କର୍ମୀଙ୍କର ଦାୟିତ୍ୱ। ପୌର ନିର୍ବାଚନରେ ବିରୋଧୀ ଦଳଙ୍କ ଅପପ୍ରଚାର ପ୍ରତି ସତର୍କ ରହିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଜୁ ଜନତା ଦଳର ନେତା ଓ କର୍ମୀଙ୍କୁ ପରାମର୍ଶ ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ ଆସନ୍ତା ପୌର ନିର୍ବାଚନ ପ୍ରସ୍ତୁତି ପାଇଁ ବୁଧବାର ଦଳର ଏମ୍‌ପି, ବିଧାୟକ, ଜିଲା ସଭାପତି ଓ ପର୍ଯ୍ୟବେକ୍ଷକମାନଙ୍କ ସହ ଭର୍ଚୁଆଲ ମାଧ୍ୟମରେ କଥା ହୋଇଛନ୍ତି। ଓଡ଼ିଶାବାସୀ ନକାରାତ୍ମକ ରାଜନୀତିକୁ କେବେ ବି ଗ୍ରହଣ କରିବେ ନାହିଁ। ଏହିସବୁ କାର୍ଯ୍ୟକ୍ରମକୁ ଲୋକଙ୍କ ପାଖକୁ ନେବାକୁ ହେବ। ବିରୋଧୀ ଦଳଙ୍କ ମିଛ ତଥା ନକାରାତ୍ମକ ରାଜନୀତିକୁ ସକାରାତ୍ମକ ତଥା ସତ ଉଦ୍ୟମ ଜରିଆରେ ହିଁ ମୁକାବିଲା କରିବାକୁ ପଡ଼ିବ। ବିରୋଧୀ ଦଳଙ୍କୁ ଦେଖାଇ ଦେବା ମିଛ ଓ ଛଳନାର ରାଜନୀତି ଓଡ଼ିଶାରେ କାମ କରିବ ନାହିଁ। ପଞ୍ଚାୟତ ନିର୍ବାଚନରେ ଆପଣମାନେ ଯେପରି କଠିନ ପରିଶ୍ରମ କରିଥିଲେ, ପୌର ନିର୍ବାଚନରେ ମଧ୍ୟ ସେହିପରି ଉଦ୍ୟମ ଜାରି ରଖିବେ ବୋଲି ମୁଖ୍ୟମନ୍ତ୍ରୀ ଦଳୀୟ ନେତା ଓ କର୍ମୀଙ୍କୁ କହିଛନ୍ତି। ରାଜନୀତିର ଅର୍ଥ କେବଳ କ୍ଷମତା ନୁହେଁ। ଗଣତନ୍ତ୍ରରେ ଲୋକମାନେ ହିଁ ହେଉଛନ୍ତି କ୍ଷମତାର ସ୍ରୋତ। ରାଜ୍ୟର ସବୁଠାରୁ ଦୁର୍ଗମ ଅଞ୍ଚଳରେ ରହୁଥିବା ସାଧାରଣ ଲୋକଟିର ବିଶ୍ୱାସ ହେବା ଦରକାର



ପୌର ନିର୍ବାଚନ ପ୍ରସ୍ତୁତି ପାଇଁ ବୁଧବାର ଭର୍ଚୁଆଲରେ ଦଳର ଏମ୍‌ପି, ବିଧାୟକ, ଜିଲା ସଭାପତି ଓ ପର୍ଯ୍ୟବେକ୍ଷକଙ୍କ ସହ କଥା ହେବା ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

## ଦଳୀୟ ନେତାଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ

ଯେ ବିଜୁ ଜନତା ଦଳ ସବୁବେଳେ ତା'ର କଲ୍ୟାଣ ଏବଂ ତା'ର ସଶକ୍ତୀକରଣ ପାଇଁ କାମ କରୁଛି। ଏହି ବାର୍ତ୍ତାକୁ ଲୋକମାନଙ୍କ ପାଖରେ ପହଞ୍ଚାଇବା ପାଇଁ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ପରାମର୍ଶ ଦେଇଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଗତ ପଞ୍ଚାୟତ ନିର୍ବାଚନରେ ଦଳର ବିପୁଳ ସଫଳତା ପାଇଁ ଓଡ଼ିଶାବାସୀ ତଥା ଦଳର କର୍ମୀମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହି ବିଜୟ ଗଣତାନ୍ତ୍ରିକ ନିର୍ବାଚନରେ ନୂଆ ରେକର୍ଡ ସୃଷ୍ଟି କରିଛି। ପଶ୍ଚିମରୁ ଉପକୂଳ, ଉତ୍ତରରୁ ଦକ୍ଷିଣ, ଓଡ଼ିଶାର ସବୁ ଅଞ୍ଚଳର ଜନସାଧାରଣ ଏହି ନିର୍ବାଚନରେ ସମାନ ଭାବରେ ବିଜୁ ଜନତା ଦଳକୁ ଆଶୀର୍ବାଦ କରିଛନ୍ତି। ଏହି ଆଶୀର୍ବାଦ ଓ ସ୍ନେହ ଆମକୁ ଆହୁରି କଠିନ ପରିଶ୍ରମ କରିବାକୁ ପ୍ରେରଣା ଦେଉଛି। ରାତିଦିନ ଏକ କରି କାମ କରି ନିଜର ସବୁ ସୁଖ ସୁବିଧା ତ୍ୟାଗ କରି ସରକାରଙ୍କ ନୀତି ଓ କାର୍ଯ୍ୟକ୍ରମକୁ ଲୋକଙ୍କ ପାଖରେ ପହଞ୍ଚାଉଥିବା କର୍ମୀ ଓ ଶୁଭେଚ୍ଛୁମାନଙ୍କୁ ଧନ୍ୟବାଦ ଦେଇଛନ୍ତି। ଯେଉଁମାନେ ଘର ଘର ବୁଲି ପ୍ରଚାର କରି ଲୋକଙ୍କୁ ବୁଝାଇଛନ୍ତି ଏହି ସଫଳତା ହେଉଛି ସେହିମାନଙ୍କର। ଏ ସଫଳତା ହେଉଛି ଓଡ଼ିଶାବାସୀଙ୍କର, ଯେଉଁମାନେ ଆମ ସରକାରଙ୍କ ଉପରେ ଆସ୍ଥା ରଖିଛନ୍ତି। ଗଣତନ୍ତ୍ରରେ ଜନମତ ହିଁ ସର୍ବୋଚ୍ଚ। ରାଜ୍ୟର ସବୁ ପଞ୍ଚାୟତରେ ଜନମତ ସ୍ପଷ୍ଟ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଓଡ଼ିଶାବାସୀଙ୍କର ଏହି ମତକୁ ନମ୍ରତାର ସହ ବିଜେଡି ଗ୍ରହଣ କରିଛି। ସହରାଞ୍ଚଳର ବିକାଶ କାର୍ଯ୍ୟ ସମ୍ପର୍କରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆମେ ସକାରାତ୍ମକ ରାଜନୀତିରେ ବିଶ୍ୱାସ କରୁ। ସକାରାତ୍ମକ ରାଜନୀତି, ପ୍ରଗତିଶୀଳ ପ୍ରଶାସନ ଏବଂ ଲୋକଙ୍କର ସଶକ୍ତୀକରଣ ହେଉଛି ଆମର ହଲ୍‌ମାର୍କ। ସହରାଞ୍ଚଳରେ ଅନେକ ଭଲ କାମ ହୋଇଛି। ସହରର ଗରିବ ଲୋକଙ୍କ ପାଇଁ ଜାଗା ମିଶନ ଏକ ନୂଆ ବେଞ୍ଚମାର୍କ ସୃଷ୍ଟି କରିଛି। ଷ୍ଟ୍ରିଟ୍‌ଲାଇଟଠାରୁ ଆରମ୍ଭ କରି ଇନ୍‌ଡୋର ଷ୍ଟାଡିୟମ୍, ଭଲ ପିଇବା ପାଣିଠାରୁ ଆରମ୍ଭ କରି ଆଧୁନିକ ବର୍ଜ୍ୟବସ୍ତୁ ପରିଚାଳନା ବ୍ୟବସ୍ଥା, ମିଶନ ଶକ୍ତିର ମା'ମାନଙ୍କ ପାଇଁ ରୋଜଗାରର ନୂଆ ନୂଆ ସୁଯୋଗ, ୱାର୍ଡସ୍ତରରେ ଭିତ୍ତିଭୂମି ଓ ନାଗରିକ ସୁବିଧା ଏବଂ ଅନ୍‌ଲାଇନରେ ମ୍ୟୁନିସିପାଲ ସେବା ଆଦି ନାଗରିକମାନଙ୍କର କଲ୍ୟାଣକୁ ଦୃଷ୍ଟିରେ ରଖି ଆମର ସବୁ କାର୍ଯ୍ୟକ୍ରମ ତିଆରି କରାଯାଇଛି। ବସ୍ତିବାସିନ୍ଦାଙ୍କଠାରୁ ଆରମ୍ଭ କରି ଆପାର୍ଟମେଣ୍ଟର ମାଲିକ, ମା'ମାନଙ୍କଠାରୁ ଆରମ୍ଭ କରି ଶିଶୁ ତଥା ଯୁବସମାଜ ସମସ୍ତଙ୍କ ସଶକ୍ତୀକରଣ ପାଇଁ ଆମେ ପ୍ରତିବଦ୍ଧତାର ସହ କାମ କରୁଛୁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

# ଯୋଗୀଙ୍କ ଭାଗ୍ୟ ପରୀକ୍ଷା ଆଜି



ଲକ୍ଷ୍ନୌ,୨।୩(ପି.ଟି.)

ଉତ୍ତରପ୍ରଦେଶ ବିଧାନସଭା ନିର୍ବାଚନର ଷଷ୍ଠ ପର୍ଯ୍ୟାୟ ମତଦାନ ଗୁରୁବାର ଅନୁଷ୍ଠିତ ହେବାକୁ ଯାଉଛି। ଏହି ପର୍ଯ୍ୟାୟରେ ୫୭ ଆସନ ଲାଗି ଭୋଟଗ୍ରହଣ ହେବାକୁ ଥିବାବେଳେ ବହୁ ହେଭିୱେଟ୍ ନେତାଙ୍କ ଭାଗ୍ୟ ପରୀକ୍ଷା ହେବ। ସେମାନଙ୍କ ମଧ୍ୟରେ ଅଛନ୍ତି ୟୁପି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ, କଂଗ୍ରେସର ରାଜ୍ୟ ସଭାପତି ଅଜୟ କୁମାର ଲଲ୍ଲୁ ଏବଂ ସମାଜବାଦୀ ପାର୍ଟିର ସ୍ୱାମୀ ପ୍ରସାଦ ମୌର୍ଯ୍ୟ। ଷଷ୍ଠ ପର୍ଯ୍ୟାୟରେ ମୋଟ ୬୭୬ ପ୍ରାର୍ଥୀ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଛନ୍ତି। ଯୋଗୀ ଆଦିତ୍ୟନାଥ ଗୋରଖପୁର ଅର୍ବାନରୁ ପ୍ରଥମ ଥର ଲାଗି ବିଧାନସଭା ନିର୍ବାଚନ ଲଢୁଛନ୍ତି। ସେହିପରି ଲଲ୍ଲୁ ତମକୁହି ରାଜରୁ ଏବଂ ମୌର୍ଯ୍ୟ ଫାଜିଲନଗରରୁ ପ୍ରାର୍ଥୀ ହୋଇଛନ୍ତି। ଯୋଗୀଙ୍କ ବିରୋଧରେ ସମାଜବାଦୀ ପାର୍ଟି ପୂର୍ବତନ ଭାଜପା ନେତା ସ୍ୱର୍ଗତ ଉପେନ୍ଦ୍ର ଦତ୍ତ ଶୁକ୍ଲାଙ୍କ ସ୍ତ୍ରୀଙ୍କୁ ପ୍ରାର୍ଥୀ କରିଛି। ଏହା ବ୍ୟତୀତ ଆଜାଦ ସମାଜ ପାର୍ଟିର ପ୍ରତିଷ୍ଠାତା ଚନ୍ଦ୍ରଶେଖର ଆଜାଦ ମଧ୍ୟ ଯୋଗୀଙ୍କ ବିରୋଧରେ ଲଢୁଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବିଧାନସଭାର ବିରୋଧୀ ଦଳ ନେତା ରାମଗୋବିନ୍ଦ ଚୌଧରୀ ବଂଶଡିହ ଆସନରୁ ପ୍ରାର୍ଥୀ ହୋଇଛନ୍ତି। ଏହା ବ୍ୟତୀତ କେତେଜଣ ମନ୍ତ୍ରୀଙ୍କ ଭାଗ୍ୟ ମଧ୍ୟ ଗୁରୁବାର ନିର୍ଦ୍ଧାରଣ ହେବାକୁ ଯାଉଛି।

ପୂର୍ବ ୫ ପର୍ଯ୍ୟାୟରେ ମୋଟ ୪୦୩ ଆସନ ମଧ୍ୟରୁ ୨୯୨ଟିରେ ମତଦାନ ଶେଷ ହୋଇଛି। ପୂର୍ବାଞ୍ଚଳର ୧୧୧ ଆସନ ମଧ୍ୟରୁ ଗୁରୁବାର ୧୦ ଜିଲାର ୫୭ ଆସନରେ ଏବଂ ୭ ତାରିଖରେ ୫୪ ଆସନରେ ମତଦାନ ହେବ। ଗୁରୁବାର ଆମ୍ବେଦକରନଗର, ବଳରାମପୁର, ସିଦ୍ଧାର୍ଥନଗର, ବସ୍ତି, ସନ୍ଥ କବୀରନଗର, ମହାରାଜଗଞ୍ଜ, ଗୋରଖପୁର, କୁଶିନଗର, ଦେଓରିଆ ଏବଂ ବାଲିଆ ଜିଲାରେ ମତଦାନ ହେବ। ଭାଜପା ପାଇଁ ଏହି ନିର୍ବାଚନ ମଣ୍ଡଳୀ ଗୁରୁତ୍ୱପୂର୍ଣ୍ଣ। ୨୦୧୭ରେ ଗୈରିକ ଦଳ ଏଠାରୁ ୪୬ ଆସନରେ ବିଜୟୀ ହୋଇଥିଲା।

# ୧୦୨ ମ୍ୟୁନିସିପାଲିଟି ଟିଏମ୍‌ସି ଦଖଲରେ


ପଶ୍ଚିମବଙ୍ଗ ପୌର ନିର୍ବାଚନରେ ସଫଳତା ନେଇ ଟିଏମ୍‌ସି ସମର୍ଥକମାନେ ହାଓଡ଼ା ଜିଲାର ଉଲବେରିଆରେ ଖୁସି ମନାଉଛନ୍ତି।

କୋଲକାତା,୨।୩(ପି.ଟି.)

**ପଶ୍ଚିମବଙ୍ଗ ପୌର ନିର୍ବାଚନ**

**ଖାତା ଖୋଲିପାରିଲାନି ଭାଜପା**

ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ଶାସକ ତୃଣମୂଳ କଂଗ୍ରେସ (ଟିଏମ୍‌ସି)ର ବିପୁଳ ବିଜୟର ୧୦ ମାସ ପରେ ଅନୁଷ୍ଠିତ ପୌର ନିର୍ବାଚନରେ ଏହି ଦଳ ପୁଣି ଥରେ ବିରୋଧୀଙ୍କୁ ଧରାଶାୟୀ କରିଛି। ବୁଧବାର ପ୍ରକାଶିତ ଫଳାଫଳ ଅନୁଯାୟୀ ରାଜ୍ୟର ୧୦୮ ମ୍ୟୁନିସିପାଲିଟି ମଧ୍ୟରୁ ଟିଏମ୍‌ସି ୧୦୨ଟି ଜିତିନେଇଛି। ଅନ୍ୟପକ୍ଷରେ ବିଧାନସଭା ନିର୍ବାଚନରେ ୭୭ ଆସନ ଜିତି ମୁଖ୍ୟ ବିରୋଧୀ ଦଳ ମାନ୍ୟତା ପାଇଥିବା ଭାଜପା ଗୋଟିଏ ବି ପୌରସଂସ୍ଥା ଜିତିପାରି ନାହିଁ। ଏପରିକି ନନ୍ଦିଗ୍ରାମ ଆସନର ଭାଜପା ବିଧାୟକ ଶୁଭେନ୍ଦୁ ଅଧିକାରୀଙ୍କ ଗଡ଼ କୁହାଯାଉଥିବା କଣ୍ଠି ମ୍ୟୁନିସିପାଲିଟିକୁ ମଧ୍ୟ ଟିଏମ୍‌ସି ଦଖଲ କରିଛି। ଅନ୍ୟ ପକ୍ଷରେ ଟିଏମ୍‌ସି, ଜିଜେଏମ୍ ଏବଂ ଭାଜପାକୁ ପଛରେ ପକାଇ ପାର୍ବତ୍ୟାଞ୍ଚଳର ନୂଆ ଦଳ ହାର୍ମୋ ପାର୍ଟି ଦାର୍ଜିଲିଂ ମ୍ୟୁନିସିପାଲିଟିକୁ ଜିତିନେଇଛି। ସିପିଆଇ(ଏମ୍) ନେତୃତ୍ୱାଧୀନ ବାମ ସାମ୍ମୁଖ୍ୟ ନଦିଆ ଜିଲାର ତାହେରପୁର ମ୍ୟୁନିସିପାଲିଟିରେ ବିଜୟୀ ହୋଇଛି। କଂଗ୍ରେସ ଅଳ୍ପ କେତୋଟି ୱାର୍ଡରେ ଜିତିଥିଲେ ମଧ୍ୟ କୌଣସି ପୌର ସଂସ୍ଥା ହାତେଇପାରିନାହିଁ। ୪ ମ୍ୟୁନିସିପାଲିଟିକୁ ସ୍ପଷ୍ଟ ବହୁମତ ମିଳି ନ ଥିବା ରାଜ୍ୟ ନିର୍ବାଚନ କମିଶନଙ୍କ ପକ୍ଷରୁ କୁହାଯାଇଛି। ସେଗୁଡ଼ିକ ହେଲେ ମୁର୍ଶିଦାବାଦ ଜିଲା ବେଲଡଙ୍ଗା, ପୁରୁଲିଆର ଝାଲଦା, ହୁଗ୍‌ଲିର ଚାମ୍ପଦାନି ଏବଂ ପୂର୍ବ ମେଦିନିପୁର ଜିଲାର ଏଗ୍ରା। ୨୭ ମ୍ୟୁନିସିପାଲିଟିରେ ବିରୋଧୀ ଦଳ ଗୋଟିଏ ବି ୱାର୍ଡ ଜିତିପାରି ନାହାନ୍ତି। ଟିଏମ୍‌ସିର ଏହି ସଫଳତା ପାଇଁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ତଥା ଦଳ ସୁପ୍ରିମୋ ମମତା ବାନାର୍ଜୀ ପଶ୍ଚିମବଙ୍ଗ ଜନସାଧାରଣଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସେ ଦଳର ବିଜୟୀ ପ୍ରାର୍ଥୀମାନଙ୍କୁ ଅଭିନନ୍ଦନ ଜଣାଇବା ସହ ବିନମ୍ରତାର ସହ ଲୋକଙ୍କ ପାଇଁ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଛନ୍ତି।

## ମା' ଝିଅ ହେଲେ ସରପଞ୍ଚ

ଧର୍ମଶାଳା,୨।୩(ଡି.ଏନ.ଏ.)

ଯାଜପୁର ଜିଲା ଧର୍ମଶାଳା ବ୍ଲକ୍ ଅଞ୍ଚଳରେ ମା' ଓ ଝିଅ ସରପଞ୍ଚ ଭାବେ ନିର୍ବାଚିତ ହୋଇଛନ୍ତି। ବ୍ଲକ ଅଧୀନ କୁମାରୀ ପଞ୍ଚାୟତର ସରପଞ୍ଚ ଭାବେ କ୍ଷୀରୋଦପ୍ରଭା ସାମଲ ନିର୍ବାଚିତ ହୋଇଥିବାବେଳେ ତାଙ୍କ ଝିଅ ସ୍ନେହାଞ୍ଜଳି ଗନ୍ତାୟତ ଅଭୟପୁର ପଞ୍ଚାୟତର ସରପଞ୍ଚ ହୋଇଛନ୍ତି। କୁମାରୀ ଗ୍ରାମର କ୍ଷୁଦ୍ର ଜଳସେଚନ ବିଭାଗ ଅବସରପ୍ରାପ୍ତ ସହକାରୀ ଯନ୍ତ୍ରୀ ବଟକୃଷ୍ଣ ସାମଲଙ୍କ ସ୍ତ୍ରୀ ତଥା ଜାରକା ପଞ୍ଚାୟତର ପୂର୍ବତନ ସରପଞ୍ଚ ପ୍ରଭୁରଞ୍ଜନ ସାମଲଙ୍କ ମା' କ୍ଷୀରୋଦପ୍ରଭା ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ପୂର୍ବତନ ସରପଞ୍ଚ କବିତା ବେହେରାଙ୍କୁ ୫୩୩ଖଣ୍ଡ ଭୋଟ୍ ବ୍ୟବଧାନରେ ପରାସ୍ତ କରିଛନ୍ତି। ଏଠାରେ କବିତାଙ୍କୁ ବିଜେଡି ପକ୍ଷରୁ ସମର୍ଥନ ଦିଆଯାଇଥିବା ବେଳେ ସେ ୧୧୪୮ଖଣ୍ଡ ଭୋଟ୍ ପାଇଥିଲେ। କ୍ଷୀରୋଦପ୍ରଭା ଅସନ୍ତୁଷ୍ଟ ବିଜେଡି ପ୍ରାର୍ଥୀ ଭାବେ ନିର୍ବାଚନ ଲଢୁଥିବାବେଳେ ତାଙ୍କ ଉପରେ ଭରସା ରଖି ପଞ୍ଚାୟତବାସୀ ତାଙ୍କୁ ୧୬୮୧ଖଣ୍ଡ ଦେଇ ବିଜୟୀ କରାଇଛନ୍ତି।

ସେହିପରି କ୍ଷୀରୋଦପ୍ରଭାଙ୍କ ଝିଅ ତଥା ଅଚ୍ୟୁତପୁର ଗ୍ରାମର ଖବରଦାତା ପ୍ରଶାନ୍ତ କୁମାର ଗନ୍ତାୟତଙ୍କ ସ୍ତ୍ରୀ ସ୍ନେହାଞ୍ଜଳି ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ନିର୍ମଳା ବିଶ୍ୱାଳଙ୍କୁ ୧୧୩ଖଣ୍ଡ ଭୋଟ୍‌ରେ ପରାସ୍ତ କରିଛନ୍ତି। ଉଭୟ ବିଜେଡିର ହୋଇଥିବାରୁ ଯିଏ ଜିତିବ, ଆମର ନ୍ୟାୟରେ ଦଳ ପକ୍ଷରୁ କାହାରିକୁ ଦଳୀୟ ସମର୍ଥନ ଦିଆଯାଇ ନ ଥିଲା। ଅବସରପ୍ରାପ୍ତ ଶିକ୍ଷାଧିକାରୀ ଅକ୍ଷୟ କୁମାର ବିଶ୍ୱାଳଙ୍କ ସ୍ତ୍ରୀ ନିର୍ମଳା ୧୫୪୦ଖଣ୍ଡ ଭୋଟ୍ ପାଇଥିବାବେଳେ ସ୍ନେହାଞ୍ଜଳି ୧୬୫୩ଖଣ୍ଡ ଭୋଟ୍ ପାଇ ବିଜୟୀ ହୋଇଛନ୍ତି। ବିଜୟୀ ଘୋଷଣା ହେବା ପରେ ଚର୍ଚ୍ଚା ସାଉଣ୍ଟିଥିବା ଉଭୟ ମା' ଓ ଝିଅଙ୍କୁ ସେମାନଙ୍କ ସମର୍ଥକ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଛନ୍ତି।

**ସୁବର୍ଣ୍ଣପୁର ଜିଲା**

# ହାରିଗଲେ ହେଭିୱେଟ୍

ସୋନପୁର,୨।୩(ନି.ପ୍ର.)

ରାଜନୀତିରେ କେତେବେଳେ କିଏ ଉପରକୁ ଉଠିବ ଓ କେତେବେଳେ କିଏ ତଳକୁ ଖସିବ କହିବା କଷ୍ଟ। ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଫଳାଫଳରୁ ଏହା ସ୍ପଷ୍ଟ ହୋଇଛି। ଜିଲାରେ କେତେଜଣ ହେଭିୱେଟ୍ ସମିତି ସଭ୍ୟ ଓ ସରପଞ୍ଚ ଭାବେ ଲଢ଼ି ପରାଜିତ ହୋଇଛନ୍ତି। ପୂର୍ବରୁ ସେମାନେ ଜିଲା ପରିଷଦ ଅଧ୍ୟକ୍ଷ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଓ ଜିଲା ପରିଷଦ ସଭ୍ୟ ଭାବେ ନିର୍ବାଚିତ ହୋଇଥିଲା ବେଳେ ଚଳିତ ଥର ଭୋଟର ସେମାନଙ୍କୁ ନାପସନ୍ଦ କରିଛନ୍ତି।

ଜିଲା ପରିଷଦ ଅଧ୍ୟକ୍ଷା ଉଷା କୁମାରୀ ଚଳିତ ପଞ୍ଚାୟତ ନିର୍ବାଚନରେ ବୀରମହାରାଜପୁର ବ୍ଲକର ମୁର୍ଷୁଣ୍ଡି ପଞ୍ଚାୟତ ସମିତି ସଭ୍ୟ ଭାବେ ନିର୍ବାଚନ ଲଢିଥିଲେ। କିନ୍ତୁ ଏହି ପଞ୍ଚାୟତର ସମିତି ସଭ୍ୟ ଭାବେ ରୀତା ଗର୍ଡିଆ ନିର୍ବାଚିତ ହୋଇଛନ୍ତି। ଉଷା ୫୦୦ ଖଣ୍ଡରୁ ଉର୍ଦ୍ଧ୍ୱ ଭୋଟ ବ୍ୟବଧାନରେ ରୀତାଙ୍କ ଠାରୁ ପରାସ୍ତ ହୋଇଛନ୍ତି। ସେହିପରି ପ୍ରାକ୍ତନ ଜିଲା ପରିଷଦ ଅଧ୍ୟକ୍ଷା ପୁଷ୍ପାଞ୍ଜଳି କଣ୍ଡା ବିନିକା ବ୍ଲକର ମେଘଲା ପଞ୍ଚାୟତ ସମିତି ସଭ୍ୟ ଭାବେ ନିର୍ବାଚନ ଲଢୁଥିଲେ। ଏହି ପଞ୍ଚାୟତର ସମିତି ସଭ୍ୟ ଭାବେ ଯୁବ ନେତା ସୁବ୍ରତ ମହାକୁର ବିଜୟୀ ହୋଇଛନ୍ତି। ସୁବ୍ରତ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ପୁଷ୍ପାଙ୍କୁ ୫୧୯ ଖଣ୍ଡ ଭୋଟ ବ୍ୟବଧାନରେ ପରାସ୍ତ କରିଛନ୍ତି। ସୋନପୁର ପଞ୍ଚାୟତ ସମିତି ଅଧ୍ୟକ୍ଷା ମନ୍ଦାକିନୀ ନାଗ ସୋନପୁର ବ୍ଲକର ହରଡଖୋଲ ପଞ୍ଚାୟତ ସମିତି ସଭ୍ୟ ଭାବେ ନିର୍ବାଚନ ଲଢୁଥିଲେ। ନବାଗତ ଯୁବନେତା ମନୁରାଜ କର୍ମୀ ଏଠାରୁ ସମିତି ସଭ୍ୟ ଭାବେ ନିର୍ବାଚିତ ହୋଇଛନ୍ତି। ମନୁରାଜ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ମନ୍ଦାକିନୀଙ୍କୁ ୬୫୪ଖଣ୍ଡ ଭୋଟ ବ୍ୟବଧାନରେ ପରାସ୍ତ କରିଛନ୍ତି। ସେହିପରି ବିଜେଡି ନେତା , ପ୍ରାକ୍ତନ ଜିଲା ପରିଷଦ ସଭ୍ୟ, ପ୍ରାକ୍ତନ ସରପଞ୍ଚ ପ୍ରଭାତ ପାତ୍ର ଚାରଭଟା ପଞ୍ଚାୟତ ସରପଞ୍ଚ ଭାବେ ନିର୍ବାଚନ ଲଢି ପରାସ୍ତ ହୋଇଛନ୍ତି। ବିଜେଡି ଜିଲା ପରିଷଦ ସଭ୍ୟ ପ୍ରବୀଣ ନାଗ ରାଣୀସର୍ଡା ପଞ୍ଚାୟତ ସରପଞ୍ଚ ଭାବେ ଲଢ଼ି ପରାସ୍ତ ହୋଇଥିବା ଜଣାପଡିଛି।


ଉଷା କୁମାରୀ

# ଗିରିବାଳା କଂଗ୍ରେସର ମେୟର ପ୍ରାର୍ଥୀ

କଟକ ଅଫିସ,୨।୩

**କଟକ ମହାନଗର ନିଗମ ନିର୍ବାଚନ**

ପୌର ନିର୍ବାଚନ ପାଇଁ ସରଗରମ ହେଲାଣି କଟକ ସହର ରାଜନୀତି। ପ୍ରଥମ ଥର ପାଇଁ ମେୟର ଲାଗି ପ୍ରତ୍ୟକ୍ଷ ନିର୍ବାଚନ ହେବାକୁ ଯାଉଛି। ବୁଧବାର ନାମାଙ୍କନ ପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ତେଣୁ ଦଳ କାହାକୁ ଟିକେଟ ଦେବ ତା' ଉପରେ ସମସ୍ତଙ୍କ ନଜର। ଏଭଳି ସ୍ଥିତିରେ କଂଗ୍ରେସ କଟକ ମହାନଗର ନିଗମ(ସିଏମସି) ପାଇଁ ମେୟର ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି। କଂଗ୍ରେସ ଗିରିବାଳା ବେହେରାଙ୍କ ଉପରେ ଆସ୍ଥା ପ୍ରକଟ କରି ତାଙ୍କ ନାମକୁ ଘୋଷଣା କରିଛି। ଏଥିସହ ୧୧ଟି ୱାର୍ଡର କର୍ପୋରେଟ ପ୍ରାର୍ଥୀଙ୍କ ନାମ ମଧ୍ୟ ଘୋଷଣା କରିଛି। ଅପରପକ୍ଷରେ ପ୍ରମୁଖ ବିଜେଡି ଏବଂ ଭାଜପା ସେମାନଙ୍କ ପ୍ରାର୍ଥୀଙ୍କ ନାମ ଘୋଷଣା କରି ନାହାନ୍ତି।

କଟକ ପୁରୀଘାଟସ୍ଥିତ କଂଗ୍ରେସ କାର୍ଯ୍ୟାଳୟରେ ବୁଧବାର ବାରବାଟୀ କଟକ ବିଧାୟକ ମହମ୍ମଦ ମୋକିମ ଓ ଦଳର ବରିଷ୍ଠ ନେତା ସୁରେଶ ମହାପାତ୍ରଙ୍କୁ ନେଇ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ସେଥିରେ ମୋକିମ କହିଛନ୍ତି ସିଏମ୍‌ସି ଅଞ୍ଚଳରେ କଂଗ୍ରେସ ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇ ନିର୍ବାଚନକୁ ଓହ୍ଲାଇଛି। ଦଳ ପକ୍ଷରୁ ପ୍ରଦେଶ କଂଗ୍ରେସ କମିଟି ଅନୁମୋଦନ କ୍ରମେ ଗିରିବାଳାଙ୍କୁ ମେୟର ପ୍ରାର୍ଥୀ ପାଇଁ ଘୋଷଣା କରାଯାଇଛି। ଗିରିବାଳା ବର୍ତ୍ତମାନ ପିସିସି ମହିଳା କଂଗ୍ରେସର ଉପସଭାପତି ରହିଛନ୍ତି। ଏହାବ୍ୟତୀତ ଗିରିବାଳା ନଗର କଂଗ୍ରେସର ମଧ୍ୟ ଜଣେ ଟାଣୁଆ କର୍ମୀ। ଗତ ସାଧାରଣ ନିର୍ବାଚନରେ ଗିରିବାଳାଙ୍କୁ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିଥିଲା। ପୂର୍ବରୁ ଥରେ କର୍ପୋରେଟର ଜିତିଥିବା ଗିରିବାଳାଙ୍କ ସାଂଗଠନିକ ଦକ୍ଷତାକୁ ନଜରରେ ରଖି ତାଙ୍କୁ କଂଗ୍ରେସ ପକ୍ଷରୁ ମେୟର ପ୍ରାର୍ଥୀ କରାଯାଇଛି। କଟକ ସହରବାସୀ ଯେଉଁଭଳି ଭାବେ ୨୦୧୯ ନିର୍ବାଚନରେ ପରିବର୍ତ୍ତନ ଆରମ୍ଭ କରିଥିଲେ, ଚଳିତ ଥର ମଧ୍ୟ ନିଶ୍ଚିତ ପରିବର୍ତ୍ତନ ଚାହିଁବେ। ୨୦୧୯ ନିର୍ବାଚନରେ କଂଗ୍ରେସ ସିପିଆଇ ଏବଂ ସିପିଏମ୍ ସହ ମେଣ୍ଟ କରିଥିଲା। ଚଳିତଥର ମଧ୍ୟ ଉଭୟ ଦଳ ସହ ମେଣ୍ଟ ହୋଇଛି। ୫୯ ୱାର୍ଡରୁ ଗୋଟିଏ ସିପିଆଇ ଓ ଗୋଟିଏ ସିପିଏମ ଲଢିବା ପାଇଁ ଛଡ଼ାଯିବ ବୋଲି ମୋକିମ ଘୋଷଣା କରିଛନ୍ତି। ସେହିପରି ସୁରେଶ ଦଳୀୟ କନ୍ଦଳକୁ ଖଣ୍ଡନ କରିଛନ୍ତି। ମୋକିମ ଏବଂ ତାଙ୍କ ମଧ୍ୟରେ କୌଣସି ବିବାଦ ନାହିଁ। ଦଳଯାହା ନିଷ୍ପତ୍ତି ନେଇଛି ସେହି ଅନୁସାରେ କାର୍ଯ୍ୟ କରିବେ ବୋଲି ସୁରେଶ କହିଛନ୍ତି।


ଖବରଦାତା ସମ୍ମିଳନୀରେ ବିଧାୟକ ମହମ୍ମଦ ମୋକିମ, ସୁରେଶ ମହାପାତ୍ର ଓ ଗିରିବାଳା ବେହେରାଙ୍କ ସହ ଅନ୍ୟ ନେତୃବୃନ୍ଦ।

# କଂଗ୍ରେସ ଗଡ଼ ଭାଙ୍ଗିବାକୁ ବିଜେଡିର ଗୋଟିଚାଳନା

ଅନୁଗୋଳ ଅଫିସ,୨।୩

**ଟାର୍ଗେଟ୍‌ରେ ଅନୁଗୋଳ ପୌର ପରିଷଦ**



ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଅନୁଗୋଳ ଜିଲାରେ ବିଜେଡିକୁ ମିଳିଛି ଐତିହାସିକ ସଫଳତା। ଜିଲାର ମୋଟ୍ ୨୮ଟି ଜୋନ୍ ମଧ୍ୟରୁ ଦଳ ୨୭ଟିରେ ବିପୁଳ ବିଜୟ ସହ ଜିଲା ପରିଷଦ ଗଠନ କରିବାକୁ ଯାଉଛି। ତେବେ ପଞ୍ଚାୟତ ପରେ ପୌର ନିର୍ବାଚନ ପର୍ବ ଆରମ୍ଭ ହୋଇଯାଇଥିବାରୁ ଜିଲାରେ ଥିବା ଅନୁଗୋଳ ପୌର ପରିଷଦ, ତାଳଚେର ପୌର ପରିଷଦ ଓ ଆଠମଲ୍ଲିକ ଏନ୍‌ଏସି ଦଖଲ ପାଇଁ ବିଜେଡି ପକ୍ଷରୁ ଗୋଟିଚାଳନା ଆରମ୍ଭ ହୋଇଛି। ବିଶେଷକରି ଅନୁଗୋଳ ପୌର ପରିଷଦ ଦୀର୍ଘବର୍ଷ ହେଲା କଂଗ୍ରେସ କବ୍‌ଜାରେ ଥିବାରୁ ଏଥର ତାହା ଛଡ଼ାଇ ଆଣିବାକୁ ଶାସକ ଦଳ ରଣନୀତିରେ ଲାଗିପଡ଼ିଛି। ଇତିମଧ୍ୟରେ କଂଗ୍ରେସର କେତେଜଣ ବରିଷ୍ଠ ନେତା ଶାସକ ଦଳରେ ସାମିଲ ହେବା, ଅନୁଗୋଳ ପୌରାଞ୍ଚଳରେ ବିଜେଡିକୁ ଆହୁରି ବଳିୟାନ କରିଥିବା ଚର୍ଚ୍ଚା ହେଉଛି।

୨୩ ୱାର୍ଡ ବିଶିଷ୍ଟ ଅନୁଗୋଳ ପୌରପରିଷଦକୁ ଦୀର୍ଘବର୍ଷ ହେଲା କଂଗ୍ରେସ ନିଜ ଅକ୍ତିଆରରେ ରଖିଆସିଛି। ଜିଲାରେ ଦଳ କି ଦଳୀୟ ସଙ୍ଗଠନ ସେତେଟା ସବଳ ନ ଥିବା ବିଭିନ୍ନ ନିର୍ବାଚନରେ ପ୍ରମାଣିତ ହୋଇଥିଲେ ମଧ୍ୟ ପୌରାଞ୍ଚଳରେ କଂଗ୍ରେସ ନିଜର ବିଜୟ ବାନା ବାରମ୍ବାର ଉଡ଼ାଇ ଆସିଛି। ୨୦୦୮ ହେଉ କି ୨୦୧୩ ପୌର ନିର୍ବାଚନ, କଂଗ୍ରେସ ଅନୁଗୋଳ ମ୍ୟୁନିସିପାଲିଟିକୁ ହାତରୁ ଖସିଯିବାକୁ ଦେଇନାହିଁ। ୨୦୦୮ ନିର୍ବାଚନରେ କଂଗ୍ରେସ ୧୨, ବିଜେଡି ୯, ଭାଜପା ୧ ଓ ସ୍ୱାଧୀନ ପ୍ରାର୍ଥୀ ଗୋଟିଏ ୱାର୍ଡରେ ବିଜୟୀ ହୋଇଥିଲେ। ଫଳରେ କଂଗ୍ରେସ ପରିଷଦ ଗଠନ କରିବା ସହ ବିନୋଦିନୀ ଦାସଙ୍କୁ ଅଧ୍ୟକ୍ଷା ଆସନରେ ବସାଇଥିଲା। କିନ୍ତୁ କାର୍ଯ୍ୟକାଳ ସମ୍ପୂର୍ଣ୍ଣ ପୂର୍ବରୁ ବିନୋଦିନୀଙ୍କ ସ୍ଥାନରେ ସୁକାନ୍ତି ଦାସଙ୍କୁ ପୌରାଧ୍ୟକ୍ଷା କରାଯାଇଥିଲା। ୨୦୧୩ ନିର୍ବାଚନରେ ବିଜେଡିକୁ ୯ଟି ୱାର୍ଡରେ ବିଜୟ ମିଳିଥିବାବେଳେ କଂଗ୍ରେସ ୧୪ଟି ୱାର୍ଡ ଜିଣି ଅକ୍ଷୟ କୁମାର ସାମନ୍ତଙ୍କୁ ଅଧ୍ୟକ୍ଷ କରିଥିଲା। ଏହାପରେ ଆଉ ପୌର ନିର୍ବାଚନ ହୋଇ ନ ଥିବାରୁ ଜିଲାପାଳମାନେ ହିଁ ପୌର ପ୍ରଶାସକ ଦାୟିତ୍ୱ ତୁଲାଇ ଆସିଛନ୍ତି। ତେବେ ପୌର ନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ ପରେ ଏବେ ଅନୁଗୋଳ ପୌରାଞ୍ଚଳରେ ରାଜନୈତିକ ଉଷ୍ମତା ବୃଦ୍ଧିପାଇଛି। ବୁଧବାର ନାମାଙ୍କନପତ୍ର ଦାଖଲର ପ୍ରଥମ ଦିନରେ କେହି ପ୍ରାର୍ଥିପତ୍ର ଦାଖଲ କରି ନ ଥିଲେ ମଧ୍ୟ ୩ ପ୍ରମୁଖ ଦଳ ବିଜେଡି, କଂଗ୍ରେସ ଓ ଭାଜପା ପକ୍ଷରୁ ମ୍ୟୁନିସିପାଲିଟି ଦଖଲ ନେଇ ବଳ କଷାକଷି ଜୋର୍‌ଧରିଛି। ପରିମଳ ଏଠାକାର ପ୍ରମୁଖ ସମସ୍ୟା ହୋଇଥିବାରୁ ସମାଧାନ ପନ୍ଥା ଓ ଉପଯୁକ୍ତ ପ୍ରାର୍ଥୀ ଚୟନ ଉପରେ ଗୁରୁତ୍ୱ ଦିଆଯାଉଛି। ଏପରି ସମୟରେ ପୌର ପରିଷଦର ପୂର୍ବତନ ଅଧ୍ୟକ୍ଷ ଅକ୍ଷୟ କୁମାର ସାମନ୍ତ, ସୁକାନ୍ତି ଦାସ, ପୂର୍ବତନ କାଉନସିଲର କାର୍ତ୍ତିକ ପରିଡ଼ା, ରାଜଶ୍ରୀ ମହାନ୍ତି ପ୍ରମୁଖ ଦଳ ଛାଡ଼ି ବିଜେଡିରେ ସାମିଲ ହେବା କଂଗ୍ରେସକୁ ଦୁର୍ବଳ କରିଥିବା ଆଲୋଚନା ହେଉଛି। ଏ ସମ୍ପର୍କରେ ଜିଲା କଂଗ୍ରେସ ସଭାପତି ବିପ୍ଳବ ଜେନା କହିଛନ୍ତି, ସମ୍ପୃକ୍ତ ନେତାମାନେ କଂଗ୍ରେସ ତ୍ୟାଗ କରିବା ସେପରି କିଛି ଫରକ ପକାଇବ ନାହିଁ। ପୂର୍ବପରି କଂଗ୍ରେସ ଅନୁଗୋଳ ପୌର ପରିଷଦ ଦଖଲ କରିବ। ବିଜେଡି ଜିଲା ସଭାପତି ମହେନ୍ଦ୍ର ବହିଆ କହିଛନ୍ତି, ଏଥର ପୌରାଞ୍ଚଳରେ ବିଜେଡି ଭଲ ପ୍ରଦର୍ଶନ କରିବା ସହ ଜିଲା ପରିଷଦ ପରି ଅନୁଗୋଳରେ ପୌର ପରିଷଦ ଗଠନ କରିବ।

> ନ୍ୟାୟ ଓ ସଦାଚାରର ପୂର୍ଣ୍ଣତା ନିମିତ୍ତ ଜଣେ ସନ୍ଥର ପବିତ୍ରତା ଯେତିକି ଆବଶ୍ୟକ – ଜଣେ ଯୋଦ୍ଧାର ଖଣ୍ଡା ମଧ୍ୟ ସେତିକି ଆବଶ୍ୟକ। ଶିବାଜୀଙ୍କ ବ୍ୟତୀତ ତାଙ୍କର ସନ୍ଥଗୁରୁ ରାମଦାସ ପୂର୍ଣ୍ଣ ହୋଇପାରନ୍ତି ନାହିଁ। ନ୍ୟାୟକୁ ରକ୍ଷା କରିବା ପାଇଁ ଓ ଦୁର୍ବଳକୁ ବଳବାନର ଅତ୍ୟାଚାରରୁ ରକ୍ଷାକରିବା ପାଇଁ କ୍ଷତ୍ରିୟ ବୃତ୍ତିର ସୃଷ୍ଟି ହୋଇଛି। **–ଶ୍ରୀଅରବିନ୍ଦ**



# ପ୍ରଗତିର ପଥ ଗଣତନ୍ତ୍ର



କୌଶିକ ବସୁ

ଭାରତ ଏବଂ ବିଶ୍ୱବ୍ୟାଙ୍କରେ ଜଣେ ନୀତି ନିର୍ଦ୍ଧାରକ ଭାବେ କାର୍ଯ୍ୟ କରୁଥିବା ସମୟରେ ମୁଁ କିଛି ନେତାଙ୍କ ସଂସ୍ପର୍ଶରେ ଆସିଛି। ସେମାନଙ୍କ ମଧ୍ୟରେ ଆମେରିକାର ପରରାଷ୍ଟ୍ର ସଚିବ ମ୍ୟାଡେଲିନ ଅଲ୍‌ବ୍ରାଇଟଙ୍କୁ ସମ୍ମାନ କରୁଥିଲି। ସେ ଥିଲେ ଜଣେ ମାଷ୍ଟର ଷ୍ଟ୍ରାଟେଜିଷ୍ଟ ବା ରଣନୀତିକ ଗୁରୁ। ସେ ଭୁଲ୍ ଠିକ୍ ବିଚାର କରି ଏବଂ ଅନ୍ୟମାନଙ୍କ ମାନସିକତାକୁ ଭଲ ଭାବେ ବୁଝି ରଣନୀତି ପ୍ରସ୍ତୁତ କରୁଥିଲେ। ସେଥିପାଇଁ ଏକଛତ୍ରବାଦ ବିରୋଧରେ ଲଢ଼େଇ କରିବା ପାଇଁ ଆବଶ୍ୟକ ଜରୁରୀ ବୈଶ୍ୱିକ ପଦକ୍ଷେପ ସମ୍ବନ୍ଧରେ ନିକଟରେ ତାଙ୍କ ଦ୍ୱାରା ପ୍ରକାଶିତ ଲେଖାକୁ ଗମ୍ଭୀରତାର ସହ ବିଚାର କରିବା ଉଚିତ। ରୁଷିଆର ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ବିଶ୍ୱରେ ତାଙ୍କ ଏକଛତ୍ରବାଦୀ ପ୍ରଭାବ ଦର୍ଶାଇବା ଲାଗି ଗଣତାନ୍ତ୍ରିକ ରାଷ୍ଟ୍ର ୟୁକ୍ରେନ୍ ଉପରେ ଭୀଷଣ ଆକ୍ରମଣ ଜାରି ରଖିଥିବା ପରିପ୍ରେକ୍ଷୀରେ ତାଙ୍କ ଲେଖାର ଗୁରୁତ୍ୱ ରହିଛି। ଦେଖିବାକୁ ଗଲେ ଇତିହାସ ମାନବୀୟ ଦମନର ବିକୃତ ରୀତିରେ ପରିପୂର୍ଣ୍ଣ। ଦାସତ୍ୱ, ବର୍ଣ୍ଣବାଦ ଏବଂ ସୀମିତ ବ୍ୟକ୍ତିଙ୍କ ଆଧିପତ୍ୟ ଲୋକମାନଙ୍କ ସ୍ୱପ୍ନକୁ ଧୂଳିସାତ କରି ଦେଇଛି। ଏବେ ବ୍ରାଜିଲ, ତୁର୍କୀ ଏବଂ ରୁଷିଆ ଭଳି ଦେଶଗୁଡ଼ିକରେ ଲଗାତର ଏକଛତ୍ରବାଦ ବଢ଼ିଚାଲିଥିବାରୁ ତାହା ବିରୋଧରେ ସ୍ୱର ଉଠାଇବା ସହ ଦୃଢ଼ ଗଣତନ୍ତ୍ରକୁ ବିଶ୍ୱସ୍ତରରେ ସମର୍ଥନ କରିବା ଆବଶ୍ୟକ। ଏକଛତ୍ରବାଦୀ କୁଶାସନ ବ୍ୟାପୁଥିବାରୁ ସାଧାରଣ ଲୋକେ ଅଧିକ ସ୍ୱାଧୀନତା ଏବଂ ପ୍ରତିଷ୍ଠା ଚାହୁଁଛନ୍ତି। ଏଥିପାଇଁ ସେମାନେ ଗଣତନ୍ତ୍ର ଲାଗି ଅଧିକ ଆଶାବାଦୀ। ଆମେରିକାର ପିଉ ରିସର୍ଚ୍ଚ ସେଣ୍ଟର ଦ୍ୱାରା ୨୦୨୧ରେ ୧୭ଟି ବିକଶିତ ଅର୍ଥବ୍ୟବସ୍ଥା ଉପରେ କରାଯାଇଥିବା ସର୍ଭେରୁ ଜଣାପଡ଼ିଛି ଯେ, ଏକଛତ୍ରବାଦୀ ଦେଶଗୁଡ଼ିକରେ ବ୍ୟକ୍ତି ସ୍ୱାଧୀନତା ଅଭାବ ରହିଛି ଓ ଏହି କାରଣରୁ ସେମାନଙ୍କ ମଧ୍ୟରେ ସବୁବେଳେ ଅସନ୍ତୋଷ ଲାଗିରହୁଛି। ଉକ୍ତ ସର୍ଭେ ଅନୁଯାୟୀ ଏହିସବୁ ଦେଶରେ ୭୪ ପ୍ରତିଶତ ଲୋକ ପୁଟିନ ବୈଶ୍ୱିକ ସ୍ତରରେ ଠିକ୍ କାମ କରୁଛନ୍ତି ବୋଲି ବିଶ୍ୱାସ କରୁନାହାନ୍ତି।

ବିରୋଧୀଙ୍କୁ ଦମନ କରି ଏକଦଳୀୟ ଶାସନ କରିବା ପ୍ରବୃତ୍ତିର ନେତାମାନଙ୍କ ଉତ୍ଥାନ ହେଲେ ବି ପତନ ସମ୍ଭବ ବୋଲି ଅଲବ୍ରାଇଟ୍‌ଙ୍କ ସର୍ବେକ୍ଷଣରୁ ଆଶା କରାଯାଇପାରେ। ଜଣକୁ ବଳପୂର୍ବକ ତଡ଼ିଦେଲେ ଅନ୍ୟମାନଙ୍କର ପତନ ମଧ୍ୟ ସମ୍ଭବ ହୋଇପାରେ। ଏଭଳି ସ୍ଥିତି ଦେଖିବାକୁ ମିଳିଥିଲା ଫିଲିପାଇନ୍ସ ଏବଂ ଚିଲିରେ। ୧୯୮୬ରେ ଫିଲିପାଇନ୍ସର ଏକଛତ୍ରବାଦୀ ଶାସନର ଅନ୍ତ ଘଟିବା ପରେ ସମାନ ସ୍ଥିତି ସୃଷ୍ଟି ହୋଇଥିଲା ଚିଲି, ଦକ୍ଷିଣଆଫ୍ରିକା ଏବଂ ଜାଇରେ ଭଳି ଦେଶରେ। ତା' ପର ଦଶନ୍ଧିରେ ଇଣ୍ଡୋନେସିଆ ଓ ଆଉ କିଛି ଦେଶରେ ଏକଛତ୍ରବାଦର ବିଲୋପ ଘଟିଥିଲା। ସାମ୍ପ୍ରତିକ ସମୟରେ ଏହା ଉତ୍ତରଦାୟୀ ସରକାରଗୁଡ଼ିକୁ ବୈଶ୍ୱିକ ଗଣତନ୍ତ୍ର ପୁନର୍ଗଠନର ପ୍ରକ୍ରିୟା ଆରମ୍ଭ କରିବା ଲାଗି ନିଶ୍ଚିତ ଉତ୍ସାହିତ କରିବ। କିନ୍ତୁ ଦୁଃଖର କଥା, ଏହି ପରିପ୍ରେକ୍ଷୀରେ ଆମେରିକାର ଏହାଠାରୁ ଦୂରେଇ ରହିବା ସ୍ପଷ୍ଟ ରେକର୍ଡ ରହିଛି। ନିକଟରେ ରୁଜ୍‌ଭେଲ୍ଟ ଇନ୍‌ଷ୍ଟିଚ୍ୟୁଟ୍‌ର କେଲି ଷ୍ଟ୍ରିକ୍‌ଲ୍ୟାଣ୍ଡ୍ ଏବଂ ଫେଲିସିଆ ୱୋଙ୍ଗଙ୍କ ଦ୍ୱାରା କରାଯାଇଥିବା ଅନୁଧ୍ୟାନ ଆମେରିକାର ନବ ଉଦାରବାଦ ଅର୍ଥନୈତିକ ନୀତିଗୁଡ଼ିକ କିପରି ଅନେକ ଦେଶରେ ଭେଦଭାବ ଏବଂ ଅସମାନତା ବୃଦ୍ଧି କରିଛି ସେ ସମ୍ପର୍କରେ ସୂଚିତ କରିଛନ୍ତି। ତେବେ ଚିଲି, କ୍ୟୁବା, କେନ୍ଦ୍ରୀୟ ଆମେରିକା ଏବଂ ଅନ୍ୟଠାରେ ଆମେରିକା ହସ୍ତକ୍ଷେପ କରିଛି। ଆମେରିକା ତା'କର୍ପୋରେଟ ସ୍ୱାର୍ଥକୁ ରକ୍ଷା କରିବା ଲାଗି ଗଣତନ୍ତ୍ରକୁ ସମର୍ଥନ ନ କରି ଅନେକ ସମୟରେ କ୍ରୂରତା ପ୍ରକାଶ କରିଛି। ତେବେ ସାମ୍ପ୍ରତିକ ସ୍ଥିତିରେ ଏକଛତ୍ରବାଦୀ ଶାସନଗୁଡ଼ିକୁ ହଟାଇବା ପାଇଁ ନେତୃତ୍ୱ ଯୋଗାଇବା ଏବଂ ଗଣତନ୍ତ୍ରକୁ ପ୍ରୋତ୍ସାହିତ କରିବା ପାଇଁ ଆମେରିକା ତାହାର ପୂର୍ବ ମନୋଭାବ ଛାଡିବାକୁ ହେବ। ଏବେ ବିଶ୍ୱ ପାଇଁ ଏକ ନୂଆ ଅଧ୍ୟାୟ ସୃଷ୍ଟି କରିବା ତାହାର ନୈତିକ ଦାୟିତ୍ୱ। ଏଭଳି ଉତ୍ତରଦାୟିତ୍ୱ ତାକୁ ଗ୍ରହଣ କରିବାକୁ ପଡ଼ିବ। ହେଲେ ଆମେରିକା ଉପରେ ଆଂଶିକ କିମ୍ବା ପୂର୍ଣ୍ଣ ଭରସା କରିବା ମୂର୍ଖତା ହେବ। ଉଲ୍ଲେଖଯୋଗ୍ୟ, ଫ୍ରାଙ୍କଲିନ ରୁଜଭେଲ୍ଟ, ହ୍ୟାରୀ ଟ୍ରୁମ୍ୟାନ୍, ଜିମି କାର୍ଟର ଏବଂ ବାରାକ ଓବାମାଙ୍କ ଭଳି ଆମେରିକାର ରାଷ୍ଟ୍ରପତିମାନେ ବୈଶ୍ୱିକ ଦାୟିତ୍ୱବୋଧର ଦୃଢ଼ ଭାବନା ପ୍ରଦର୍ଶନ କରିଯାଇଛନ୍ତି । ସୌଭାଗ୍ୟର କଥା, ଏବକାର ରାଜନେତାଙ୍କ ସମେତ ଅନେକ ପ୍ରତିଷ୍ଠିତ ଆମେରିକୀୟ ଏଭଳି ଚିନ୍ତାଧାରାକୁ ଗ୍ରହଣ କରୁଛନ୍ତି।

ଅନ୍ୟ ଆକାଂକ୍ଷିତ ଲକ୍ଷ୍ୟ ହାସଲ କରିବା ଲାଗି ଗଣତନ୍ତ୍ରର ଆବଶ୍ୟକତା ରହିଛି ବୋଲି ଅନେକେ ଯୁକ୍ତି ଦର୍ଶାନ୍ତି। କିନ୍ତୁ ମୋ ମତରେ, ଗଣତନ୍ତ୍ର ତା'ନିଜ ଲାଗି କିଛି ଆବଶ୍ୟକ କରେ। ଗଣତନ୍ତ୍ରରେ ଯଦି ଆର୍ଥିକ ଅଭିବୃଦ୍ଧି ମାନ୍ଦା ହୋଇଥାଏ, ତେବେ ଆମେ ସମାନତା ଓ ସ୍ୱାଧୀନତା ବଳରେ ଅଳ୍ପ କିଛି ଅଭିବୃଦ୍ଧି କରିବାକୁ ପ୍ରସ୍ତୁତ ହେବା ଉଚିତ। ଗଣତନ୍ତ୍ରରେ ସବୁ ଲୋକଙ୍କୁ ସମାନ ଭାବେ ଦେଖିବା ଦରକାର। ଏହି କାରଣରୁ ଲୋକଙ୍କୁ ସମାନ ଭାବେ ଦେଖିବା ଏକ ନୈତିକ ସିଦ୍ଧାନ୍ତ। ୧୯୫୮ରେ ଆବ୍ରାହମ ଲିଙ୍କନ ଲେଖିଥିଲେ ଯେ, ନା ମୁଁ କୌଣସି ଦାସ ହୋଇପାରେ, ନା କୌଣସି ମାଲିକ ହୋଇପାରେ। ଏହା ମୋ ଗଣତନ୍ତ୍ର ବିଚାରର ଅଭିବ୍ୟକ୍ତି। ଏହି ଉକ୍ତି ପ୍ରମାଣ କରେ ଯେ, ଗଣତନ୍ତ୍ରର ସମାନ ବିଚାରଧାରା ହିଁ ଆର୍ଥିକ ବିକାଶ ବା ପ୍ରଗତିର ଏକ ପ୍ରମୁଖ ଅଙ୍ଗ। ଗଣତନ୍ତ୍ର ବିରୋଧ, ସମାଲୋଚନା ଏବଂ ପରିବର୍ତ୍ତନ ପାଇଁ ଏକ କ୍ଷେତ୍ର ପ୍ରସ୍ତୁତ କରି ସୃଜନଶୀଳତା ଏବଂ ନୂତନତ୍ୱର ବିକାଶ କରିଥାଏ ଏବଂ ତା'ମାଧ୍ୟମରେ ଆର୍ଥିକ ବିକାଶ କରିଥାଏ। କିନ୍ତୁ ସାମ୍ପ୍ରଦାୟିକ ରୂଢ଼ିବାଦ କିମ୍ବା ଏକଛତ୍ରବାଦକୁ ଧରି ରଖିଥିବା ଦେଶଗୁଡ଼ିକରେ ଆର୍ଥିକ ପ୍ରଗତି ପ୍ରାୟତଃ ବନ୍ଦ ହୋଇଥାଏ। କିନ୍ତୁ ଚାଇନା ଏହାର ଏକ ବ୍ୟତିକ୍ରମ। ସେଠାରେ ଏକଛତ୍ରବାଦ ସତ୍ତ୍ୱେ ଆର୍ଥିକ ବିକାଶ ସମ୍ଭବ ହୋଇଛି। କିନ୍ତୁ ଉଲ୍ଲେଖନୀୟ ଯେ,ତାଇୱାନର ମୁଣ୍ଡପିଛା ମୋଟ ଘରୋଇ ଉତ୍ପାଦ (ଜିଡିପି) ଚାଇନାଠାରୁ ପାଖାପାଖି ୩ଗୁଣ ବେଶି।

ସ୍ୱାଧୀନତା ପରେ ଗଣତନ୍ତ୍ର ଭାରତରେ ଏକ ମୁକ୍ତ ସମାଜ ସୃଷ୍ଟି କରିବା ଓ ତାହାକୁ ଆଗେଇନେବାରେ ବିଶ୍ୱରେ ଭାରତ ଯେଉଁ ସାହସୀ ପଦକ୍ଷେପ ନେଇଛି ତାହା ବି ଏକ ପ୍ରକୃଷ୍ଟ ଦୃଷ୍ଟାନ୍ତ। ଏହା ନିଃସନ୍ଦେହ ଯେ, ଗତ ୭୫ ବର୍ଷ ମଧ୍ୟରେ ଦେଶ ଆର୍ଥିକ ନୀତିରେ କିଛି ତ୍ରୁଟି ଯୋଗୁ ସ୍ୱାଧୀନତା ପରେ ପ୍ରାରମ୍ଭିକ ଦଶନ୍ଧିରେ ବାର୍ଷିକ ଅଭିବୃଦ୍ଧି ପାଖାପାଖି ୩ ପ୍ରତିଶତ ରହିଥିଲା। କିନ୍ତୁ ଭାରତ ଏକ ଗରିବ ଦେଶ ହୋଇ ମଧ୍ୟ ଗଣତନ୍ତ୍ରକୁ ଆଧାର କରି ଉଚ୍ଚଶିକ୍ଷା, ଗବେଷଣା, କଳା ଏବଂ ଅନ୍ୟ ସୃଜନାତ୍ମକ କ୍ଷେତ୍ରରେ ଖୁବ୍ ଭଲ କରିଥିଲା। ବହୁ କାରଣରୁ ୧୯୯୦ ଦଶକ ପ୍ରାରମ୍ଭରୁ ଭାରତର ଆର୍ଥିକ ଅଭିବୃଦ୍ଧିରେ ଦ୍ରୁତ ପ୍ରଗତି ହୋଇଥିଲା ଓ ଗଣତନ୍ତ୍ର ଦେଶ ଲାଗି ଲାଭଦାୟକ ବୋଲି ସାବ୍ୟସ୍ତ କରିଥିଲା। ଦେଶରେ ମୁକ୍ତ ରାଜନୈତିକ ବାତାବରଣ ଏବଂ ବାକ୍ ସ୍ୱାଧୀନତା ଓ ସମାଲୋଚନା, ସେବା କ୍ଷେତ୍ର, ଯାହା ମାନବୀୟ ପୁଞ୍ଜି ଉପରେ ନିର୍ଭରଶୀଳ ; ସେଥିରେ ବିକାଶ ଆରମ୍ଭ ହୋଇଥିଲା। ଏହା ସହ ଇନ୍‌ଫୋସିସ୍, ୱିପ୍ରୋ ଏବଂ ଟାଟା କନ୍‌ସଲଟାନ୍ସି ଭଳି କମ୍ପାନୀଗୁଡ଼ିକର ଅଭିବୃଦ୍ଧି ଆଗକୁ ବଢିଥିଲା। ୨୦୦୫ ସୁଦ୍ଧା ବିଶ୍ୱର ୪ କିମ୍ବା ୫ଟି ଦ୍ରୁତ ଅଭିବୃଦ୍ଧି ସମ୍ପନ୍ନ ଅର୍ଥ ବ୍ୟବସ୍ଥା ମଧ୍ୟରେ ଭାରତ ରହିଥିଲା। ଏହାର ପ୍ରଭାବଶାଳୀ ରାଜନୀତି ବିଶ୍ୱରେ ଏକ ସଫଳ କାହାଣୀ ରଚିବାକୁ ସକ୍ଷମ କରିପାରିଥିଲା। କେବଳ ଏତିକି ନୁହେଁ ଦେଶ ଆଖିଦୃଶିଆ ପ୍ରଗତି ପଥରେ ଅଗ୍ରସର ହୋଇଥିଲା।

ଏକ ଗଣତାନ୍ତ୍ରିକ ରାଷ୍ଟ୍ର ଭାବେ ଭାରତର ଏହି ସବୁ ସଫଳତା ଉପରେ ବିଗତ କିଛି ବର୍ଷରେ ବାଦଲ ଡାଙ୍କି ହୋଇଯାଇଛି। ବାକ୍ ସ୍ୱାଧୀନତା ଏବଂ ମିଡିଆର କଣ୍ଠରୋଧ ଯୋଗୁ ଏହା ହୋଇଛି। ୨୦୧୭ରୁ ୨୦୨୦ ପର୍ଯ୍ୟନ୍ତ ପ୍ରତ୍ୟେକ ବର୍ଷ ଭାରତର ଅଭିବୃଦ୍ଧି ନିମ୍ନଗାମୀ ହେଲା। ଗଣତନ୍ତ୍ର, ସୃଜନଶୀଳତା ବା ନୂତନତ୍ୱ ଏବଂ ଆର୍ଥିକ ପ୍ରଗତି ମଧ୍ୟରେ ଗଭୀର ସମ୍ପର୍କ ରହିଛି ଏବଂ ଏହା ଦୀର୍ଘମିଆଦୀ। କିନ୍ତୁ ଏହି ସମ୍ପର୍କର ବାସ୍ତବତା ରହିଛି। ଏହା ସ୍ପଷ୍ଟ ଯେ, ବିଶ୍ୱବ୍ୟାପୀ ଗଣତନ୍ତ୍ରୀକରଣକୁ ପ୍ରୋତ୍ସାହିତ କରିବାରେ ସେସବୁର ଯଥେଷ୍ଟ ଆବଶ୍ୟକତା ରହିଛି।

**ପୂର୍ବତନ ମୁଖ୍ୟ ଅର୍ଥନୀତିଜ୍ଞ, ବିଶ୍ୱବ୍ୟାଙ୍କ ତଥା ମୁଖ୍ୟ ଆର୍ଥିକ ପରାମର୍ଶଦାତା, ଭାରତ ସରକାର**

## ଏଇ ଭାରତରେ

କୃଷି କ୍ଷେତ୍ରରେ ଡ୍ରୋନ୍ ବ୍ୟବହାରକୁ ବ୍ୟାପକ କରିବା ଲାଗି ସରକାର ଘୋଷଣା କରିଛନ୍ତି ସତ, ହେଲେ କେରଳର ଆଲପ୍ପୁଜାରେ ଜନ୍ମିତ ଭାଇ–ଭଉଣୀ ଏ କ୍ଷେତ୍ରରେ କିଛି ପାଦ ଆଗକୁ ବଢ଼ିଛନ୍ତି । ନିଜସ୍ୱ ପ୍ରୟାସରେ ଦେବିକା ଏବଂ ଦେବନ ଚନ୍ଦ୍ରଶେଖରନ ୨୦୨୦ରେ 'ଫ୍ୟୁଜେଲାଜ୍ ଇନୋଭେଶନ' ଷ୍ଟାର୍ଟଅପ୍ ଗଠନ କରି ତା'ମାଧ୍ୟମରେ ଏଗ୍ରି ଡ୍ରୋନ୍ ନିର୍ମାଣ କରୁଛନ୍ତି। ଏହା ସାହାଯ୍ୟରେ ସାର ସ୍ପ୍ରେ କରାଯାଉଛି। ଏହାଦ୍ୱାରା ହଜାର ହଜାର ଚାଷୀ ଉପକୃତ ହେଉଛନ୍ତି। ଦେବିକା ଇଲେକ୍ଟ୍ରିକାଲ ଓ ଇଲେକ୍ଟ୍ରୋନିକ୍ସ ଇଞ୍ଜିନିୟରିଂରେ ଏବଂ ଦେବନ ଏରୋନଟିକାଲ ଇଞ୍ଜିନିୟରିଂରେ ଡିଗ୍ରୀ ହାସଲ କରିଛନ୍ତି। ଏହା ସାହାଯ୍ୟ ଫସଲର ସର୍ଭେ କରାଯିବା ସହ ସାର ସ୍ପ୍ରେ କରାଯାଇ କୃଷି ଉତ୍ପାଦନ ୪୦% ବୃଦ୍ଧି କରାଯାଇପାରିଛି। ଏହି ଡ୍ରୋନ କମ୍ ସମୟ ମଧ୍ୟରେ ଫସଲ ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମଧ୍ୟ ଦେଇପାରୁଛି। ଗୋଟିଏ ଦିନରେ ଏହା ୫୦ ଏକରରେ ସାର ସ୍ପ୍ରେ କରିପାରୁଛି ; ଫଳରେ ଶ୍ରମିକ ଖର୍ଚ୍ଚ କମୁଛି ଓ ଚାଷୀମାନେ ଲାଭ ପାଉଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୩ ମାର୍ଚ୍ଚ ୧୯୯୭

- ଇରାନର ଉତ୍ତର–ପଶ୍ଚିମ ଆର୍ଡ଼ାବିଲ ଅଞ୍ଚଳରେ ବଡ଼ ଧରଣର ଭୂମିକମ୍ପ ଘଟି ଅନ୍ୟୂନ ୩,୦୦୦ ବ୍ୟକ୍ତିଙ୍କ ମୃତ୍ୟୁ।
- ଦଳ ବିରୋଧୀ କାର୍ଯ୍ୟକଳାପ ପାଇଁ ହିମାଚଳ ପ୍ରଦେଶର ପୂର୍ବତନ ମନ୍ତ୍ରୀ ତଥା ଟେଲିକମ୍ ଦୁର୍ନୀତିରେ ଜଡ଼ିତ ପୂର୍ବତନ କେନ୍ଦ୍ରମନ୍ତ୍ରୀ ସୁଖରାମଙ୍କ ପୁତ୍ର ଅନିଲ ଶର୍ମା ଓ ବିଧାୟକ ମହିନ୍ଦ୍ର ସିଂ କଂଗ୍ରେସ ଦଳରୁ ସସ୍‌ପେଣ୍ଡ।
- ବିଶିଷ୍ଟ ସାହିତ୍ୟିକ ତଥା ଔପନ୍ୟାସିକ ରାଜକିଶୋର ପଟ୍ଟନାୟକଙ୍କ ୮୧ ବର୍ଷ ବୟସରେ ପରଲୋକ।

## su | do | ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 9 | | | 1 | | | | 6 |
| | | 3 | | | | | 9 | |
| 8 | | 2 | | 9 | | 7 | | |
| 1 | | | | | 5 | 3 | 6 | 7 |
| | | 9 | | | | | | 2 |
| | | | | | | | | |
| | | 8 | 5 | 4 | | | | |
| 7 | | 6 | | | | 5 | | |
| | 4 | | | | 6 | | 3 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 4 | 2 | 8 | 3 | 5 | 9 | 7 | 6 |
| 7 | 8 | 9 | 6 | 4 | 2 | 3 | 5 | 1 |
| 5 | 6 | 3 | 1 | 9 | 7 | 4 | 8 | 2 |
| 3 | 1 | 4 | 2 | 8 | 9 | 7 | 6 | 5 |
| 9 | 2 | 6 | 7 | 5 | 1 | 8 | 4 | 3 |
| 8 | 5 | 7 | 4 | 6 | 3 | 2 | 1 | 9 |
| 2 | 7 | 5 | 9 | 1 | 4 | 6 | 3 | 8 |
| 6 | 9 | 1 | 3 | 7 | 8 | 5 | 2 | 4 |
| 4 | 3 | 8 | 5 | 2 | 6 | 1 | 9 | 7 |

ଗତକାଲିର ଉତ୍ତର

# ଜଙ୍ଗଲ ନିଆଁ ଓ ବନ୍ୟପ୍ରାଣୀ



ଅଲେଖ ଚନ୍ଦ୍ର ସାମଲ

ଆଜି ବିଶ୍ୱ ବନ୍ୟପ୍ରାଣୀ ଦିବସ। ବନ୍ୟ ଜୀବମାନଙ୍କର ଶରୀରର ବିଭିନ୍ନ ଅଂଶକୁ ବେଆଇନ ଭାବେ ଚାଲାଣ କରିବା ଏବେ ବିଶ୍ୱର ଅନ୍ୟତମ ଲାଭଦାୟକ ବ୍ୟାପାର ପାଲଟିଛି। ସେ ହାତୀଦାନ୍ତ ହେଉ ବା ଗଣ୍ଡା ଶିଙ୍ଗ କିମ୍ବା ବାଘ ଶରୀରର ବିଭିନ୍ନ ଅଂଶ। ଚୋରା ଚାଲାଣକାରୀମାନେ ଏହାକୁ ବିକ୍ରି କରି ପ୍ରଚୁର ଅର୍ଥ ରୋଜଗାର କରୁଛନ୍ତି। ବିଶେଷ କରି ଏସିଆ ଏବଂ ଆଫ୍ରିକାରେ ଏହି ବ୍ୟବସାୟର ବଜାର ଖୁବ୍ ବ୍ୟାପକ। ଏପରିସ୍ଥଳେ ବିପଦରେ ଥିବା ବନ୍ୟପ୍ରାଣୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ୨୦୧୩ ଡିସେମ୍ବର ୨୦ରେ ଜାତିସଂଘର ସାଧାରଣ ସଭାରେ ମାର୍ଚ୍ଚ ୩ ତାରିଖକୁ ବିଶ୍ୱ ବନ୍ୟପ୍ରାଣୀ ଦିବସ ଭାବେ ପାଳନ କରିବା ଲାଗି ଘୋଷଣା କରାଯାଇଥିଲା। ସେବେଠାରୁ ମାର୍ଚ୍ଚ ୩କୁ ବିଶ୍ୱ ବନ୍ୟପ୍ରାଣୀ ଦିବସ ଭାବେ ପାଳନ କରାଯାଉଛି। ଏହି ଦିନ ବିଲୁପ୍ତ ହୋଇଆସୁଥିବା ବନ୍ୟପ୍ରାଣୀଙ୍କ ସମ୍ପର୍କରେ ସଚେତନତା ସୃଷ୍ଟି କରାଯିବା ସହିତ ବନ୍ୟପ୍ରାଣୀ ଅପରାଧ ବିରୋଧରେ ଲଢ଼ିବାକୁ ଲୋକମାନଙ୍କୁ ପ୍ରେରିତ କରାଯାଏ। ଏହି ଅବସରରେ ଜାତିସଂଘ, ବିଭିନ୍ନ ସଂଗଠନ ପକ୍ଷରୁ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଥାଏ। ତେବେ ବନାଗ୍ନି ଫଳରେ ଯେଉଁ ଜୈବ ବିବିଧତା ନଷ୍ଟ ହେଉଛି ପରିଶେଷରେ ଅଙ୍ଗାରକାମ୍ଳ ଶୋଷଣର କ୍ଷମତା କମୁଛି, ମୃତ୍ତିକା କ୍ଷୟ ସାଙ୍ଗକୁ ମୃତ୍ତିକାର ଉର୍ବରତା ହ୍ରାସ ପାଉଛି, ତାହା ସବୁ ହିସାବକୁ ନେଲେ କ୍ଷତିର ପରିମାଣ ଯାହା ହେବ ତାହା ଅକଳ୍ପନୀୟ। କାରଣ ଏହାଦ୍ୱାରା ଜଳବାୟୁରେ ବିଭ୍ରାଟ ଦେଖାଦେବା ସାଙ୍ଗକୁ ପରିବେଶ ଅସୁରକ୍ଷିତ ହୋଇପଡୁଛି ; ଯାହାକୁ କୌଣସି ମୂଲ୍ୟରେ ତଉଲିବା ଅସମ୍ଭବ। ଫରେଷ୍ଟ ସର୍ଭେ ଇଣ୍ଡିଆର ରାଜ୍ୟୱାରି ଜଙ୍ଗଲ ନିଆଁ ସମ୍ବନ୍ଧରେ ପ୍ରଦ ତଥ୍ୟ ଏଠାରେ ଉଲ୍ଲେଖଯୋଗ୍ୟ କରାଯିବା ପ୍ରାସଙ୍ଗିକ ମନେହୁଏ। ୨୦୨୦ର ତଥ୍ୟ ଅନୁଯାୟୀ ଆମ ରାଜ୍ୟ ଓଡ଼ିଶାରେ ୪୭,୧୪୫ ବର୍ଗ କିଲୋମିଟର ଜଙ୍ଗଲ ରହିଛି ; ଯାହା କି ସମଗ୍ର ଦେଶର ଜଙ୍ଗଲ ଅଞ୍ଚଳର ୭.୩୪ ପ୍ରତିଶତ। ତନ୍ମଧ୍ୟରୁ ୨୫୯୦ ବର୍ଗ କିଲୋମିଟର ଜଙ୍ଗଲ ବନାଗ୍ନିପ୍ରବଣ। ସେହିପରି ଆନ୍ଧ୍ରପ୍ରଦେଶରେ ୪୭,୨୫୬ ବର୍ଗକିଲୋମିଟର ଜଙ୍ଗଲ ମଧ୍ୟରୁ ୧୨୯ ବର୍ଗକିଲୋମିଟର, ଅରୁଣାଚଳ ପ୍ରଦେଶରେ ୬୮,୬୬୧ ବର୍ଗକିଲୋମିଟରରୁ ୧୦୧ ବର୍ଗକିଲୋମିଟର, ଛତିଶଗଡ଼ରେ ୫୭,୪୮୪ ବର୍ଗକିଲୋମିଟର ମଧ୍ୟରୁ ୧୨୧ ବର୍ଗକିଲୋମିଟର, ଝାଡ଼ଖଣ୍ଡରେ ୨୧,୭୪୩ ବର୍ଗକିଲୋମିଟରରୁ ୪୭୨ ବର୍ଗକିଲୋମିଟର, କର୍ନାଟକରେ ୩୨,୩୪୩ ବର୍ଗକିଲୋମିଟରରୁ ୧୦୭ ବର୍ଗକିଲୋମିଟର, ମଧ୍ୟପ୍ରଦେଶରେ ୭୭,୪୯୨ ବର୍ଗକିଲୋମିଟରରୁ ୩୦୯୬ ବର୍ଗକିଲୋମିଟର, ମହାରାଷ୍ଟ୍ରରେ ୪୩,୮୫୯ବର୍ଗକିଲୋମିଟରରୁ ୫୮୪ ବର୍ଗକିଲୋମିଟର ଓ ଉତ୍ତରାଞ୍ଚଳରେ ୨୩,୨୫୪ ବର୍ଗକିଲୋମିଟରରୁ ୪୪୯୨ ବର୍ଗକିଲୋମିଟର ଜଙ୍ଗଲ ନିଆଁ ଲାଗି କ୍ଷତିଗ୍ରସ୍ତ ହୋଇଥାଏ। ଜଳବାୟୁର ଆର୍ଦ୍ରତା ଓ ପବନର ବେଗ ଉପରେ ପ୍ରାକୃତିକ ବନାଗ୍ନି ନିର୍ଭର କରିଥାଏ। ଏହା ସତ୍ୟ ଯେ, ଜଙ୍ଗଲ ମୂଳକରେ ସାଧାରଣତଃ ବସବାସ କରନ୍ତି ଆଦିବାସୀ। ସେମାନେ ନିଜର ଜୀବନଜୀବିକା ପାଇଁ ପୋଡୁଚାଷ ଉପରେ ନିର୍ଭର କରନ୍ତି। ଖରାଦିନ ଓ ଶୀତଦିନ ଆସିଲେ ସେମାନେ ଏଥିରେ ନିଆଁ ଲଗାଇ ଦେଇଥାଆନ୍ତି। ଏହାଦ୍ୱାରା ଜୈବ ବିବିଧତା ନଷ୍ଟ ହେବା ସହ ବନ୍ୟଜନ୍ତୁ ଓ ବୃକ୍ଷଲତାଗୁଡ଼ିକର ବିଲୋପ ଘଟେ, ବନ୍ୟଜନ୍ତୁଙ୍କ ଆବାସସ୍ଥଳୀ ଉଜୁଡ଼ିଯାଏ। ସେମାନଙ୍କ ବଂଶ ବୃଦ୍ଧି ସୀମିତ ହୋଇଯାଏ। ଅନେକ ଜୀବଜନ୍ତୁଙ୍କର ପ୍ରାଣହାନି କାରଣରୁ ସେମାନଙ୍କ ସଂଖ୍ୟା ହ୍ରାସ ପାଏ। ଗଛ ଧ୍ୱଂସ ପାଉଥିବା ଯୋଗୁ ବାୟୁମଣ୍ଡଳରୁ ଅଙ୍ଗାରକାମ୍ଳ ଶ୍ଳେଷଣରେ ବ୍ୟାଘାତ ଘଟେ। ଫଳରେ ପରିବେଶରେ ଅଙ୍ଗାରକାମ୍ଳର ମାତ୍ରା ବୃଦ୍ଧି ଘଟେ। ଜଙ୍ଗଲ ସମ୍ପଦ ହ୍ରାସ ଯୋଗୁ ବର୍ଷାର ପରିମାଣ ହ୍ରାସ ପାଏ। ଜଙ୍ଗଲ ଉପରେ ନିର୍ଭରଶୀଳ ବନବାସୀମାନଙ୍କର ଜୀବନଜୀବିକା ବିପନ୍ନ ହୁଏ। ଆବାସସ୍ଥଳୀ ଉଜୁଡ଼ିଯିବା କାରଣରୁ ଓ ଜଙ୍ଗଲରେ ମିଳୁଥିବା ଖାଦ୍ୟ ଦୁଷ୍ପ୍ରାପ୍ୟ ହେବାରୁ ବନ୍ୟଜନ୍ତୁମାନେ ଜନପଥକୁ ମାଡ଼ିଆସିବା ଫଳରେ ପଶୁ ମଣିଷ ବିବାଦ ବୃଦ୍ଧି ପାଏ।

### ବିଶ୍ୱ ବନ୍ୟପ୍ରାଣୀ ଦିବସ ଉପଲକ୍ଷେ

ଓଡ଼ିଶାରେ ୧୯୮୮ ପ୍ରଣୀତ ଜାତୀୟ ଜଙ୍ଗଲ ନୀତିରେ ଜଙ୍ଗଲ ନିଆଁକୁ ରୋକିବା ସହ ଏହାକୁ ପରିଚାଳନା ଓ ବନ୍ୟଜନ୍ତୁଙ୍କ ସୁରକ୍ଷା ପାଇଁ ସବିଶେଷ ମାର୍ଗଦର୍ଶିକା ରହିଛି। ସାମ୍ପ୍ରତିକ ସୂଚନା ପ୍ରଯୁକ୍ତିର ଜ୍ଞାନକୌଶଳ ଦ୍ୱାରା ଜଙ୍ଗଲ ନିଆଁ ଉପରେ ରୋକ୍ ଲଗାଇବା ସହ କେନ୍ଦ୍ର ସରକାର ୨୦୦୦ ମସିହାରେ ଏ ନେଇ କିଛି ନିୟମ ଜାରି କରିଛନ୍ତି। ସେହିପରି ଭାରତୀୟ ଜଙ୍ଗଲ ଆଇନରେ ଜଙ୍ଗଲରେ ନିଆଁ ଲଗାଇବା ଏକ ଦଣ୍ଡନୀୟ ଅପରାଧ ଭାବେ କଡ଼ାକଡ଼ି ଉଲ୍ଲେଖ ରହିଛି। ଏଥିରେ ଜଙ୍ଗଲ ଉପରେ ନିର୍ଭରଶୀଳ ସ୍ଥାନୀୟ ଲୋକଙ୍କୁ ଜଙ୍ଗଲ ନିଆଁ ରୋକିବା ପାଇଁ ସାମିଲ କରିବାକୁ ବ୍ୟବସ୍ଥା ରହିଛି। ଜଙ୍ଗଲ ପୋଡ଼ି ରୋକିବାକୁ ଓଡ଼ିଶା ଜଙ୍ଗଲ ଅଧିନିୟମ ୧୯୭୯ ବିଶେଷ ଭାବେ ପ୍ରସ୍ତୁତ ହୋଇଛି। ଏଥିରେ ସଂରକ୍ଷିତ ଓ ଖୋଲା ଜଙ୍ଗଲରେ ନିଆଁ ଲଗାଇବାକୁ ସମ୍ପୂର୍ଣ୍ଣ ନିଷେଧ କରାଯିବା ସହ ଜଙ୍ଗଲ ପାଖରେ ନିଆଁର ବ୍ୟବହାର ଉପରେ ମଧ୍ୟ କଟକଣା ଜାରି କରାଯାଇଛି। ଓଡ଼ିଶା ଜଙ୍ଗଲ (ସଂଶୋଧନ) ଆଇନ ୨୦୦୧ର ୨୭ ଧାରାର ଉପଧାରା (କ)୧ରେ ଜଙ୍ଗଲରେ ନିଆଁ ଲଗାଇବା ଓ ଜଳନ୍ତା ନିଆଁକୁ ଛାଡ଼ି ଆସିବା ଭଳି କାର୍ଯ୍ୟ କଲେ ଜେଲ ଓ ଜରିମାନାର ବ୍ୟବସ୍ଥା ମଧ୍ୟ ରହିଛି। ଜଙ୍ଗଲରେ କୌଣସି କାରଣବଶତଃ ଅଗ୍ନି ଦେଖାଯିବା ମାତ୍ରେ ନିକଟସ୍ଥ ଗ୍ରାମଗୋଷ୍ଠୀକୁ ସୂଚିତ କରାଇବା ଦ୍ୱାରା ସେମାନେ ନିଆଁ ଲିଭାଇବାକୁ ଉଦ୍ୟମ କରିବା, ଗ୍ରାମରେ ଆଇନ କରି ଜଙ୍ଗଲ ନିଆଁ ଆଇନ ଉଲ୍ଲଂଘନକାରୀଙ୍କୁ ଦଣ୍ଡିତ କରିବା, ଶିକାର, ଲଘୁବନଜାତ ଦ୍ରବ୍ୟ ସଂଗ୍ରହ, ଫସଲ ସୁରକ୍ଷା, ପୋଡୁଚାଷ ପାଇଁ ନିଆଁର ବ୍ୟବହାରକୁ ନିଷିଦ୍ଧ କରିବା ସକାଶେ କ୍ଷମତା ପ୍ରଦାନ କରାଯାଇଛି। ଜଣାଯାଇଛି ଯେ, ଓଡ଼ିଶାରେ ୨୦୦୫ ମସିହାରେ ଯେଉଁ ପରିମାଣରେ ଜଙ୍ଗଲ ପୋଡ଼ି ହୋଇଥିଲା ତାହା ସମଗ୍ର ଦେଶରେ ତୃତୀୟ ଏବଂ ଏହାର ପରିମାଣ ୫.୪୯ ପ୍ରତିଶତ।

ଆମ୍ଭେମାନେ ପ୍ରକୃତିଦତ୍ତ ଜଙ୍ଗଲ ସମ୍ପଦ ନଷ୍ଟ କରୁଥିବାରୁ ପ୍ରାକୃତିକ ବିପର୍ଯ୍ୟୟକୁ ସାମ୍ନା କରୁଛୁ। କେବଳ ଭାରତରେ ନୁହେଁ, ଭୟାବହ ଜଙ୍ଗଲ ନିଆଁ, ବିଶ୍ୱର ବିଭିନ୍ନ ରାଷ୍ଟ୍ରରେ ଅପୂରଣୀୟ କ୍ଷତି କରୁଛି। ବହୁ ବିଳମ୍ବରେ ହେଲେ ବି ଭାରତରେ ଅତ୍ୟାଧୁନିକ ବ୍ୟବସ୍ଥା ମାଧ୍ୟମରେ ଜଙ୍ଗଲ ନିଆଁକୁ ଆୟତ୍ତ କରିବାର ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଉଛି। ସେହିପରି ବନ୍ୟପ୍ରାଣୀଙ୍କ ସୁରକ୍ଷା ପାଇଁ ସରକାର କଡ଼ାକଡ଼ି ଆଇନ କରିବା ପରେ ସ୍ଥାନୀୟ ବାସିନ୍ଦାଙ୍କ ସହଯୋଗରେ ଅନେକ ସାମାଜିକ ଅନୁଷ୍ଠାନ ନିୟମିତ କାର୍ଯ୍ୟକ୍ରମ ହାତକୁ ନେଉଛନ୍ତି। ଜଙ୍ଗଲରେ କେଉଁଠି ନିଆଁ ଲାଗୁଛି ତାହା ଉପରେ ନଜର ରଖିବା ପାଇଁ ବିଦେଶୀ ରାଷ୍ଟ୍ରଗୁଡ଼ିକରେ ଜଙ୍ଗଲ ଭିତରେ ନିରୀକ୍ଷଣ ମଞ୍ଚ ପ୍ରସ୍ତୁତ କରାଯାଇ ଦୂରବୀକ୍ଷଣ ଯନ୍ତ୍ର ସାହାଯ୍ୟ ନେଇ ନିୟମିତ ପହରାର ବ୍ୟବସ୍ଥା ହୋଇଛି। ନିରୀକ୍ଷଣ ମଞ୍ଚରେ ଦିଗ ନିର୍ଣ୍ଣାୟକ ଯନ୍ତ୍ର ମଧ୍ୟ ଲଗାଯାଇଛି, ଯାହାଫଳରେ ଜଙ୍ଗଲ ଉପରେ ଠିକ୍ ନଜର ରଖାଯାଇପାରୁଛି। ନିଆଁ ଲାଗିଥିବା ଜଙ୍ଗଲ ଉପରେ ବାଲିବର୍ଷା, ଫୋମ ଓ ଅଗ୍ନି ନିର୍ବାପନ ଗ୍ୟାସ୍‌ର ପ୍ରୟୋଗ, କୃତ୍ରିମ ବର୍ଷା ଆଦି କରାଇବାର ବ୍ୟବସ୍ଥା କରାଯାଇଛି। ମାତ୍ର ସେହି ତୁଳନାରେ ଆମ ଦେଶର କୌଣସି ଅତ୍ୟାଧୁନିକ ସାଧନର ବ୍ୟବସ୍ଥା ନାହିଁ। ଜଙ୍ଗଲ ହେଉଛି ଆମ ପ୍ରକୃତିମାତାର ଅନବଦ୍ୟ ରୂପ। ଏହାକୁ ଭଲପାଇବା ଦ୍ୱାରା କେବଳ ପ୍ରକୃତି ନୁହେଁ, ଆମେ ଆମ ନିଜ ଜୀବନକୁ ସୁନ୍ଦର ଓ ସାର୍ଥକ କରିପାରିବା।

**ପୂର୍ବତନ ଡିଏଫଓ (କେନ୍ଦୁଲିଫ), ପଲାଇ, ବାଲିଚନ୍ଦ୍ରପୁର, ଯାଜପୁର**
**ମୋ: ୯୪୩୭୨୫୭୧୨୩**

# ଆଉ ଚଳୁନି ମୁରବିପଣିଆ



ଯଦୁମଣି ପାଣିଗ୍ରାହୀ

ସେଦିନ ରାତି ପ୍ରାୟ ୧୧ଟା ପାଖାପାଖି ହେବ। ମୋ ପଡ଼ୋଶୀ ବିଶ୍ୱାଳବାବୁଙ୍କ ଘରୁ ଖୁବ୍ ଜୋରରେ ପାଟିତୁଣ୍ଡ ଶୁଭିଲା। କାରଣ କ'ଣ ଜାଣିବାକୁ ବାହାରକୁ ଆସିଲି। ଘର ଭିତରୁ ତାଙ୍କ ଅବିବାହିତ ପୁଅ ପ୍ରକାଶର ପାଟି ସ୍ପଷ୍ଟ ଶୁଣାଯାଉଥିଲା। ସେ ଅତିମାତ୍ରାରେ ଉତ୍‌କ୍ଷିପ୍ତ ହୋଇ କହୁଥିଲା, ଆପଣଙ୍କ ମୁରବିପଣିଆକୁ ଭିତରେ ରଖନ୍ତୁ। ଆମେ ବଡ଼ ହେଲୁଣି। ଭୁଲ୍ ଠିକ୍ ବିଚାର କରିବାର କ୍ଷମତା ହାସଲ ବି କଲୁଣି। ଆପଣ କ'ଣ ସବୁଦିନେ ଆମକୁ ଏମିତି ତାଗିଦ କରୁଥିବେ ଆଉ ଗାଳି କରୁଥିବେ ନା କ'ଣ ? ଆପଣଙ୍କର ସେ ପୁରୁଣା ଭାବନା ଓ ଚିନ୍ତାଧାରା ଏବେ ଅଚଳ ହେବାକୁ ବସିଲାଣି। ସମୟ ସହିତ ତାଳ ଦେଇ ଚାଲିବା ଶିଖନ୍ତୁ। ପୁଅ ଏଭଳି କଥା କହୁଥିଲା ବେଳେ ବିଶ୍ୱାଳବାବୁ ବୋଧେ ନୀରବରେ ସବୁକଥା ଶୁଣିଚାଲିଥିଲେ କାରଣ ତାଙ୍କ କଥା ଆଦୌ ବାହାରକୁ ଶୁଣାଯାଉ ନ ଥିଲା। ବାପାଙ୍କ ପ୍ରତି ପ୍ରକାଶର ଏତାଦୃଶ ବ୍ୟବହାର ମୋତେ ଟିକେ ଅଡୁଆ ଲାଗୁଥିଲା। ମୁଁ ମୋ ଘର ଭିତରକୁ ଚାଲି ଆସିଲି। ପରଦିନ ଶୁଣିଲି ପ୍ରକାଶ କୁଆଡ଼େ ପ୍ରତିଦିନ ବିଳମ୍ବିତ ରାତିରେ ବାହାରେ ଖାଇ ପିଇ ମାତାଲ ଅବସ୍ଥାରେ ଘରକୁ ଫେରୁଥିଲା। ଅତି ଅସହ୍ୟ ହେବାରୁ ସେଦିନ ବିଶ୍ୱାଳବାବୁ ଟିକେ ଆକଟ କରିଥିଲେ। ପରିଣାମ ଯାହା ଘଟିଲା ଆପଣ ତ ଜାଣିଲେ। ମୁଁ ଜଣେ ପରିପକ୍ୱ ବ୍ୟକ୍ତି ଓ ଝିଅପୁଅର ବାପା ହୋଇଥିବାରୁ ଏଭଳି ଅଭିଜ୍ଞତା ମୋ ନିଜର ବି ରହିଛି ଓ ଆପଣମାନଙ୍କର ବି ଥିବ। ଝିଅପୁଅଙ୍କ ଉପରେ ମୁରବିପଣିଆ ଜାହିର କରିବାକୁ ଯାଇ ପରିଣାମ ଭୋଗିବା ପରେ ମୁଁ ଅବଶ୍ୟ ଏବେ କେବଳ ନୀରବଦ୍ରଷ୍ଟାର ଅଭିନୟ କରିବାକୁ ବାଧ୍ୟ ହୋଇଛି। ଆଜିକାଲି ମୁରବିପଣିଆକୁ କିଏ ବା ପଚାରୁଛି କହିଲେ! ପରିବାର ଭିତରେ ମାତାପିତା, ଗୁରୁ ଗୁରୁଜନ ଓ ବୟସ୍କଙ୍କ ପ୍ରତି ଝିଅପୁଅଙ୍କର ଶ୍ରଦ୍ଧା ଆଉ ସମ୍ମାନବୋଧ କେଉଁଠି ଅଛି ଯେ। କାହାକୁ କିଛି କହିବାର ଅଧିକାର ବଡ଼ମାନଙ୍କର ଆଉ ନାହିଁ ଯେମିତି। କାଁ ଭାଁ ପରିବାରକୁ ବାଦ୍ ଦେଲେ ଅଧିକାଂଶ ପରିବାରରେ ପିଲାମାନେ ଆଜି ମୁରବିହୀନ ହୋଇପଡିଛନ୍ତି। ଶିକ୍ଷା ଓ ସଂସ୍କାର ସବୁ ମାଟିରେ ମିଶିଗଲାଣି। ପିଲାମାନଙ୍କ ଅହଂକାର ସେମାନଙ୍କୁ ସ୍ୱେଚ୍ଛାଚାରୀ କରିଦେଇଛି। ଶିକ୍ଷିତ ଓ ରୋଜଗାରକ୍ଷମ ପିଲାମାନେ ତ ମାତାପିତା ଓ ଗୁରୁ ଗୁରୁଜନଙ୍କୁ ଉପେକ୍ଷା କରି ନିଜେ ନିଜେ ନିଷ୍ପତ୍ତି ନେଉଛନ୍ତି। ନିଜ ଇଚ୍ଛାରେ ବିବାହ କରିବାଠାରୁ ଆରମ୍ଭ କରି ଜାଗା କିଣିବା, ଘର ତୋଳିବା ଆଦି ବିଭିନ୍ନ ଘଟଣାରେ ମୁରବିଙ୍କ ସମ୍ମତି କି ସହମତି କିଛି ବି ଆବଶ୍ୟକ ପଡୁନି। ଯେଉଁମାନଙ୍କ ତ୍ୟାଗ, ଅବଦାନ ଓ ଦିଗ୍‌ଦର୍ଶନ ସେମାନଙ୍କୁ ସମାଜରେ ପ୍ରତିଷ୍ଠା ଓ ସମ୍ମାନପ୍ରାପ୍ତିର ସୁଯୋଗ ଦେଇଛି ସେମାନଙ୍କ ପ୍ରତି ଅସମ୍ମାନ ପ୍ରଦର୍ଶନ କ'ଣ ଯୁକ୍ତିଯୁକ୍ତ ନା ଗ୍ରହଣୀୟ। ପାରିବାରିକ ଓ ସାମାଜିକ ଜୀବନରେ ମୁରବିପଣିଆର ଅଭାବ ଆଜି ଅନେକ ସାମାଜିକ ବିଶୃଙ୍ଖଳା ଓ ବ୍ୟଭିଚାରର କାରଣ ପାଲଟିଛି ।

ପିଲାବେଳେ ଆମ ମାତାପିତା ଓ ଗୁରୁଜନଙ୍କ ପ୍ରତି ଆମ ମନରେ ଯେତିକି ଭୟ ଥିଲା ସେତିକି ଭକ୍ତି ବି ଥିଲା। କେବଳ ଆମ ପରିବାର କାହିଁକି ସାଇପଡ଼ିଶା ଓ ଗାଁର ମୁରବିଶ୍ରେଣୀର ବା ବୟସ୍କଙ୍କ ପ୍ରତି ଆମ ମନରେ ଯଥେଷ୍ଟ ସମ୍ମାନ ରହିଥିଲା। ସେମାନଙ୍କୁ କିଛି କହିବା ତ ଦୂରର କଥା ସେମାନଙ୍କ ଆଗକୁ ଯିବାର ସାହସ କି ଆସ୍ପର୍ଦ୍ଧା ମନ ଭିତରେ ନ ଥିଲା। ବାପା କି ଅନ୍ୟ ଗୁରୁଜନଙ୍କ ଆଗରେ କଥା କହିବା ବେଳେ ଯଥେଷ୍ଟ ସତର୍କତା ଓ ସଂଯମତା ରକ୍ଷା କରିବାକୁ ପଡୁଥିଲା। ପ୍ରତ୍ୟେକଟି କାର୍ଯ୍ୟ କରିବା ଆଗରୁ ମା'ବାପାଙ୍କ ମତାମତ ଓ ପରାମର୍ଶ ନେବାକୁ ହେଉଥିଲା। ଚାଲିଚଳନ, ବ୍ୟବହାର ଓ କଥାବାର୍ତ୍ତାରେ ସାମାନ୍ୟ ତ୍ରୁଟିବିଚ୍ୟୁତି ପରିଲକ୍ଷିତ ହେଲେ ବେମୁଣ୍ଡିଆ ଅଥବା ମୁରବିହୀନ ପିଲା ବୋଲି ଟୀକାଟିପ୍ପଣୀ ଶୁଣିବାକୁ ବି ପଡୁଥିଲା। ଆଗେ ସାଇପଡ଼ିଶା ଓ ଗାଁ ଗଣ୍ଡାରେ ମୁରବିଶ୍ରେଣୀର ଲୋକଙ୍କୁ ଖୁବ୍ ସମ୍ମାନ ପ୍ରଦର୍ଶନ କରାଯାଉଥିଲା। ବିବାହ, ବ୍ରତ ଓ ଶୁଦ୍ଧିକ୍ରିୟା ଆଦି କାର୍ଯ୍ୟ ଓ ନ୍ୟାୟ ନିଶାପରେ ମୁରବିମାନଙ୍କ ଉପସ୍ଥିତି ପରିସ୍ଥିତିକୁ ଯଥେଷ୍ଟ ଶୃଙ୍ଖଳିତ ଓ ନିୟନ୍ତ୍ରଣାଧୀନ କରିପାରୁଥିଲା। ପରିବାରଠାରୁ ଆରମ୍ଭ କରି ଗାଁ ଗଣ୍ଡାରେ ଉପୁଜୁଥିବା କଳିଝଗଡା, ମାରପିଟ ଓ ଜମିବାଡି ଭାଗବଣ୍ଟାକୁ ନେଇ ସମସ୍ୟାର ସମାଧାନ ଗାଁ ମୁରବିମାନଙ୍କ ଦ୍ୱାରା ଅତି ସହଜ ଓ ସରଳ ଭାବେ ହୋଇପାରୁଥିଲା। ତେବେ ସମୟ ବଦଳିବା ସହିତ ମୁରବିପଣିଆ ଯେମିତି ମରିଯିବାକୁ ବସିଛି। କେହି କାହାକୁ ମାନିବାକୁ କି କାହାର କଥା ଶୁଣିବାକୁ ଆଦୌ ରାଜି ନୁହନ୍ତି। ସାଧାରଣଠାରୁ ଅସାଧାରଣ ଯାଏ ପ୍ରାୟ ସବୁ ପରିବାରରେ ଏହି ସମସ୍ୟା । ଅସହ୍ୟ ହେବାରୁ କେହି କେହି ପାଟି ଖୋଲି ଅସମ୍ମାନିତ ଓ ଅପମାନିତ ହେଉଛନ୍ତି ତ ଆଉ କେହି ମାନ ମହତ ଚାଲିଯିବା ଭୟରେ ଆଲୋ ସଖୀ ଆପଣା ମହତ ଆପେ ରଖି ନ୍ୟାୟରେ ପାଟି ଚୁପ ରଖିବାକୁ ଶ୍ରେୟ ମଣୁଛନ୍ତି।

**ଶଂଖିଡା, ତିହିଡି, ଭଦ୍ରକ**
**ମୋ–୯୯୩୭୫୬୫୫୨୭**

## ଚିରନ୍ତନୀ

ପ୍ରିୟ ଯାହା ତହିଁରୁ ତ ନ ହୁଏ ବିଚ୍ଛେଦ,
କିପାଇଁ ବିଷାଦ ମୋର କାହିଁପାଇଁ ଖେଦ !
ଏହି ଚିତ୍ରୋତ୍ପଳା ପରି
ଯାଆନ୍ତି ହେଲେ ପାସୋରି
ଜୀବନର ଆବେଗରେ ସବୁ ବାଦଭେଦ।
–(ଚିତ୍ରୋତ୍ପଳା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ପରିବେଶ ପ୍ରତି ବିପଦ: ସତର୍କ ରୁହ

ମହାଶୟ,

ପରିବେଶ ଦିନକୁ ଦିନ ବିଷାକ୍ତ ହୋଇପଡ଼ିଲାଣି। ସାରା ପୃଥିବୀ ପରିବେଶ ଚିନ୍ତାରେ ମ୍ରିୟମାଣ। ପରିବେଶ ପ୍ରତି ବିପଦ ଆସିଲାଣି ବୋଲି ବୈଜ୍ଞାନିକମାନେ ମତ ଦେଉଛନ୍ତି। ଆଖପାଖ ହିମ ପ୍ରଭାବ ଯୋଗୁ ବରଫ ତରଳି ଲଦାଖ ପ୍ରତି ବିପଦ ସୃଷ୍ଟି କରିଛି। କଳକାରଖାନା ବୃଦ୍ଧି ଓ ପରିବେଶ ସୁରକ୍ଷା ଅଭାବରୁ ବାୟୁମଣ୍ଡଳ ଅତ୍ୟନ୍ତ ବିଷମୟ ହୋଇପଡ଼ିଛି। ଜଙ୍ଗଲ ଧ୍ୱଂସ ଏହାର ଅନ୍ୟତମ କାରଣ। ଜଙ୍ଗଲ ସୁରକ୍ଷା ପାଇଁ ଆଖପାଖ ଗ୍ରାମବାସୀ ନ ଲାଗିଲେ ଜଙ୍ଗଲ ସୁରକ୍ଷା ହୋଇ ପାରିବ ନାହିଁ। ଜଙ୍ଗଲ ହ୍ରାସଫଳରେ ବନ୍ୟଜନ୍ତୁମାନେ ଖାଦ୍ୟ ପାନୀୟ ପାଇଁ ନିକଟ ଗ୍ରାମଗୁଡ଼ିକରେ ଉତ୍ପାତ କରୁଛନ୍ତି। ଆବଶ୍ୟକ ଖାଦ୍ୟ ନ ପାଇ ହାତୀପଲ ଗାଁଗଣ୍ଡାରେ ପଶି ଫସଲ ଓ ଘରବାଡ଼ି ନଷ୍ଟ କରୁଛନ୍ତି। ଅନେକ ସମୟରେ ହାତୀ ଲୋକଙ୍କୁ ଦଳି ଚକଟି ମାରିଦେଉଛନ୍ତି। ଏ ସବୁର ପ୍ରତିକାର ପାଇଁ ଜଙ୍ଗଲ କର୍ମଚାରୀ ସକ୍ରିୟ ହେବା ଆବଶ୍ୟକ। ପରିବେଶ ସୁରକ୍ଷା ପାଇଁ ସାମାଜିକ ବନୀକରଣକୁ ଗୁରୁତ୍ୱ ଦେବାକୁ ହେବ। ଏ ଦିଗରେ ଗ୍ରାମପଞ୍ଚାୟତ ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡ଼ିକୁ ସରକାର ବିଶେଷ ଗୁରୁତ୍ୱ ଦେଲେ ଜଙ୍ଗଲ ଓ ପରିବେଶ ସୁରକ୍ଷା ଅଭିଯାନ ସଫଳ ହେବ।

**–ନିର୍ମଳ ସାମଲ, କୋକିଲା ଏନ୍‌କ୍ଲେଭ, ପୋଖରିପୁଟ, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ସେନ୍‌ସେକ୍ସ ୭୭୮ ପଏଣ୍ଟ ହ୍ରାସ**

ମୁମ୍ବାଇ: ୟୁକ୍ରେନ୍ ଓ ରୁଷିଆ ମଧ୍ୟରେ ଲାଗି ରହିଥିବା ଯୁଦ୍ଧ ପରିସ୍ଥିତି ସାଙ୍ଗକୁ ଅଶୋଧିତ ତୈଳ ଦର ସର୍ବାଧିକ ସ୍ତରରେ ପହଞ୍ଚିବା ଯୋଗୁ ଏହାର ପ୍ରଭାବ ଶେୟାର ବଜାର ଉପରେ ପଡ଼ିଛି। ଫଳରେ କ୍ରମାଗତ ଭାବେ ଶେୟାର ବଜାର ଫଳାଫଳ ଅନେକ ଆଶଙ୍କା ମଧ୍ୟରେ ରହିଛି। ବୁଧବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୭୭୮ ପଏଣ୍ଟ ହ୍ରାସ ଘଟି ୫୫,୪୬୯ ଅଙ୍କରେ କାରବାର ଶେଷ କରିଛି। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ନିଫ୍ଟି ୫୦ରେ ୧୮୮ ପଏଣ୍ଟ କମି ୧୬,୬୦୬ ଅଙ୍କରେ ରହିଛି। ବିଏସ୍‌ଇର ସୂଚନା ଅନୁସାରେ ସେନ୍‌ସେକ୍ସ ୭୭୮.୩୮ ପଏଣ୍ଟ (୧.୩୮%) ହ୍ରାସ ଘଟି ୫୫,୪୬୮.୯୦ ରେ ରହିଥିବା ବେଳେ ନିଫ୍ଟିରେ ମଧ ୧୮୭.୯୫ ପଏଣ୍ଟ (୧.୧୨%) କମି ୧୬,୬୦୫.୯୫ ଅଙ୍କରେ ବନ୍ଦ ହୋଇଥିବା ଜଣାପଡ଼ିଛି।

## ସଂକ୍ଷେପରେ

### ଖୁଚୁରା ବଜାର ଋଣ ସ୍ଥିର ରହିଛି

**ଭୁବନେଶ୍ୱର,୨।୩:** ଟ୍ରାନ୍ସୟୁନିୟନ ସିବିଲ୍ ପକ୍ଷରୁ କ୍ରେଡିଟ୍ ମାର୍କେଟ ଇଣ୍ଡିକେଟର (ସିଏମ୍‌ଆଇ)ର ୨ୟ ସଂସ୍କରଣକୁ ନିକଟରେ ପ୍ରକାଶ କରାଯାଇଛି। ବିଶେଷକରି ଖୁଚୁରା ଋଣ ବଜାରରେ ସ୍ଥିରତା ବଜାୟ ରହିଛି ବୋଲି ଏଥିରେ ଉଲ୍ଲେଖ କରାଯାଇଛି। ଅର୍ଥନୈତିକ କାର୍ଯ୍ୟକଳାପରେ ବୃଦ୍ଧି ଓ ଗ୍ରାହକଙ୍କ ମନସ୍ତତ୍ତ୍ୱରେ ହୋଇଥିବା ଉନ୍ନତିର ଏହା ପ୍ରତିଫଳନ ବୋଲି ରିପୋର୍ଟରେ କୁହାଯାଇଛି। କଞ୍ଜ୍ୟୁମର ଡ୍ୟୁରେବଲ ଋଣରେ ୯୭% ଓ ବ୍ୟକ୍ତିଗତ ଋଣରେ ୮୦% ବୃଦ୍ଧି ହୋଇଛି। ଅନୁସନ୍ଧାନ ସଂଖ୍ୟାରେ ଜାନୁୟାରୀରେ ୩୩% ବୃଦ୍ଧି ଘଟିଛି। ଏ ସମ୍ପର୍କରେ ଟ୍ରାନ୍ସୟୁନିୟନ ସିବିଲ୍‌ର ପରିଚାଳନା ନିର୍ଦ୍ଦେଶକ ଓ ସିଇଓ ରାଜେଶ କୁମାର କହିଛନ୍ତି, ମହାମାରୀର ୩ୟ ଲହର ସତ୍ତ୍ୱେ ଭାରତର ଖୁଚୁରା ଋଣ ବଜାର ଦ୍ରୁତ ଅଭିବୃଦ୍ଧି ପଥରେ ରହିଛି। ଭାରତର ଋଣ ବଜାରରେ ଅଭ୍ୟୁଦୟ ସହିତ ଋଣ ପ୍ରଦର୍ଶନ ମଧ ସ୍ଥିର ରହିଛି। ଅନୁସନ୍ଧାନ ସମେତ କ୍ରେଡିଟ୍ ବାଲାନ୍ସରେ ହୋଇଥିବା ବୃଦ୍ଧି ଏବଂ ପୋର୍ଟଫୋଲିଓରେ ସ୍ଥିରତାରୁ ତ୍ୱରିତ ଅଭିବୃଦ୍ଧିର ପ୍ରତିଫଳନ ସଦ୍ୟତମ ସିଏମ୍‌ଆଇରେ ଦେଖିବାକୁ ମିଳିଛି।

### ଫେବୃୟାରୀରେ ୫ ମିଲିୟନ ୟୁନିଟ୍ ଛୁଇଁଲା

**ନୂଆଦିଲ୍ଲୀ,୨।୩ :** ହୋଣ୍ଡା ଇଣ୍ଡିଆ ପାୱାର ପ୍ରଡକ୍ଟ ଲିମିଟେଡ୍ ଚଳିତ ବର୍ଷ ଫେବୃୟାରୀରେ ୫ମିଲିୟନ ୟୁନିଟ୍ ଉତ୍ପାଦନର ମାଇଲଖୁଣ୍ଟକୁ ସଫଳତାର ସହ ଅତିକ୍ରମ କରିଛି। କମ୍ପାନୀ ଏହାର ରୁଦ୍ରପୁର କାରଖାନାରେ ଉତ୍ପାଦିତ ଇଏମ୍-୬୫୦ ପୋର୍ଟେବଲ ଜେନେରେଟ ମଡେଲ ନିର୍ମାଣ କରୁଛି। ସେହିଭଳି କମ୍ପାନୀ ବିଭିନ୍ନ ଉପକରଣ ପାଇଁ ଜେନେରେଟର, କୃଷି ଉପକରଣ ଏବଂ ଇଞ୍ଜିନର ଅଗ୍ରଣୀ ଉତ୍ପାଦକଭାବେ ସୁନାମ ଅର୍ଜନ କରିଛି। ଏହାର ଗ୍ରାହକଙ୍କ ଚାହିଦାକୁ ଦୃଷ୍ଟିରେ ରଖି କମ୍ପାନୀ ପରବର୍ତ୍ତୀ ସମୟରେ ଭିନ୍ନ ଭିନ୍ନ ଜେନେରେଟର ମଡେଲ ନିର୍ମାଣ କରିଥିଲା। ଭାରତୀୟ କୃଷକ କମ୍ପାନୀ ଦ୍ୱାରା ନିର୍ମିତ ପୋର୍ଟେବଲ, ନିର୍ଭରଯୋଗ୍ୟ, ଦକ୍ଷ ଇଞ୍ଜିନ ଏବଂ ୱାଟର ପମ୍ପକୁ ବେଶ୍ ପସନ୍ଦ କରିଥିଲେ। ଏହାଦ୍ୱାରା ଜଳସେଚନ, ସ୍ପ୍ରେ ଏବଂ ଯାନ୍ତ୍ରିକ ଆବଶ୍ୟକତା ପୂରଣ ହୋଇ ପାରିଥିଲା। ଏ ସମ୍ପର୍କରେ ହୋଣ୍ଡା ଇଣ୍ଡିଆ ପାୱାର ପ୍ରଡକ୍ଟସ ଲିମିଟେଡ୍‌ର ଅଧକ୍ଷ ଟାକାହିରୋ ୟାତା କହିଛନ୍ତି, ଭାରତୀୟ କୃଷକଙ୍କ ସମର୍ଥନ ତଥା ସହଯୋଗ ଯୋଗୁ କମ୍ପାନୀ ଆଜି ୫ନିୟୁତ ଉତ୍ପାଦନ ୟୁନିଟ୍‌ରେ ପହଞ୍ଚିପାରିଛୁ। ଆମର ଯୋଗାଣକାରୀ ଏବଂ ଅଂଶୀଦାରମାନେ ମଧ ଏ ନେଇ ଆମକୁ ଆବଶ୍ୟକ ସହାୟତା ଯୋଗାଇ ଦେଇଛନ୍ତି।

# ରାଜ୍ୟ ଜିଏସ୍‌ଟି ସଂଗ୍ରହ ଅଭିବୃଦ୍ଧି ହାର ୪୭%

**କଟକ,୨।୩**




ଦେଶର ପ୍ରମୁଖ ରାଜ୍ୟଗୁଡ଼ିକ ମଧ୍ୟରେ ଓଡ଼ିଶାର ଜିଏସ୍‌ଟି ଅଭିବୃଦ୍ଧି ହାର ସର୍ବାଧିକ ରହିଛି। ଚଳିତ ବର୍ଷ ଫେବୃୟାରୀରେ ରାଜ୍ୟର ସାମଗ୍ରିକ ଜିଏସ୍‌ଟି ସଂଗ୍ରହ ୪୧୦୧.୦୯ କୋଟି ହୋଇଥିବା ବେଳେ ରାଜ୍ୟ ଜିଏସ୍‌ଟି ବାବଦରେ ୧୧୫୨.୩୭ କୋଟି ଟଙ୍କା ସଂଗ୍ରହ ହୋଇଛି। ଫଳରେ ୨୦୨୧ ଫେବୃୟାରୀରେ ସାମଗ୍ରିକ ଜିଏସ୍‌ଟି ସଂଗ୍ରହ ୩୩୪୦.୫୬ କୋଟି ଥିବା ବେଳେ ଚଳିତ ବର୍ଷ ସେଥିରେ ୨୩% ଅଭିବୃଦ୍ଧି ଘଟିଛି। ସେହିପରି ଗତବର୍ଷ ଫେବୃୟାରୀରେ ଓଡ଼ିଶାର ରାଜ୍ୟ ଜିଏସ୍‌ଟି ସଂଗ୍ରହ ୭୮୧.୦୬ କୋଟି ଟଙ୍କା ଥିବା ବେଳେ ଚଳିତ ବର୍ଷ ଏଥିରେ ୪୭% ବୃଦ୍ଧି ଘଟିଛି। ଜିଏସ୍‌ଟି ପ୍ରଚଳନ ହେବା ପରଠାରୁ ଏହା ହେଉଛି ଦ୍ୱିତୀୟ ସର୍ବାଧିକ ରାଜ୍ୟ ଜିଏସ୍‌ଟି ସଂଗ୍ରହ। ୨୦୨୧ ଫେବୃୟାରୀ ପର୍ଯ୍ୟନ୍ତ ସଂଗୃହୀତ ସାମଗ୍ରିକ ଜିଏସ୍‌ଟି ୨୬୫୬୭.୪୭ କୋଟି ଟଙ୍କା ଥିବା ବେଳେ ଚଳିତ ଆର୍ଥିକ ବର୍ଷ ସେଥିରେ ୫୧.୩୫% ବୃଦ୍ଧି ଘଟି ଫେବୃୟାରୀ ପର୍ଯ୍ୟନ୍ତ ମୋଟ୍ ଜିଏସ୍‌ଟି ସଂଗ୍ରହ ୪୦୨୧୦.୦୧ କୋଟି ଟଙ୍କା ରହିଛି। ସେହିଭଳି ୨୦୨୦ ଫେବୃୟାରୀ ସୁଦ୍ଧା ୨୭୦୪୪.୩୭ କୋଟି ଟଙ୍କା ସଂଗୃହୀତ ହୋଇଥିଲା। ଏହାଛଡା ଚଳିତ ଆର୍ଥିକ ବର୍ଷର ଫେବୃୟାରୀ ପର୍ଯ୍ୟନ୍ତ ରାଜ୍ୟର ମୋଟ୍ ଜିଏସ୍‌ଟି ସଂଗ୍ରହ ୧୧୩୯୧.୭୬ କୋଟି ଥିବାବେଳେ ଗତବର୍ଷ ଫେବୃୟାରୀ ପର୍ଯ୍ୟନ୍ତ ଏହା ୭୩୩୭.୫୩ କୋଟି ଟଙ୍କା ରହିଥିଲା। ଫଳରେ ଏ କ୍ଷେତ୍ରରେ ୫୫.୨୫% ବୃଦ୍ଧି ଘଟିଛି। ୨୦୨୨ ଫେବୃୟାରୀୟରେ କେନ୍ଦ୍ରୀୟ ଜିଏସ୍‌ଟି (ସିଜିଏସ୍‌ଟି), ସମନ୍ୱିତ ଜିଏସ୍‌ଟି (ଆଇଜିଏସ୍‌ଟି) ଓ ଅତିରିକ୍ତ ଟିକସ (ସେସ୍) ବାବଦକୁ ଯଥାକ୍ରମେ ୯୮୯.୪୯ କୋଟି, ୧୨୨୩.୯୨ କୋଟି ଓ ୭୩୫.୭୧କୋଟି ଟଙ୍କା ସଂଗୃହୀତ ହୋଇଛି। ଏଥିସହିତ ରିଟର୍ନ ଦାଖଲ ଖିଲାପୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ, ନିୟମିତ ରିଟର୍ନ ଯାଞ୍ଚ ତଥା ଏନ୍‌ଫୋର୍ସମେଣ୍ଟ କାର୍ଯ୍ୟକଳାପ ଯୋଗୁ ମଧ ଚଳିତବର୍ଷ ଜିଏସ୍‌ଟିରେ ବୃଦ୍ଧି ଘଟିଛି। ଚଳିତ ଆର୍ଥିକ ବର୍ଷରେ ମୋଟ୍ ୪୩,୫୪୨ ଜଣ ଟିକସଦାତାଙ୍କୁ ଜିଏସ୍‌ଟି ପରିସରଭୁକ୍ତ କରାଯାଇଛି। ଯୋଗ୍ୟ ଜିଏସ୍‌ଟି ଏବଂ ବୃତ୍ତିଗତ ଟିକସଦାତାଙ୍କୁ ପଞ୍ଜୀକୃତ କରିବା ଉଦ୍ଦେଶ୍ୟରେ ୨ମାସ ବ୍ୟାପୀ ସର୍ଭେ ଓ ପଞ୍ଜୀକରଣ କାର୍ଯ୍ୟ ଶେଷ ହୋଇଛି। ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଅତିକମ୍‌ରେ ୯୦% ରିଟର୍ନ ଦାଖଲ ସୁନିଶ୍ଚିତ କରିବା ପାଇଁ ସମସ୍ତ ସର୍କଲକୁ ମଧ ନିର୍ଦ୍ଦେଶ ଦିଆଯାଇଛି। ଜିଏସ୍‌ଟି ଆଇନର ଧାରା ୬୨ ଅନ୍ତର୍ଗତ ରିଟର୍ନ ଖିଲାପୀଙ୍କ ବିରୋଧରେ ଚଳିତ ବର୍ଷ ୧୭,୦୧୫ ଗୋଟି ଆସେସ୍‌ମେଣ୍ଟ ହାତକୁ ନିଆଯାଇଛି।

୨୦୨୨ ଫେବୃୟାରୀରେ ୧୫.୯୭ ସଂଖ୍ୟକ ଇ-ୱେବିଲ୍ ନିର୍ଗମନ କରାଯାଇଥିବା ବେଳେ ୨୦୨୧ ଫେବୃୟାରୀରେ ଏହା ଥିଲା ୧୪.୪୨ ଲକ୍ଷ। ଏ କ୍ଷେତ୍ରରେ ୧୦.୭୨% ଅଭିବୃଦ୍ଧି ଘଟିଛି। ଅତିକମ୍‌ରେ ୯୦% ରିଟର୍ନ ଦାଖଲ ସୁନିଶ୍ଚିତ କରିବା ପାଇଁ ରାଜ୍ୟ ବାଣିଜ୍ୟକର ଓ ଜିଏସ୍‌ଟି ଆୟୁକ୍ତ ସୁଶୀଲ କୁମାର ଲୋହାନି ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ସହ ସନ୍ଦିଗ୍ଧ ଏବଂ ବୃହତ୍ ଟିକସଦାତାଙ୍କ ରିଟର୍ନ ଯାଞ୍ଚ କରି ସେଥିରେ ତ୍ରୁଟି ପରିଲକ୍ଷିତ ହେଲେ ତୁରନ୍ତ ଡିମାଣ୍ଡ ଓ ଆଦାୟ କାର୍ଯ୍ୟ ଆରମ୍ଭ କରିବାକୁ ମଧ ସେ ପରାମର୍ଶ ଦେଇଛନ୍ତି। ୫-ଟିନିୟମ ପାଳନ ପୂର୍ବକ ସଚ୍ଚୋଟ ବ୍ୟବସାୟୀଙ୍କୁ ସାହାଯ୍ୟ କରିବା ପାଇଁ ମଧ ସେ ଗୁରୁତ୍ୱ ଦେଇଛନ୍ତି।

# ଓରିଏଣ୍ଟ ଇଲେକ୍ଟ୍ରିକ୍‌ର ନୂଆ ମଡେଲ ଉନ୍ମୋଚିତ

**ନୂଆଦିଲ୍ଲୀ,୨।୩**



ସି.କେ.ବିର୍ଲା ଗ୍ରୁପ୍‌ର ସହଯୋଗୀ ସଂସ୍ଥା ଓରିଏଣ୍ଟ ଇଲେକ୍ଟ୍ରିକ୍‌ର ନୂତନ ମଡେଲ ସହିତ ଏହାର ଏକ୍ସହଷ୍ଟ ଫ୍ୟାନ୍ ରେଞ୍ଜରକୁ ମଧ ଉନ୍ମୋଚନ କରାଯାଇଛି। ଏହି ନୂତନ ମଡେଲଗୁଡ଼ିକ ଅନେକ ଉପଭୋକ୍ତା କୈନ୍ଦ୍ରିକ ବୈଶିଷ୍ଟ୍ୟ ସହିତ ଆସୁଛି। ଏଥିରେ ସ୍ଥାୟିତ୍ୱ ଏବଂ କାର୍ଯ୍ୟଦକ୍ଷତା ପାଇଁ ଏକ ଶକ୍ତିଶାଳୀ କପର ମୋଟର, ଉଚ୍ଚ ବାୟୁ ଶୋଷଣ କ୍ଷମତା, ସୁଗମ ପରିଚାଳନା ପାଇଁ ଏରୋଡାଇନାମିକ ଭାବେ ଡିଜାଇନ ହୋଇଥିବା ବ୍ଲେଡ୍, ସହଜରେ ସଫା କରିହେଉଥିବା ପୃଷ୍ଠ, କମ୍ ବିଦ୍ୟୁତ୍ ବ୍ୟବହାର ଏବଂ ୨୫୦୦ ଆର୍‌ପିଏମ୍ ପର୍ଯ୍ୟନ୍ତର ଦ୍ରୁତ ବେଗ ଅନ୍ତର୍ଭୁକ୍ତ ରହିଛି। ଓରିଏଣ୍ଟର ନୂଆ ଏକ୍ସହଷ୍ଟ ଫ୍ୟାନ୍ ରେଞ୍ଜଗୁଡ଼ିକୁ ସ୍ମାର୍ଟ ଏୟାର, ସ୍ମାର୍ଟ ଏୟାର ନିଓ, ଭେନିଟୋ ଏୟାର, ଏକ୍ସିଆଲ ଫ୍ଲୋ ଏବଂ ପାୱାର ଫ୍ଲୋ ଭାବରେ ନାମିତ କରାଯାଇଛି। ଏହାର ଉଡେନ, ଗ୍ରେ, ଅଫ୍-ହ୍ୱାଇଟ ଏବଂ ସିଲ୍‌ଭର ଭଳି ଚାରୋଟି ଅଲଗା ଅଲଗା ଫିନିସ୍‌ରେ ଉପଲବ୍ଧ ରହିଛି। ଏହି ଏକ୍ସହଷ୍ଟ ଫ୍ୟାନ୍‌ଗୁଡ଼ିକୁ ଯେକୌଣସି ସମସାମୟିକ ସ୍ଥାନକୁ ସୁହାଇବା ଲାଗି ଡିଜାଇନ କରାଯାଇଛି । ଏହି ନୂତନ ରେଞ୍ଜରେ ଅନ୍ତର୍ଭୁକ୍ତ ଥିବା ଅନ୍ୟାନ୍ୟ ପ୍ରମୁଖ ବୈଶିଷ୍ଟ୍ୟଗୁଡ଼ିକ ମଧ୍ୟରେ ରହିଛି ଗ୍ଲାସ୍ ମାଉଣ୍ଟିଂ ସାମର୍ଥ୍ୟ, ସମ୍ମୁଖ ଅଟୋ-ସଟ୍ ଲୁଭର ଏବଂ ପକ୍ଷୀ ସୁରକ୍ଷା ଗାର୍ଡ । ଏହି ନୂତନ ରେଞ୍ଜ ୨ ବର୍ଷର ୱାରେଣ୍ଟି ସହିତ ଆସୁଛି ଏବଂ ଏହାର ମୂଲ୍ୟ ୧୪୫୦ଟଙ୍କାରୁ ଆରମ୍ଭ ହେଉଛି । ଏ ସମ୍ପର୍କରେ ଓରିଏଣ୍ଟ ଇଲେକ୍ଟ୍ରିକ ଲିମିଟେଡ୍, ଏକ୍ଜିକ୍ୟୁଟିଭ ଭାଇସ ପ୍ରେସିଡେଣ୍ଟ ଅତୁଲ ଜୈନ କହିଛନ୍ତି, ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ମଧ ଲୋକମାନଙ୍କୁ ଉତ୍ତମ ବାୟୁ ଚଳାଚଳ ସ୍ଥାନରେ ରହିବାକୁ ପରାମର୍ଶ ଦେଉଛନ୍ତି। କାରଣ ଘର ଭିତରେ ଉତ୍ତମ ବାୟୁ ସଞ୍ଚାଳନ ଭାଇରସ ସମେତ ବାୟୁ ବାହିତ ପ୍ରଦୂଷକଗୁଡ଼ିକର ଏକତ୍ରୀକରଣକୁ ହ୍ରାସ କରିବାରେ ସାହାଯ୍ୟ କରିପାରେ । ଏହି ନୂତନ ମଡେଲଗୁଡ଼ିକର ଶୁଭାରମ୍ଭ ସହିତ ବର୍ତ୍ତମାନ ଆମେ ଭିନ୍ନ ଭିନ୍ନ ପରିବେଶର ବ୍ୟବହାର ଏବଂ ସୌନ୍ଦର୍ଯ୍ୟଗତ ପସନ୍ଦକୁ ସୁହାଉଥିବା ଏକ୍ସହଷ୍ଟ ଫ୍ୟାନ୍‌ଗୁଡ଼ିକର ଏକ ସମ୍ପୂର୍ଣ୍ଣ ରେଞ୍ଜ ପ୍ରଦାନ କରୁଛୁ। ଗ୍ରାହକମାନଙ୍କୁ ସେମାନଙ୍କ ଘର ଭିତରର ବାସସ୍ଥଳୀକୁ ସତେଜ ଏବଂ ସୁସ୍ଥ ରଖିବାରେ ସାହାଯ୍ୟ ମଧ କରିବ ବୋଲି ସେ ମତବ୍ୟକ୍ତ କରିଛନ୍ତି।

# ଆଇଡେମିସୁ ଏସିଆ ଟ୍ୟାଲେଣ୍ଟ କପ୍‌ରେ କେଭିନ୍ କ୍ୱିଣ୍ଟାଲ

**ନୂଆଦିଲ୍ଲୀ,୨।୩**

**ଆଇଏଟିସିରେ ୬ ଭାରତୀୟ ଚାଳକଙ୍କୁ ଚୟନ**

ଆନ୍ତର୍ଜାତିକ ରେସିଂ ଚାମ୍ପିୟନଶିପ୍ ଲାଗି ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ଲିମିଟେଡ୍ (ଏଚ୍‌ଏମ୍‌ଏସ୍‌ଆଇ) ପକ୍ଷରୁ ବୁଧବାର ଚୟନ ହୋଇଥିବା ଖେଳାଳିଙ୍କ ନାମ ଘୋଷଣା କରାଯାଇଛି। ଏହି ପରିପ୍ରେକ୍ଷୀରେ ଚେନ୍ନାଇର ୧୬ବର୍ଷୀୟ ଯୁବକ କେଭିନ୍ କ୍ୱିଣ୍ଟାଲ ଆନ୍ତର୍ଜାତିକ ଚାମ୍ପିୟନଶିପ୍ ଆଡ଼କୁ ଅଗ୍ରସର ହୋଇଛନ୍ତି। ଆଇଡେମିସୁ ହୋଣ୍ଡା ଇଣ୍ଡିଆ ଟ୍ୟାଲେଣ୍ଟ କପ୍‌ରୁ ସନ୍ଧାନ କରାଯାଇଥିବା ଓ ୨୦୨୧ ଆଇଡେମିସୁ ହୋଣ୍ଡା ଇଣ୍ଡିଆ ଟ୍ୟାଲେଣ୍ଟ କପ୍‌ର ଏନ୍‌ଏସ୍‌ଏଫ୍ ୨୫୦ଆର୍ ବର୍ଗର ଚାମ୍ପିୟନ୍ କେଭିନ୍ କ୍ୱିଣ୍ଟାଲ୍ ସମ୍ମାନଜନକ ୨୦୨୨ ଆଇଡେମିସୁ ଏସିଆ ଟ୍ୟାଲେଣ୍ଟ କପ୍ (ଆଇଏଟିସି)ରେ ଅଂଶଗ୍ରହଣ କରିବାକୁ ଯାଉଛନ୍ତି। ଆଇଡେମିସୁ ଏସିଆ ଟ୍ୟାଲେଣ୍ଟ କପ୍‌ର ୨୦୨୨ ସିଜନ ପାଇଁ ଚୟନ ପ୍ରକ୍ରିୟା ଲାଗି ହୋଣ୍ଡା ରେସିଂ ଇଣ୍ଡିଆ ପକ୍ଷରୁ ଚୟନ କରାଯାଇଥିବା ୬ ଜଣ ଯୁବ ଭାରତୀୟ ଚାଳକଙ୍କ ମଧ୍ୟରେ କେଭିନ୍ କ୍ୱିଣ୍ଟାଲଙ୍କ ନାମ ମଧ ରହିଛି। ଚୟନ ହୋଇଥିବା ଅନ୍ୟ ଖେଳାଳି ହେଉଛନ୍ତି ୧୫ବର୍ଷୀୟ ପୁଣେର ସାର୍ଥକ ଚଭନ,ଚେନ୍ନାଇର ୧୩ ବର୍ଷୀୟ ଚଳକ ରକ୍ଷିତ ଡାଭେ, ୧୭ ବର୍ଷୀୟ ଜିଓଫ୍ରେ ଓ ଶ୍ୟାମ ବାବୁ ଏବଂ ୧୮ ବର୍ଷୀୟ ବରୁଣ ଏସ୍ ପ୍ରମୁଖ । ଏ ସମ୍ପର୍କରେ ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍‌ର ବରିଷ୍ଠ ଉପସଭାପତି, ବ୍ରାଣ୍ଡ ଆଣ୍ଡ କମ୍ୟୁନିକେଶନ ପ୍ରଭୁ ନାଗରାଜ କହିଛନ୍ତି, ୨୦୧୮ରେ ବିଶ୍ୱ ଲାଗି ପରବର୍ତ୍ତୀ ପ୍ରତିଭାବାନ ଭାରତୀୟ ଚାଳକ ସୃଷ୍ଟି କରିବା କାର୍ଯ୍ୟ ଆରମ୍ଭ କରାଯାଇଥିଲା। ଏହା ପରେ ଆମେ ଦେଶର କୋଣ ଅନୁକୋଣରୁ ନୂଆ ରେସିଂ ପ୍ରତିଭାଙ୍କୁ ଚିହ୍ନଟ କରୁଛୁ ଏବଂ ସେମାନଙ୍କୁ ଦୃଢ଼ ଚାଳକରେ ପରିଣତ କରିବା ଲାଗି ସମୃଦ୍ଧ କରୁଛୁ। ଚଳିତ ବର୍ଷ ଚାମ୍ପିୟନଶିପ୍ ହାସଲ କରିଥିବା କେଭିନ୍ ହୋଣ୍ଡା ଇଣ୍ଡିଆ ଟ୍ୟାଲେଣ୍ଟ କପ୍‌ରେ ନିଜର ପ୍ରତିଭା ପ୍ରଦର୍ଶନ କରିସାରିଛନ୍ତି।

## ଜେଏସ୍‌ଏଲ୍-ଜେଏସ୍‌ଏଚ୍‌ଏଲ୍‌ର ମିଶ୍ରଣ ପ୍ରକ୍ରିୟା

**ନୂଆଦିଲ୍ଲୀ,୨।୩**

ଜିନ୍ଦଲ ଷ୍ଟେନ୍‌ଲେସ ଷ୍ଟିଲ୍ ଲିମିଟେଡ୍ ଏବଂ ଜିନ୍ଦଲ ଷ୍ଟେନ୍‌ଲେସ (ହିସାର) ଲିମିଟେଡ୍ ମଧ୍ୟରେ ମିଶ୍ରଣ ଯୋଜନାକୁ ଅନୁମୋଦନ କରିବା ସକାଶେ ଦୁଇ କମ୍ପାନୀର ଅଂଶୀଦାର ଓ ଋଣ ପ୍ରଦାନକାରୀଙ୍କର ବୈଠକ ଡକାଇବାକୁ ଜାତୀୟ କମ୍ପାନୀ ଲ' ଟ୍ରିବ୍ୟୁନାଲ (ଏନ୍‌ସିଏଲ୍‌ଟି) ଚଣ୍ଡିଗଡ଼ ପୀଠ ନିକଟରେ ଏକ ଫାଷ୍ଟ ମୋସନ ପିଟିଶନର ଶୁଣାଣିକରି ଏଭଳି ଆଦେଶନାମା ପ୍ରକାଶ କରିଛନ୍ତି। ୨୦୨୦ ଡିସେମ୍ବରରେ ଜେଏସ୍‌ଏଲ୍ ଏବଂ ଗ୍ରୁପ୍ କମ୍ପାନୀ ସମୂହର ବୋର୍ଡ ମିଶ୍ରଣ ଯୋଜନାକୁ ଅନୁମୋଦନ କରିବା ପରେ ୨୦୨୧ ମାର୍ଚ୍ଚରେ ଏନ୍‌ସିଏଲ୍‌ଟିରେ ଫାଷ୍ଟ ମୋସନ ପିଟିଶନ ଦାଏର କରାଯାଇଥିଲା। ଜିନ୍ଦଲ ଷ୍ଟେନ୍‌ଲେସର ପରିଚାଳନା ନିର୍ଦ୍ଦେଶକ ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି,ଏନ୍‌ସିଏଲ୍‌ଟି ପକ୍ଷରୁ ଏଭଳି ଆଦେଶ ଅପେକ୍ଷା କରିଥିଲୁ। ପୀଠଙ୍କ ପକ୍ଷରୁ ଦିଆଯାଇଥିବା ଆଦେଶ ଅନୁଯାୟୀ ଧାର୍ଯ୍ୟ ସମୟ ମଧ୍ୟରେ ପଦ୍ଧତିଗତ ଆବଶ୍ୟକତା ପୂରଣ କରିବାକୁ କାର୍ଯ୍ୟ ପୂର୍ଣ୍ଣମାତ୍ରାରେ ଆଗେଇ ଚାଲିଛି।

# ରୁଷିଆରେ ଫସିଛି ଭାରତୀୟଙ୍କ ୪୦୦ମିଲିୟନ ଡଲାର

**ନୂଆଦିଲ୍ଲୀ, ୨।୩**

ୟୁକ୍ରେନ୍‌କୁ ଆକ୍ରମଣ କରିଥିବାରୁ ବିଭିନ୍ନ ୟୁରୋପୀୟ ଦେଶ ରୁଷିଆ ଉପରେ କଡ଼ା ପ୍ରତିବନ୍ଧକ ଲଗାଇଛନ୍ତି। ଭାରତୀୟ ରପ୍ତାନିକାରୀଙ୍କ ଉପରେ ରୁଷିଆ ପକ୍ଷରୁ ଲଗାଯାଇଥିବା ଆର୍ଥିକ ପ୍ରତିବନ୍ଧକର ପ୍ରଭାବ ପଡୁଥିବା ଦେଖାଯାଇଛି। ଏହା ନିକଟରେ ଭାରତୀୟ ରପ୍ତାନିକାରୀଙ୍କର ପ୍ରାୟ ୪୦୦ମିଲିୟନ ଡଲାର ଅର୍ଥ ବକେୟା ରହିଛି। ଅପରପକ୍ଷରେ ମୋଟ ୧୦ହଜାର ଡଲାରରୁ ଅଧିକ ବିଦେଶୀ ମୁଦ୍ରା ସହିତ ରୁଷିଆ ଛାଡ଼ିବା ଉପରେ ମଧ ପ୍ରତିବନ୍ଧକ ଲଗାଯାଇଛି। ପାଶ୍ଚାତ୍ୟ ଦେଶଗୁଡିକ ଦ୍ୱାରା ରୁଷିଆ ଉପରେ ଲଗା ଯାଇଥିବା ପ୍ରତିବନ୍ଧକ ନେଇ ରପ୍ତାନିକାରୀମାନେ ନିଜ ବକେୟା ଅର୍ଥ ପାଇବା ସମ୍ପର୍କରେ ସରକାରଙ୍କ ସହ ଆଲୋଚନା କରିଛନ୍ତି। ତେବେ ଭାରତରେ କୃଷି ଏବଂ ଫାର୍ମା ସେକ୍ଟରକୁ ସ୍ୱିଫ୍ଟ ପ୍ରତିବନ୍ଧକରୁ ବାହାର କରାଯିବା ପରେ ମଧ ଭାରତର ରପ୍ତାନିକାରୀମାନେ ନିଜ ଅର୍ଥ ପାଇବା ନେଇ ଆଶାବାଦୀ ଅଛନ୍ତି। ତେବେ ବର୍ତ୍ତମାନ ସୁଦ୍ଧା ଅନ୍ୟ ସେକ୍ଟରର ରପ୍ତାନିକାରୀଙ୍କ ଅର୍ଥ ପାଇବା ସମ୍ପର୍କରେ କୌଣସି ରାସ୍ତା ବାହାରି ନାହିଁ।

# ଅଶୋଧିତ ତୈଳ ଦର ୧୧୩ ଡଲାର ଟପିଲା

**ମୁମ୍ବାଇ,୨।୩**

ରୁଷିଆର ୟୁକ୍ରେନ୍ ଉପରେ ଆକ୍ରମଣର ପ୍ରଭାବ ତୈଳ ବଜାର ଉପରେ ପଡିଛି। ଫଳରେ ବୁଧବାର ଅଶୋଧିତ ତୈଳ ଦର ପୁଣି ଥରେ ବଢିଛି। ଅପରପକ୍ଷରେ ବ୍ରେଣ୍ଟ ଅଶୋଧିତ ଫ୍ୟୁଚର ମୂଲ୍ୟ ୮ ଡଲାରରୁ ଅଧିକ ବୃଦ୍ଧି ପାଇ ବ୍ୟାରେଲ ପିଛା ୧୧୩.୦୨ ଡଲାର ଛୁଇଁଛି। ୨୦୧୪ ଜୁନ୍‌ଠାରୁ ଏହା ସର୍ବାଧିକ ରହିଛି। ଏହି ସମୟରେ ଏହାର ମୂଲ୍ୟ ୧୧୧.୫୩ ଡଲାରରେ ରହିଥିଲା।

ଫୁରସତ୍

# ବାକ୍‌ଶକ୍ତିକୁ ପ୍ରଭାବିତ କରେ ଶ୍ରବଣ ସମସ୍ୟା



**ବିଶ୍ୱ ଶ୍ରବଣ ଦିବସ**

ଜନ୍ମ ସମୟରେ ଶିଶୁ ଶବ୍ଦର ଅନୁକରଣ ମାଧ୍ୟମରେ କଥା କହିବାକୁ ପ୍ରୟାସ କରିଥାଏ। ମାତାପିତା, ପରିବାର ସଦସ୍ୟଙ୍କର ଏଥିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥାଏ। ତେବେ ଯଦି ଶିଶୁଟିର ଶ୍ରବଣରେ ସମସ୍ୟା ରହିଥାଏ, ତେବେ ସେ କିଛି ବି ଶୁଣିପାରେ ନାହିଁ। ଫଳରେ କଥା କହିବା ଏଭଳି ଶିଶୁଙ୍କ କ୍ଷେତ୍ରରେ ପ୍ରାୟତଃ ଅସମ୍ଭବ ହୋଇଥାଏ। ଏହା ଦ୍ୱାରା ବାକ୍‌ବାଧିତ ସୃଷ୍ଟି ହୋଇଥାଏ। ଶିଶୁର ଶୁଣିବା ଏବଂ କଥା କହିବା ମଧ୍ୟରେ ନିବିଡ଼ ସମ୍ପର୍କ ବିଷୟରେ ସଚେତନତା ସୃଷ୍ଟି ପାଇଁ ପ୍ରତିବର୍ଷ ମାର୍ଚ୍ଚ ୩ରେ ବିଶ୍ୱ ଶ୍ରବଣ ଦିବସ ପାଳନ କରାଯାଇଥାଏ। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ପକ୍ଷରୁ ଏହି ଦିବସ ପାଳନ ଅବସରରେ ବିଶ୍ୱବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମମାନ ଆୟୋଜିତ ହୋଇଥାଏ। ୨୦୦୭ରେ ପ୍ରଥମ ଥର ପାଇଁ ଏହା ଅନ୍ତର୍ଜାତୀୟ କାନ ଯତ୍ନ ଦିବସ ଭାବେ ପାଳନ କରାଯାଇଥିଲା। ୨୦୧୬ଠାରୁ ଏହାକୁ ବିଶ୍ୱ ଶ୍ରବଣ ଦିବସ ଭାବେ ପାଳନ କରାଯାଉଛି। ବିଶ୍ୱ ଶ୍ରବଣ ଦିବସ ୨୦୨୨ର ବିଷୟବସ୍ତୁ ହେଉଛି 'ଜୀବନ ପାଇଁ ଶୁଣିବା, ଯତ୍ନର ସହିତ ଶୁଣ' (ଟୁ ହିୟର ଫର୍ ଲାଇଫ୍, ଲିଶିନ୍ ୱିଥ୍ କେୟାର)।

# 'ଖତରୋ କେଁ ଖିଲାଡି' ହେବେ ଶିବାଙ୍ଗୀ



**ମୁମ୍ବାଇ:** ଟେଲି ଦୁନିଆର ଚର୍ଚ୍ଚିତ ଅଭିନେତ୍ରୀ ଭାବେ ଶିବାଙ୍ଗୀ ଯୋଶୀ ବେଶ୍ ପରିଚିତ। ତେବେ ଖୁବ୍ ଶୀଘ୍ର ସେ ରୋହିତ ସେଟ୍ଟୀଙ୍କ ରିଅଲିଟି ଶୋ' ଖତରୋ କେଁ ଖିଲାଡି-୧୨ରେ ନଜରକୁ ଆସିବେ ବୋଲି ଚର୍ଚ୍ଚା ହେଉଛି। ଏଥିପାଇଁ ଶିବାଙ୍ଗୀ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ଏହି ଶୋ'ର ଲିଷ୍ଟରେ ବିଗ୍‌ବସ୍-୧୫ର ଫେମ୍ ସିମ୍ବା ନାଗପାଲ, ପ୍ରତୀକ ସହଜପାଲ, ଉମର ରିଆଜ ଏବଂ ରୁବିନା ଦିଲାଇକ ଭଳି ଅନେକ କଳାକାରଙ୍କ ନାମ ସାମିଲ କରାଯାଇଛି। ଏଥିରେ ଶିବାଙ୍ଗୀଙ୍କ ନାମ ମଧ ରହିଛି। ତେବେ ବର୍ତ୍ତମାନ ସେ ସିରିଏଲ୍ 'ବାଲିକା ବଧୂ-୨'ରେ ନଜରକୁ ଆସୁଛନ୍ତି। ଶିବାଙ୍ଗୀ 'ୟେ ରିସ୍ତା କ୍ୟା କେହଲାତେ ହେ'ରେ ଟିଭି ଇଣ୍ଡଷ୍ଟ୍ରିରେ ଡେବ୍ୟୁ କରିଥିଲେ।

# ଭାରତ ମୋ ଧର୍ମ



ଶାହରୁଖ ଖାନ୍

**ମୁମ୍ବାଇ:** ବଲିଉଡ୍ ଅଭିନେତା ଶାହରୁଖ ଖାନ୍ ତାଙ୍କ ଆଗାମୀ ସିନେମା 'ପଠାନ'କୁ ନେଇ ଚର୍ଚ୍ଚାରେ ରହିଛନ୍ତି। ତେବେ ଫିଲ୍ମର ଟିଜର ବୁଧବାର ରିଲିଜ୍ ହେବା ସହ ରିଲିଜ୍ ତାରିଖ ମଧ ଘୋଷଣା ହୋଇଯାଇଛି। ଶାହରୁଖ ନିଜ ଇନ୍‌ଷ୍ଟାଗ୍ରାମ ପେଜ୍‌ରେ ସିଦ୍ଧାର୍ଥ ଆନନ୍ଦଙ୍କ ନିର୍ଦ୍ଦେଶିତ ଚଳଚ୍ଚିତ୍ରର ୧ ମିନିଟ୍‌ର ପ୍ରଥମ ଲୁକ୍ ଶେୟାର କରିଛନ୍ତି। କ୍ୟାପସନ୍‌ରେ ଲେଖିଛନ୍ତି, 'ମତେ ଜଣାଅଛି କି ଆମର ଡେରି ହୋଇଯାଇଛି, ହେଲେ ପଠାନ ଏବେ ଆରମ୍ଭ ହୋଇଛି, ତାରିଖ ମନେ ରଖନ୍ତୁ'। ଫିଲ୍ମଟି ହିନ୍ଦୀ, ତାମିଲ, ତେଲୁଗୁ ୩ଟି ଭାଷାରେ ଆଗାମୀ ଜାନୁୟାରୀ ୨୫ରେ ପ୍ରେକ୍ଷାଳୟରେ ମୁକ୍ତିଲାଭ କରିବ। ଟିଜରରେ ଜନ୍ ଆବ୍ରାହମ୍, ଦୀପିକା ପାଦୁକୋନ୍ ଏବଂ ଶାହରୁଖ ଖାନ ନଜରକୁ ଆସିଛନ୍ତି। ପ୍ରଥମେ ଜନ୍ କହିଛନ୍ତି, ଆମ ଦେଶରେ ନିଜ ନାମ ଧର୍ମ କିମ୍ବା ଜାତି ଅନୁସାରେ ରଖନ୍ତି, ଦୀପିକା କହିଛନ୍ତି, ପୂର୍ବରୁ ନାମ ରଖିବାବାଲା କେହି ନ ଥିଲା, କେବଳ ଏହି ଦେଶ ହିଁ ଥିଲା ଏବଂ ଶେଷରେ ଶାହରୁଖ କହିଛନ୍ତି, ସେହି ଦେଶକୁ ହିଁ ଆମେ ଧର୍ମ ମାନିଲୁ ଓ ଦେଶକୁ ରକ୍ଷା କରିବା ଆମ କର୍ମ ବୋଲି ସେ ଟିଜରରେ କହୁଥିବା ଦେଖିବାକୁ ମିଳିଛି। ସିନେମାର କିଛି ଅଂଶର ଶୁଟିଂ ସ୍ପେନ୍‌ରେ କରାଯିବ। ଏହା ପୂର୍ବରୁ ଶାହରୁଖ ଫିଲ୍ମ ଜିରୋରେ ନଜର ଆସିଥିଲେ।

# ବନ୍ୟପ୍ରାଣୀ ସୁରକ୍ଷା ହିଁ ପରିବେଶ ସୁରକ୍ଷା

**ପରିବେଶ** ସୁରକ୍ଷା ସବୁଜ ପୃଥିବୀର ସୁରକ୍ଷା ଲାଗି ଅପରିହାର୍ଯ୍ୟ। ତେବେ ଏକ୍ଷେତ୍ରରେ ବନ୍ୟପ୍ରାଣୀଙ୍କ ସୁରକ୍ଷା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ବନ୍ୟପ୍ରାଣୀଙ୍କ ସୁରକ୍ଷା ଉପଲବ୍ଧି କରି ପ୍ରତିବର୍ଷ ମାର୍ଚ୍ଚ ୩ରେ ବିଶ୍ୱ ବନ୍ୟପ୍ରାଣୀ ଦିବସ ପାଳନ କରାଯାଇଥାଏ। ୨୦ ଡିସେମ୍ବର ୨୦୧୩ରେ, ମିଳିତ ଜାତିସଂଘର ସାଧାରଣ ସଭାର ୬୮ତମ ଅଧିବେଶନରେ ବନ୍ୟପ୍ରାଣୀ ଏବଂ ଉଦ୍ଭିଦ ବିଷୟରେ ସଚେତନତା ପାଇଁ ୩ ମାର୍ଚ୍ଚକୁ ଏହି ଦିବସ ଭାବରେ ପାଳନ କରାଯିବାକୁ ଘୋଷଣା କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ୧୯୭୩ରେ ଏହି ଦିବସକୁ ବିଲୁପ୍ତପ୍ରାୟ ପ୍ରଜାତିର ବନ୍ୟପ୍ରାଣୀ ଏବଂ ଉଦ୍ଭିଦର ଅନ୍ତର୍ଜାତୀୟ ବାଣିଜ୍ୟ ସମ୍ମିଳନୀ ଭାବେ ନାମିତ କରାଯାଇଥିଲା, ଯାହା ଅନ୍ତର୍ଜାତୀୟ ବାଣିଜ୍ୟ କ୍ଷେତ୍ରରେ ବିଭିନ୍ନ ପ୍ରଜାତିର ବଞ୍ଚିବା ପ୍ରତି ବିପଦ ସୃଷ୍ଟି ନ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ।

ଏହି ଦିବସ ପାଳନ ଅବସରରେ ୧୮୩ ସଦସ୍ୟ ରାଷ୍ଟ୍ର ମିଳିତ ଭାବେ ବନ୍ୟପ୍ରାଣୀ ଏବଂ ଉଦ୍ଭିଦର ସୁରକ୍ଷା ସହିତ ଜୈବ ବିବିଧତା ସଂରକ୍ଷଣ ପାଇଁ ବିଶ୍ୱ ବ୍ୟାପୀ କାର୍ଯ୍ୟ କରିଥାଆନ୍ତି।

**ବିଶ୍ୱ ବନ୍ୟପ୍ରାଣୀ ଦିବସ**




**CLASSIFIED DISPLAY**

**ALL EDITION - B/W (Everyday)**

for Booking Contact: 0674-2580385, 8637280816, 7894447167, 9338226625

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**!! LOAN !! LOAN !!**

ଫୋନ୍ ମାଧ୍ୟମରେ ଲୋନ୍ କରାଯାଏ ନାହିଁ, ବ୍ୟାଙ୍କକୁ ଯିବା ଆବଶ୍ୟକ।

ଓଡିଶାର ସମସ୍ତ ଜିଲ୍ଲାରେ ପ୍ରଧାନମନ୍ତ୍ରୀ ରୋଜଗାର ଯୋଜନା ମାଧ୍ୟମରେ ଯଦି ଆପଣଙ୍କର କର୍ମଚାରୀଙ୍କ ଦରମା ସ୍ଲିପ୍ ଏବଂ ବ୍ୟବସାୟୀଙ୍କ ପାଇଁ ବ୍ୟବସାୟ ଲାଇସେନ୍ସ ଅଛି। ତେବେ ଆପଣ ଆପଣଙ୍କର ସ୍ଥାନୀୟ ବ୍ୟାଙ୍କରୁ ୫ଲକ୍ଷ ରୁ ୪୦ଲକ୍ଷ ପର୍ଯ୍ୟନ୍ତ ୮% ରୁ ୧୦% ସିକ୍ୟୁରିଟି ରେ ୧୨-୧୫ ଦିନ ମଧ୍ୟରେ ଲୋନ୍ ନେଇପାରିବେ।

ନୋଟ୍- ୧.ପ୍ରଥମେ ଲୋନ୍ ନିଅନ୍ତୁ, ତା ପରେ କମିସନ ଦିଅନ୍ତୁ। ୨.ପର୍ସନାଲ କିମ୍ବା କମ୍ପାନୀ ନାମରେ ଲୋନ୍ ନିଅନ୍ତୁ - କୌଣସି ଫାଇଲ୍ ଚାର୍ଜେସ୍, ବୀମା କିମ୍ବା ଅନ୍ୟ କୌଣସି ଚାର୍ଜେସ୍ ଦେଇ ଠକାମିର ଶୀକାର ହୁଅନ୍ତୁ ନାହିଁ।

+91 9038258863
+91 7797044021

**ALL EDITION - B/W (Everyday)**

for Booking Contact: 0674-2580385, 8637280816, 7894447167, 9338226625

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ମନେ ପଡ଼ନ୍ତି**

**ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



୰ ସୁରେଶ ଚନ୍ଦ୍ର ବେହୁରିଆ
କୁସୁନପୁର, ବିଞ୍ଝାରପୁର, ଯାଜପୁର
ଆବିର୍ଭାବ- ୧୯୩୪
ତିରୋଧାନ- ୨୧।୦୨।୨୦୨୨

ଆପଣଙ୍କ ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠତା, ତ୍ୟାଗ ଓ ସେବା ଆମର ଚିର ସ୍ମରଣୀୟ ହୋଇରହିବ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା।

ଶୋକସନ୍ତପ୍ତ: ପୁତ୍ର- ଆଶିଷ, ଭକ୍ତବନ୍ଧୁ, କୃଷ୍ଣଚନ୍ଦ୍ର, ଧନେଶ୍ୱର, ଆନନ୍ଦ, ଝିଅ- ମୁଟା, ପାକି, ଝାଇଁ- ପ୍ରଦୀପ, ଧୋଇଆ, ନାତି- ବାବୁନୀ, ପାପୁନ୍, ଜିତୁନ୍, ପିନ୍ଟୁ, ଟୁନା, ଧାରା, ନିରା, ରୋଗୀ, ନାତୁଣୀ- ପାଗିଳୀ, ବାଇ, ଜିନା, ବନ୍ଧୁବର୍ଗ ଓ ଆତ୍ମୀୟସ୍ୱଜନ।

ଧ-୨୩୨୮୮

**ଷଷ୍ଠ ଶ୍ରାଦ୍ଧବାର୍ଷିକୀ**



୰ପ୍ରଫେସର ତ୍ରିଲୋଚନ ମିଶ୍ର
ପୂର୍ବତନ କୁଳପତି
୩୧୬-ଏ, ସହିଦ ନଗର, ଭୁବନେଶ୍ୱର
ଆବିର୍ଭାବ: 23.11.1924
ତିରୋଧାନ: 09.03.2016

ଛଅଟି ବରଷ ଗୋଟି ଗୋଟି ହୋଇ
କାଟିଲୁଣି ତୁମ ବିନା,
ସ୍ନେହ ଆଶୀର୍ବାଦ ଧୈର୍ଯ୍ୟ ଓ ସାହସ
ପାଥେୟ ହୋଇଛି ସିନା।
ସଦା ଲଭୁଥାଉ ତୁମରି ଆଶିଷ
ଏତିକି ପ୍ରାର୍ଥନା କରୁ,
ଅମର ଆତ୍ମାର ସଦ୍‌ଗତି ହେଉ
ପ୍ରଭୁ ପାଦ ଲାଭକରୁ।

ତୁମର ପୁଅ, ପୁତୁରା, ବୋହୂ, ପୁତୁରାବୋହୂ, ଝିଅ, ଝାଇଁ, ନାତି, ନାତୁଣୀ।

ଧ-୨୩୨୫୮

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୮ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଗୁରୁବାର, ମାର୍ଚ୍ଚ ୩/୨୦୨୨ Sambalpur, Thursday, March 3/ 2022

# ମୁମ୍ବାଇକୁ ଭେଟିବ ଓଡ଼ିଶା

**ଭୁବନେଶ୍ୱର, ୨।୩ (କ୍ରୀଡ଼ା ପ୍ରତିନିଧି)**

ଚଳିତ ରଣଜୀ ଟ୍ରଫି କ୍ରିକେଟ ସିଜନରେ ଓଡ଼ିଶା ଏହାର ତୃତୀୟ ତଥା ଅନ୍ତିମ ଲିଗ୍ ମ୍ୟାଚରେ ସବୁଠାରୁ ସଫଳ ଦଳ ମୁମ୍ବାଇକୁ ଭେଟିବ। ଗୁରୁବାରଠାରୁ ଅହମଦାବାଦରେ ଏହି ମ୍ୟାଚ ଖେଳାଯିବ। ଓଡ଼ିଶା ଦଳ ଇତିମଧ୍ୟରେ ୨ଟି ମ୍ୟାଚ ଖେଳି ସାରିଛି। ପ୍ରଥମ ମ୍ୟାଚରେ ଗୋଆ ବିପକ୍ଷରେ ପ୍ରଥମ ଇନିଂସ ଅଗ୍ରଣୀ ସହ ମ୍ୟାଚ ଡ୍ର ରଖିଥିବାବେଳେ ଦ୍ୱିତୀୟ ମ୍ୟାଚରେ ସୌରାଷ୍ଟ୍ରଠାରୁ ଏକ ଇନିଂସ ୧୩୧ ରନରେ ପରାଜିତ ହୋଇଛି। ବ୍ୟାଟରମାନଙ୍କ ଅସ୍ଥିର ପ୍ରଦର୍ଶନ ଦଳୀୟ ପ୍ରଦର୍ଶନକୁ

**ରଣଜୀ ଟ୍ରଫି**

ପ୍ରଭାବିତ କରିଛି। ସୌରାଷ୍ଟ୍ର ବିପକ୍ଷ ମ୍ୟାଚରେ ଓଡ଼ିଶା ଦଳ ଉଭୟ ଇନିଂସରେ ଯଥାକ୍ରମେ ୧୬୫ ଓ ୨୦୫ ରନ କରିବାକୁ ସକ୍ଷମ ହୋଇଥିଲା। ଏପରିକି ଗୋଆ ବିପକ୍ଷ ମ୍ୟାଚରେ ମଧ୍ୟ ଦଳ ଆଶାନୁରୂପ ପ୍ରଦର୍ଶନ କରିପାରି ନ ଥିଲା। ପ୍ରଥମ ଇନିଂସରେ ୧୮୯ ଓ ଦ୍ୱିତୀୟ ଇନିଂସରେ ୨୩୯ ରନ ମଧ୍ୟରେ ୭ ଉଇକେଟ ହରାଇଥିଲା। ମୋଟାମୋଟି ଭାବେ ଦେଖିବାକୁ ଗଲେ ଦଳ ଏ ପର୍ଯ୍ୟନ୍ତ ଗୋଟିଏ ୟୁନିଟରେ ଖେଳିବାରେ ସକ୍ଷମ ହୋଇନାହିଁ।


ଅଭ୍ୟାସ ଅବସରରେ ଓଡ଼ିଶା ଦଳ।

**ମୁମ୍ବାଇ ପଲା ଭାରି**

ରେକର୍ଡ ଦେଖିଲେ ଓଡ଼ିଶା ବିପକ୍ଷରେ ମୁମ୍ବାଇ ପଲା ଭାରି ରହିଛି। ୨ଟି ମ୍ୟାଚରୁ ଗୋଟିଏ ଲେଖାଏ ବିଜୟ ଓ ଡ୍ର ସହ ମୁମ୍ବାଇ ଏଲିଟ ଗ୍ରୁପ୍-ଡିର ପଏଣ୍ଟ ଟେବୁଲର ଶୀର୍ଷରେ ରହିଛି। ସୌରାଷ୍ଟ୍ର ସମାନ ସଂଖ୍ୟକ ମ୍ୟାଚ ଖେଳି ୮ ପଏଣ୍ଟ ପାଇଛି। ତେଣୁ ଏହି ଦୁଇ ଦଳ ମଧ୍ୟରେ ସେମିଫାଇନାଲ ଯିବା ପାଇଁ ପ୍ରତିଦ୍ୱନ୍ଦ୍ୱିତା ରହିବ। ଏପରି ସ୍ଥିତିରେ ମୁମ୍ବାଇର ସମ୍ମୁଖୀନ ହେବା ଓଡ଼ିଶା ପାଇଁ ନିଶ୍ଚିତ କଷ୍ଟସାଧ୍ୟ ହେବ। ରେକର୍ଡ ଅନୁସାରେ ଦୁଇ ଦଳ ମଧ୍ୟରେ ଗତ ୫ ମ୍ୟାଚ ମଧ୍ୟରେ ଓଡ଼ିଶା ଆଦୌ ବିଜୟ ସ୍ୱାଦ ପାଇନାହିଁ। ମୁମ୍ବାଇ ୩ଟି ମ୍ୟାଚ ଜିତିଥିବାବେଳେ ଅନ୍ୟ ୨ଟି ମ୍ୟାଚ ଡ୍ର ରହିଛି। ୨୦୧୭ରେ ଭୁବନେଶ୍ୱରରେ ଅନୁଷ୍ଠିତ ଶେଷ ମୁକାବିଲାରେ ମୁମ୍ବାଇ ୧୨୦ ରନରେ ବିଜୟୀ ହୋଇଥିଲା। ୨୦୧୩ରେ ମୁମ୍ବାଇରେ ଅନୁଷ୍ଠିତ ମୁକାବିଲାକୁ ଓଡ଼ିଶା କୌଣସି ପ୍ରକାରେ ଡ୍ର ରଖିବାରେ ସକ୍ଷମ ହୋଇଥିଲେ ହେଁ ମୁମ୍ବାଇ ପ୍ରଥମ ଇନିଂସ ଅଗ୍ରଣୀ ରହିଥିଲା। ୨୦୧୧ରେ କଟକରେ ଅନୁଷ୍ଠିତ ମ୍ୟାଚରେ ମୁମ୍ବାଇ ଏକ ଇନିଂସ ୨୧୦ ରନରେ ବିଜୟୀ ହୋଇଥିଲା। ୨୦୦୯ରେ ମୁମ୍ବାଇରେ ଅନୁଷ୍ଠିତ ମୁକାବିଲା ଡ୍ର ରହିଥିଲା। ୨୦୦୮ରେ କଟକରେ ଅନୁଷ୍ଠିତ ମ୍ୟାଚରେ ମୁମ୍ବାଇ ୩୧୫ ରନରେ ବିଜୟୀ ହୋଇଥିଲା। ଚଳିତ ସିଜନରେ ମଧ୍ୟ ମୁମ୍ବାଇର ପ୍ରଦର୍ଶନ ପ୍ରଭାବୀ ରହିଛି। ସୌରାଷ୍ଟ୍ର ବିପକ୍ଷ ଡ୍ର ମ୍ୟାଚରୁ ଦଳ ପ୍ରଥମ ଇନିଂସ ଅଗ୍ରଣୀ ନେଇଥିବାବେଳେ ଗୋଆକୁ ୧୧୯ ରନରେ ପରାସ୍ତ କରିଛି। ଘରୋଇ କ୍ରିକେଟରେ ହେଭିୱେଟଭାବେ ପରିଚିତ ମୁମ୍ବାଇ ଯଦି ଓଡ଼ିଶାକୁ ହରାଇବ ତେବେ ୧୫ ପଏଣ୍ଟରେ ପହଞ୍ଚିବ। ବୋନସ ପଏଣ୍ଟ ପାଇଲେ ଏହା ୧୬ ହୋଇଯିବ। ଦ୍ୱିତୀୟ ସ୍ଥାନରେ ଥିବା ସୌରାଷ୍ଟ୍ର ଯଦି ଗୋଆକୁ ହରାଇବ ତେବେ ଏହାର ପଏଣ୍ଟ ୧୪ରେ ସୀମିତ ରହିବ। ଯଦି ମୁମ୍ବାଇ ପ୍ରଥମ ଇନିଂସ ଅଗ୍ରଣୀ ରଖି ମ୍ୟାଚ ଡ୍ର ରଖେ ଏବଂ ସୌରାଷ୍ଟ୍ର ବିଜୟୀ ହୁଏ ତେବେ ସୌରାଷ୍ଟ୍ର ସେମିଫାଇନାଲରେ ପ୍ରବେଶ କରିବ।

ଅମୋଲ ମଜୁମଦାରଙ୍କ ପ୍ରଶିକ୍ଷଣପ୍ରାପ୍ତ ମୁମ୍ବାଇ ଦଳ ଅଧିନାୟକ ପୃଥ୍ୱୀ ଶ' ଓ ଭାରତୀୟ ଦଳରୁ ବାଦ୍ ପଡ଼ିଥିବା ଅଜିଙ୍କ୍ୟ ରାହାନେଙ୍କ ପରି ଖେଳାଳିଙ୍କୁ ନେଇ ଶକ୍ତିଶାଳୀ। ଯୁବ ବ୍ୟାଟର ସର୍ଫରାଜ ଖାଁ ମଧ୍ୟ ଚମତ୍କାର ଫର୍ମରେ ଅଛନ୍ତି। ଦଳ ଆଦିତ୍ୟ ତାରେଙ୍କ ବ୍ୟାଟ୍‌ରୁ ବଡ଼ ସ୍କୋର ଆଶା କରୁଛି। ବାମହାତୀ ସ୍ପିନର ଶାମ୍ସ ମୁଲାନୀଙ୍କ ଅଲ୍‌ରାଉଣ୍ଡ ପ୍ରଦର୍ଶନ ବଳରେ ଦଳ ଗୋଆକୁ ପରାସ୍ତ କରିଥିଲା। ମୁଲାନୀ ସେହି ଫର୍ମ ବଜାୟ ରଖିବାନେଇ ଆଶାବାଦୀ ଥିବେ ନିଶ୍ଚିତ। ଦ୍ରୁତ ବୋଲର ଧାୱଲ କୁଲକର୍ଣ୍ଣୀଙ୍କ ନେତୃତ୍ୱରେ ମୁମ୍ବାଇର ବୋଲିଂ ବିଭାଗ ବେଶ୍ ଶାଣିତ। ଓଡ଼ିଶା ୨ ମ୍ୟାଚରୁ ୩ ପଏଣ୍ଟ ପାଇଥିବାରୁ ସେମିଫାଇନାଲ ଦୌଡ଼ରୁ ବାଦ୍ ପଡ଼ିସାରିଛି। ତେବେ ଶୁଭ୍ରାଂଶୁ ସେନାପତିଙ୍କ ନେତୃତ୍ୱାଧୀନ ଦଳ ମୁମ୍ବାଇ ବିପକ୍ଷରେ ଲଢୁଆ ପ୍ରଦର୍ଶନ କରି ସିଜନ ଶେଷ କରିବାକୁ ଲକ୍ଷ୍ୟ ରଖିବା ଆବଶ୍ୟକ।

# ଜାତୀୟ ସଫ୍ଟ ଟେନିସ ପାଇଁ ଓଡ଼ିଶା ଦଳ

**ଭୁବନେଶ୍ୱର, ୨।୩ (କ୍ରୀଡ଼ା ପ୍ରତିନିଧି)**

ଗୁଜରାଟର ଅହମଦାବାଦରେ ଚଳିତ ମାସ ୬ରୁ ୧୦ ପର୍ଯ୍ୟନ୍ତ ୧୬ତମ ଜାତୀୟ ଜୁନିୟର ସଫ୍ଟ ଟେନିସ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ଏଥିରେ ଭାଗ ନେବାପାଇଁ ମନୋନୀତ ଓଡ଼ିଶା ବାଳିକା ଓ ବାଳକ ଦଳ ବୁଧବାର ଅହମଦାବାଦ ଯାତ୍ରା କରିଛି। ପ୍ରତିଯୋଗୀ ଚୟନ ପାଇଁ ୧ ଓ ୨ ତାରିଖରେ ନହରକଣ୍ଟାର ଏସ୍ ବେସ୍ ଟେନିସ ଏକାଡେମୀରେ ୨ୟ ରାଜ୍ୟ ଜୁନିୟର ସଫ୍ଟ ଟେନିସ ଚାମ୍ପିୟନଶିପ୍ ଆୟୋଜନ କରାଯାଇଥିଲା। ଏଥିରେ ପ୍ରଦର୍ଶନ ଭିତ୍ତିରେ ଜାତୀୟ ପ୍ରତିଯୋଗିତା ପାଇଁ ଖେଳାଳି ଚୟନ ହୋଇଥିଲା। ରାଜ୍ୟ ପ୍ରତିଯୋଗିତାରେ ବିଜୟୀ ହୋଇଥିବା ଖେଳାଳିଙ୍କୁ ରାମଚନ୍ଦ୍ର ପଟ୍ଟନାୟକ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ପଦକ ଓ ମାନପତ୍ର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ସଫ୍ଟ ଟେନିସ ଆସୋସିଏଶନ ଚେୟାରମ୍ୟାନ ରଞ୍ଜନ କୁମାର ନନ୍ଦ, ସଭାପତି ବିକାଶ ଚନ୍ଦ୍ର ପଟ୍ଟନାୟକ, ସମ୍ପାଦକ ମହମ୍ମଦ ଆଜାମ, ଅଶୋକ କୁମାର ରାଉତରାୟ, ବିଶିଷ୍ଟ ଟେନିସ କୋଚ୍ ଅଜୟ ମିଶ୍ରଙ୍କ ପ୍ରମୁଖ ଉପସ୍ଥିତ ଥିଲେ। **ବାଳିକା ଦଳ:** ଉମା ଗିରି (ଅଧିନାୟିକା), ସୁଚିତ୍ରା ଜେନା (ଉପ-ଅଧିନାୟିକା), ରାଜେଶ୍ୱରୀ ମଲିକ, ସାଇସା ସ୍ୱାଇଁ, ରୋଜାଲିନ ଭୋଇ। କୋଚ୍: ସତୀଶ କୁମାର ବିଶ୍ୱକର୍ମା, ଅମ୍ପାୟର: ବିକାଶ କୁମାର ମହାପାତ୍ର। **ବାଳକ ଦଳ:** ବାଦଲ ଜେନା (ଅଧିନାୟକ), ଅନିଲ ଗୋପାଲ ସାହୁ (ଉପ-ଅଧିନାୟକ), ବିଜ୍ଞାନଜିତ୍ ଚୌଧୁରୀ, ପ୍ରିୟବ୍ରତ ବେହେରା, ଶ୍ରେୟାଂଶ ସାହୁ, ପୀଯୂଷ ରାଉତ, ବେଦାନ୍ତ ମହାନ୍ତି, ସ୍ୱୟଂସୁଧା ପଲେଇ, ଉଦିତ ନାରାୟଣ ପଣ୍ଡା, ବ୍ରିଷ୍ଟୁ ପ୍ରସାଦ ବେହେରା। କୋଚ୍: ମହମ୍ମଦ ଅନ୍‌ସାର ଉଲ୍ ହକ୍।



ଜାତୀୟ ଜୁନିୟର ସଫ୍ଟ ଟେନିସରେ ଭାଗ ନେବାପାଇଁ ମନୋନୀତ ଓଡ଼ିଶା ଦଳ କର୍ମକର୍ତ୍ତାଙ୍କ ସହ।


ଓଡ଼ିଶା ଓମେନ୍ସ ଲିଗ୍‌ରେ ବୁଧବାର କ୍ୟାପିଟାଲ ହାଇସ୍କୁଲ ପଡ଼ିଆରେ ସାଇ-ଏସ୍‌ଟିସି ଓ ଓଜିପି କ୍ଲବ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

## ପୂଜାରା, ରାହାନେ, ପାଣ୍ଡ୍ୟାଙ୍କ ଗ୍ରେଡ୍‌ରେ ଅବନତି

**ମୋହାଲି, ୨।୩ (ପି.ଟି.):** ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର କେନ୍ଦ୍ରୀୟ ଚୁକ୍ତି ତାଲିକାରେ ଭେଟେରାନ ବ୍ୟାଟର ଚେତେଶ୍ୱର ପୂଜାରା, ଅଜିଙ୍କ୍ୟ ରାହାନେ ଓ ଅଲ୍‌ରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଅବନତି ଘଟିଛି। ବୁଧବାର ବିସିସିଆଇ ଆପେକ୍ସ କାଉନସିଲ ବୈଠକ ବସି ଏହି ନିଷ୍ପତ୍ତି ନିଆଯାଇଛି। ବିସିସିଆଇର କେନ୍ଦ୍ରୀୟ ଚୁକ୍ତିରେ ୪ କାଟେଗୋରି ଏ+ (ବାର୍ଷିକ ୭ କୋଟି), ଏ (୫ କୋଟି), ବି (୩ କୋଟି), ସି (୧ କୋଟି) ରହିଛି। ପୂଜାରା ଓ ରାହାନେ ଗ୍ରେଡ୍-ଏରୁ ବି'କୁ ଖସିଛନ୍ତି। ହାର୍ଦ୍ଦିକଙ୍କର ସବୁଠାରୁ ବଡ଼ କ୍ଷତି ଘଟିଛି। ଆହତ ସମସ୍ୟା ଯୋଗୁ ଗତ କିଛିଦିନଧରି ଦଳରୁ ବାହାରେ ରହି ଆସୁଥିବା ଏହି ଅଲ୍‌ରାଉଣ୍ଡର ଗ୍ରେଡ୍-ଏରୁ ସି'କୁ ଖସି ଆସିଛନ୍ତି। ସେହିପରି ବିବାଦ ଘେରରେ ରହିଥିବା ଉଇକେଟ କିପର/ବ୍ୟାଟର ରିଦ୍ଧିମାନ ଶାହା ଗ୍ରେଡ୍-ବିରୁ ସି'କୁ ଖସିଛନ୍ତି।

# ୫ ଭେନ୍ୟୁରେ ଆଇପିଏଲ୍ ଦଳର ଅଭ୍ୟାସ

**ମୁମ୍ବାଇ, ୨।୩ (ପି.ଟି.)**

ଆଗାମୀ ଇଣ୍ଡିଆନ ପ୍ରିମିୟର ଲିଗ୍ ପୂର୍ବରୁ ଫ୍ରାଞ୍ଚାଇଜ୍ ଦଳଗୁଡ଼ିକ ଚଳିତ ମାସ ୧୪ କିମ୍ବା ୧୫ ତାରିଖରୁ ଅଭ୍ୟାସ ଆରମ୍ଭ କରିବେ। ଏଥିପାଇଁ ୫ଟି ଭେନ୍ୟୁକୁ ବଛାଯାଇଛି। ସୁବୁରବାନ ବାନ୍ଦ୍ରା କୁର୍ଲା କମ୍ପ୍ଲେକ୍ସର ଏମ୍‌ସିଏ ଗ୍ରାଉଣ୍ଡ, ଥାନେସ୍ଥିତ ଏମ୍‌ସିଏ ଗ୍ରାଉଣ୍ଡ, ଡିୱାଇ ପାଟିଲ ବିଶ୍ୱବିଦ୍ୟାଳୟ ପଡ଼ିଆ, କ୍ରିକେଟ କ୍ଲବ ଅଫ୍ ଇଣ୍ଡିଆ (ସିସିଆଇ)ର ଏକ ଫୁଟବଲ ପଡ଼ିଆ ଏବଂ ଘାନସୋଲିସ୍ଥିତ ରିଲିଆନ୍ସ କର୍ପୋରେଟ ପାର୍କ ଗ୍ରାଉଣ୍ଡକୁ ଅଭ୍ୟାସ ପାଇଁ ଚିହ୍ନଟ କରାଯାଇଛି। ଏହି ବ୍ୟୟବହୁଳ ଲିଗ୍ ମାର୍ଚ୍ଚ ୨୬ରେ ଆରମ୍ଭ ହେବ। ବିଭିନ୍ନ ଦଳର ଖେଳାଳି ମାର୍ଚ୍ଚ ୮ରୁ ମୁମ୍ବାଇରେ ପହଞ୍ଚିବା ଆରମ୍ଭ କରିବେ। ୧୦ ଦଳକୁ ନେଇ ହେବାକୁ ଯାଉଥିବା ଲିଗ୍‌ର ସଫଳ ପରିଚାଳନା ପାଇଁ ମହାରାଷ୍ଟ୍ର ସରକାର ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଓ ମୁମ୍ବାଇ କ୍ରିକେଟ ଆସୋସିଏଶନ (ଏମ୍‌ସିଏ) କର୍ମକର୍ତ୍ତାଙ୍କ ସହ ଦକ୍ଷିଣ ମୁମ୍ବାଇଠାରେ ଆଲୋଚନା କରିଛନ୍ତି। ମୁମ୍ବାଇରେ ପହଞ୍ଚିବା ପୂର୍ବ ୪୮ ଘଣ୍ଟା ମଧ୍ୟରେ ସମସ୍ତେ ଆରଟି-ପିସିଆର ଟେଷ୍ଟ କରିଥିବେ। ବାୟୋ-ବବ୍‌ଲରେ ପ୍ରବେଶ କରିବା ପୂର୍ବରୁ ଖେଳାଳି ଓ କର୍ମକର୍ତ୍ତାମାନେ ୩ରୁ ୫ ଦିନ କ୍ୱାରାଣ୍ଟାଇନ୍‌ରେ ରହିବେ ବୋଲି ବିବେଚନା କରାଯାଉଛି। ପ୍ରଥମ, ତୃତୀୟ ଓ ୫ମ ଦିବସରେ ସମସ୍ତଙ୍କର ଆରଟି-ପିସିଆର ଟେଷ୍ଟ କରାଯିବ। ଯଦି ୩ ଦିନ କ୍ୱାରାଣ୍ଟାଇନ ବ୍ୟବସ୍ଥା ହୁଏ ତେବେ ପ୍ରତିଦିନ ଆରଟି-ପିସିଆର ଟେଷ୍ଟ ହେବ। ୩ଟି ଯାକ ରିପୋର୍ଟ ନେଗେଟିଭ୍ ହେଲେ ଯାଇ ଖେଳାଳି କିମ୍ବା କର୍ମକର୍ତ୍ତା ଦଳର କାର୍ଯ୍ୟକଳାପରେ ସାମିଲ ହୋଇପାରିବେ। ଏଥର ଆଇପିଏଲ ସମୟରେ ୨୫ ପ୍ରତିଶତ ଦର୍ଶକଙ୍କୁ ଅନୁମତି ମିଳିବା ସମ୍ଭାବନା ରହିଛି। ଆଇପିଏଲର ଲିଗ୍ ପର୍ଯ୍ୟାୟ ମୁମ୍ବାଇ ଓ ପୁଣେରେ ଅନୁଷ୍ଠିତ ହେବ। ୱାଙ୍ଖେଡେ ଷ୍ଟାଡିୟମ ଓ କ୍ରିକେଟ କ୍ଲବ ଅଫ୍ ଇଣ୍ଡିଆରେ ୨୦ଟି ଲେଖାଏ ଏବଂ ଡିୱାଇ ପାଟିଲ ଷ୍ଟାଡିୟମ ଓ ପୁଣେସ୍ଥିତ ମହାରାଷ୍ଟ୍ର ଆସୋସିଏଶନ ଷ୍ଟାଡିୟମରେ ୧୫ଟି ଲେଖାଏ ମ୍ୟାଚ ଆୟୋଜନ ହେବ।




# ଓଡ଼ିଶା ଓମେନ୍ସ ଲିଗ୍: ଓଜିପି, ରେଲୱେ ଦଳ ବିଜୟୀ

**ଭୁବନେଶ୍ୱର, ୨।୩ (କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶା ଓମେନ୍ସ ଲିଗ୍ (ଓଡବ୍ଲୁଏଲ୍) ଫୁଟବଲ ଟୁର୍ନାମେଣ୍ଟରେ ସୋମବାର ୨୬, ୨୭ ଓ ୨୮ତମ ମ୍ୟାଚ ଅନୁଷ୍ଠିତ ହୋଇଛି। ଏଥିରେ ଓଜିପି ଓ ଇଷ୍ଟକୋଷ୍ଟ ରେଲୱେ ବିଜୟ ହାସଲ କରିଥିବାବେଳେ ସ୍ପୋର୍ଟ୍ସ ଓଡ଼ିଶା ଓ ଓଡ଼ିଆ ପୋଲିସ ମ୍ୟାଚ ଗୋଲଶୂନ୍ୟ ଡ୍ର ରହିଛି। କ୍ୟାପିଟାଲ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚରେ ଓଜିପି କ୍ଲବ ୧-୦ ଗୋଲରେ ସାଇ ଏସ୍‌ଟିସିକୁ ପରାସ୍ତ କରିଛି। ମ୍ୟାଚର ୭ମ ମିନିଟରେ ଓଜିପି ଦଳର ଏ. କୃତିକା କୁମାରୀ ଦେଇଥିବା ଗୋଲଟି ଶେଷରେ ନିର୍ଣ୍ଣାୟକ ହୋଇଥିଲା। ମ୍ୟାଚର ଅବଶିଷ୍ଟ ସମୟ ତୀବ୍ର ସଂଘର୍ଷପୂର୍ଣ୍ଣ ହୋଇଥିଲେ ହେଁ ଆଉ କୌଣସି ଦଳ ଗୋଲ ସ୍କୋର କରିପାରି ନ ଥିଲେ। ଏହି ପଡ଼ିଆରେ ଅନୁଷ୍ଠିତ ଅନ୍ୟ ଏକ ମ୍ୟାଚରେ ରେଲୱେ ଦଳ ୨-୦ ଗୋଲରେ ରାଇଜିଂ ଷ୍ଟୁଡେଣ୍ଟକୁ ହରାଇ ଦେଇଛି। ବିଜୟୀ ଦଳ ପକ୍ଷରୁ ସୁପ୍ରିୟା ରାଉତରାୟ ୩୨ ଓ ତାରା ଖାତୁନ ୩୯ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ସ୍ପୋର୍ଟ୍ସ ଓଡ଼ିଶା ଓ ଓଡ଼ିଶା ପୋଲିସ ମ୍ୟାଚରେ ଗୋଟିଏ ହେଲେ ଗୋଲ ହୋଇପାରି ନ ଥିଲା। ଉଭୟ ଦଳ ଏକାଧିକ ସୁଯୋଗ ପାଇଥିଲେ ହେଁ ତା'ର ସଦୁପଯୋଗ କରିପାରି ନ ଥିଲେ। ଶୁକ୍ରବାର କ୍ୟାପିଟାଲ ପଡ଼ିଆରେ ସାଇ ଏସ୍‌ଟିସି-ରାଇଜିଂ ଷ୍ଟୁଡେଣ୍ଟ, ଓଡ଼ିଶା ପୋଲିସ-ଓଜିପି କ୍ଲବ ଏବଂ କଳିଙ୍ଗ ଷ୍ଟାଡିୟମରେ ଇଷ୍ଟକୋଷ୍ଟ ରେଲୱେ-ସ୍ପୋର୍ଟ୍ସ ଓଡ଼ିଶା ମ୍ୟାଚ ଅନୁଷ୍ଠିତ ହେବ।

# ଜାତୀୟ ମହିଳା ଚେସ୍: ଦିବ୍ୟା ଚାମ୍ପିୟନ

**ଭୁବନେଶ୍ୱର, ୨।୩ (କ୍ରୀଡ଼ା ପ୍ରତିନିଧି)**

କିଟ୍ ଅନ୍ତର୍ଜାତୀୟ ଚେସ୍ ହଲ୍‌ରେ ଅଲ ଓଡ଼ିଶା ଚେସ୍ ଆସୋସିଏଶନ (ଏଓସିଏ) ଆନୁକୂଲ୍ୟରେ ଅନୁଷ୍ଠିତ ଜାତୀୟ ମହିଳା ଚେସ୍‌ରେ ମହିଳା ଗ୍ରାଣ୍ଡମାଷ୍ଟର (ଡବ୍ଲ୍ୟୁଜିଏମ୍) ଦିବ୍ୟା ଦେଶମୁଖ ଚାମ୍ପିୟନ ହୋଇଛନ୍ତି। ୯ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ସେ ୮ ପଏଣ୍ଟ ପାଇଛନ୍ତି। ମହିଳା ଅନ୍ତର୍ଜାତୀୟ ମାଷ୍ଟର (ଡବ୍ଲ୍ୟୁଆଇଏମ୍) ସାକ୍ଷୀ ଚିତ୍‌ଲାଙ୍ଗି, (ଡବ୍ଲ୍ୟୁଆଇଏମ୍) ପ୍ରିୟଙ୍କା ନୁଟକ୍କି ଓ ଡବ୍ଲ୍ୟୁଜିଏମ୍ ଶ୍ରୀଜା ଶେଷାଦ୍ରି ୭ ପଏଣ୍ଟ ଲେଖାଏ ପାଇ ପରବର୍ତ୍ତୀ ୩ ସ୍ଥାନରେ ରହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଅନ୍ତର୍ଜାତୀୟ ମାଷ୍ଟର (ଆଇଏମ୍) ସୌମ୍ୟା ସ୍ୱାମୀନାଥନ, ଆଇଏମ୍ ଆର. ବୈଶାଳୀ, ପିଏସ୍‌ପିବି ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଓଡ଼ିଶା ଆଇଏମ୍ ପଦ୍ମିନୀ ରାଉତ, ଡବ୍ଲ୍ୟୁଜିଏମ୍ ମାରିଆନ୍ ଗୋମ୍ସ, ଡବ୍ଲ୍ୟୁଆଇଏମ୍ ପ୍ରିୟଙ୍କା କେ. ଓ ଡବ୍ଲ୍ୟୁଆଇଏମ୍ ପର୍ନାଲି ଧରିଆ ୬.୫ ପଏଣ୍ଟ ଲେଖାଏ ପାଇ ଟପ୍-୧୦ରେ ରହିଛନ୍ତି। ଅନ୍ୟ ଓଡ଼ିଆ ଖେଳାଳିଙ୍କ ମଧ୍ୟରେ ସ୍ୱାରକୀ ମହାନ୍ତି ( ୬ ପଏଣ୍ଟ- ୧୭ତମ ସ୍ଥାନ), ମହିଳା ଫିଡେ ମାଷ୍ଟର ସାଇନା ସାଲୋନିକା (୫.୫-୨୦), ଏଲ୍‌ଆଇସି ପକ୍ଷରୁ ଖେଳିଥିବା ଡବ୍ଲ୍ୟୁଜିଏମ୍ କିରଣ ମନୀଷା ମହାନ୍ତି (୫-୩୫), ଯଶିତା ରାଉତ (୫-୪୮), ଅନନ୍ୟା ଅନାମିକା (୪-୬୬), ଶ୍ରଦ୍ଧା ସ୍ୱରଣିକା ନନ୍ଦ (୩.୫-୭୬), ଜୟଲକ୍ଷ୍ମୀ ସାହୁ (୩.୫-୮୦), ପ୍ରତ୍ୟାଶା ଜେନା (୩.୫-୮୨), ଗୀତାଶ୍ରୀ ବିଶ୍ୱାଳ (୩.୫-୮୪), ଅନନ୍ତୋୟା ଚାଟାର୍ଜୀ (୩-୮୮) ପଛକୁ ପଛ ରହିଛନ୍ତି। ଚାମ୍ପିୟନ ଦିବ୍ୟାଙ୍କୁ ପୁରସ୍କାର ଆକାରରେ ଟ୍ରଫି ସହ ୫,୫୦,୦୦୦ ଟଙ୍କା ପ୍ରଦାନ କରାଯାଇଛି। ସାକ୍ଷୀଙ୍କୁ ୪,୫୦,୦୦୦, ନୁଟକ୍କିଙ୍କୁ ୩,୫୦,୦୦୦, ଶ୍ରୀଜାଙ୍କୁ ୨,୫୦,୦୦୦, ସୌମ୍ୟାଙ୍କୁ ୨,୦୦,୦୦୦, ବୈଶାଳୀଙ୍କୁ ୨,୦୦,୦୦୦, ପଦ୍ମିନୀଙ୍କୁ ୧,୫୦,୦୦୦, ଗୋମ୍ସଙ୍କୁ ୧,୫୦,୦୦୦, ପ୍ରିୟଙ୍କାଙ୍କୁ ୧,୦୦,୦୦୦ ଓ ପର୍ନାଲିଙ୍କୁ ୧,୦୦,୦୦୦ ଏହିପରି ମୋଟ ୨୫,୦୦,୦୦୦ ଟଙ୍କା ପୁରସ୍କୃତ କରାଯାଇଛି। ଉଦ୍‌ଯାପନୀ ଉତ୍ସବରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ମୁଖ୍ୟ ଅତିଥି, ଅଲ୍ ଇଣ୍ଡିଆ ଚେସ୍ ଫେଡେରେଶନ (ଏଆଇସିଏଫ୍) ସମ୍ପାଦକ ଭରତ ସିଂ ଚୌହାନ ଓ ଯୁଗ୍ମ ସମ୍ପାଦକ ରଞ୍ଜନ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ରାଜ୍ୟ କ୍ରୀଡ଼ା ବିଭାଗର ଯୁଗ୍ମ ସଚିବ ଶୈଳେନ୍ଦ୍ର ଜେନା, ଏଓସିଏ ସମ୍ପାଦକ ଦେବବ୍ରତ ଭଞ୍ଜ, ସଭାପତି ଗୋବିନ୍ଦ୍ର ଚନ୍ଦ୍ର ମହାପାତ୍ର, କୋଷାଧ୍ୟକ୍ଷ ଭବେଶ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଟୁର୍ନାମେଣ୍ଟରେ ୨ ଜଣ ଖେଳାଳି ନୁଟ୍‌କ୍କି ଓ ଚିତ୍‌ଲାଙ୍ଗି ମହିଳା ଗ୍ରାଣ୍ଡମାଷ୍ଟର ନର୍ମ ହାସଲ କରିଛନ୍ତି।



ଜାତୀୟ ମହିଳା ଚେସ୍‌ର ପ୍ରଥମ ୩ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀ ପୁରସ୍କାର ସହ ଅତିଥିଙ୍କ ଗହଣରେ।

# ଓଡ଼ିଶା ଦଳର କ୍ରମାଗତ ଦ୍ୱିତୀୟ ବିଜୟ

**ଜାତୀୟ ମହିଳା ଦୃଷ୍ଟିହୀନ କ୍ରିକେଟ**

**ଭୁବନେଶ୍ୱର, ୨।୩ (କ୍ରୀଡ଼ା ପ୍ରତିନିଧି):** ବେଙ୍ଗାଲୁରୁଠାରେ ଚାଲିଥିବା ୨ୟ ଜାତୀୟ ମହିଳା ଦୃଷ୍ଟିହୀନ କ୍ରିକେଟ ଟୁର୍ନାମେଣ୍ଟରେ ଓଡ଼ିଶା ଦଳ କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ପୂର୍ବ ମ୍ୟାଚରେ ହରିୟାଣାକୁ ହରାଇଥିବା ଓଡ଼ିଶା ବୁଧବାର ଦ୍ୱିତୀୟ ମ୍ୟାଚରେ ମଧ୍ୟପ୍ରଦେଶକୁ ପରାସ୍ତ କରିଛି। ଆଲ୍‌ଟୋରେ ସ୍ପୋର୍ଟ୍ସ ଗ୍ରାଉଣ୍ଡରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ୧୫ ଓଭରରେ ୩ ଉଇକେଟ ହରାଇ ୧୪୯ ରନ କରିଥିଲା। ଦଳ ପକ୍ଷରୁ ରଚନା ଜେନା ସର୍ବାଧିକ ୬୭*, ଫୁଲ ସୋରେନ ୩୪ ଓ ଝିଲି ବିରୁଆ ୨୮ ରନ କରିଥିଲେ। ଜବାବରେ ମଧ୍ୟପ୍ରଦେଶ ୧୫ ଓଭରରେ ୫ ଉଇକେଟ ହରାଇ ୮୫ ରନ କରିବାକୁ ସକ୍ଷମ ହୋଇଥିଲା। ରଚନାଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ଓଡ଼ିଶା ଦଳ ପ୍ରତିଯୋଗିତାର ତୃତୀୟ ଲିଗ୍ ମ୍ୟାଚରେ ଗୁରୁବାର ମହାରାଷ୍ଟ୍ରକୁ ସଚିନ ତେନ୍ଦୁଲକର ଟର୍ଫ ଗ୍ରାଉଣ୍ଡରେ ଭେଟିବ।



ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ଗ୍ରହଣ ଅବସରରେ ରଚନା ଜେନା।

## ପ୍ରମୋଦ, ଦୀପ୍ ରଞ୍ଜନ ବିଜୟୀ

**ଭୁବନେଶ୍ୱର, ୨।୩ (କ୍ରୀଡ଼ା ପ୍ରତିନିଧି):** ସ୍ପେନ୍‌ର ଭିକ୍ଟୋରିଆଠାରେ ଆରମ୍ଭ ହୋଇଥିବା ସ୍ପାନିଶ ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାରେ ଓଡ଼ିଶାର ପ୍ରମୋଦ ଭଗତ ଓ ଦୀପ୍ ରଞ୍ଜନ ବିଷୋୟୀ ବିଜୟ ସହ ଅଭିଯାନ ଆରମ୍ଭ କରିଛନ୍ତି। ସିଙ୍ଗଲ୍ସରେ ପ୍ରମୋଦ ଫ୍ରାନ୍ସର ଜାଭିୟର ଦେବାଭେଲାରେଙ୍କୁ ୨୧-୧୩, ୨୧-୧୨ରେ ହରାଇଛନ୍ତି। ସେହିପରି ଦୀପ୍ ରଞ୍ଜନ ପର୍ତ୍ତୁଗାଲର ବ୍ରୁନୋ ଫାରିଆଙ୍କୁ ୨୧-୮, ୨୧-୪ରେ ପରାସ୍ତ କରିଛନ୍ତି। ପ୍ରମୋଦ ଓ ପଲକ କୋହଲି ଯୋଡ଼ି ଗୋଟିଏ ଦିନରେ ୨ଟି ମିକ୍ସଡ ଡବଲ୍ସ ମ୍ୟାଚ ଜିତିଛନ୍ତି। ସେମାନେ ଭାରତର ନିହାଲ ଗୁପ୍ତା ଓ ଇଟାଲିର ରୋଜ୍ ଡି ମାର୍କୋଙ୍କୁ ଏବଂ ପେରୁର ଗେର୍ସନ ଜାଏର ଭର୍ଗାସ ଓ ସ୍ପେନ୍‌ର ସାଞ୍ଚେଜ ଡି ଲେଚିନାଙ୍କୁ ହରାଇ ଦେଇଛନ୍ତି। ସେହିପରି ଦୀପରଞ୍ଜନ ଓ ମହମ୍ମଦ ଅରୱାଜ ଯୋଡ଼ି ଡବଲ୍ସ ମ୍ୟାଚରେ ବିଜୟୀ ହୋଇଛନ୍ତି।


Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

ପୃଷ୍ଠା-୮+୮

# ଧରିତ୍ରୀ
DHARITRI

ସମ୍ବଲପୁର, ଗୁରୁବାର, ମାର୍ଚ୍ଚ ୩/୨୦୨୨ (୮+୮=୧୬ ପୃଷ୍ଠା) Sambalpur, Thursday, March 3/2022



**ଘରୋଇ ମେଡିକାଲ କଲେଜ ଉପରେ ନିୟନ୍ତ୍ରଣ ନାହିଁ: ୟେଚୁରୀ**
ଭାରତର ଘରୋଇ ମେଡିକାଲ କଲେଜଗୁଡ଼ିକ ଉପରେ କେନ୍ଦ୍ରର ନିୟନ୍ତ୍ରଣ ନ ଥିବାରୁ ଛାତ୍ରଛାତ୍ରୀ ବିଦେଶରେ ପଢ଼ିବାକୁ ବାଧ ହେଉଛନ୍ତି ବୋଲି ସିପିଆଇଏମ୍ ନେତା ସୀତାରାମ ୟେଚୁରୀ କହିଛନ୍ତି। ୦୨

୦୭ **ସମାଜସେବା କରିବେ ତାପସୀ**
ଅଭିନୟ ସହ ସମାଜସେବା ପାଇଁ ମନ ବଳାଇଛନ୍ତି ବଲିଉଡ୍ ଅଭିନେତ୍ରୀ ତାପସୀ ପାନ୍ନୁ। ଏଥିନେଇ ସେ ଏକ ଗ୍ରୁପ୍ ଗଠନ କରିଥିବା ସୂଚନା ଦେଇଛନ୍ତି।



# ଆଣବିକ ଯୁଦ୍ଧ ଧମକ ଦେଲା ରୁଷିଆ

## ଆମ ଇତିହାସ ଲିଭାଇବାକୁ ଉଦ୍ୟମ କରୁଛି ରୁଷିଆ: ଜେଲେନ୍‌ସ୍କି

## ଖର୍କିଭ୍ ଧ୍ୱଂସସ୍ତୂପ, କ୍ରେମ୍‌ଲିନ ଦଖଲରେ ଖେରସୋନ୍



ରୁଷୀୟ ସୈନ୍ୟଙ୍କ ଆକ୍ରମଣରେ ଧ୍ୱସ୍ତବିଧ୍ୱସ୍ତ ଖର୍କିଭ୍‌ସ୍ଥିତ ଆଞ୍ଚଳିକ ପୋଲିସ ମୁଖ୍ୟାଳୟ।

କିଭ୍/ମସ୍କୋ, ୨।୩

ୟୁକ୍ରେନ୍ ଆକ୍ରମଣକୁ ସପ୍ତାହେ ବିତିଥିଲେ ହେଁ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କିଙ୍କ ନିର୍ବାଚିତ ସରକାରକୁ ରୁଷିଆ ହଟାଇପାରି ନାହିଁ। ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ଶକ୍ତିଶାଳୀ ସେନା ସ୍ଥାନୀୟ ଲୋକଙ୍କ ପ୍ରତିରୋଧ ଯୋଗୁ ଜେଲେନ୍‌ସ୍କିଙ୍କ ପତନ ଘଟାଇ ନ ପାରି ରାଜଧାନୀ କିଭ୍ ଓ ଖର୍କିଭ୍ ସମେତ ଅନ୍ୟ କେତେକ ସହରକୁ ଦଖଲ ପାଇଁ ଆକାଶମାର୍ଗରୁ ଘନ ଘନ ବୋମା ମାଡ଼ କରୁଛନ୍ତି। ଏହି କ୍ରମରେ ଖେରସୋନ୍ ସହରକୁ ରୁଷିଆ ସମ୍ପୂର୍ଣ୍ଣ ନିୟନ୍ତ୍ରଣକୁ ନେଇଥିବା ବୁଧବାର ଦାବି କରିଥିବାବେଳେ ଏହାକୁ ୟୁକ୍ରେନ୍ ଖଣ୍ଡନ କରିଛି। ଏଭଳି ସମୟରେ ରୁଷିଆ ଆଣବିକ ଯୁଦ୍ଧର ଧମକ ଦେଇଛି। ରୁଷିଆ ବହିର୍ବ୍ୟାପାର ମନ୍ତ୍ରୀ ସେର୍ଗେଇ ଲାଭ୍ରୋଭ୍ ନିରସ୍ତ୍ରୀକରଣ ସମ୍ପର୍କିତ ଏକ ସମ୍ମିଳନୀକୁ ସମ୍ବୋଧନ କରି କହିଛନ୍ତି, ତୃତୀୟ ବିଶ୍ୱଯୁଦ୍ଧ ହେଲେ ଆଣବିକ ଅସ୍ତ୍ର ବ୍ୟବହାର କରାଯିବ। ଏହା ଅଧିକ ବିଧ୍ୱଂସକ ହେବ। ତେବେ କିଭ୍ ଯଦି ଆଣବିକ ଅସ୍ତ୍ର ହାତେଇଥାଏ ତେବେ ଗତ ସପ୍ତାହରେ ୟୁକ୍ରେନ୍ ବିରୋଧରେ ସାମରିକ ଅଭିଯାନ ଆରମ୍ଭ କରିଥିବା ରୁଷିଆ 'ଅସଲ ବିପଦ'କୁ ସାମ୍ନା କରିବ। ଏ ନେଇ ୟୁକ୍ରେନ୍ ରାଷ୍ଟ୍ରପତି ଜେଲେନ୍‌ସ୍କି କହିଛନ୍ତି, ସେମାନେ ଆମର ଇତିହାସକୁ ଲିଭାଇଦେବା ପାଇଁ ଉଦ୍ୟମ କରୁଛନ୍ତି। ଆକ୍ରମଣକାରୀଙ୍କୁ ଯଥାଶୀଘ୍ର ସମ୍ଭବ ରୋକିବାକୁ ପଡ଼ିବ। ଏଥିପାଇଁ ଆମେରିକାର ସହଯୋଗ ଲୋଡ଼ିଥିବା ସେ ପ୍ରକାଶ କରିଛନ୍ତି।

ଆକ୍ରମଣର ସପ୍ତମ ଦିନରେ ୟୁକ୍ରେନ୍‌ରେ ରୁଷିଆର ତାଣ୍ଡବଲୀଳା ଜାରି ରହିଛି। ପୁଟିନ୍‌ଙ୍କ ସେନା ପଡ଼ୋଶୀ ଦେଶର ପୂର୍ବାଞ୍ଚଳରେ ଥିବା ୧.୫ ନିୟୁତ ଜନସଂଖ୍ୟା ବିଶିଷ୍ଟ ଦ୍ୱିତୀୟ ବୃହତ୍ ସହର ଖର୍କିଭ୍‌ରେ ଜନବସତିଗୁଡ଼ିକୁ ଆକାଶମାର୍ଗରୁ ଟାର୍ଗେଟ କରିଛି। ତୁହାକୁ ତୁହା ବୋମା ବର୍ଷଣରେ ବୁଧବାର ୪ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୯ ଜଣ ଆହତ ହୋଇଛନ୍ତି। ଖର୍କିଭ୍ ସହର ବସ୍ତୁତଃ ଏକ ଧ୍ୱଂସସ୍ତୂପରେ ପରିଣତ ହୋଇଛି। ରୁଷିଆ ପ୍ରତିରକ୍ଷା ମନ୍ତ୍ରଣାଳୟ ମୁଖପାତ୍ର ଆଇଗୋର କୋନାଶେଙ୍କୋଭ୍ ଏକ ଟିଭି ସାକ୍ଷାତ୍‌କାରରେ କହିଛନ୍ତି, ସଶସ୍ତ୍ର ବଳ ୟୁକ୍ରେନ୍‌ର ☞ପୃଷ୍ଠା-୬

## ଅସୁସ୍ଥ ଭାରତୀୟ ଛାତ୍ରଙ୍କ ମୃତ୍ୟୁ



ଚନ୍ଦନ ଜିନ୍ଦଲ

କିଭ୍, ୨।୩: ରୁଷିଆ ସୈନ୍ୟଙ୍କ ଆକ୍ରମଣରେ କର୍ଣ୍ଣାଟକ ଛାତ୍ର ନବୀନ ଶେଖରପ୍ପାଙ୍କ ମୃତ୍ୟୁ ପରେ ମଙ୍ଗଳବାର ରାତିରେ ୟୁକ୍ରେନ୍‌ରେ ଆଉ ଜଣେ ଭାରତୀୟ ଛାତ୍ର ପ୍ରାଣ ହରାଇଛନ୍ତି। ମୃତ୍ୟୁ ଘଟିଥିବା ଏହି ଛାତ୍ର ଜଣକ ହେଲେ ପଞ୍ଜାବର ଚନ୍ଦନ ଜିନ୍ଦଲ (୨୧)। ସେ ୟୁକ୍ରେନ୍‌ର ଭିନ୍ନିତ୍‌ସିଆରେ ଡାକ୍ତରୀ ପାଠ ପଢୁଥିଲେ। ଗତ ଫେବୃୟାରୀ ୨ରେ ବ୍ରେନ୍ ଷ୍ଟ୍ରୋକ୍ ହେବାରୁ ତାଙ୍କୁ ଆଇସିୟୁରେ ଭର୍ତ୍ତି କରାଯାଇଥିଲା। ଚନ୍ଦନଙ୍କ ଚିକିତ୍ସା ପାଇଁ ବାପା ଶିଷାନ କୁମାର ୟୁକ୍ରେନ୍‌କୁ ଯାଇଥିଲେ। ଶିଷାନ ମୃତଦେହ ସହ ୟୁକ୍ରେନ୍-ରୋମାନିଆ ସୀମାରେ ପହଞ୍ଚିଛନ୍ତି। ଏୟାର ଆମ୍ବୁଲାନ୍ସ ଯୋଗେ ଚନ୍ଦନଙ୍କ ମୃତଦେହ ଆଣିବା ନିମନ୍ତେ ବ୍ୟବସ୍ଥା କରିବାକୁ ତାଙ୍କ ପରିବାର କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଛନ୍ତି। ଇତିମଧ୍ୟରେ ଖର୍କିଭ୍ ଏବଂ ଅନ୍ୟ ଯୁଦ୍ଧ ପ୍ରଭାବିତ ଅଞ୍ଚଳରୁ ଭାରତୀୟଙ୍କୁ ଫେରାଇ ଆଣିବା ପାଇଁ ଉଭୟ ରୁଷିଆ ଏବଂ ୟୁକ୍ରେନ୍ ରାଷ୍ଟ୍ରଦୂତଙ୍କ ସହ କଥା ହୋଇଥିବା ବହିର୍ବ୍ୟାପାର ସଚିବ ହର୍ଷବର୍ଦ୍ଧନ ଶ୍ରୀଙ୍ଗଲା କହିଛନ୍ତି।

# ବର୍ଷା ପରେ ରାସ୍ତାରୁ ମିଳିଲା ବିଚିତ୍ର ପ୍ରାଣୀ

## ସୋସିଆଲ ମିଡିଆରେ ଏଲିଏନ୍ ଚର୍ଚ୍ଚା



ସିଡ୍‌ନୀ, ୨।୩

ଅଷ୍ଟ୍ରେଲିଆର ସିଡ୍‌ନୀ ସହର ରାସ୍ତାରୁ ଏକ ବିଚିତ୍ର ପ୍ରାଣୀ ମିଳିଛି, ଯାହା ଜୀବବିଜ୍ଞାନୀ, ଶିକ୍ଷାବିତ୍ ଓ ସୋସିଆଲ ମିଡିଆ ବ୍ୟବହାରକାରୀଙ୍କୁ ବିସ୍ମିତ କରିଛି। ହାରି ହାୟେସ୍ ନାମକ ବାଳକ ଗତ ସୋମବାର ସକାଳେ ଜଗିଂ କରିବାକୁ ଯାଇଥିବାବେଳେ ରାସ୍ତାରେ ଉକ୍ତ ବିଚିତ୍ର ପ୍ରାଣୀକୁ ପାଇଥିଲେ। ଏହା 'ଏଲିଏନ୍' ହୋଇଥାଇପାରେ ବୋଲି ସେ ସନ୍ଦେହ ପ୍ରକାଶ କରିଥିବା ଲାଡବିବଲ୍ ଅଷ୍ଟ୍ରେଲିଆ ନାମକ ଏକ ଗଣମାଧ୍ୟମକୁ କହିଛନ୍ତି।

ଅଷ୍ଟ୍ରେଲିଆରେ କିଛିଦିନ ହେଲା ପ୍ରବଳ ବର୍ଷା ଲାଗିରହିଛି। ତେବେ ଏଭଳି ବିଚିତ୍ର ପ୍ରାଣୀ ବନ୍ୟାଞ୍ଚଳରେ ଦେଖାଯାଇ ନାହିଁ। ସିଡ୍‌ନୀର ମାରିକ୍‌ଭିଲ୍ଲେ ଅର୍ଦ୍ଧସହରାଞ୍ଚଳର ରାସ୍ତାରୁ ହାୟେସ୍ ଏହାକୁ ପାଇବା ପରେ କୌଣସି ଜୀବର ଭ୍ରୂଣ ହୋଇଥାଇପାରେ ବୋଲି ଆଶଙ୍କା କରିଥିଲେ। ତେବେ କୋଭିଡ୍, ବନ୍ୟା ଓ ତୃତୀୟ ବିଶ୍ୱଯୁଦ୍ଧ ଭଳି ସ୍ଥିତି ସମୟରେ ଏହା ଏଲିଏନ୍ ହୋଇଥାଇପାରେ ବୋଲି ସେ ଭାବିଥିଲେ। ସେ ଇନ୍‌ଷ୍ଟାଗ୍ରାମରେ ଏହାର ଫଟୋ ଛାଡ଼ିବା ପରେ ଏହା ଅନ୍ୟ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମରେ ବ୍ୟାପିଯାଇଥିଲା। ସୋସିଆଲ ମିଡିଆରେ ଉକ୍ତ ଅଜବ ପ୍ରାଣୀକୁ ଅନେକେ 'ଏଲିଏନ୍' ବୋଲି ଲେଖୁଛନ୍ତି। ଅଷ୍ଟ୍ରେଲିଆର ଲୋକପ୍ରିୟ ଇନ୍‌ଫ୍ଲୁଏନ୍ସର ଲିଲ୍ ଆହେଙ୍କାନ୍ ଉକ୍ତ ଫଟୋକୁ ☞ପୃଷ୍ଠା-୬

# ଆସନ୍ତା ସପ୍ତାହରୁ ବଢ଼ିବ ତେଲ ଦର

ନୂଆଦିଲ୍ଲୀ, ୨।୩

ଗତ କିଛି ମାସ ହେଲା ପେଟ୍ରୋଲ ଓ ଡିଜେଲ୍ ଦର ସ୍ଥିର ରହିବା ପରେ ଆସନ୍ତା ସପ୍ତାହରୁ ଏହା ପୁଣି ବଢ଼ିପାରେ ବୋଲି ଜଣାପଡ଼ିଛି। ଉତ୍ତରପ୍ରଦେଶ ସମେତ ୫ ରାଜ୍ୟରେ ବିଧାନସଭା ନିର୍ବାଚନ ଚାଲିଥିବାରୁ ତେଲ ଦର ସ୍ଥିର ରହିଥିଲା। ଆସନ୍ତା ସପ୍ତାହରେ ନିର୍ବାଚନ ଶେଷ ହେଉଥିବାରୁ ତେଲ ଦର ବଢ଼ିପାରେ ବୋଲି ଜେପି ମୋର୍ଗାନ ରିପୋର୍ଟରେ କୁହାଯାଇଛି। ଅନ୍ତର୍ଜାତୀୟ ବଜାରରେ ଇତିମଧ୍ୟରେ ଅଶୋଧିତ ତେଲ ଦର ବ୍ୟାରେଲ ପିଛା ୧୦୦ ଡଲାର ଅତିକ୍ରମ କରିଛି। ତେଣୁ ଲିଟର ପ୍ରତି ଦରରେ ରହିଥିବା ୯ ଟଙ୍କା ବ୍ୟବଧାନ ଦୂର କରିବାକୁ ତୈଳ କମ୍ପାନୀଗୁଡ଼ିକ ମୂଲ୍ୟ ବଢ଼ାଇବା ଆଶଙ୍କା କରାଯାଉଛି ବୋଲି ଜେପି ମୋର୍ଗାନ ରିପୋର୍ଟରେ କହିଛନ୍ତି।

ମାର୍ଚ୍ଚ ୭ରେ ଉତ୍ତରପ୍ରଦେଶ ବିଧାନସଭା ନିର୍ବାଚନର ସପ୍ତମ ତଥା ଚୂଡ଼ାନ୍ତ ପର୍ଯ୍ୟାୟ ମତଦାନ ☞ପୃଷ୍ଠା-୬

# ଶ୍ରମ ଦିବସ ସୃଷ୍ଟିରେ କେନ୍ଦ୍ର ବାଧକ

## ଏମ୍‌ଜିଏନ୍‌ଆର୍‌ଇଜିଏସ୍

## ମିଳୁନି ବକେୟା ପାଣ୍ଠି, ରାଜ୍ୟ ଉପରେ ବଢୁଛି ଆର୍ଥିକ ବୋଝ

ଭୁବନେଶ୍ୱର, ୨।୩(ବ୍ୟୁରୋ)

ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆରଇଜିଏସ୍)ରେ ରାଜ୍ୟକୁ ଆବଶ୍ୟକ କେନ୍ଦ୍ରୀୟ ଅନୁଦାନ ମିଳୁନି। ପାଣ୍ଠି ଯୋଗାଇ ଦେବା ନେଇ କେନ୍ଦ୍ର ସରକାରଙ୍କ ଟାଳଟୁଳ ନୀତି ଯୋଗୁ ଗ୍ରାମାଞ୍ଚଳରେ ଶ୍ରମିକମାନଙ୍କ ପାଇଁ ଆବଶ୍ୟକ ଶ୍ରମ ଦିବସ ସୃଷ୍ଟି କରିବା ରାଜ୍ୟ ସରକାରଙ୍କ ପାଇଁ କଷ୍ଟକର ହୋଇପଡ଼ିଲାଣି। ୨୦୨୧-୨୨ ଆର୍ଥିକବର୍ଷରେ ୨୫ କୋଟି ଶ୍ରମ ଦିବସ ସୃଷ୍ଟି ପାଇଁ ରାଜ୍ୟ ସରକାର ଯେଉଁ ଲକ୍ଷ୍ୟ ରଖିଥିଲେ ତାହା ପୂରଣ ହେବା ନେଇ ଆଶଙ୍କା ଦେଖାଦେଇଛି।

କୋଭିଡ୍ ସମୟରେ ଗ୍ରାମାଞ୍ଚଳର ଗରିବ ଲୋକମାନଙ୍କୁ କାମଧନ୍ଦା ଯୋଗାଇ ଦେବା କ୍ଷେତ୍ରରେ ଏମ୍‌ଜିଏନ୍‌ଆରଇଜିଏସ୍ ଏକ ବଡ଼ ମାଧ୍ୟମ। ତେବେ ଏଥିପାଇଁ ଆବଶ୍ୟକ ପଡୁଥିବା ପାଣ୍ଠି କେନ୍ଦ୍ରରୁ ମିଳୁ ନ ଥିବା ଯୋଗୁ ଶ୍ରମିକଙ୍କୁ କାମ ଯୋଗାଇ ଦେବା ନେଇ ସମସ୍ୟା ସୃଷ୍ଟି ହୋଇଛି। ଉଲ୍ଲେଖଯୋଗ୍ୟ ଯେ କେନ୍ଦ୍ର ସରକାର ଚଳିତ ଆର୍ଥିକ ବର୍ଷ ସକାଶେ ଓଡ଼ିଶା ପାଇଁ ୨୦କୋଟି ୨୪ ଲକ୍ଷ ଶ୍ରମ ଦିବସ ସୃଷ୍ଟି କରିବାକୁ ଅନୁମୋଦନ ଦେଇଥିଲେ। ଫେବୃୟାରୀ ୩ ସୁଦ୍ଧା ରାଜ୍ୟରେ୧୭ କୋଟି ୭୯ଲକ୍ଷ ୨୮୫ ଶ୍ରମ ଦିବସ ସୃଷ୍ଟି କରାଯାଇ ସାରିଲାଣି। ଗଞ୍ଜାମରେ ସର୍ବାଧିକ ୨.୫ ଲକ୍ଷ ଶ୍ରମ ଦିବସ ସୃଷ୍ଟି କରାଯାଇଥିବା ବେଳେ ବଲାଙ୍ଗୀର ୧.୧୯ ଲକ୍ଷ, ସୁନ୍ଦରଗଡ଼ ୧.୧୧ ଲକ୍ଷ, କଳାହାଣ୍ଡି ୧.୧୧ ଲକ୍ଷ, କେନ୍ଦୁଝର ୧.୨ ଲକ୍ଷ, ମୟୂରଭଞ୍ଜ ୧.୬ ଲକ୍ଷ, କନ୍ଧମାଳରେ ୮୮,୭୩୭ ଶ୍ରମ ଦିବସ ସୃଷ୍ଟି କରାଯାଇଛି। ସେହିପରି ଅନ୍ୟାନ୍ୟ ଜିଲାରେ ମଧ୍ୟ ଆବଶ୍ୟକ ଶ୍ରମ ଦିବସ ସୃଷ୍ଟି କରାଯାଇ କାମଧନ୍ଦା ଯୋଗାଇ ଦିଆଯାଉଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କୋଭିଡ୍ ସହାୟତା ଆକାରରେ ରାଜ୍ୟର ୩୨ ଲକ୍ଷ ଶ୍ରମିକଙ୍କୁ ଏମ୍‌ଜିଏନ୍‌ଆରଇଜିଏସ୍ ଜରିଆରେ କାମଧନ୍ଦା ଯୋଗାଇ ଦେବାକୁ ୩୫୨ କୋଟି ଟଙ୍କାର କୋଭିଡ୍ ସ୍ୱତନ୍ତ୍ର ପ୍ୟାକେଜ ଘୋଷଣା କରିଥିଲେ। ଏହି ଅର୍ଥ ରାଜ୍ୟ ସରକାର ନିଜସ୍ୱ ପାଣ୍ଠିରୁ ଭରଣା କରିଛନ୍ତି।

ରାଜ୍ୟର ଗ୍ରାମାଞ୍ଚଳରେ ଅଧିକ ଶ୍ରମ ଦିବସ ସୃଷ୍ଟିର ସୁଯୋଗ ଥିବାବେଳେ କେନ୍ଦ୍ର ସରକାରଙ୍କ ଅସହଯୋଗ ରାଜ୍ୟ ପାଇଁ ସମସ୍ୟା ସୃଷ୍ଟି କରିଛି। ଏମ୍‌ଜିଏନ୍‌ଆରଇଜିଏସ୍‌ରେ କେନ୍ଦ୍ର ସରକାର ଶ୍ରମ ଓ ସାମଗ୍ରୀ ପାଇଁ ପୃଥକ୍ ଭାବେ ଅନୁଦାନ ଯୋଗାଇ ଦେଇଥାଆନ୍ତି। ଶ୍ରମିକମାନଙ୍କୁ ମଜୁରି ସିଧାସଳଖ ସେମାନଙ୍କ ବ୍ୟାଙ୍କ ☞ପୃଷ୍ଠା-୬

# ରାସ୍ତା ଅବରୋଧ କରି ପ୍ରତିଶୋଧ

## ପରାଜିତ ସରପଞ୍ଚ ପ୍ରାର୍ଥୀଙ୍କ ନାଁରେ ଅଭିଯୋଗ



ପଥର ପକାଇ ଗାଁ ରାସ୍ତା ଅବରୋଧ କରାଯାଇଛି।

ପାରଳାଖେମୁଣ୍ଡି, ୨।୩(ଡି.ଏନ୍.ଏ.)

ପଞ୍ଚାୟତ ନିର୍ବାଚନରେ ହାରିଯିବାର ପ୍ରତିଶୋଧ ରାସ୍ତା ଅବରୋଧ କରି ନିଆଯାଇଛି। ଏଭଳି ଅଭିଯୋଗ ଉଠିଛି ଜଣେ ପରାଜିତ ସରପଞ୍ଚ ପ୍ରାର୍ଥୀ ନାଁରେ। ସେ ରାସ୍ତା ଖୋଳିଦେବା ସହ ରାସ୍ତା ମଝିରେ ବଡ଼ ବଡ଼ ପଥର ପକାଇଥିବା ନେଇ ନବନିର୍ବାଚିତ ସରପଞ୍ଚ ଥାନାରେ ଅଭିଯୋଗ କରିଛନ୍ତି। ଏଭଳି ଘଟଣା ଆନ୍ଧ୍ର ସୀମାନ୍ତ ଗଜପତି ଜିଲା ରାୟଗଡ଼ ବ୍ଲକ ଗଙ୍ଗାବାଡ଼ ପଞ୍ଚାୟତରେ ଘଟିଛି। ସୀମାନ୍ତ ଗ୍ରାମରେ ପଞ୍ଚାୟତ ନିର୍ବାଚନକୁ ଭଣ୍ଡୁର କରିବାରେ ବିଫଳ ଆନ୍ଧ୍ର ପ୍ରରୋଚନାରେ ପରାଜିତ ପ୍ରାର୍ଥୀ ବାରିକ ଶବର ଏପରି କରିଥିବା ସରପଞ୍ଚ ହରିବନ୍ଧୁ କାର୍ଯ୍ୟୀ ଗାରାବନ୍ଧ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ବୁଧବାର ଘଟଣାସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିଛି।

ପଞ୍ଚାୟତ ନିର୍ବାଚନରେ ଗଙ୍ଗାବାଡ଼ରୁ ହରିବନ୍ଧୁ କାର୍ଯ୍ୟୀ, ବାରିକ ଶବର ଓ ପ୍ରଦୀପ କୁମାର ଭୂୟାଁ ସରପଞ୍ଚ ପଦବୀ ଲାଗି ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ପଞ୍ଚାୟତରେ ମୋଟ ୧୫୧୫ ଭୋଟର। ସେଥିମଧ୍ୟରୁ ୧୩୨୪ ଜଣ ମତଦାନ କରିଥିଲେ। ହରିବନ୍ଧୁ କାର୍ଯ୍ୟୀଙ୍କୁ ୫୯୦ ଭୋଟ ମିଳିଥିବା ବେଳେ ବାରିକ ଶବର ୩୯୪ ଓ ☞ପୃଷ୍ଠା-୬





ଯୁକ୍ରେନ୍‌ର ଝିଟୋମିରରେ ନାଗରିକମାନେ ଆତ୍ମରକ୍ଷା ପାଇଁ ରୁଷୀୟ ସୈନ୍ୟଙ୍କ ଉପରକୁ ମୋଲୋଟଭ କକ୍‌ଟେଲ୍ ଫିଙ୍ଗୁଛନ୍ତି।

# କ୍ୱିଭ୍ ପାଇଁ ଲଢ଼େଇ

➡ ୟୁକ୍ରେନ୍ ଓ ରୁଷିଆ ମଧ୍ୟରେ ଚାଲିଥିବା ଯୁଦ୍ଧ ବୁଧବାର ୭ମ ଦିନରେ ପହଞ୍ଚିଛି। ରୁଷିଆ ୟୁକ୍ରେନ୍‌ର ଏକ ପ୍ରମୁଖ ବନ୍ଦର ସହର ଖେର୍‌ସୋନ୍‌କୁ କବ୍‌ଜା କରିନେଇଥିବା ଦାବି କରିଛି। ୟୁକ୍ରେନ୍ ରାଜଧାନୀ କ୍ୱିଭ୍ ଏବଂ ଦେଶର ଦ୍ୱିତୀୟ ବୃହତ୍ତମ ସହର ଖର୍କିଭକୁ ଅକ୍ତିଆର କରିବାକୁ ରୁଷିଆ ଅଧିକ ଆକ୍ରମଣାତ୍ମକ ହୋଇଥିବାବେଳେ ସେମାନଙ୍କୁ ପ୍ରତିରୋଧ ଜାରି ରଖିଛନ୍ତି ୟୁକ୍ରେନ୍ ସୈନ୍ୟ।

➡ ରୁଷୀୟ ପାରାଟ୍ରୁପର ମାନେ ଖର୍କିଭରେ ଓହ୍ଲାଇ ୟୁକ୍ରେନ୍ ସୈନ୍ୟଙ୍କ ଉପରେ ଆକ୍ରମଣ କରିଛନ୍ତି। ରୁଷିଆ ସୈନ୍ୟ ଏକ ହସ୍ପିଟାଲ ଏବଂ ସ୍କୁଲକୁ ଟାର୍ଗେଟ କରି ବିସ୍ଫୋରଣ କରିଥିବା ୟୁକ୍ରେନ୍ ପକ୍ଷରୁ କୁହାଯାଇଛି।

➡କ୍ରେମଲିନ୍‌ର ସବୁଠୁ ବଡ଼ ସମାଲୋଚକ କୁହାଯାଉଥିବା ଆଲେକ୍ସି ନଭଲନି ଜେଲରେ ଥାଇ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ବିରୋଧରେ ଆନ୍ଦୋଳନ କରିବାକୁ ରୁଷିଆବାସୀଙ୍କୁ ଆହ୍ୱାନ ଦେଇଛନ୍ତି। ରୁଷିଆ ଭୀରୁ, କାପୁରୁଷଙ୍କ ଦେଶ ନୁହେଁ ବୋଲି ସେମାନେ ଦେଖାଇଦେବାକୁ ନଭ୍‌ଲନି କହିଛନ୍ତି।

➡ୟୁକ୍ରେନ୍‌ର ସୁରକ୍ଷା ସେବା ଏବଂ ଯୋଗାଯୋଗ ବ୍ୟବସ୍ଥା ତଥା ପ୍ରତିଷ୍ଠାନ ଉପରେ ମସ୍କୋ ଆକ୍ରମଣ କରିବ ବୋଲି ଚେତାବନୀ ଦେଇ ସାଧାରଣ ଲୋକ ତୁରନ୍ତ କ୍ୱିଭ୍ ଛାଡ଼ିବାକୁ ରୁଷିଆ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଚେତାବନୀ ଦିଆଯାଇଛି।

➡ ଦୀର୍ଘ କିଲୋମିଟର ପର୍ଯ୍ୟନ୍ତ ଲମ୍ୱିଥିବା ରୁଷିଆ ସୈନ୍ୟ ଏବଂ ଯୁଦ୍ଧାସ୍ତ୍ର କନ୍‌ଭେ ଆଗକୁ ବଢ଼ିବାରେ ସଫଳ ହୋଇ ନ ଥିବା ଆମେରିକା କହିଛି। କେତେକ ସ୍ଥାନରେ ଲଜିଷ୍ଟିକ୍ ସମସ୍ୟା, ଇନ୍ଧନ ଓ ଖାଦ୍ୟାଭାବ ଆଦି ଯୋଗୁ ସେମାନେ ଗତ ୨୪ ଘଣ୍ଟା ମଧ୍ୟରେ ଆଗେଇ ପାରିନାହାନ୍ତି ବୋଲି କୁହାଯାଇଛି।

➡ଜାତିସଂଘ ଶରଣାର୍ଥୀ ଏଜେନ୍ସି ସୂଚନା ଅନୁସାରେ, ୟୁକ୍ରେନ୍‌ରୁ ୮,୭୦,୦୦୦ ଲୋକେ ସୀମା ପାର ହୋଇ ଅନ୍ୟ ଦେଶରେ ଆଶ୍ରୟ ନେଇଛନ୍ତି।

➡ରୁଷିଆ ଆକ୍ରମଣରେ ସାଧାରଣ ନାଗରିକଙ୍କ ଜୀବନ ଯାଉଥିବା ଅଭିଯୋଗ କରି ୟୁକ୍ରେନ ଜାତିସଂଘର ଅନ୍ତର୍ଜାତୀୟ ଅଦାଲତ (ଅଇସିଜେ)ର ଦ୍ୱାରସ୍ଥ ହୋଇଥିବାବେଳେ ଆସନ୍ତା ୭ ଓ ୮ ତାରିଖରେ ଏହା ଉପରେ ଶୁଣାଣି ହେବାକୁ ସ୍ଥିର ହୋଇଛି।

➡ରୁଷିଆ ଉପରେ ଆମେରିକା ସମେତ ପାଶ୍ଚାତ୍ୟ ଦେଶ କଟକଣା ଲଗାଇ ଚାଲିଛନ୍ତି। ଏହା ଭିତରେ ଆପଲ୍, ଏନି, ଏକ୍ସନ୍‌ବୋମିଲ, ବୋଇଂ ଭଳି କମ୍ପାନୀ ରୁଷିଆ ଛାଡ଼ିଛନ୍ତି। ସେପଟେ ଇଣ୍ଟରନ୍ୟାଶନାଲ ଏନର୍ଜି ଏଜେନ୍ସି ଗଚ୍ଛିତ ତୈଳ ରିଲିଜ କରିବା ନିମନ୍ତେ ରାଜି ହୋଇଥିଲେ ହେଁ ତେଲ ବ୍ୟାରେଲ ପିଛା ୧୧୦ ଡଲାରକୁ ବୃଦ୍ଧି ପାଇଛି।

➡ରୁଷିଆର ସବୁଠୁ ବଡ଼ ଋଣ ପ୍ରଦାନକାରୀ ସବରବ୍ୟାଙ୍କ୍ ୟୁରୋପ ଛାଡ଼ିଛି। ବର୍ତ୍ତମାନ ସ୍ଥିତିରେ ଅସ୍ୱାଭାବିକ ନଗଦ କାରବାର ଏବଂ ବ୍ୟାଙ୍କ ଶାଖା ଓ କର୍ମଚାରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ୟୁରୋପ ବଜାର ଛାଡ଼ିବାକୁ ନିଷ୍ପତ୍ତି ହୋଇଥିବା ବ୍ୟାଙ୍କ ପକ୍ଷରୁ ଏକ ବିବୃତିରେ କୁହାଯାଇଛି।



ରୁଷିଆ ବିରୋଧୀ ଲଢ଼େଇ ସମର୍ଥନରେ ଫ୍ରାନ୍ସର କୋଲମାରସ୍ଥିତ ଷ୍ଟାଚ୍ୟୁ ଅଫ୍ ଲିବର୍ଟିକୁ ୟୁକ୍ରେନ୍‌ର ଜାତୀୟ ପତାକା ଘୋଡ଼ାଇ ଦିଆଯାଇଛି।

# ପୁଟିନ୍‌ଙ୍କ ଆଧିପତ୍ୟ ବଢ଼ିବ

## ଭବିଷ୍ୟବାଣୀ କରିଥିଲେ ବାବା ଭେଙ୍ଗା

ୱାଶିଂଟନ,୨।୩

ଭବିଷ୍ୟତରେ କ'ଣ ସବୁ ଘଟିବାକୁ ଯାଉଛି ତାହା ବୁଲଗେରିଆର ଜଣେ ଅନ୍ଧ ମହିଳା ପୂର୍ବାନୁମାନ କରିପାରୁଥିଲେ। ସେ ଜଣେ ଭବିଷ୍ୟବକ୍ତା ଥିଲେ ବୋଲି ତାଙ୍କ ଭବିଷ୍ୟବାଣୀଗୁଡ଼ିକୁ ଷଡ଼ଯନ୍ତ୍ର ସିଦ୍ଧାନ୍ତବାଦୀମାନେ ପ୍ରମାଣ ଭାବେ ବ୍ୟବହାର କରୁଛନ୍ତି। ୯/୧୧ ଆକ୍ରମଣ ଏବଂ ସିରିଆର ରାସାୟନିକ ଆକ୍ରମଣ ହେଉଛି ବାବା ଭେଙ୍ଗାଙ୍କ ଦାବିଗୁଡ଼ିକ ମଧ୍ୟରୁ ଅନ୍ୟତମ।



### ଅନ୍ଧ ରହସ୍ୟବାଦୀ ବାବା ଭେଙ୍ଗା କିଏ?

ବାବା ଭେଙ୍ଗାଙ୍କ ମୂଳନାମ ହେଉଛି ଭଙ୍ଗେଲିଆ ପାନ୍‌ଡେଭା ଡିମିଟ୍ରୋଭା। ଅଟୋମାନ ସାମ୍ରାଜ୍ୟର ଆଗ୍ନେୟଗିରି ଗିରିଶୃଙ୍ଗ ପାଦଦେଶରେ ଅବସ୍ଥିତ ଷ୍ଟ୍ରୁମିକାରେ ସେ ଜନ୍ମ ଗ୍ରହଣ କରିଥିଲେ। ୧୯୯୬ ମସିହାରେ ୮୫ ବର୍ଷ ବୟସରେ ବାବା ଭେଙ୍ଗାଙ୍କ ପରଲୋକ ହୋଇଥିଲା। ବୁଲଗେରିଆର ରହସ୍ୟବାଦୀ ଅନ୍ଧ ବୃଦ୍ଧା ବାଲ୍‌କାନ୍ସର ନୋଷ୍ଟ୍ରାଡମସ୍ ନାମରେ ପରିଚିତ। ଭେଙ୍ଗାଙ୍କୁ ୧୨ ବର୍ଷ ହେବା ଯାଏ ସେ ଅତି ସାଧାରଣ ଜୀବନ ଯାପନ କରୁଥିଲେ। ଏକ ଅସ୍ୱାଭାବିକ ବୃହତ୍ ଘୂର୍ଣ୍ଣିଝଡ଼ ମାଡ଼ିଆସିବାରୁ ଏଇ ବୟସରେ ସେ ରହସ୍ୟଜନକ ଭାବେ ଦୃଷ୍ଟିଶକ୍ତି ହରାଇଥିଲେ। ଘୂର୍ଣ୍ଣିଝଡ଼ ଏତେ ଶକ୍ତିଶାଳୀ ଥିଲା ଯେ ତାହା ତାଙ୍କୁ ଉଡ଼ାଇନେଇଥିଲା ଏବଂ ପରେ ଏକ ପବନ ହାବୁକା ତାଙ୍କୁ ଭୂମିକୁ ଟାଣିଆଣିଥିଲା। ତେବେ ଏଥିରେ ଭେଙ୍ଗାଙ୍କ ଆଖିରେ ଧୂଳି ଭର୍ତ୍ତି ହୋଇଯାଇଥିଲା। କ୍ଷତବିକ୍ଷତ ଆଖିରେ ଧୂଳିର ଆସ୍ତରଣ ବସିଯାଇଥିବାରୁ ସେ ଆଉ ଦେଖିପାରୁ ନ ଥିଲେ। ଭେଙ୍ଗାଙ୍କ ମୃତ୍ୟୁ ନିଶ୍ଚିତ ବୋଲି ପରିବାର ଲୋକେ ଧରିନେଇଥିଲେ। କିଛିଦିନ ପରେ ଭେଙ୍ଗା କହିଥିଲେ, ସେ ନିଖୋଜ ହୋଇଯାଇଥିବା ସମୟରେ ପ୍ରଥମ ଦୃଷ୍ଟିଶକ୍ତିର ଅନୁଭୂତି ଲାଭ କରିଛନ୍ତି। ଏହା ପରେ ସେ ଲୋକଙ୍କୁ ଆରୋଗ୍ୟ କରି ଭବିଷ୍ୟବାଣୀ କରିବା ଲାଗି ଶକ୍ତି ପ୍ରାପ୍ତ ହୋଇଛନ୍ତି। ବାବା ଭେଙ୍ଗାଙ୍କ ଭବିଷ୍ୟବାଣୀଗୁଡ଼ିକ ୮୫% ସତ ପ୍ରମାଣିତ ହୋଇଥିବା ବିବେଚନା କରାଯାଏ। ସେଗୁଡ଼ିକ ମଧ୍ୟରୁ କେତେକ ସମ୍ପର୍କରେ ଏଠାରେ ଅବତାରଣା କରାଗଲା।

### କୁର୍ସ୍କ ଆଣବିକ ବୁଡ଼ାଜାହାଜ ଟ୍ରାଜେଡି

ରୁଷିଆର ଏହି ବୁଡ଼ାଜାହାଜ ବୁଡ଼ିଯିବ ବୋଲି ବାବା ଭେଙ୍ଗା ପୂର୍ବରୁ ଭବିଷ୍ୟବାଣୀ କରିଥିଲେ। ୧୯୮୦ରେ ଭେଙ୍ଗା କହିଥିଲେ, ୧୯୯୯ ଅଗଷ୍ଟରେ କୁର୍ସ୍କ ଜଳମଗ୍ନ ହୋଇଯିବ ଏବଂ ଏହାକୁ ନେଇ ସାରା ବିଶ୍ୱ କାନ୍ଦିବ। ୨୦୦୦ ଅଗଷ୍ଟ ୧୨ରେ ଏହି ରୁଷୀୟ ବୁଡ଼ାଜାହାଜ ବରେଣ୍ଟ ସାଗରରେ ବୁଡ଼ିଯାଇଥିଲା। ଫଳରେ ସେଥିରେ ଥିବା ସମସ୍ତ ୧୧୮ ଜଣ ନାବିକଙ୍କ ମୃତ୍ୟୁ ଘଟିଥିଲା।

**ଆଇଏସ୍:** ବୁଲଗେରୀୟ ବାବା ଭେଙ୍ଗା ଦୁର୍ଦ୍ଧର୍ଷ ଆତଙ୍କବାଦୀ ସଙ୍ଗଠନ ଇସ୍‌ଲାମିକ୍ ଷ୍ଟେଟ୍ (ଆଇଏସ୍)ର ଉତ୍‌ଥାନକୁ ନେଇ ମଧ୍ୟ ଭବିଷ୍ୟବାଣୀ କରିଥିଲେ।

**ସିରିଆ ଗ୍ୟାସ୍ ଆଟେକ୍:** ୟୁରୋପୀୟଙ୍କ ବିରୋଧରେ ସିରିଆରେ ମୁସଲିମ୍‌ମାନେ ରାସାୟନିକ ଅସ୍ତ୍ର ବ୍ୟବହାର କରିବେ ବୋଲି ମୃତ୍ୟୁ ପୂର୍ବରୁ ଭେଙ୍ଗା ଚେତାଇଦେଇଥିଲେ। ୨୦୧୩ ଅଗଷ୍ଟରେ ସିରିଆ ରାଷ୍ଟ୍ରପତି ବଶର ଅଲ୍-ଅସାଦ୍ ଘଉଟାରେ ନିଜ ଲୋକଙ୍କ ବିରୋଧରେ ରାସାୟନିକ ଅସ୍ତ୍ର ବ୍ୟବହାର କରିଥିଲେ। ଏଥିରେ ୨୮୧ ଜଣଙ୍କ ଜୀବନ ଯାଇଥିଲା।

**ବ୍ରେକ୍‌ଜିଟ୍:** କେତେଜଣ ଷଡ଼ଯନ୍ତ୍ର ସିଦ୍ଧାନ୍ତବାଦୀଙ୍କ ମତରେ ଭେଙ୍ଗା ୟୁରୋପୀୟ ସଂଘରୁ ବ୍ରିଟେନ୍ ଅଲଗା ହେବା ନେଇ ମଧ୍ୟ ଭବିଷ୍ୟବାଣୀ କରିଥିଲେ। ୨୦୧୭ ସୁଦ୍ଧା ୟୁରୋପ ଅସ୍ତିତ୍ୱ ହରାଇବ ବୋଲି ସେ ଭୁଲ୍‌ବଶତଃ କହିଥିଲେ, ଯାହାକି ଘଟିନାହିଁ।

**ଓବାମା କୃଷ୍ଣକାୟ ରାଷ୍ଟ୍ରପତି:** ଆମେରିକାର ୪୪ତମ ରାଷ୍ଟ୍ରପତି ଜଣେ କୃଷ୍ଣକାୟ ବ୍ୟକ୍ତି ହେବେ ବୋଲି ଭେଙ୍ଗା କହିଥିଲେ। ବାରାକ୍ ଓବାମା ପ୍ରଥମ କୃଷ୍ଣକାୟ ଆମେରିକୀୟ ରାଷ୍ଟ୍ରପତି ହେବା ପରେ ତାଙ୍କ ଭବିଷ୍ୟବାଣୀ ସତ ସାବ୍ୟସ୍ତ ହୋଇଥିଲା। ତେବେ ସେହି ବ୍ୟକ୍ତି ଆମେରିକାର ଶେଷ କୃଷ୍ଣକାୟ ରାଷ୍ଟ୍ରପତି ହେବେ ବୋଲି ସେ କହିଥିଲେ।

**୯/୧୧ ଆକ୍ରମଣ:** ୧୯୮୯ରେ ବାବା ଭେଙ୍ଗା କହିଥିଲେ, ଷ୍ଟିଲ୍ ବାର୍ଡ ଆକ୍ରମଣରେ ଆମେରିକୀୟମାନଙ୍କ ପତନ ହେବ। ଏଥିରେ ନିରୀହଙ୍କ ରକ୍ତପାତ ହେବ। ୨୦୦୧ ସେପ୍ଟେମ୍ବର ୧୧ ଆକ୍ରମଣ ନେଇ ସେ ଏପରି ପୂର୍ବାନୁମାନ କରିଥିବା କେତେଜଣ ବିଶ୍ୱାସ କରନ୍ତି।

**ପୁଟିନ୍‌ଙ୍କ ଆଧିପତ୍ୟ:** ୨୦୧୮ରେ



ଭ୍ଲାଡିମିର ପୁଟିନ୍

ଭ୍ଲାଡିମିର ପୁଟିନ୍ ରୁଷିଆ ରାଷ୍ଟ୍ରପତି ନିର୍ବାଚନ ଜିତିବେ ବୋଲି ଭେଙ୍ଗା ଭବିଷ୍ୟବାଣୀ କରିଥିଲେ। ୧୯୭୯ରେ ଲେଖକ ଭାଲେଣ୍ଟିନ୍‌ଙ୍କ ସହ ସାକ୍ଷାତ୍ ବେଳେ ଭେଙ୍ଗା କହିଥିଲେ, ସବୁକିଛି ବରଫ ଭଳି ତରଳିଯିବ। କେବଳ ଜଣେ ବ୍ୟକ୍ତି ରହିବେ, ଯାହାଙ୍କୁ ଛୁଇଁହେବ ନାହିଁ। ଭ୍ଲାଡିମିରଙ୍କ ଯଶ, ରୁଷିଆର ଯଶ।

**ତୃତୀୟ ବିଶ୍ୱଯୁଦ୍ଧ:** ମୃତ୍ୟୁର କିଛି ସମୟ ପୂର୍ବରୁ ଏହି ବୟୋଜ୍ୟେଷ୍ଠା ମହିଳା କହିଥିଲେ, ରୁଷିଆ କେବଳ ତିଷ୍ଠିବ ନୁହେଁ,ଏହା ସାରା ବିଶ୍ୱ ଉପରେ ଆଧିପତ୍ୟ ବିସ୍ତାର କରିବ।

### ୨୦୨୨ ପାଇଁ ବାବା ଭେଙ୍ଗାଙ୍କ ଭବିଷ୍ୟବାଣୀ

୨୦୨୧ ମସିହା ଏକ ଘଟଣାବହୁଳ ହୋଇଥିବାବେଳେ କରୋନା ମହାମାରୀ ସଂକ୍ରମଣର ଦ୍ୱିତୀୟ ବର୍ଷ ଥିଲା। ଆମେରିକାର ଅତିକ୍ରମଣ ଓ ଅନେକ କିଛି ଏହି ବର୍ଷ ଘଟିଥିଲା। ୨୦୨୨ରେ ଏଭଳି ଆହୁରି ଅନେକ ଡ୍ରାମା ଦେଖିବାକୁ ମିଳିପାରେ ବୋଲି ବାବା ଭେଙ୍ଗା ଭବିଷ୍ୟବାଣୀ କରିଥିଲେ।

# ଘରୋଇ ମେଡିକାଲ କଲେଜ ଉପରେ କେନ୍ଦ୍ରର ନିୟନ୍ତ୍ରଣ ନାହିଁ: ୟେଚୁରୀ

ନୂଆଦିଲ୍ଲୀ, ୨।୩

ଭାରତର ଘରୋଇ ମେଡିକାଲ କଲେଜଗୁଡ଼ିକରେ ଡାକ୍ତରୀ ଛାତ୍ରୀଛାତ୍ରଙ୍କଠାରୁ ଅତ୍ୟଧିକ ଫି' ନିଆଯାଉଛି। ଏଭଳି ଶିକ୍ଷାନୁଷ୍ଠାନ ଉପରେ କେନ୍ଦ୍ର ସରକାରଙ୍କ ନିୟନ୍ତ୍ରଣ ନ ଥିବାରୁ ପିଲାମାନେ ମେଡିକାଲ ଶିକ୍ଷା ପାଇଁ ବିଦେଶକୁ ଯିବାକୁ ବାଧ୍ୟ ହେଉଛନ୍ତି ବୋଲି ବୁଧବାର ଭାରତୀୟ ମାର୍କ୍ସବାଦୀ କମ୍ୟୁନିଷ୍ଟ ପାର୍ଟି (ସିପିଆଇଏମ୍) ପକ୍ଷରୁ ସମାଲୋଚନା କରାଯାଇଛି। ଯୁଦ୍ଧ ପ୍ରଭାବିତ ୟୁକ୍ରେନ୍‌ରେ ବହୁ ଭାରତୀୟ ଡାକ୍ତର ଛାତ୍ରୀଛାତ୍ର ଫସି ରହିଥିବାବେଳେ ସିପିଆଇଏମ୍ ସାଧାରଣ ସମ୍ପାଦକ ସୀତାରାମ ୟେଚୁରୀ ଟୁଇଟ୍ କରି କହିଛନ୍ତି, ମୋଦି ସରକାର



ଘରୋଇ ମେଡିକାଲ କଲେଜଗୁଡ଼ିକୁ ଅତ୍ୟଧିକ ଲାଭ ଦେବା ଲାଗି ଫିଜ୍ ବୃଦ୍ଧି ଅନୁମତି ପ୍ରଦାନ କରିଛନ୍ତି। ଏଥିଯୋଗୁ ପରିବାରମାନେ ସେମାନଙ୍କ ପିଲାଙ୍କୁ ବିଦେଶକୁ ପଠାଇବାକୁ ବାଧ୍ୟ ହେଉଛନ୍ତି। ଛାତ୍ରୀଛାତ୍ର ସେଠାରେ ନାନା ଦୁର୍ଦ୍ଦଶା ଭୋଗୁଛନ୍ତି। ଶିକ୍ଷା ଦୋକାନ ବନ୍ଦ କରାଯାଉ ଏବଂ ସରକାରୀ ପ୍ରଫେସନାଲ କଲେଜ ଅଧିକ ଖୋଲାଯାଉ ବୋଲି ସେ କହିଛନ୍ତି।

# କ'ଣ ଆସୁଛି ଜାଣିନାହାନ୍ତି ପୁଟିନ୍

ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ସମ୍ପୂର୍ଣ୍ଣ ଭାବେ ଏକଘରକିଆ ହୋଇଯାଇଛନ୍ତି। ଆଗକୁ ତାଙ୍କ ପ୍ରତି କିଭଳି ବିପଦ ମାଡ଼ିଆସୁଛି ସେନେଇ ପୁଟିନ୍‌ଙ୍କୁ ଜଣାନାହିଁ ବୋଲି ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଚେତାବନୀ ଦେଇଛନ୍ତି। କଂଗ୍ରେସର ଏକ ମିଳିତ ଅଧିବେଶନକୁ ସମ୍ବୋଧନ କରି ବାଇଡେନ୍ କହିଛନ୍ତି, ରୁଷିଆ ଉପରେ ଆମେରିକା ଆହୁରି ଶକ୍ତିଶାଳୀ କଟକଣା ଜାରି କରିବାକୁ ଯାଉଛି। ଏହି ଯୁଦ୍ଧ ପାଇଁ କେବଳ ତାଙ୍କୁ ହିଁ ଦାୟୀ କରାଯିବ। ଆମେରିକା ଓ ଏହାର ସହଯୋଗୀ ରାଷ୍ଟ୍ରଗୁଡ଼ିକ ନିଜ ବାୟୁସୀମାରେ ରୁଷିଆର ବିମାନକୁ ଉଡ଼ାଣ



ଜୋ ବାଇଡେନ୍

ଅନୁମତି ଦେବେ ନାହିଁ। ରୁଷିଆର ଅର୍ଥନୀତିକୁ ସଙ୍କୁଚିତ କରିଦିଆଯିବ।

# ପ୍ଲେ ଷ୍ଟୋରରୁ ହଟିଲା ଆର୍‌ଟି, ସ୍ପୁଟନିକ୍

ରୁଷିଆର ସରକାରୀ ଟିଭି ଚ୍ୟାନେଲ ଆର୍‌ଟି ଏବଂ ସ୍ପୁଟନିକ୍ ନ୍ୟୁଜ୍ ଆପ୍ଲିକେଶନକୁ ଗୁଗଲ ଏହାର ପ୍ଲେ ଷ୍ଟୋରରୁ ହଟାଇଛି। ଏହା ପୂର୍ବରୁ ୟୁଟ୍ୟୁବ ୟୁରୋପରେ ଆର୍‌ଟି ଏବଂ ସ୍ପୁଟନିକ୍‌କୁ ବ୍ୟାନ କରିଥିଲା। ଟେକ୍ନୋଲୋଜି କମ୍ପାନୀଗୁଡ଼ିକ ରୁଷିଆ ଉପରେ ଲଗାଇଥିବା ବିଭିନ୍ନ କଟକଣା ଉଚିତ ନୁହେଁ ବୋଲି ଆର୍‌ଟି ଡେପୁଟି ଏଡିଟର-ଇନ୍-ଚିଫ୍ ଆନ୍ନା ବେଲ୍‌କିନା କହିଛନ୍ତି। ଆର୍‌ଟି ଭୁଲ୍ କିମ୍ବା ମିଥ୍ୟା ଖବର ପ୍ରସାରିତ କରିଥିବାର କୌଣସି ପ୍ରମାଣ ଗୁଗଲ ଦେଇ ନ ଥିବା ସେ କହିଛନ୍ତି। ସେହିପରି ଆପଲ୍ ମଧ୍ୟ ନିଜ ଆପ୍ ଷ୍ଟୋରରୁ ଏହି ଦୁଇ ଆପ୍ଲିକେଶନକୁ ହଟାଇ ଦେଇଛି। ୟୁକ୍ରେନ୍ ସମ୍ପର୍କରେ ଭୁଲ୍ ସୂଚନା ପ୍ରସାର କରୁଥିବା କହି

**କଟକଣା ଲଗାଇଲା ଇୟୁ**

ୟୁରୋପୀୟ ସଂଘ ମଧ୍ୟ ଆର୍‌ଟି ଉପରେ କଟକଣା ଲଗାଇଛି।

# ୩ ବିଲିୟନ ଡଲାର ଦେବ ବିଶ୍ୱବ୍ୟାଙ୍କ

ୟୁକ୍ରେନ୍‌କୁ ସହାୟତା କରିବା ପାଇଁ ବିଶ୍ୱ ବ୍ୟାଙ୍କ ୩ ବିଲିୟନ ଡଲାର (ପ୍ରାୟ ୨,୨୭,୧୫,୨୫,୦୦,୦୦୦ ଟଙ୍କା) ଦେବାକୁ ପ୍ରସ୍ତୁତ ହେଉଥିବା ଘୋଷଣା କରିଛି। ସେଥିରୁ ପ୍ରାୟ ୩୫୦ ମିଲିୟନ ଡଲାର ତତ୍କାଳଭିତ୍ତିରେ ଯୋଗାଇ ଦିଆଯିବ। ପ୍ରଥମ ପର୍ଯ୍ୟାୟ ସହାୟତାକୁ ମଞ୍ଜୁରୀ ପାଇଁ ବ୍ୟାଙ୍କ ବୋର୍ଡ ନିକଟକୁ ଫାଇଲ ପଠାଯିବ ବୋଲି ବିଶ୍ୱ ବ୍ୟାଙ୍କ ପକ୍ଷରୁ କୁହାଯାଇଛି।

# ଫେରିଲେ ୧୩୭୭ ଭାରତୀୟ

ଯୁଦ୍ଧ ପ୍ରଭାବିତ ୟୁକ୍ରେନ୍‌ରେ ଫସିଥିବା ଭାରତୀୟଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କାର୍ଯ୍ୟର ତଦାରଖ ନିମନ୍ତେ ଆଇନ ମନ୍ତ୍ରୀ କିରନ ରିଜିଜୁ ବୁଧବାର ସ୍ଲୋଭାକିଆର କୋସିସେ ସହରରେ ପହଞ୍ଚିଛନ୍ତି। ରିଜିଜୁଙ୍କ ସମେତ ପେଟ୍ରୋଲିୟମ ମନ୍ତ୍ରୀ ହରଦୀପ ପୁରୀ, ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ ଏବଂ ସଡ଼କ ପରିବହନ ରାଷ୍ଟ୍ରମନ୍ତ୍ରୀ ଜେନେରାଲ ଭି. କେ. ସିଂଙ୍କୁ ମଧ୍ୟ ୟୁକ୍ରେନ୍‌ର ପଡୋଶୀ ଦେଶକୁ ପଠାଯାଇଛି। ଅପରେଶନ ଗଙ୍ଗାର ଅଂଶଭାବେ ଏହି ୪ ମନ୍ତ୍ରୀଙ୍କୁ ଭାରତୀୟଙ୍କ ନିରାପଦ ପ୍ରତ୍ୟାବର୍ତ୍ତନ ସୁନିଶ୍ଚିତ କରିବା ଦାୟିତ୍ୱ ଦିଆଯାଇଛି। ୟୁକ୍ରେନ୍ ପଡ଼ୋଶୀ ଦେଶ ସ୍ଲୋଭାକିଆରେ ପହଞ୍ଚିବାପରେ ରିଜିଜୁ ଏ ନେଇ ଏକ ଟୁଇଟ କରିଛନ୍ତି। ଅନ୍ୟପକ୍ଷରେ ଗତ ୨୪ ଘଣ୍ଟାରେ ୬ଟି ବିମାନ ଯୋଗେ ଆଉ ୧୩୭୭ ଭାରତୀୟଙ୍କୁ ଫେରାଇ ଅଣାଯାଇଥିବା ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର କହିଛନ୍ତି।

# ବଙ୍କର ପାଲଟିଛି ମନୀଷଙ୍କ ରେଷ୍ଟୁରାଣ୍ଟ 'ସାଥିୟା'

■ଆଶ୍ରୟ ନେଇଛନ୍ତି ୧୩୦ରୁ ଊର୍ଦ୍ଧ୍ୱ

■ସମସ୍ତଙ୍କୁ ମିଳୁଛି ମାଗଣା ଖାଦ୍ୟ

ୟୁକ୍ରେନ୍ ଉପରେ ଗତ ୭ଦିନ ହେଲା ରୁଷିଆର ଆକ୍ରମଣ ଜାରି ରହିଛି। ଏଭଳି ସ୍ଥିତିରେ ସେଠାରେ ରହୁଥିବା ବହୁ ଭାରତୀୟ ସ୍ୱଦେଶ ଫେରି ଆସିଥିବାବେଳେ ଅନେକ ଭୟ ଭିତରେ ଜୀବନ କାଟୁଛନ୍ତି। କେତେବେଳେ କ'ଣ ହେବ ସେନେଇ କେହି କିଛି କହିପାରୁ ନାହାନ୍ତି। ଏଭଳି ସ୍ଥିତିରେ ସହଯୋଗର ହାତ ବଢ଼ାଇଛନ୍ତି କ୍ୱିଭ୍‌ରେ ଥିବା ଭାରତୀୟ ରେଷ୍ଟୁରାଣ୍ଟର ମାଲିକ ମନୀଷ ଡାଭେ। ମନୀଷ ତାଙ୍କ ହୋଟେଲ 'ସାଥିୟା'କୁ ଏବେ ବଙ୍କର ଭାବେ ବ୍ୟବହାର କରି ସେଠାରେ ୧୩୦ଜଣଙ୍କୁ ଆଶ୍ରୟ ଦେଇଛନ୍ତି।

ୟୁକ୍ରେନ୍‌ରେ ରହୁଥିବା ଭାରତୀୟଙ୍କୁ ନିଜ ଅଞ୍ଚଳର ଖାଦ୍ୟ ଯୋଗାଇଦେବା



ଉଦ୍ଦେଶ୍ୟରେ ଗୁଜରାଟ ଭଦୋଦରାର ମନୀଷ ୨୦୨୧ ଅକ୍ଟୋବରରେ କ୍ୱିଭ୍‌ରେ ସାଥିୟା ନାମରେ ଏକ ରେଷ୍ଟୁରାଣ୍ଟ ଖୋଲିଥିଲେ। ମନୀଷ ତାଙ୍କ ରେଷ୍ଟୁରାଣ୍ଟକୁ ବଙ୍କର ଭାବେ ବ୍ୟବହାର କରି ସେଠାରେ ଲୋକଙ୍କୁ ୨୪ଘଣ୍ଟିଆ ଆଶ୍ରୟ ପ୍ରଦାନ କରୁଛନ୍ତି। ୟୁକ୍ରେନ୍ ଏବେ ଯୁଦ୍ଧ ବିଭୀଷିକା ମଧ୍ୟରେ ଗତି କରୁଥିବାରୁ ଲୋକଙ୍କୁ ସହଯୋଗର ଆବଶ୍ୟକତା ରହିଛି। ତେଣୁ ଯେ ପର୍ଯ୍ୟନ୍ତ ତାଙ୍କ ପାଖରେ ସାମର୍ଥ୍ୟ ଥିବ, ସେପର୍ଯ୍ୟନ୍ତ ଲୋକମାନଙ୍କୁ ଆଶ୍ରୟ ଏବଂ ଖାଦ୍ୟ ଦେବେ ବୋଲି ମନୀଷ ଗଣମାଧ୍ୟମକୁ କହିଛନ୍ତି। ୟୁକ୍ରେନ ରାଜଧାନୀ କ୍ୱିଭ୍ ସହର ଏକ ଯୁଦ୍ଧ ଅଞ୍ଚଳରେ ପରିଣତ ହୋଇଛି। ଏଭଳି ଏକ ସଙ୍କଟ ସମୟରେ ସାଥିୟା ରେଷ୍ଟୁରାଣ୍ଟ କେବଳ ୟୁକ୍ରେନ୍‌ରେ ଫସିଥିବା ଭାରତୀୟଙ୍କୁ ନୁହେଁ ବରଂ ବିପଦରେ ଥିବା ସ୍ଥାନୀୟ ଲୋକଙ୍କୁ ମଧ୍ୟ ଆଶ୍ରୟ ଦେଇଛି। ଆଶ୍ରୟ ନେଇଥିବା ଲୋକଙ୍କ ମଧ୍ୟରେ ଛାତ୍ରୀଛାତ୍ର, ଶିଶୁ, ଗର୍ଭବତୀ ଏବଂ ବାସହୀନ ରହିଛନ୍ତି। ଏହି ରେଷ୍ଟୁରାଣ୍ଟ ଭୂତଳରେ ଥିବା କାରଣରୁ ଏହାକୁ ଏକ ସୁରକ୍ଷିତ ସ୍ଥାନ ଭାବି ବହୁ ୟୁକ୍ରେନ ନାଗରିକ ଏଠାକୁ ଆସୁଛନ୍ତି। ଯେଉଁଦିନ ୟୁକ୍ରେନ୍ ଉପରେ ରୁଷିଆ ଆକ୍ରମଣ କଲା, ସେଦିନ ମନୀଷ ତାଙ୍କ ରେଷ୍ଟୁରାଣ୍ଟରେ ଆଶ୍ରୟ ନେଇଥିବା ଲୋକଙ୍କୁ ଚିକେନ୍ ବିରିୟାନୀ ଖାଇବାକୁ ଦେଇଥିଲେ। ହେଲେ ଧୀରେ ଧୀରେ ଗଚ୍ଛିତ ଖାଦ୍ୟ ସାମଗ୍ରୀ ଶେଷ ହେବାରେ ଲାଗିଛି। ବାହାରକୁ ବାହାରିବାକୁ କଟକଣା ଥିବାରୁ ଖାଦ୍ୟ ସାମଗ୍ରୀ ଠିକ୍‌ରେ ଆଣି ହେଉନାହିଁ, ଯାହାକି ଏକ ଚିନ୍ତାଜନକ ପରିସ୍ଥିତି ସୃଷ୍ଟି କରିଛି। ତଥାପି ଚେଷ୍ଟା ଚାଲିଛି। ଆମ ନିକଟରେ ଏବେ ଆସନ୍ତା ୪ ରୁ ୫ଦିନ ପାଇଁ ଚାଉଳ ରହିଛି, ହେଲେ ପନିପରିବା ବା ଅନ୍ୟ ଜିନିଷ ନାହିଁ ବୋଲି ମନୀଷ କହିଛନ୍ତି।

## ଦୋକାନରୁ ଲକ୍ଷାଧିକ ଟଙ୍କାର କପଡ଼ା ଚୋରି

**କର୍ଲାମୁଣ୍ଡା,(ଡି.ଏନ.ଏ.):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସଦରଠାରୁ ପ୍ରାୟ ୨ କିଲୋମିଟର ଦୂର ପୁଟିଗାଁ ଚିନାବାଡାଠାରେ ଥିବା ଏକ କ୍ଲଥ ଷ୍ଟୋରରୁ ମଙ୍ଗଳବାର ରାତ୍ରିରେ ଦୁର୍ବୃତ୍ତମାନେ ସଟର ଲକ୍ କାଟି ଦୋକାନରୁ ଲକ୍ଷାଧିକ ଟଙ୍କାର ଦାମିକିଆ ଲୁଗାପଟା ଚୋରି କରିନେଇଛନ୍ତି। ଏ ନେଇ ଦୋକାନ ମାଲିକ ଜଗବନ୍ଧୁ ସାହୁ ସ୍ଥାନୀୟ ଫାଣ୍ଡିରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇ ମ. ରାମପୁର ଥାନା ଅଧିକାରୀ ସଚିନ୍ଦ୍ର ପ୍ରଧାନ, ଫାଣ୍ଡି ଅଧିକାରୀ କୃତିବାସ ପୂଜାରୀ ଓ ଟିମ ଘଟଣାସ୍ଥଳରେ ପହଞ୍ଚି ସନ୍ଧାନୀ କୁକୁର ସାହାଯ୍ୟରେ ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି।

## ସଂକ୍ଷେପରେ

### ଡୁଙ୍ଗୁରିପାଲି ଅଞ୍ଚଳରୁ ବଜ୍ରକାପ୍ତା ଉଦ୍ଧାର



ଉଦ୍ଧାର ବଜ୍ରକାପ୍ତା ।

**ଡୁଙ୍ଗୁରିପାଲି,୨।୩(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ବିନିକା ବନ ବିଭାଗ ଅଧୀନ ଡୁଙ୍ଗୁରିପାଲି ବ୍ଲକ ଚନ୍ଦଲି ଗାଁର ଯୋଗୀନ୍ଦ୍ର ଭୋଇଙ୍କ ଘରୁ ବୁଧବାର ଏକ ବଜ୍ରକାପ୍ତା ଉଦ୍ଧାର କରାଯାଇଛି । ଏହାର ଲମ୍ବ ଏକ ମିଟର ହୋଇଥିବା ବେଳେ ଓଜନ ୧୨ କିଲୋ ରହିଛି । ଏହାକୁ ସିଂଘିଯୁବା ଜଙ୍ଗଲରେ ଛାଡି ଦିଆଯାଇଛି । ପ୍ରକାଶ ଯେ, ପୂର୍ବାହ୍ନ ପ୍ରାୟ ସାଢେ ୧୧ଟା ବେଳେ ବଜ୍ରକାପ୍ତାଟି ଯୋଗୀନ୍ଦ୍ରଙ୍କ ଘର ପାଖରେ ବୁଲୁଥିବା ଦେଖିବାକୁ ମିଳିଥିଲା । ସେ ଏହା ଦେଖି ତାକୁ ଧରି ନିଜ ଘରକୁ ନେଇଯାଇ ବନ ବିଭାଗକୁ ଖବର ଦେଇଥିଲେ । ଖବର ପାଇ ବିନିକା ଓ ରାମପୁର ଫରେଷ୍ଟର ପହଞ୍ଚି ବଜ୍ରକାପ୍ତାକୁ ଉଦ୍ଧାର କରିଥିଲେ । ସ୍ଥାନୀୟ ଅଡାକସା ଜଙ୍ଗଲରୁ ବଜ୍ରକାପ୍ତାଟି ଗାଁ ଭିତରକୁ ପଶି ଆସିଥିଲା ନା କେହି ଦୁର୍ବୃତ୍ତ ଚୋରା ଚାଲାଣ କରୁଥିବା ବେଳେ ଖସି ଆସିଥିଲା ତାହା ଜଣାପଡିନାହିଁ । ସୂଚନାଯୋଗ୍ୟ, ଗତ କିଛି ମାସ ହେଲା ବଡକର୍ଲେ ଏବଂ ସହଲା ଗାଁରୁ ମଧ ବନବିଭାଗ କର୍ମଚାରୀ ବଜ୍ରକାପ୍ତା ଉଦ୍ଧାର କରି ଜଙ୍ଗଲରେ ଛାଡିଥିଲେ ।

### ଅବସରପ୍ରାପ୍ତ ଯବାନଙ୍କୁ ଆକ୍ରମଣ, ୩ ଗିରଫ

**ରେଙ୍ଗାଲି,୨।୩(ଡି.ଏନ.ଏ.):** ସମ୍ବଲପୁର ଜିଲା ରେଙ୍ଗାଲି ଥାନା ଅନ୍ତର୍ଗତ ରେଙ୍ଗାଲି ବସ୍‌ଷ୍ଟାଣ୍ଡରେ ଜଣେ ଅବସରପ୍ରାପ୍ତ ଯବାନଙ୍କୁ ଆକ୍ରମଣ କରିବା ଅଭିଯୋଗରେ ପୋଲିସ ଜଣେ ନାବାଳକ ସମେତ ୩ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ରେଙ୍ଗାଲି ଷ୍ଟେଶନ ବସ୍ତିର ଗୋପୀ ଗରଡ଼ିଆ, ରେଙ୍ଗାଲି ଥାନା ରମ୍ଭେଲା ଗ୍ରାମର ସଞ୍ଜୀବ କୁମାର ନାୟକ ଓ ଅନ୍ୟଜଣେ ନାବାଳକ। ସୂଚନା ଅନୁସାରେ ମଙ୍ଗଳବାର ସନ୍ଧ୍ୟାରେ ଏହି ଥାନା ଅନ୍ତର୍ଗତ ଝୁରିପଡା ଗ୍ରାମର ଅବସରପ୍ରାପ୍ତ ଯବାନ ପୁରୁଷୋତ୍ତମ ବରିହା(୪୪) ପରିବାର ସହ ରେଙ୍ଗାଲିକୁ ଶିବରାତ୍ରି ପାଇଁ ଆସୁଥିଲେ। ବସ୍‌ଷ୍ଟାଣ୍ଡ ରାସ୍ତାରେ ଉପରୋକ୍ତ ୩ଜଣ ତାଙ୍କ ଗାଡି ଅଟକାଇ ଗାଳିଗୁଲଜ ସହ ଏକ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ। ପାଟ୍ରୋଲିଂ କରୁଥିବା ପୋଲିସ ସେଠାରେ ପହଞ୍ଚି ସମ୍ପୃକ୍ତ ୩ ଅଭିଯୁକ୍ତଙ୍କୁ ଥାନା ଆଣିବା ସହ ଆହତ ପୁରୁଷୋତ୍ତମଙ୍କୁ ଡାକ୍ତରଖାନା ନେଇଥିଲେ।

### ସଡକ ଦୁର୍ଘଟଣା, ଜଣେ ମୃତ

**ବରଗଡ଼ ଅଫିସ,୨।୩:** ବରଗଡ଼-ଭଟଲି ରାସ୍ତାର ପଧାନଟିକ୍ରାଠାରେ ବୁଧବାର ପୂର୍ବାହ୍ନ ୧୧ଟାରେ ଏକ ସଡକ ଦୁର୍ଘଟଣାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବରଗଡ଼ ସହର ଉପକଣ୍ଠ ତେନ୍ତୁଲା ନିବାସୀ ବୁଲୁ ପଧାନ(୩୮)। ସେ ବଜାର ସାରି ସ୍କୁଟରେ ଘରକୁ ଫେରୁଥିବା ସମୟରେ ପଧାନଟିକ୍ରାଠାରେ ପଛପଟୁ ଏକ ଟେମ୍ପୋ ତାଙ୍କୁ ଧକ୍କା ଦେଇ ଚାଲିଯାଇଥିଲା। ଗୁରୁତର ଅବସ୍ଥାରେ ବୁଲୁଙ୍କୁ ସଂପୃକ୍ତ ପରିବାରର ସଦସ୍ୟମାନେ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟ ଆଣିଥିଲେ। ଅବସ୍ଥା ଗୁରୁତର ହେବାରୁ ପରିବାର ଲୋକେ ତାଙ୍କୁ ବରଗଡ଼ ବିକାଶ ହସ୍ପିଟାଲ ନେଇଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏନେଇ ବରଗଡ଼ ଟାଉନ ଥାନାରେ ଏକ ମାମଲା ରୁଜୁ ହୋଇଛି ।

# ଏଯାଏ ଉଠିନି ଖରିଫ ଧାନ

**ନୂଆପଡ଼ା ଜିଲା**

ନୂଆପଡ଼ା ଅଫିସ,୨।୩

ରବିଧାନ ଚାଷ ଅଧା ହେଲାଣି। ହେଲେ ନୂଆପଡା ଜିଲାରେ ଖରିଫ ଋତୁର ଧାନ କିଣାବିକା ସରି ନାହିଁ। ଆଜି ବି ହଜାର ହଜାର ବସ୍ତା ଧାନ ଜିଲାର ବିଭିନ୍ନ ମଣ୍ଡିରେ ଖୋଲା ଆକାଶ ତଳେ ପଡି ରହିଛି। ଧାନ ଉଠିବା ନେଇ ପ୍ରଶାସନ ପକ୍ଷରୁ କୌଣସି ବିକଳ୍ପ ବ୍ୟବସ୍ଥା କରାଯାଇନାହିଁ।

ମାର୍ଚ୍ଚ ୧ ତାରିଖ ସୁଦ୍ଧା ନୂଆପଡା ଜିଲାର ବିଭିନ୍ନ ମଣ୍ଡିରେ ୮୮୩ ଚାଷୀଙ୍କ ୮୫ ହଜାର ୨୬୧ ବସ୍ତା ଧାନ ପଡି ରହିଥିବା ଜଣାପଡିଛି। ମାସ ମାସ ଧରି ଧାନ ପଡିରହିଥିଲେ ମଧ୍ୟ ବିଭାଗୀୟ ଅଧିକାରୀ କିମ୍ବା ମିଲର୍ସ ଧାନ ଉଠିବା ନେଇ ବ୍ୟବସ୍ଥା କରୁ ନ ଥିବାରୁ ଚାଷୀ ହଇରାଣରେ ପଡିଛନ୍ତି। ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଯୋଗୁ ଧାନ ମଣ୍ଡି ପାଇଁ କୌଣସି ରାଜନେତା କିମ୍ବା ପ୍ରଶାସନିକ ଅଧିକାରୀ ଚାଷୀଙ୍କ ଉପରକୁ



ମଣ୍ଡିରେ ଧାନ ପଡି ରହିଛି।

ଦୃଷ୍ଟି ଦେଇ ନ ଥିଲେ। ଚାଷୀ ମଣ୍ଡିରେ ମାସ ମାସ ଧରି ଜଗି ବସିଛି। ଅଦନିଆ ବର୍ଷାକୁ ଦୃଷ୍ଟିରେ ରଖି ମଣ୍ଡିରେ ପଡି ରହିଥିବା ଧାନ ଶୀଘ୍ର ଉଠାଯାଉ ବୋଲି ଚାଷୀମାନେ ଦାବି କରିଛନ୍ତି। ଜିଲାରେ ୭୫ଟି ଧାନକ୍ରୟ କେନ୍ଦ୍ର ଖୋଲାଯାଇଥିବା ବେଳେ ୪ ଦଫାରେ ୧୫, ୫୪, ୪୧୧, ୭୬ କୁଇଣ୍ଟାଲ ଧାନ କ୍ରୟ କରିବା ଲକ୍ଷ୍ୟ ଦିଆଯାଇଛି। ବର୍ତ୍ତମାନ ସୁଦ୍ଧା ୨୬ ହଜାର ୮୪୨ଜଣ ଚାଷୀଙ୍କ ମୋଟ ୧୩,୭୦,୧୧୫.୯୧ କୁଇଣ୍ଟାଲ ଧାନକ୍ରୟ କରାଯାଇଛି। ନୂଆପଡା ପାକ୍ସରେ ୪୦୯୫ ବସ୍ତା, ବେଲଟୁକୁରିରେ ୧୮୬୭ ବସ୍ତା, ଖରିଆର ରୋଡରେ ୪୯୦୬, ଡୁମେରପାଣି ମଣ୍ଡିରେ ୩୦୫୭ ବସ୍ତା ଧାନ ପଡି ରହିଛି। ସେହିପରି ଧରମବନ୍ଧା ପାକ୍ସରେ ୩୮୦୩ ବସ୍ତା, ସାରାବଙ୍ଗରେ ୧୬,୮୬୭, ମୋହରାଡିହିରେ ୬୨୬, କୋମନା ପାକ୍ସରେ ୫୨୧୪, ଉଦ୍ୟାନବନ୍ଧରେ ୯୩୧୦, ଭେଲାରେ ୩୬୪୮, ଡୁଆଝରରେ ୧୧୫୭, ଡୁକଲା ପାକ୍ସରେ ୫୦୦୪ ବସ୍ତା ଧାନ ପଡ଼ି ରହିଛି। ବୋଡେନ ପାକ୍ସରେ ୧୪୦, କରଙ୍ଗାମାଲ ପାକ୍ସରେ ୧୨୫୪, ବରଗାଁ ୩୦୪୭, ରୋକାଲ ୧୯୫୪, ସିନାପାଲିରେ ୫୨୪୩, ନିଲଜିରେ ୨୬୧୧, ହାତିବନ୍ଧାରେ ୭୧୧୭, ଭରୁଆମୁଣ୍ଡା ପାକ୍ସରେ ୪୩୪୦ ବସ୍ତା ଧାନ ଉଠି ପାରି ନ ଥିବା ସୂଚନା ମିଳିଛି।

# ୨ ଚୋରି ବାଇକ୍ ଉଦ୍ଧାର, ଜଣେ ଗିରଫ

ଖଡିଆଳ,୨।୩(ଡି.ଏନ.ଏ.)



ଗିରଫ ଅଭିଯୁକ୍ତ ଓ ଜବତ ଚୋରା ବାଇକ୍ ।

ନୂଆପଡ଼ା ଜିଲା ଖଡିଆଳ ପୋଲିସ ଗତ ସପ୍ତାହରେ ପୃଥକ ୨ଟି ବାଇକ୍ ଚୋରି ଘଟଣାରେ ଜଣେ ଚୋରଙ୍କୁ ଗିରଫ କରିବା ସହ ୨ ଚୋରି ବାଇକ୍ ଉଦ୍ଧାର କରିଛି। ଗିରଫ ବ୍ୟକ୍ତି ହେଲେ ଦମାପଲା ଗାଁର ଅଜୟ ତାଣ୍ଡି। ସୂଚନା ଅନୁସାରେ ଗତ ୨୩ ତାରିଖ ରାତିରେ ଏହି ବ୍ଲକ କୁଶମାଲ ଗାଁର ପାରେଶର ମାଝିଙ୍କ ବାଇକ୍ (ନଂ. ଓଡି୨୬ସି–୮୯୩୦) ଖଡିଆଳ ବଜାର ନିକଟ ତିରୁପତି ପାଖରେ ରଖି ଦୋକାନକୁ ଯାଇଥିବା ବେଳେ ବାଇକ୍ ଚୋରି ହୋଇଥିଲା। ଏ ନେଇ ଖଡିଆଳ ଥାନାରେ ଅଭିଯୋଗ ହୋଇଥିଲା। ଉକ୍ତ ଘଟଣାର ୪ ଦିନ ପରେ ଅର୍ଥାତ୍ ୨୭ ତାରିଖରେ ଖଡିଆଳ ସହର ଭଣ୍ଡାରୀପଡା ଛକ ନିକଟରୁ ଆଇନଜୀବୀ ଶଙ୍କର୍ଷଣ ପଣ୍ଡାଙ୍କ ବାଇକ୍ (ନଂ. ଓଆର୨୬ଏ–୧୭୮୦) ମଧ ଚୋରି ହୋଇଥିବା ଅଭିଯୋଗ ହୋଇଥିଲା। ୨ଟି ପୃଥକ ଚୋରି ମାମଲା ରୁଜି କରି ପୋଲିସ ତଦନ୍ତ ଆରମ୍ଭ କରିଥିଲା। ଏସଆଇ ଦୁର୍ଗାପ୍ରସାଦ ସାହୁ ଘଟଣାର ତଦନ୍ତ କରି ଦମାପଲା ଗାଁର ଅଜୟ ଚୋରି କରିଥିବା ଜାଣିବାକୁ ପାଇଥିଲା। ତେବେ ଦୁଇଟି ବାଇକ୍‌ରୁ ଗୋଟିଏ ଅଜୟ ନିଜ ଗାଁର ଅବିନାଶ ପଣ୍ଡାଙ୍କ ପାଖରେ ବିକ୍ରି କରି ଦେଇଥିଲେ। ପୋଲିସର ଘଟଣାର ତଦନ୍ତ କରି ୨ଟି ଚୋରି ବାଇକ ଉଦ୍ଧାର କରିଥିଲା। ଚୋରି ଅଭିଯୋଗରେ ଅଜୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଚୋରା ବାଇକ୍ କିଣିଥିବାରୁ ଅବିନାଶଙ୍କୁ ନୋଟିସ ଦିଆଯାଇଥିବା ତଦନ୍ତ ଅଧିକାରୀ ପ୍ରକାଶ କରିଛନ୍ତି।

# ୟୁକ୍ରେନ୍‌ରେ ଫସିଛନ୍ତି ଭବାନୀପାଟଣାର ମେଡିକାଲ ଛାତ୍ରୀ

ଭବାନୀପାଟଣା,୨।୩(ସ୍ୱ.ପ୍ର.)

ଯୁଦ୍ଧ ବିଭୀଷିକା ମଧ୍ୟରେ ୟୁକ୍ରେନ୍‌ରୁ ଅନେକ ଛାତ୍ରୀଛାତ୍ର ଓଡ଼ିଶା ଫେରିଛନ୍ତି। ହେଲେ କଳାହାଣ୍ଡି ଜିଲା ଭବାନୀପାଟଣା ସହର ଡାକ୍ତରୀ ଛାତ୍ରୀ ଜ୍ୟୋତିର୍ମୟୀ ଦାସ ୟୁକ୍ରେନ୍‌ର କର୍କିଭଠାରେ ଫସି ରହିଛନ୍ତି। ସେଠାକାରସ୍ଥିତି ସଙ୍ଗୀନ



ମେଡିକାଲ ଛାତ୍ରୀ ଜ୍ୟୋତିର୍ମୟୀ ନିଜ ସହପାଠୀଙ୍କ ସହ ବଙ୍କରରେ ଅଛନ୍ତି।

**ଉଦ୍ଧାର ପାଇଁ ପରିବାରବର୍ଗଙ୍କ ଆକୁଳ ନିବେଦନ**

ହୋଇ ଥିବାବେଳେ ତୁହାକୁ ତୁହା ବୋମା ବିସ୍ଫୋରଣ ଘଟୁଛି। ଗତ ୬ ଦିନ ହେଲା ଖାଇବା ରହିବାରେ ଧୀରେ ଧୀରେ ସମସ୍ୟା ଦେଖାଦେଲାଣି। କିପରି ସୁରକ୍ଷିତ ଭାବେ ଦେଶକୁ ଫେରିବେ ଏଥିପାଇଁ ତାଙ୍କ ପରିବାରବର୍ଗ ଚିନ୍ତାରେ ଅଛନ୍ତି। ଭବାନୀପାଟଣାର ଭଗବାନ ଦାସ ଓ ମା' ସଞ୍ଜୁଲତା ଦାସଙ୍କ ଏକ ମାତ୍ର ଝିଅ ଜ୍ୟୋତିର୍ମୟୀ ଭୟଭୀତ ଅବସ୍ଥାରେ ଥିବା ଜାଣି ଭାଙ୍ଗି ପଡିଛନ୍ତି। ସେ ୟୁକ୍ରେନ୍‌ର କର୍କିଭ ନ୍ୟାଶନାଲ ୟୁନିଭର୍ସିଟି ତୃତୀୟ ବର୍ଷର ଡାକ୍ତରୀ ଛାତ୍ରୀ। ଏବେ ସେଠାରେ ରହି ପଢୁଥିବା ବେଳେ ୟୁକ୍ରେନ୍–ରୁଷିଆ ଯୁଦ୍ଧ ପାଇଁ ପରିସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲିଯାଇଛି। ବାରମ୍ବାର ସେ ରହୁଥିବା ଅଞ୍ଚଳରେ ଚାରିଆଡେ ବୋମା ବିସ୍ଫୋରଣ ଘଟୁଛି। ପ୍ରତି ମୁହୂର୍ତ୍ତରେ ବିପଦ ରହିଛି। ୟୁନିଭର୍ସିଟି କର୍ତ୍ତୃପକ୍ଷଙ୍କ ସହାୟତାରେ ସେ ବର୍ତ୍ତମାନ ବଙ୍କର ମଧରେ ରହିଛନ୍ତି। ଝିଅ ସହିତ ସେମାନେ ମୋବାଇଲ ଫୋନ୍‌ରେ ଭିଡିଓ କଲିଂ ଜରିଆରେ କଥା ହୋଇ ପାରୁଛନ୍ତି । କିନ୍ତୁ ସେଠାରେ ରହି ପଢୁଥିବା ଛାତ୍ରୀଛାତ୍ରଙ୍କୁ ସୁରକ୍ଷିତ ଭାବେ ଘରକୁ ଫେରାଇ ଆଣିବାକୁ ଓଡ଼ିଶା ସରକାର ଓ ଭାରତ ସରକାରଙ୍କୁ ମା'ବାପା ଅନୁରୋଧ କରିଛନ୍ତି। ଅଳିଅଳି ଏକମାତ୍ର ଝିଅକୁ ଫେରାଇ ଆଣିବାକୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ନିକଟରେ କାନ୍ଦି କାନ୍ଦି ନିବେଦନ କରୁଛନ୍ତି।




# ନାଟକ ମାଧ୍ୟମରେ ସଚେତନତା ବାର୍ତ୍ତା

ବଲାଙ୍ଗୀର ଅଫିସ, ୨।୩

**ବିଜ୍ଞାନ ଯୁଗର ଅଜ୍ଞାନ ମୁନୁଷ୍ ନାଟକ ମଞ୍ଚସ୍ଥ**

ବିଜ୍ଞାନ ସହାୟତାରେ ଆମେ ଅନେକ ବାଟ ଆଗେଇଛୁ। ବିଜ୍ଞାନ ଆମକୁ ଦିଗଦର୍ଶନ ଦେଇଛି। କିନ୍ତୁ ଏହାକୁ ମଣିଷ ସମାଜ ଠିକଣା ଭାବେ ବ୍ୟବହାର ଭାବେ କରିପାରୁନି। ଯାହା ଫଳରେ ଯେତିକି ସୁବିଧା ହେଉଛି ସେତିକି ଅସୁବିଧା ମଧ ହେଉଛି। ଉଦାହରଣ ଭାବେ କୋଭିଡ ସମୟକୁ ନିଆଯାଇପାରେ। ଏହି ବିଷୟ ବସ୍ତୁକୁ ନେଇ ସ୍ଥାନୀୟ ସରକାରୀ ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନରେ ଡ. ସୁଧାଂଶୁବାଳା ତ୍ରିପାଠୀଙ୍କ ନିର୍ଦ୍ଦେଶନାରେ ଅନୁଷ୍ଠାନର ଛାତ୍ରୀଛାତ୍ରଙ୍କୁ ନେଇ ନାଟକ ବିଜ୍ଞାନ ଯୁଗର ଅଜ୍ଞାନ ମୁନୁଷ୍ ମାଧମରେ ଛାତ୍ରୀଛାତ୍ରମାନେ ସଚେତନତା ବାର୍ତ୍ତା ଦେଇଥିଲେ। ଅନୁଷ୍ଠାନର ଡ. ସୁଧୀର ସାହୁ, ସରୋଜ ବେହେରା, ଗୋପାଳ ପଧାନ, ଅନୀତା ହୋତା ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ବିଜ୍ଞାନ ଦିବସ ପାଳନ ପୂର୍ବରୁ ପିଲାମାନଙ୍କ ମଧରେ ବିଜ୍ଞାନ ସମ୍ବନ୍ଧୀୟ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ଜାତୀୟ ବିଜ୍ଞାନ ଦିବସ ପାଳନ ଅବସରରେ ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।



ନାଟକ ବିଜ୍ଞାନ ଯୁଗର ଅଜ୍ଞାନ ମୁନୁଷ୍‌ରେ ଭାଗ ନେଇଥିବା କଳାକାର।

# ଯୁବକଙ୍କୁ ବାହାହେଲେ ବିଧବା

ଲୋଇସିଂହା,୨।୩(ଡି.ଏନ.ଏ.)

- ମହିଳାଙ୍କ ଘରୁ ଧରାପଡ଼ିବା ପରେ କଲେ ବିବାହ
- ପୋଲିସ ଓ ଗ୍ରାମବାସୀଙ୍କ ଉପସ୍ଥିତିରେ ବିବାହ ପାଇଁ ଲେଖାପଢ଼ା
- ବିବାହ ପରେ ବିଧବା ୪ବର୍ଷର ପୁଅ ସହ ଯୁବକଙ୍କ ଘରକୁ ଗଲେ

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ଡୁମଡୁମି ଗ୍ରାମରେ ମଙ୍ଗଳବାର ରାତିରେ ଏକ ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଦୀର୍ଘଦିନ ଧରି ସମ୍ପର୍କରେ ଥିବା ଜଣେ ବିଧବା (୩୨ ବର୍ଷ) ସେହି ଗାଁର ଜଣେ ୨୨ବର୍ଷର ଯୁବକଙ୍କୁ ବିବାହ କରିଛନ୍ତି। ପୋଲିସ ଉପସ୍ଥିତିରେ ଗ୍ରାମବାସୀ ଉଭୟଙ୍କୁ ବିବାହ କରାଇଛନ୍ତି। ପରେ ଯୁବକ ଜଣକ ସମ୍ପୃକ୍ତ ମହିଳା ଏବଂ ତାଙ୍କ ୪ବର୍ଷର ପୁଅଙ୍କୁ ସାଥୀରେ ନେଇ ନିଜ ଘରକୁ ଯାଇଛନ୍ତି। ତେବେ ମହିଳା ଓ ସମ୍ପୃକ୍ତ ଯୁବକ ଜଣକ ଭିନ୍ନ ଜାତିର ହୋଇଥିବାରୁ ଉତ୍ତେଜନା ଆଶଙ୍କା କରି ଡୁମଡୁମି ଗାଁରେ ପୋଲିସ ମୁତୟନ ହୋଇଛି। ପୋଲିସକୁ ଦୁର୍ବ୍ୟବହାର କରିବା ଅଭିଯୋଗରେ ଗାଁର କେତେକଙ୍କ ନାମରେ ନୋଟିସ୍ କରାଯାଇଛି।

ପୋଲିସ ସୂଚନା ଅନୁସାରେ ସବର୍ଣ୍ଣ ବସ୍ତିର ଉକ୍ତ ମହିଳାଙ୍କ ସ୍ୱାମୀଙ୍କର ୨୦୨୦ରେ ମୃତ୍ୟୁ ଘଟିଥିଲା। ଏହାପରଠାରୁ ବିଧବାଙ୍କ ଘରକୁ ଗ୍ରାମର ଜଣେ ଅସବର୍ଣ୍ଣ ଯୁବକଙ୍କ ଯିବା ଆସିବା ରହିଥିଲା। ମଙ୍ଗଳବାର ସମ୍ପୃକ୍ତ ଯୁବକ ଜଣକ ମହିଳାଙ୍କ ଘରକୁ ଆସିଥିଲେ। ମହିଳାଙ୍କ ଶ୍ୱଶୁର ଏହା ଜାଣିବା ପରେ ଘର ବାହାର ପଟରୁ ତାଲା ପକାଇ ଗ୍ରାମବାସୀ ଓ ଗ୍ରାମରକ୍ଷୀଙ୍କୁ ସୂଚନା ଦେଇଥିଲେ। ଖବରପାଇ ଆଇଆଇସି ସଂଗ୍ରାମ ପଟ୍ଟନାୟକ, ଏସ୍‌ଆଇ ନବୀନ ଭୋଇ ଓ ପୋଲିସ କର୍ମଚାରୀ ଗାଁରେ ପହଞ୍ଚିଥିଲେ । ବନ୍ଦ ଘରୁ ସମ୍ପୃକ୍ତ ମହିଳା ଓ ଯୁବକଙ୍କୁ ପୋଲିସ ଉଦ୍ଧାର କରିଥିଲା। ପରସ୍ପର ସହ ସମ୍ପର୍କ ଥିବା ଉଭୟେ ପୋଲିସ ଓ ଗ୍ରାମବାସୀଙ୍କ ଆଗରେ ସ୍ୱୀକାର କରିଥିଲେ। ଏହାପରେ ଉଭୟଙ୍କୁ ବିବାହ କରିବାକୁ ମହିଳାଙ୍କ ସମ୍ପର୍କୀୟ ଓ ଗ୍ରାମବାସୀ ପୋଲିସ ଆଗରେ ଅଡ଼ିବସିଥିଲେ। ଏତିକିବେଳେ ପୋଲିସ ସମ୍ପୃକ୍ତ ଯୁବକଙ୍କୁ କେବଳ ଭ୍ୟାନରେ ବସାଇ ଥାନାକୁ ନେବା ବେଳେ ଗ୍ରାମବାସୀ ବିରୋଧ କରିଥିଲେ । କେତେକ ପୋଲିସ ଭ୍ୟାନ ଆଗରେ ଲୁହା ଲଙ୍ଗଳ ରଖି ଶୋଇପଡିଥିଲେ। ଶେଷରେ ସମ୍ପୃକ୍ତ ଯୁବକ ଓ ତାଙ୍କ ଅଭିଭାବକ ସମ୍ପୃକ୍ତ ମହିଳାଙ୍କୁ ଗ୍ରହଣ କରିବାକୁ ରାଜି ହୋଇଥିଲେ। ଅପରପକ୍ଷରେ ବିବାହ ପାଇଁ ମହିଳା ଜଣକ ବି ସମ୍ମତି ପ୍ରକାଶ କରିଥିଲେ। ତୁରନ୍ତ ସେଠାରେ କାଗଜପତ୍ରରେ ଲେଖାଯାଇ ବିବାହ କାର୍ଯ୍ୟ ସମ୍ପନ୍ନ କରାଯାଇଥିଲା।

DSPL - 415

## ବିଶ୍ୱ ଶ୍ରବଣ ଦିବସ

୩ ମାର୍ଚ୍ଚ ୨୦୨୨

ଯଦି ସାରା ଜୀବନ ଶ୍ରବଣ ଶକ୍ତି ସୁରକ୍ଷିତ ରଖିବାକୁ ଚାହାଁନ୍ତି ତେବେ ଧ୍ୟାନର ସହ ଶୁଣନ୍ତୁ



୧. ଗର୍ଭାବସ୍ଥାରେ ଡାକ୍ତରଙ୍କ ବିନା ପରାମର୍ଶରେ ନିଆଯାଇଥିବା ଔଷଧ ଯୋଗୁଁ ନବଜାତ ଶିଶୁର ଶ୍ରୁତି ଶକ୍ତି ହାନି ହୋଇପାରେ। କୌଣସି ଔଷଧ ଖାଇବା ପୂର୍ବରୁ ସର୍ବଦା ଡାକ୍ତରଙ୍କ ସହିତ ପରାମର୍ଶ କରନ୍ତୁ।
୨. ଆପଣଙ୍କ ପିଲାକୁ ନିୟମିତ ଟୀକାକରଣ କରାନ୍ତୁ। ଗାଲୁଆ, ମିଳିମିଳା ଭଳି ରୋଗ ପିଲାମାନଙ୍କ ଠାରେ ବଧିରତା ସୃଷ୍ଟି କରିପାରେ।
୩. ଶ୍ରବଣ ଶକ୍ତି ଦୁର୍ବଳ ଥିବା ପିଲାକୁ ଅନ୍ୟ ପିଲାମାନଙ୍କ ସହିତ ମିଶିବାକୁ ଉତ୍ସାହିତ କରନ୍ତୁ। ଏହା ମାନସିକ ତଥା ସାମାଜିକ ଜୀବନ ଶୈଳୀର ବିକାଶରେ ସହାୟକ ହେବ।
୪. ଯଦି ବିଦ୍ୟାଳୟ କକ୍ଷରେ ପିଲା ସ୍ୱଳ୍ପ ଦୂରରୁ ଶିକ୍ଷକଙ୍କ ସ୍ୱର ପ୍ରତି ଧ୍ୟାନ ଦେବାକୁ ସକ୍ଷମ ନୁହଁନ୍ତି / ଅନ୍ୟମନସ୍କ ରୁହନ୍ତି ତେବେ ଡାକ୍ତରଙ୍କ ସହିତ ପରାମର୍ଶ କରନ୍ତୁ।
୫. ବଧିରଙ୍କ ପାଇଁ ପରାମର୍ଶ ଓ ଚିକିତ୍ସା ସମସ୍ତ ସରକାରୀ ଡାକ୍ତରଖାନା ଏବଂ 'ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର'ମାନଙ୍କରେ ଉପଲବ୍ଧ।

ନିଜକୁ ଓ ଅନ୍ୟମାନଙ୍କୁ ସୁରକ୍ଷିତ ରଖିବା ପାଇଁ




ନିୟମିତ ୪୦ ସେକେଣ୍ଡ୍ ପର୍ଯ୍ୟନ୍ତ ହାତକୁ ଭଲଭାବରେ ଧୁଅନ୍ତୁ | ସର୍ବଦା ସଠିକ୍ ଭାବରେ ମାସ୍କ ପିନ୍ଧନ୍ତୁ | ନିଜକୁ ଅନ୍ୟମାନଙ୍କ ଠାରୁ ୨ ମିଟର ଦୂରରେ ରଖନ୍ତୁ | ସମସ୍ତ ଯୋଗ୍ୟ ବ୍ୟକ୍ତି କୋଭିଡ୍ ଟୀକା ନିଶ୍ଚୟ ନିଅନ୍ତୁ

OIPR-10003/13/0148/2122

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଓଡ଼ିଶା

facebook.com/HFWOdisha
@HFWOdisha
http://www.health.odisha.gov.in/

# ଶିକ୍ଷା, ସାଙ୍ଗଠନିକ ଦକ୍ଷତା ମାପକାଠି

**ସମ୍ବଲପୁର ଜିଲାପରିଷଦ ଅଧ୍ୟକ୍ଷ**

■ ଦୌଡ଼ରେ ୪

ସମ୍ବଲପୁର,୨।୩(ବ୍ୟୁରୋ)


ସୁଜାତା ଖୁଣ୍ଟିଆ


ଟିକେଶ୍ୱରୀ ମେହେର


ଚୋଲେଶ୍ୱରୀ ମହାନନ୍ଦ


କୁମୁଦିନୀ ନାୟକ

ପଞ୍ଚାୟତ ନିର୍ବାଚନରେ ସମ୍ବଲପୁର ଜିଲାର ମୋଟ ୧୮ ଗୋଟି ଜିଲାପରିଷଦ ଆସନରୁ ବିଜେଡି ୧୬ଟିରେ ବିଜୟୀ ହୋଇଛି। କୁଚିଣ୍ଡା ନିର୍ବାଚନମଣ୍ଡଳୀରେ ୬ ଜୋନ୍‌ରୁ ୫, ରେଢାଖୋଲ ନିର୍ବାଚନମଣ୍ଡଳୀରେ ୭ ଜୋନ୍‌ରୁ ୬ ଓ ରେଙ୍ଗାଲି ନିର୍ବାଚନମଣ୍ଡଳୀରେ ସମସ୍ତ ୫ ଜୋନ୍ ବିଜେଡି ଖାତାକୁ ଯାଇଛି। ଏବେ ଅଧ୍ୟକ୍ଷ ପଦକୁନେଇ ଚର୍ଚ୍ଚା ଚାଲିଛି। ବିଜେଡି ଜିଲା ସଭାପତି ସିଦ୍ଧାର୍ଥ ଦାସ କହିଛନ୍ତି, ଜିଲା ପରିଷଦ ଅଧ୍ୟକ୍ଷ ପଦ ମହିଳାଙ୍କ ପାଇଁ ସଂରକ୍ଷିତ ରହିଛି। ୧୦ ଜଣ ମହିଳା ପ୍ରାର୍ଥୀ ବିଜୟୀ ହୋଇଥିବାରୁ ଜଣଙ୍କୁ ଚୟନ କରିବା ସାମାନ୍ୟ କଷ୍ଟକର ହୋଇପଡ଼ିଛି। ବିଜୟୀ ହୋଇଥିବା ସମସ୍ତ ପ୍ରାର୍ଥୀ ଦଳ ପାଇଁ ଗୌରବ। ହେଲେ ଶିକ୍ଷାଗତ ଯୋଗ୍ୟତା, ସାଙ୍ଗଠନିକ ଦକ୍ଷତା, ନିର୍ବାଚନ ମଣ୍ଡଳୀରେ ଦଳୀୟ ସ୍ଥିତି, ନେତୃତ୍ୱ ଉପରେ ଗୁରୁତ୍ୱ ଦିଆଯିବ। ଜିଲା ସ୍ତରର ନେତୃତ୍ୱ, ସ୍ଥାନୀୟ ବିଧାୟକଙ୍କ ବୈଠକ ହୋଇ ଚୂଡ଼ାନ୍ତ ତାଲିକା ରାଜ୍ୟ ନେତୃତ୍ୱଙ୍କ ପାଖକୁ ପଠାଯିବ। ସେଠାରେ ଦଳର ସଭାପତି ନବୀନ ପଟ୍ଟନାୟକ ନିଷ୍ପତ୍ତି ନେବେ ବୋଲି ସେ କହିଥିଲେ।

ବିଜୟୀ ହୋଇଥିବା ପ୍ରାର୍ଥୀମାନଙ୍କ ମଧ୍ୟରେ ୪ ଜଣ ଦୌଡ଼ରେ ଥିବା ଚର୍ଚ୍ଚା ହେଉଛି। କୁଚିଣ୍ଡା ନିର୍ବାଚନମଣ୍ଡଳୀର ଜମନକିରା ବ୍ଲକ ଜୋନ-୧ରେ ସୁଜାତା ଖୁଣ୍ଟିଆ ବିଜୟୀ ହୋଇଛନ୍ତି। ଏହି ଜୋନ୍ ଭାଜପାର ଦୁର୍ଗ ବୋଲି କୁହାଯାଉଥିଲା। ଗତଥର ଏହା ଭାଜପା ହାତରେ ରହିଥିଲା। ଚଳିତ ନିର୍ବାଚନରେ ଶିକ୍ଷାଗତ ଯୋଗ୍ୟତା, ଲୋକଙ୍କୁ ଏକାଠି କରିବାର ଦକ୍ଷତା ଯୋଗୁ ଭୋଟର ସୁଜାତାଙ୍କୁ ସମର୍ଥନ କରିଥିଲେ। ସେ ଭାଜପା ପ୍ରାର୍ଥୀ ସୀମାନ୍ତିକା ବରିହାଙ୍କୁ ୭୯୯୩ ଭୋଟ ବ୍ୟବଧାନରେ ପରାଜିତ କରିଛନ୍ତି। ଏହା ନିର୍ବାଚନମଣ୍ଡଳୀର ବିଜୟୀ ପ୍ରାର୍ଥିନୀମାନଙ୍କ ମଧ୍ୟରେ ସର୍ବାଧିକ ଭୋଟ ବ୍ୟବଧାନ। ତେଣୁ ସୁଜାତା ଅଧ୍ୟକ୍ଷା ପଦ ପାଇଁ ଦାବିଦାର ବୋଲି କୁହାଯାଉଛି। ସେହିପରି ବାମରା ବ୍ଲକ ଜୋନ-୧ରେ ପୂର୍ବରୁ ବିଜୟୀ ହୋଇଥିବା କୁମୁଦିନୀ ନାୟକ ଚଳିତଥର ଜୋନ୍-୨ରୁ ପ୍ରାର୍ଥୀ ହୋଇ ପୁଣି ବିଜୟୀ ହୋଇଛନ୍ତି। ତାଙ୍କର ରାଜନୈତିକ ଅଭିଜ୍ଞତା ରହିଛି। ପରିଚିତ ମହିଳା ହୋଇଥିବାରୁ ଭୋଟର ତାଙ୍କ ସପକ୍ଷରେ ରାୟ ଦେଇଛନ୍ତି। ସେ ଭାଜପା ପ୍ରାର୍ଥୀ ସୁନୀଲ କୁମାର ଦାସଙ୍କୁ ୭୧୨୯ ଭୋଟରେ ପରାଜିତ କରିଛନ୍ତି। ତାଙ୍କ ନାମ ମଧ୍ୟ ଚର୍ଚ୍ଚାକୁ ଆସୁଛି। ଅନ୍ୟପଟେ ରେଢାଖୋଲ ନିର୍ବାଚନ ମଣ୍ଡଳୀ ନାକଟିଦେଉଳ ବ୍ଲକର ଜୋନ-୨ରେ ଟିକେଶ୍ୱରୀ ମେହେର ବିଜୟୀ ହୋଇଛନ୍ତି। ସେ ଗ୍ରାଜୁଏଶନ କରି ଏକ ଘରୋଇ ସ୍କୁଲରେ ଶିକ୍ଷକତା କରୁଥିଲେ। ପରିବାର ମଧ୍ୟ ପ୍ରାୟ ସଦସ୍ୟ ଚାକିରି କ୍ଷେତ୍ରକୁ ଆପଣେଇଛନ୍ତି। ସେ ଭାଜପା ପ୍ରାର୍ଥୀ ଲୁଚନା ଗଡତିଆଙ୍କୁ ୪୯୧୨ ଭୋଟରେ ପରାଜିତ କରିଛନ୍ତି। ସେ ମଧ୍ୟ ରେସ୍‌ରେ ଥିବା ଆଲୋଚନା ହେଉଛି। ରେଙ୍ଗାଲି ନିର୍ବାଚନ ମଣ୍ଡଳୀର ରେଙ୍ଗାଲି ବ୍ଲକ ଜୋନ ୧ରେ ଚୋଲେଶ୍ୱରୀ ମହାନନ୍ଦ ବିଜୟୀ ହୋଇଛନ୍ତି। ସେ ଭାଜପା ପ୍ରାର୍ଥିନୀ ପ୍ରିୟମ୍ବଦା ବେହେରାଙ୍କୁ ରେକର୍ଡ ୧୫,୪୧୪ ଭୋଟରେ ପରାଜିତ କରିଛନ୍ତି। ଭୋଟ ବ୍ୟବଧାନ, ରେଙ୍ଗାଲିରେ ନେତୃତ୍ୱକୁ ନେଇପାରିବା ନେଇ ତାଙ୍କ ନାମ ମଧ୍ୟ ଚର୍ଚ୍ଚାରେ ରହିଛି। ଏହି ୪ ଜଣଙ୍କ ମଧ୍ୟରୁ ସୁଜାତାଙ୍କଠାରେ ସାଙ୍ଗଠନିକ ଦକ୍ଷତା ଥିବାବେଳେ କୁମୁଦିନୀଙ୍କ ରାଜନୀତି ଅଭିଜ୍ଞତା ରହିଛି। ସେହିପରି ଟିକେଶ୍ୱରୀ ଉଚ୍ଚ ଶିକ୍ଷିତ ହୋଇଥିବାବେଳେ ଚୋଲେଶ୍ୱରୀ ଯୁକ୍ତ ବିଜ୍ଞାନ ପଢିବା ସାଙ୍ଗକୁ ରେକର୍ଡ ସଂଖ୍ୟକ ଭୋଟ ବ୍ୟବଧାନରେ ବିଜୟୀ ହୋଇଛନ୍ତି। ଏବେ ଦଳ କାହାକୁ ଅଧ୍ୟକ୍ଷ ପଦରେ ବସାଇବ ତାହାକୁ ଅପେକ୍ଷା।

## ସଂକ୍ଷେପରେ

### ନାଳରୁ ନିଖୋଜ ଯୁବକଙ୍କ ମୃତଦେହ ଜବତ

ଝାରସୁଗୁଡ଼ା ଅଫିସ,୨।୩: ରେଙ୍ଗାଲି ଥାନା ଅନ୍ତର୍ଗତ କୁରେମାଲ ଗ୍ରାମ ନିକଟ ଅହିଡା ନାଳରୁ ବୁଧବାର ଜଣେ ନିଖୋଜ ଯୁବକଙ୍କ ମୃତଦେହକୁ ପୋଲିସ ଜବତ କରିଛି। ସେ ହେଲେ କୁରେମାଲ ଗ୍ରାମ ଇନ୍ଦିରାଆବାସ ପଡାର ସଞ୍ଜୟ ଖଡିଆ (୨୮)। ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ମୃତକଙ୍କ ସାନଭାଇ ସନ୍ୟାସୀଙ୍କ ଅଭିଯୋଗକୁ ଭିତିକରି ପୋଲିସ୍ ଥାନାରେ ଏକ ମାମଲା (ନଂ୩/୨୨) ରୁଜୁ କରିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲାପରେ ପ୍ରକୃତ କାରଣ ଜଣାପଡିବ ବୋଲି ଆଇଆଇସି କ୍ରେସେନ୍ସିଆ ସାମରିଆ କହିଛନ୍ତି। ସଞ୍ଜୟ ମଙ୍ଗଳବାର ସକାଳୁ କୌଣସି କାମରେ ଘରୁ ବାହାରିଥିଲେ। ରାତିରେ ସେ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ହେଲେ ତାଙ୍କର କୌଣସି ପତ୍ତା ମିଳି ନ ଥିଲା।

### କୁଚିଣ୍ଡା ଏନ୍‌ଏସିରେ ନାମାଙ୍କନ ପ୍ରକ୍ରିୟା ଆରମ୍ଭ

କୁଚିଣ୍ଡା,୨।୩(ଡି.ଏନ.ଏ.): କୁଚିଣ୍ଡା ଏନ୍‌ଏସିରେ ବୁଧବାରଠାରୁ ନାମାଙ୍କନ ପ୍ରକ୍ରିୟା ଆରମ୍ଭ ହୋଇଥିଲେ ହେଁପ୍ରଥମ ଦିନରେ ଜଣେହେଲେ ବି ନାମାଙ୍କନ କରିନାହାନ୍ତି। ସମସ୍ତ ରାଜନୈତିକ ଦଳ ମଧ୍ୟରେ ବେଶ୍ ତତ୍ପରତା ପ୍ରକାଶ ପାଇଛି। ଆସନ୍ତା ୭ତାରିଖ ନାମାଙ୍କନର ଶେଷ ତାରିଖ ରହିଛି। ଏନ୍‌ଏସିରେ ୧୧ଗୋଟି ୱାର୍ଡ ରହିଥିବା ବେଳେ ୧୩ଗୋଟି କେନ୍ଦ୍ରରେ ମତଦାନ ହେବ। ୬,୧୫୬ ମହିଳା ଓ ୫,୬୭୪ ପୁରୁଷ ଏପରି ମୋଟ ୧୧,୮୩୦ ଜଣ ଭୋଟର ଆଗାମୀ ୨୪ ତାରିଖରେ ମତଦାନ କରିବେ। ଏନ୍‌ଏସିର ଅଧ୍ୟକ୍ଷ ପଦ ଅଣସଂରକ୍ଷିତ ରହିଛି। ସିଧାସଳଖ ନିର୍ବାଚନ ହେଉଥିବାରୁ ଭୋଟର ବେଶ ଉତ୍ସାହିତ ଥିବା ଦେଖିବାକୁ ମିଳିଛି। ଭାଜପା, ବିଜେଡି ଓ କଂଗ୍ରେସ ଶିବିର ଏଥିପାଇଁ ଚଳଚଞ୍ଚଳ ହୋଇଉଠିଛି।

### ପ୍ରାଧ୍ୟାପକଙ୍କୁ ବିଦାୟ ସମ୍ବର୍ଦ୍ଧନା

ବ୍ରଜରାଜନଗର,୨।୩(ଡି.ଏନ.ଏ.): ବ୍ରଜରାଜନଗର ମହାବିଦ୍ୟାଳୟର ହିନ୍ଦୀ ବିଭାଗ ମୁଖ୍ୟ ପ୍ରାଧ୍ୟାପକ ଅଖିଳ କୁମାର ସିଂଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଅଧ୍ୟକ୍ଷ ଡ. ବିଶ୍ୱଜିତ ଖମାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁଦର୍ଶନ ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଦାୟୀ ପ୍ରାଧ୍ୟାପକଙ୍କ ବହୁମୁଖୀ ପ୍ରତିଭା ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାଧ୍ୟାପିକା ପଦ୍ମିନୀ ତ୍ରିପାଠୀ, ପ୍ରାଧ୍ୟାପକ ସୁପ୍ରକାଶ ଚୌଧୁରୀ, ପ୍ରାଧ୍ୟାପକ ବିଜୟ ସାହୁ, ଅଧ୍ୟାପିକା ରତ୍ନପର୍ଣ୍ଣା ମହାନ୍ତି, ଅଧ୍ୟାପକ ଶ୍ରୀକର ଭୋଇ, ଅଧ୍ୟାପିକା ପୁଷ୍ପାଞ୍ଜଳି ସାହୁ, ଅଧ୍ୟାପକ ସୁମିତ ତିର୍କୀ ପ୍ରମୁଖ ମଞ୍ଚାସୀନ ଥିଲେ। ଅଧ୍ୟାପିକା ପଦ୍ମାବତୀ ମହାପାତ୍ର ସଭା ସଞ୍ଚାଳନ କରିଥିବା ବେଳେ ପ୍ରାଧ୍ୟାପକ ସୁପ୍ରକାଶ ଚୌଧୁରୀ ଧନ୍ୟବାଦ ଦେଇଥିଲେ।

### ଜଗନ୍ନାଥ ମନ୍ଦିରରେ ବିଶ୍ୱଶାନ୍ତି ମହାଯଜ୍ଞ

ବ୍ରଜରାଜନଗର,୨।୩(ଡି.ଏନ.ଏ.): ବ୍ରଜରାଜନଗର ଜଗନ୍ନାଥ ମନ୍ଦିରର ୩୭ ତମ ପ୍ରତିଷ୍ଠା ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଛି। କଳସ ସ୍ଥାପନ ପରେ ମହାଯଜ୍ଞ ଆରମ୍ଭ ହୋଇ ବୁଧବାର ପୂର୍ଣ୍ଣାହୁତି ସମ୍ପନ୍ନ ହୋଇଛି। ମୁଖ୍ୟ ପୂଜକ ପଣ୍ଡିତ ଅଭିମନ୍ୟୁ ଷଡଙ୍ଗୀ, ଆଚାର୍ଯ୍ୟ ଅନିଲ ପ୍ରିୟଦର୍ଶନ ନନ୍ଦ, କଳ୍ପତରୁ ଶତପଥୀ, ଶ୍ରୀଧର ଦାଶ, ଗଦାଧର ଦାଶ ପୂଜାକାର୍ଯ୍ୟ କରିଥିଲେ। ବିଘ୍ନରାଜ ହୋତା, ଭୂମିସୁତା ହୋତା କର୍ତ୍ତା ଓ ସୁରେଶ ଚନ୍ଦ୍ର ବିଶ୍ୱାଳ, ଆର୍ତ୍ତତ୍ରାଣ ଦାସ ସହକାରୀ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଟ୍ରଷ୍ଟବୋର୍ଡ ସଭାପତି ସୁରେଶ ମିଶ୍ର, ହରିହର ପରିଡା,କୋଷାଧ୍ୟକ୍ଷ ଯୁଧିଷ୍ଠିର ନାୟକ, ଭକ୍ତ ତ୍ରିପାଠୀ, ନବଘନ ରାଉତ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

### ଚେୟାରମ୍ୟାନ ପାଇଁ ୯, କାଉନସିଲର ପାଇଁ ୬ ପ୍ରାର୍ଥିପତ୍ର ବିକ୍ରି

କଣ୍ଟାବାଞ୍ଜି,୨।୩(ଡି.ଏନ.ଏ.): ୧୬ୱାର୍ଡ ବିଶିଷ୍ଟ ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଏନ୍‌ଏସି ନିର୍ବାଚନ ପାଇଁ ପ୍ରାର୍ଥିପତ୍ର ଦାଖଲ ଆରମ୍ଭ ହୋଇଛି। ବୁଧବାର ପ୍ରଥମ ଦିନରେ ଚେୟାରମ୍ୟାନ ପାଇଁ ୯ ଏବଂ କାଉନସିଲର ପଦ ପାଇଁ ୬ଟି ପ୍ରାର୍ଥିପତ୍ର ବିକ୍ରି ହୋଇଛି। ଏହି ଏନ୍‌ଏସିରେ ମୋଟ ଭୋଟଦାତାଙ୍କ ସଂଖ୍ୟା ୧୭,୫୫୧। ସେଥିରୁ ୮,୮୨୪ ପୁରୁଷ, ୮,୭୨୩ ମହିଳା ଏବଂ ୪ଜଣ ତୃତୀୟ ଲିଙ୍ଗୀ ରହିଛନ୍ତି। ୨୫ଟି ବୁଥ୍‌ରେ ଭୋଟରମାନେ ମତଦାନ କରିବେ।

## ଏନ୍‌ଏସି ନିର୍ବାଚନ: ଦଳୀୟ ଟିକେଟ ପାଇଁ ଆଶାୟୀଙ୍କ ଉଦ୍ୟମ

ରେଢାଖୋଲ,୨।୩(ଡି.ଏନ.ଏ.)

ନାମାଙ୍କନ ଦାଖଲର ପ୍ରଥମଦିନ ବୁଧବାର ରେଢାଖୋଲ ଏନ୍‌ଏସିରେ କେହିହେଲେ ପ୍ରାର୍ଥିପତ୍ର ଦାଖଲ କରି ନ ଥିବା ନିର୍ବାଚନ ଅଧିକାରୀ ତଥା ତହସିଲଦାର ବାର୍ସିୟସ ଡୁଙ୍ଗଡୁଙ୍ଗ କହିଛନ୍ତି। ତେବେ କୌଣସି ରାଜନୈତିକ ଦଳ ପକ୍ଷରୁ ପ୍ରାର୍ଥୀ ଚୟନ ହୋଇ ନ ଥିଲେ ହେଁ ଟିକେଟ ପାଇଁ ଆଶାୟୀମାନେ ଉଦ୍ୟମ ଆରମ୍ଭ କରିଦେଇଛନ୍ତି। ୧୩ ୱାର୍ଡକୁ ନେଇ ଗଠିତ ଏନ୍‌ଏସିର ୭ ୱାର୍ଡ ବିଭିନ୍ନ ବର୍ଗର ମହିଳାଙ୍କ ପାଇଁ ସଂରକ୍ଷିତ ରହିଥିବା ବେଳେ ୬ ୱାର୍ଡ ବିଭିନ୍ନ ବର୍ଗର ପୁରୁଷଙ୍କ ପାଇଁ ସଂରକ୍ଷିତ ରହିଛି। ସମୁଦାୟ ୧୨,୩୮୧ ଭୋଟରଙ୍କ ମଧ୍ୟରୁ ୬୨୧୨ ମହିଳା ଓ ୬୧୬୯ ଜଣ ପୁରୁଷ ରହିଛନ୍ତି। ଗତ ୩ଟି ନିର୍ବାଚନରେ ଅଧ୍ୟକ୍ଷ ପଦ ବିଜେଡି ହାତେଇଥିବା ବେଳେ କେବଳ ଥରେମାତ୍ର ବିଜେଡି-ଭାଜପା ମିଳିତ ସରକାରରେ ଭାଜପା ଅଧ୍ୟକ୍ଷ ପଦ ଅକ୍ତିଆର କରିଥିଲା। ତେବେ ଚଳିତଥର ଅଧ୍ୟକ୍ଷ ପଦ ପାଇଁ ପ୍ରତ୍ୟକ୍ଷ ନିର୍ବାଚନ ହେଉଥିବା ଯୋଗୁ ବିଭିନ୍ନ ଦଳ ପକ୍ଷରୁ ପ୍ରାର୍ଥୀ ଘୋଷଣା ପରେ ରାଜନୈତିକ ପାଣିପାଗ ବଦଳିବ ବୋଲି ସାଧାରଣରେ ଆଲୋଚନା ହେଉଛି।

## ରଜତ ସ୍ମାରକୀ କ୍ରିକେଟ୍ ଉଦ୍‌ଘାଟିତ


ଟୁର୍ନାମେଣ୍ଟ ଉଦ୍‌ଘାଟନୀ ଉତ୍ସବରେ ଅତିଥିଙ୍କ ସହ ଖେଳାଳିମାନେ।

ସମ୍ବଲପୁର,୨।୩ (ବ୍ୟୁରୋ)

ଦ୍ୱିତୀୟ ରଜତ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ବୁଧବାର ସମ୍ବଲପୁର ଜିଲା ଧନକଉଡା ମିନି ଷ୍ଟାଡିୟମଠାରେ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଜିଲାର ବିଭିନ୍ନ ଅଞ୍ଚଳରୁ ୧୬ଟି ଦଳ ଭାଗ ନେଇଛନ୍ତି। ବିଜୁ ଯୁବ ଜନତା ଦଳ ରାଜ୍ୟ ସାଧାରଣ ସମ୍ପାଦକ ହୀରାଲାଲ ବେହେରା ମୁଖ୍ୟଅତିଥି ଓ ସାମାଜିକ କର୍ମୀ ଧନୁର୍ଦ୍ଧର ବିଶ୍ୱାଳ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ନିଳମଣୀ ସାହୁ, ହୃଦୀପ ସିଂ, ଚିନ୍ମୟ କୁମାର ଦାସ, ଫିରିଦ ଖାଁ ଓ ବିକାଶ ସାହୁ ମ୍ୟାଚ ପରିଚାଳନା କରିଥିଲେ। ପ୍ରଥମ ମ୍ୟାଚ ବାନର ସେନା ବନାମ ବାକରଡି ବ୍ଲକ ମଧ୍ୟରେ ହୋଇଥିଲା। ଆସନ୍ତା ୬ ତାରିଖରେ ଟୁର୍ନାମେଣ୍ଟ ଉଦ୍‌ଯାପିତ ହେବ।

## କୁଚିଣ୍ଡା ବ୍ଲକରେ ୧୦ ସରପଞ୍ଚ, ୯ ସମିତିସଭ୍ୟ ମହିଳା ନିର୍ବାଚିତ

କୁଚିଣ୍ଡା,୨।୩(ଡି.ଏନ.ଏ.)

କୁଚିଣ୍ଡା ବ୍ଲକରେ ସଦ୍ୟ ସମାପ୍ତ ହୋଇଥିବା ପଞ୍ଚାୟତ ନିର୍ବାଚନରେ ସରପଞ୍ଚ ପାଇଁ ୧୦ ଓ ସମିତିସଭ୍ୟ ପାଇଁ ୯ ମହିଳା ନିବାଚିତ ହୋଇଛନ୍ତି। ବ୍ଲକରେ ୧୭ ଗୋଟି ପଞ୍ଚାୟତ ରହିଛି। ଅର୍ଡାବାହାଲ ପଞ୍ଚାୟତରେ ସୁଲେଶ୍ୱରୀ ମାଝି ସରପଞ୍ଚ ଓ ଚମ୍ପାବତୀ ବେହେରା ସମିତିସଭ୍ୟା, ବାଉରୀଗୋଡାରେ ଗୋବର୍ଦ୍ଧନ ବାଘ ସରପଞ୍ଚ ଓ ପରେଶ ପଟେଲ ସମିତିସଭ୍ୟ, ଖଣ୍ଡୋକଟାରେ କୁନି ଶେଉଳ ସରପଞ୍ଚ ଓ ରଶ୍ମିତା ନାଏକ ସମିତିସଭ୍ୟା, ହାଡିପାଲିରେ ମନ୍ଦାକିନି ନାଏକ ସରପଞ୍ଚ ଓ ରଶ୍ମିନ ପଟେଲ ସମିତିସଭ୍ୟ, କୁଟୁରାଚୁଆଁରେ ପଦ୍ମାବତୀ ପ୍ରଧାନ ସରପଞ୍ଚ ଓ ଯଶୋବନ୍ତି ଭୋଇ ସମିତିସଭ୍ୟା, କୁଲେଇଗଡରେ ନଳିନୀ କିଷାନ ସରପଞ୍ଚ ଓ କୁନି କିଷାନ ସମିତିସଭ୍ୟା, ଚନ୍ଦନିମାଲରେ ରଞ୍ଜିତା ପ୍ରଧାନ ସରପଞ୍ଚ ଓ ସଂଯୁକ୍ତା ପଟେଲ ସମିତିସଭ୍ୟା, ବକ୍ସମାରେ ସରସତୀ ଠାକୁର ସରପଞ୍ଚ ଓ ରଶ୍ମି କୁସୁମ ସମିତିସଭ୍ୟା, ପାରୁଆଭାଡିରେ ସୁବାଷିନୀ ଧାନ ସରପଞ୍ଚ ଧ୍ରୁବଚରଣ ବେହେରା ସମିତିସଭ୍ୟ, ଗୋଛରାରେ ଥନେଶ୍ୱର ନାଏକ ସରପଞ୍ଚ ଓ ସୁକାନ୍ତି ସେଠ ସମିତିସଭ୍ୟା, ବାଙ୍କେରେ ପିଙ୍କି ନାଏକ ସରପଞ୍ଚ ଓ ସମୀର କଉଡି ସମିତିସଭ୍ୟ, କୁନ୍ତରାରେ ସୁନିତା କିଷାନ ସରପଞ୍ଚ ଓ ଭୁବନେଶର କିଷାନ ସମିତିସଭ୍ୟ, କୁସୁମୀରେ ସଂକୀର୍ତ୍ତନ କିଷାନ ସରପଞ୍ଚ ଓ ଧ୍ରୁବଚରଣ କିଷାନ ସମିତିସଭ୍ୟ, ସାଲେଭାଡିରେ ଧନୁର୍ଯ୍ୟୟ ନାଏକ ସରପଞ୍ଚ ଓ ସନ୍ତୋଷ ନାଏକ ସମିତିସଭ୍ୟ, (କୁ) ଜମନକିରାରେ ପବିତ୍ର କିଷାନ ସରପଞ୍ଚ ଓ ଭାନୁମତି କିଷାନ ସମିତିସଭ୍ୟା, ଟାଇଁସରରେ ଗଜେନ୍ଦ୍ର କିଷାନ ସରପଞ୍ଚ ଓ ଖଗେଶର କିଷାନ ସମିତିସଭ୍ୟ, ତେଲିଟିଲେଇମାଲରେ ପ୍ରମୋଦ କିଷାନ ସରପଞ୍ଚ ଓ ସ୍ୱର୍ଣ୍ଣଲତା ଅଡା ସମିତିସଭ୍ୟା ଭାବେ ନିର୍ବାଚିତ ହୋଇଛନ୍ତି।

## ପୌର ନିର୍ବାଚନରେ ସଫଳତା ପାଇଁ ଭାଜପାର ପ୍ରୟାସ

ଝାରସୁଗୁଡ଼ା ଅଫିସ,୨।୩

ପଞ୍ଚାୟତ ନିର୍ବାଚନରେ ଜିଲାରେ ଭାଜପା ଗୋଟିଏ ହେଲେ ଜିଲା ପରିଷଦ ଆସନ ହାତେଇପାରି ନାହିଁ। ହେଲେ ପୌର ପରିଷଦ ନିର୍ବାଚନରେ ଦଳ ସଫଳତା ପାଇବା ଆଶା ରଖିଛି ବୋଲି ବରଗଡ଼ ଏମ୍‌ପି ସୁରେଶ ପୂଜାରୀ ବୁଧବାର ଏକ କାର୍ଯ୍ୟକ୍ରମରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ବିଜେଡି ୯ଜିଲା ପରିଷଦ ଆସନ ହାତେଇ ଜିଲାରେ ବାଜିମାତ୍ କରିଥିବାବେଳେ ୫ ପଞ୍ଚାୟତ ସମିତି ଅଧ୍ୟକ୍ଷ ପଦ ଓ ୩ ପୌର ପରିଷଦ ଆସନ ହାତେଇବ ବୋଲି ସ୍ପଷ୍ଟ କରିଛି। ଏପରିସ୍ଥଳେ ଭାଜପା କିଭଳି ପୌର ନିର୍ବାଚନରେ ସଫଳତା ପାଇବବୋଲି ପ୍ରତିନିଧିମାନେ ପ୍ରଶ୍ନ କରିବାରୁ ଏମ୍‌ପି ପୂଜାରୀ ସଫଳତା କିମ୍ବା ବିଫଳତା ଆଗାମୀ ଦିନରେ ସମୟ କହିବ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଏମ୍‌ପି ପୂଜାରୀ, ପୂର୍ବତନ ବିଧାୟିକା ରାଧାରାଣି ପଣ୍ଡା, ଜିଲା ସଭାପତି ମଙ୍ଗଳ ସାହୁ, ଦୀନେଶ ଜୈନ, ସଞ୍ଜୟ ସିଂହ, ଦୀନେଶ ଉପାଧ୍ୟାୟ, ଡିଲେଶ୍ୱର ରାଓ ପ୍ରମୁଖ ଉପସ୍ଥିତ ଥିଲେ। ନେତୃବୃନ୍ଦଙ୍କ ଉପସ୍ଥିତିରେ ଶତାଧିକ ମହିଳା ଓ ପୁରୁଷ ଭାଜପାରେ ଯୋଗଦେଇଥିଲେ। ଏମାନଙ୍କୁ ଦଳ ପକ୍ଷରୁ ଉତ୍ତରୀୟ ପ୍ରଦାନ ପୂର୍ବକ ସ୍ୱାଗତ କରାଯାଇଥିଲା।

## ବ୍ରଜରାଜନଗରରେ ରେଳରୋକୋ ସ୍ଥଗିତ

ଝାରସୁଗୁଡ଼ା ଅଫିସ,୨।୩

କରୋନା ମହାମାରୀକୁ ଦୃଷ୍ଟିରେ ରଖି ବ୍ରଜରାଜନଗର ରେଳ ଷ୍ଟେଶନରେ ରହଣୀ କରୁଥିବା କେତେକ ଯାତ୍ରୀବାହୀ ଟ୍ରେନ୍‌କୁ ରେଲୱେ ତରଫରୁ ବାତିଲ କରାଯାଇଛି। ଫଳରେ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଠାରେ ପୂର୍ବଭଳି ରେଳ ରହଣି ନେଇ ବ୍ରଜରାଜନଗର ନାଗରିକ କମିଟି ବିଭାଗର ଦୃଷ୍ଟି ଆକର୍ଷଣ କରିଥିଲା। ସୁଫଳ ମିଳି ନ ଥିବାରୁ କମିଟି ଗୁରୁବାର ବ୍ରଜରାଜନଗର ରେଳଷ୍ଟେଶନରେ ରେଳରୋକୋ କରିବା ପାଇଁ ରେଳ ବିଭାଗ ଓ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲା। ଏ ନେଇ ଜିଲାପାଳଙ୍କ କାର୍ଯ୍ୟାଳୟରେ ବୁଧବାର ଜିଲାପାଳ ସରୋଜ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଏସ୍‌ପି ବିକାଶ ଚନ୍ଦ୍ର ଦାସ, ଏସ୍‌ଡିପିଓ ଗୁପ୍ତେଶ୍ୱର ଭୋଇ, ଆଇଆଇସି ବୈକୁଣ୍ଠ ବିହାରୀ ସେଠ୍, ନାଗରିକ କମିଟି ତରଫରୁ ପୂର୍ବତନ ନଗରପାଳ ନନ୍ଦ କିଶୋର ଅଗ୍ରୱାଲ, ପ୍ରମୋଦ ପଣ୍ଡା, ବାବୁଲାଲ ରୁଙ୍ଗଟା, ସୁଶିଲ ପୁରୋହିତ, ପ୍ରକାଶ ଜୈନ, ଗୁଡୁ ରାଓ୍ୱଲାନୀଙ୍କ ସମେତ ରେଳ ବିଭାଗ ଅଧିକାରୀ ଯୋଗଦେଇଥିଲେ। ଆଗକୁ ପୌର ପରିଷଦ ନିର୍ବାଚନ ରହିଥିବାରୁ ଏହାକୁ ଦୃଷ୍ଟିରେ ରଖି ଏକମାସ ପାଇଁ ଏହି ଆନ୍ଦୋଳନକୁ ସ୍ଥଗିତ ରଖାଯାଇଛି। ଜିଲା ପ୍ରଶାସନ ତରଫରୁ କେତେକ ଟ୍ରେନ୍ ରହଣି ସମ୍ପର୍କରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯିବ। ବାକି ଆଉ କେତେକ ଟ୍ରେନ୍ ୧ସପ୍ତାହ ମଧ୍ୟରେ ପୂର୍ବଭଳି ରହଣି କରିବ ବୋଲି ଜିଲାପାଳ କମିଟିକୁ ପ୍ରତିଶ୍ରୁତି ଦେଇ ରେଳରୋକୋ ନ କରିବାପାଇଁ ଅନୁରୋଧ କରିଥିବା ଜଣାପଡିଛି। ଆଗାମୀ ଦିନରେ ଦାବି ପୂରଣ ନ ହେଲେ କମିଟି ଆନ୍ଦୋଳନକୁ ଓହ୍ଲାଇବ ବୋଲି କର୍ମକର୍ତ୍ତାମାନେ ଚେତାବନୀ ଦେଇଛନ୍ତି।

## ବିଇଡି କଲେଜରେ ଚିତ୍ରକଳା ପ୍ରତିଯୋଗିତା


ଚିତ୍ରକଳା ପ୍ରତିଯୋଗିତାରେ ଭାଗନେଇଥିବା ଛାତ୍ରୀଛାତ୍ରମାନେ।

ସମ୍ବଲପୁର,୨।୩ (ବ୍ୟୁରୋ)

ଜଳ ହିଁ ଜୀବନ, ସମୁଦ୍ର କୂଳର ଦୃଶ୍ୟ ଶୀର୍ଷକ ଚିତ୍ରକଳା ପ୍ରତିଯୋଗିତା ବୁଧବାର ସମ୍ବଲପୁରର ଡ. ପର୍ଶୁରାମ ମିଶ୍ର ଅଗ୍ରଗାମୀ ଶିକ୍ଷା ପ୍ରତିଷ୍ଠାନ (ବିଇଡି କଲେଜ) ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଲେଜର ୪୫ ଛାତ୍ରୀଛାତ୍ର ଭାଗ ନେଇଥିଲେ। ପ୍ଲାନିଂ ଫୋରମ ସମ୍ପାଦକ ରୂପକ କୁମାର ଓ ସହସମ୍ପାଦକ ସଂଯୁକ୍ତା ମୁଦୁଲି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପାଣି, ସପ୍ତରଙ୍ଗ, ତୂଳୀ ସାହାଯ୍ୟରେ କାନଭାସ ଜୀବନ୍ତ ହୋଇଉଠିଥିଲା। ଛାତ୍ର ପରିଷଦ ସଭାପତି ରୁଦ୍ରାକ୍ଷ ସ୍ୱାଇଁ ଓ ସମ୍ପାଦିକ ଆକାଂକ୍ଷା ମେହେର ସହଯୋଗ କରିଥିଲେ। କଲେଜର କଳା ଶିକ୍ଷକ ନୃସିଂହନାଥ ନାୟକ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ।

## ୨ବର୍ଷ ପରେ ବିଇଓ ପଦବୀ ପୂରଣ

ସମ୍ବଲପୁର,୨।୩ (ବ୍ୟୁରୋ)

ସମ୍ବଲପୁର ଜିଲା ଧନକଉଡା ବ୍ଲକ ଶିକ୍ଷା ଅଧିକାରୀ (ବିଇଓ)ଭାବେ ସୁରେନ୍ଦ୍ର କୁମାର ସାହୁ ବୁଧବାର କାର୍ଯ୍ୟରେ ଯୋଗଦାନ କରିଛନ୍ତି। ପ୍ରାଥମିକ ଶିକ୍ଷକ ସଂଘ ସାଧାରଣ ସମ୍ପାଦକ ବଭ୍ରୁବାହନ ଭୋଇ, ପ୍ରଦୀପ ସାହୁ, ରାଧେଶ୍ୟାମ ରଣା, ରୋଜି ତ୍ରିପାଠୀ, ନିରୁପମା ପଟ୍ଟନାୟକ, ସଂଯୁକ୍ତା ସାହୁ ତାଙ୍କୁ ସ୍ୱାଗତ କରିଥିଲେ। ପ୍ରାୟ ଦୁଇବର୍ଷ ହେବ ଏହି ପଦବୀ ଖାଲି ପଡିଥିଲା। ଫଳରେ ଶିକ୍ଷୟିତ୍ରୀ, ଶିକ୍ଷକ, ଶିକ୍ଷା ବିଭାଗ କର୍ମଚାରୀ ବହୁବିଧ ସମସ୍ୟାର ସମ୍ମୁଖୀନ ହେଉଥିଲେ।

## ସମ୍ବଲପୁର କ୍ଲବ ପ୍ରିମିୟର ଲିଗ୍-୩

**ସମ୍ବଲପୁର,୨।୩ (ବ୍ୟୁରୋ):** ସମ୍ବଲପୁର କ୍ଲବ ପ୍ରିମିୟର ଲିଗ-୩ ବୁଧବାର ସମ୍ବଲପୁର ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମଠାରେ ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମ ଦିନରେ ଦୁଇଟି ମ୍ୟାଚ ହୋଇଥିଲା । ଏଥିରେ ଡାଇମଣ୍ଡ ଲିଜେଣ୍ଡକୁ ୧୯ରନରେ ପରାଜିତ କରି ବ୍ରାଭେ ହାର୍ଟ ୱାରିୟର୍ସ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନିତ ହୋଇଛି । ସେହିପରି ଅନ୍ୟ ଏକ ମ୍ୟାଚ ଇଣ୍ଡିଆନ ଟାଇଗର୍ସ ଓ ଏମ୍‌ଭି ସିନାର୍ଜି ମଧ୍ୟରେ ହୋଇଥିଲା । ଏଥିରେ ଏମଭି ସିନାର୍ଜି ୬ ଉଇକେଟରେ ବିଜୟୀ ହୋଇଥିଲା। ମ୍ୟାଚକୁ ସଞ୍ଜୟ କୁମାର ନାୟକ, ମିଥିଲେଶ ପ୍ରସାଦ ପରିଚାଳନା କରିଥିଲେ। ସମ୍ବଲପୁର ଜିଲା କ୍ରୀଡା ସଂଘ କ୍ରିକେଟ ସମ୍ପାଦକ ଅଭିନାଶ ନନ୍ଦ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ।

## ରେଳବାଇ ଲୋକୋ ପାଇଲଟ ପୁରସ୍କୃତ

ସମ୍ବଲପୁର,୨।୩ (ବ୍ୟୁରୋ)

ସମ୍ବଲପୁର ରେଳ ମଣ୍ଡଳ କାର୍ଯ୍ୟାଳୟଠାରେ ବୁଧବାର ଲୋକୋ ପାଇଲଟଙ୍କୁ ପୁରସ୍କୃତ କରାଯାଇଛି। ସମ୍ବଲପୁର ରେଳ ମଣ୍ଡଳରେ ବିଦ୍ୟୁତ ବିଭାଗର ଲୋକୋ ପାଇଲଟ ଏଲ.କେ. ବେହେରା, ସହାୟକ ଲୋକୋ ପାଇଲଟ ଧୀରଜ ସିଂଙ୍କୁ ଉଲ୍ଲେଖନୀୟ କାର୍ଯ୍ୟ ସକାଶେ ଏହି ପୁରସ୍କାର ଦିଆଯାଇଛି । ସମ୍ବଲପୁର ମଣ୍ଡଳ ରେଳ ପ୍ରବନ୍ଧକ ପ୍ରଦୀପ କୁମାର ଯୋଗଦେଇ ପ୍ରମାଣପତ୍ର ସହ ଅର୍ଥରାଶି ପ୍ରଦାନ କରିଥିଲେ। ମଣ୍ଡଳ ବିଦ୍ୟୁତ ବିଭାଗ ଯନ୍ତ୍ରୀ ଧୀରେନ୍ଦ୍ର ସିଂ ଓ ବରିଷ୍ଠ ମଣ୍ଡଳ ନିରାପତ୍ତା ଅଧିକାରୀ ଶିବବ୍ରତ ଧଳ ଉପସ୍ଥିତ ଥିଲେ।


ଲୋକୋ ପାଇଲଟଙ୍କୁ ପୁରସ୍କୃତ କରାଯାଉଛି।

## ଆଚରଣବିଧିକୁ ନେଇ ସର୍ବଦଳୀୟ ବୈଠକ

ଝାରସୁଗୁଡ଼ା ଅଫିସ,୨।୩


ସର୍ବଦଳୀୟ ବୈଠକରେ ଉପସ୍ଥିତ ଥିବା ଅଧିକାରୀ ଓ ଦଳୀୟ ନେତୃବୃନ୍ଦ।

ଝାରସୁଗୁଡ଼ା ଜିଲାର ପୌର ପରିଷଦ ନିର୍ବାଚନ ଆଦର୍ଶ ଆଚରଣବିଧି ପାଳନକୁ ନେଇ ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟରେ ଜିଲାପାଳ ସରୋଜ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ଏକ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ସାମଲ, ଅତିରିକ୍ତ ଜିଲାପାଳ ପ୍ରବୀର କୁମାର ନାୟକ, ଲଙ୍କେଶ୍ୱର ଅମାତ (ରାଜସ୍ୱ), ଏସ୍‌ପି ବିକାଶ ଚନ୍ଦ୍ର ଦାସ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ତପିରାମ ମାଝି, ବିଜେଡିର ତ୍ରିନାଥ ଗୁଆଲ, ବିଶ୍ୱନାଥ ନାୟକ, କଂଗ୍ରେସର ମନିଷ ବାଜପେୟୀ, ଭାଜପାର ଦୀନେଶ ଉପାଧ୍ୟାୟ, ସିପିଆଇର ସାରଙ୍ଗଧର ମିଶ୍ର, ବିଏସ୍‌ପିର କାର୍ତ୍ତିକେଶ୍ୱର ଘୁଗର ଓ ଧରଣୀଧର ଲୁହା ପ୍ରମୁଖ ଉପସ୍ଥିତ ଥିଲେ। ଡେପୁଟି କଲେକ୍ଟର ଯୋଗେନ୍ଦ୍ର ମାଝି କାର୍ଯ୍ୟକ୍ରମ ପରିଚାଳନା କରିବା ସହ ବୈଠକ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଅତିରିକ୍ତ ଜିଲାପାଳ ନାୟକ ନିର୍ବାଚନ ଆଚରଣବିଧି ଓ କୋଭିଡ୍ ନିୟମ ସମ୍ପର୍କରେ ଆଲୋଚନା କରିଥିଲେ।

**ପୌର ନିର୍ବାଚନ**

ଜିଲାପାଳ ସାମଲ ପୌର ନିର୍ବାଚନକୁ ଅବାଧ, ମୁକ୍ତ ଓ ଶାନ୍ତିପୂର୍ଣ୍ଣ ଭାବରେ ସମ୍ପନ୍ନ କରିବା ପାଇଁ ଉପସ୍ଥିତ ସମସ୍ତ ରାଜନୈତିକ ଦଳର ସହଯୋଗ କାମନା କରିଥିଲେ। ପୌର ନିର୍ବାଚନକୁ ଶାନ୍ତିପୂର୍ଣ୍ଣ ଓ ଅପରାଧ ରହିତ କରିବା ପାଇଁ ଏସ୍‌ପି ଦାସ ରାଜନୈତିକ ଦଳକୁ ପରାମର୍ଶ ଦେଇଥିଲେ। ଏଥିରେ ଉପସ୍ଥିତ ଥିବା ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ ନିଜନିଜର ସୁଚନ୍ତିତ ମତାମତ ରଖିଥିଲେ। ଶେଷରେ ଅତିରିକ୍ତ ଜିଲାପାଳ ଅମାତ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ୧୧ରେ ପଠାଣି ସାମନ୍ତ ଗଣିତ ମେଧାବୃତ୍ତି ପରୀକ୍ଷା

କଟକ ଅଫିସ,୨।୩: ଆସନ୍ତା ୧୧ ତାରିଖରେ ପଠାଣି ସାମନ୍ତ ଗଣିତ ମେଧାବୃତ୍ତି ପରୀକ୍ଷା ଅନୁଷ୍ଠିତ ହେବ। ଏନେଇ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ପକ୍ଷରୁ ବୁଧବାର ବିଜ୍ଞପ୍ତି ପ୍ରକାଶ ପାଇଛି। ପରୀକ୍ଷା ଦେବାକୁ ଥିବା ଛାତ୍ରୀଛାତ୍ରମାନେ ବୋର୍ଡ ୱେବ୍‌ସାଇଟ୍ bseodisha.ac.inରୁ ଆଡମିଟ୍ କାର୍ଡ ଡାଉନ୍‌ଲୋଡ୍ କରିପାରିବେ। ଚଳିତବର୍ଷ ଏହି ପରୀକ୍ଷା ଦୁଇଟି ପର୍ଯ୍ୟାୟରେ ହେବ। ଷଷ୍ଠ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଇଁ ପ୍ରଥମ ପର୍ଯ୍ୟାୟ ଓ ନବମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଇଁ ଦ୍ୱିତୀୟ ପର୍ଯ୍ୟାୟରେ ପରୀକ୍ଷା ହେବ। ପ୍ରଥମ ପର୍ଯ୍ୟାୟ ପରୀକ୍ଷା ପାଇଁ ୩୮, ୬୮୭ ଜଣ ଓ ଦ୍ୱିତୀୟ ପର୍ଯ୍ୟାୟ ପରୀକ୍ଷା ପାଇଁ ୪୬, ୩୭୧ ଜଣ ଫର୍ମ ପୂରଣ କରିଛନ୍ତି। ତେବେ ଉକ୍ତ ଦୁଇଟି ପରୀକ୍ଷା ସକାଳ ୯ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିପାଇଁ ବୋର୍ଡ ପକ୍ଷରୁ ରାଜ୍ୟର ବିଭିନ୍ନ ଜିଲାରେ ୫୩୯ଟି ପରୀକ୍ଷା କେନ୍ଦ୍ର କରାଯାଇଛି।

### ଟ୍ରକ ଧକ୍କାରେ ଦମ୍ପତି ମୃତ

ଖୋର୍ଦ୍ଧା ଅଫିସ,୨।୩: ଖୋର୍ଦ୍ଧାର ତାପଙ୍ଗ ଓସିସି ଛକରେ ବୁଧବାର ରାତିରେ ଏକ ଟ୍ରକ ଧକ୍କାରେ ଦମ୍ପତିଙ୍କ ମୃତ୍ୟୁ ଘଟିଛି। ମୃତକ ଦ୍ୱୟ ହେଲେ ଜଙ୍କିଆ ଥାନା ଅଧୀନ ଓରମି ମାନପୁର ଅଞ୍ଚଳର ବିକାଶ ଶ୍ରୀଚନ୍ଦନ(୫୫) ଓ ତାଙ୍କ ସ୍ତ୍ରୀ ନଳିନୀ (୪୫)। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ସୂଚନା ଅନୁଯାୟୀ, ଏକ ବାଇକ୍ ଯୋଗେ ଶ୍ରୀଚନ୍ଦନ ଓ ନଳିନୀ କୌଣସି କାମରେ ଖୋର୍ଦ୍ଧା ଆସିଥିଲେ। ରାତି ପ୍ରାୟ ୮ଟାରେ ଦୁହେଁ ଘରକୁ ଫେରୁଥିଲେ। ଏହି ସମୟରେ ଭୁବନେଶ୍ୱର ପଟୁ ଦ୍ରୁତଗତିରେ ଆସୁଥିବା ଅଜଣା ଟ୍ରକ ଓସିସି ଛକଠାରେ ସେମାନଙ୍କୁ ଧକ୍କା ଦେଇଥିଲା। ଦୁହେଁ ବାଇକରୁ ଛିଟିକି ପଡ଼ି ଗୁରୁତର ଆହତ ହୋଇଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଭୟଙ୍କୁ ଉଦ୍ଧାର କରାଯାଇ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ତେବେ ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### ଲାଞ୍ଚ ନେବାବେଳେ ଧରାପଡ଼ିଲେ ଗୁଣପୁର ବିଇଓ

ଗୁଣପୁର,୨।୩(ଡି.ଏନ୍.ଏ.): ଅବସରପ୍ରାପ୍ତ ଶିକ୍ଷକଙ୍କଠାରୁ ୧୦ ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ହାତରେ ଧରାପଡିଛନ୍ତି ରାୟଗଡା ଜିଲା ଗୁଣପୁର ବିଇଓ ଅନ୍ତର୍ଯାମୀ ବେହେରା। ଏଥିସହ ତାଙ୍କ ନିକଟରୁ ଅନ୍ୟ ଗୁରୁତ୍ୱପୂର୍ଣ୍ଣ କାଗଜ ପତ୍ର ମଧ ଜବତ କରାଯାଇଥିବା ସୂଚନା ମିଳିଛି। ୧୧ଜଣ ଅବସରପ୍ରାପ୍ତ ଶିକ୍ଷକଙ୍କ ୫୦ ପ୍ରତିଶତ ଏରିୟର ଏବଂ ୨୯ ଜଣ ଶିକ୍ଷକଙ୍କ ସର୍ଭିସ ବୁକ୍ କାଗଜପତ୍ର ଭୁବନେଶ୍ୱର ଏଜି ଅଫିସକୁ ପଠାଇବା ପାଇଁ ବିଇଓ ୧୦ ହଜାର ଟଙ୍କା ସେମାନଙ୍କଠାରୁ ଦାବି କରିଥିଲେ। ଏ ସମ୍ପର୍କରେ ଅବସରପ୍ରାପ୍ତ ଶିକ୍ଷକ ପ୍ରଭାତ ମହାପାତ୍ର ଜୟପୁର ଭିଜିଲାନ୍ସ ଏସ୍‌ପିଙ୍କ ନିକଟରେ ଅଭିଯୋଗ କରିଥିଲେ। ଯୋଜନା ମୁତାବକ ବୁଧବାର ପ୍ରଭାତ ମହାପାତ୍ର ୧୦ ହଜାର ଟଙ୍କା ଧରି ବିଇଓଙ୍କ ଘରକୁ ଯାଇଥିଲେ। ଟଙ୍କା ନେବା ସମୟରେ ରାୟଗଡା ଡିଏସ୍‌ପି ସୁରେନ୍ଦ୍ର ନାଥ ରାୟଗୁରୁଙ୍କ ଅଧକ୍ଷତାରେ ଭିଜିଲାନ୍ସ ଟିମ୍ ସେଠାରେ ପହଞ୍ଚି ଟଙ୍କା ଜବତ କରିବା ସହ ବିଇଓ ବେହେରାଙ୍କୁ ଗିରଫ କରିଛି। ଭିଜିଲାନ୍ସ ଥାନା କେସ ନଂ. ୪/୨୨ରେ ବିଇଓ ବେହେରାଙ୍କ ନାମରେ ମାମଲା ରୁଜୁ କରାଯାଇଛି।

### ଅସହାୟ ଅବସ୍ଥାରେ ମହିଳା ଉଦ୍ଧାର

ବୋଲଗଡ,୨।୩(ଡି.ଏନ.ଏ): ଖୋର୍ଦ୍ଧା ଜିଲା ବୋଲଗଡ଼ ଅଞ୍ଚଳରେ ଜଣେ ମହିଳା ଗତ କିଛିଦିନ ହେବ ଅସହାୟ ଅବସ୍ଥାରେ ବୁଲୁଥିବା ଦେଖିବାକୁ ମିଳିଛି। ସେ କୌଣସି କଥାବାର୍ତ୍ତା କରୁ ନ ଥିବାବେଳେ ବୋଲଗଡ଼ ନିକଟସ୍ଥ ଗହିର ଜମିରେ ପଡ଼ିଥିଲେ। ତେବେ ମଙ୍ଗଳବାର ରାତିରେ ବୋଲଗଡ ବସଷ୍ଟାଣ୍ଡ ବଜାର କମିଟି ସଭାପତି ପାଣ୍ଡବ ସାହୁ, ଗୟାଧର ମହାପାତ୍ର ଓ କରୁଣାକର ସାହୁ ପ୍ରମୁଖ ଉକ୍ତ ମହିଳାଙ୍କୁ ଅସହାୟ ଅବସ୍ଥାରେ ଦେଖି ଉଦ୍ଧାର କରିଥିଲେ। ତାଙ୍କୁ ନିକଟସ୍ଥ ବସ୍‌ଷ୍ଟାଣ୍ଡକୁ ଆଣି ଖାଇବାପିଇବାକୁ ଦେଇଥିଲେ। ସ୍ତ୍ରୀ ଲୋକଟିର ବୟସ ଆନୁମାନିକ ୫୦ ବର୍ଷ ହୋଇଥିବା ବେଳେ ସେ ଏକ ନାଳି ରଙ୍ଗର ଲୁଗା ଉପରେ ଜାମୁକୋଳି ରଙ୍ଗର ସାଲୱାର ତା' ଉପରେ ଏକ ଧଳା ରଙ୍ଗର ସ୍ୱିଟର ପିନ୍ଧିଛନ୍ତି। ଖବରପାଇ ବୋଲଗଡ ଥାନା ପକ୍ଷରୁ ଏସ୍‌ଆଇ ସୁଜାତା ପଲେଇ ଏହି ମହିଳାଙ୍କ ନିକଟରେ ପହଞ୍ଚି ତାଙ୍କୁ ବୋଲଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରି ଚିକିତ୍ସା କରାଇବା ସହ ଭୁବନେଶ୍ୱରସ୍ଥିତ ଏକ ରିହାବିଲେସନ ସେଣ୍ଟରକୁ ପଠାଇ ଦେଇଛନ୍ତି।

# ପରିଚାଳନାରେ ବ୍ୟତିକ୍ରମ, ମଧୁର ଜଳ ନଷ୍ଟ

**ପାରାଦୀପର ଏଏମ୍‌ଏନ୍‌ଏସ୍ କମ୍ପାନୀ**

- ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର କଠୋର ନିଷ୍ପତ୍ତି
- ବର୍ଷକୁ ୧୨ଏମ୍‌ଟିପିଏ ଉତ୍ପାଦନ ବଦଳରେ ୮.୦୭ ଏମ୍‌ଟିପିଏ ପାଇଁ ଅନୁମତି

ପାରାଦୀପ, ୨।୩(ସ୍ୱ.ପ୍ର.)

ଜଗତ୍‌ସିଂହପୁର ଜିଲା ପାରାଦୀପର ମୂଷାଡିଆଠାରେ ଥିବା ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ୍ (ଏଏମ୍‌ଏନ୍‌ଏସ୍) କମ୍ପାନୀ ଉପରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କେତେକ କଠୋର କଟକଣା ଜାରି କରିଛି। ମୁଖ୍ୟତଃ ପାଣି ପରିଚାଳନାରେ ବ୍ୟତିକ୍ରମ ଯୋଗୁ ମଧୁର ଜଳ ନଷ୍ଟ ହେଉଛି ବୋଲି ଉଲ୍ଲେଖ କରାଯାଇଛି। ଉକ୍ତ କମ୍ପାନୀ ବାର୍ଷିକ ୧୨ ମିଲିୟନ ଟନ୍ (ଏମ୍‌ଟିପିଏ) ଉତ୍ପାଦନ ପାଇଁ ଆବେଦନ କରିଥିଲେ ହେଁ ୮.୦୭ ଏମ୍‌ଟିପିଏ ପାଇଁ ସ୍ୱୀକୃତି ମିଳିଛି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଚିଠି (ନଂ.୧୩୨୬୭) ଅନୁସାରେ, ଏହି ସ୍ୱୀକୃତି ୨୦୨୨ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ମିଳିଛି। ଏଥିରେ ଦର୍ଶାଯାଇଛି, ୱାଟର ପ୍ରିଭେନ୍‌ସନ ଆଣ୍ଡ କଣ୍ଟ୍ରୋଲ ପଲ୍ୟୁସନ ଆଇନ ୧୯୭୪ ଧାରା ୨୫ ଓ ୨୬ ଏବଂ ବାୟୁ ପ୍ରଦୂଷଣ ଆଇନ ୧୯୮୧ ଧାରା ୨୧ ଅନୁଯାୟୀ ଏହି ପଦକ୍ଷେପ ନିଆଯାଇଛି। ଏଏମ୍‌ଏନ୍‌ଏସ୍‌ର ଦୁଇଟି ଯାକ ପେଲେଟ ପ୍ଲାଣ୍ଟରୁ ଦିନକୁ ୨୯ ହଜାର ଟନ୍ ମଧ୍ୟରେ ଉତ୍ପାଦନ କରିପାରିବେ।

ଏପରି କଟକଣା ସମ୍ପର୍କରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ଦିଲୀପ କୁମାର ଦାଶ କୁହନ୍ତି, ଏଏମ୍‌ଏନ୍‌ଏସ୍ (ପୂର୍ବରୁ ଏସାର ଷ୍ଟିଲ୍ ଥିଲା) କମ୍ପାନୀ ଲୁହା ପଥର ପଣ୍ୟ ଆଣିବାକୁ ପାଇପ୍ ଲାଇନ୍ ବ୍ୟବହାର କରେ। ଲୁହାପଥର ଗୁଣ୍ଡକୁ ପାଣିରେ ଭର୍ତ୍ତି କରି ପାଇପ୍ ଲାଇନ୍ ଯୋଗେ ପାରାଦୀପ କାରଖାନା ପର୍ଯ୍ୟନ୍ତ ଆସିଥାଏ। ଏଥିପାଇଁ କମ୍ପାନୀ ବୈତରଣୀ ନଦୀରୁ ଘଣ୍ଟାକୁ ୭୫୦ କ୍ୟୁ. ମିଟର (ଘନ ମିଟର) ମଧୁର ଜଳ ଆଣିଥାଏ। କାରଖାନାରେ ପହଞ୍ଚିବା ପରେ ଲୁହାପଥର ପାଣି ଗୋଟିଏ ସ୍ଥାନରେ ରଖାଯାଏ। ସେହି ଲୁହାପଥର ମିଶା ପାଣି କିଛି ସମୟ ସ୍ଥିର ରହିଥାଏ। ପରେ ସେଥିରୁ ପାଣିକୁ ଅଲଗା କରାଯାଇ ଲୁହାପଥରକୁ ବାହାର କରାଯାଏ। ସେହି ପାଣିକୁ ପରିଚାଳନା କରିବା ପାଇଁ ସେଭଳି କୌଣସି ବ୍ୟବସ୍ଥା ଏପର୍ଯ୍ୟନ୍ତ ଏଏମ୍‌ଏନ୍‌ଏସ୍ କମ୍ପାନୀ କରିନାହିଁ। ଉକ୍ତ ପାଣିକୁ କ'ଣ କରୁଛ ବୋଲି ବୋର୍ଡ ପକ୍ଷରୁ ରିପୋର୍ଟ ମଗାଯାଇଥିଲା। ସେଥିରେ କମ୍ପାନୀ ଦର୍ଶାଇଛି, ଉକ୍ତ ପାଣିରୁ ୨୫୦ କ୍ୟୁ.ମିଟର ପାୱାର ପ୍ଲାଣ୍ଟରେ ବ୍ୟବହାର କରୁଛି। ୧୦୦ କ୍ୟୁ.ମିଟର ଫୁଲ ଗଛରେ ଦିଆଯାଉଛି। ଅବଶିଷ୍ଟ ୪୦୦ କ୍ୟୁ.ମିଟର ପାଣି ହିସାବ ମିଳୁନାହିଁ। ଏଥିରୁ ସ୍ପଷ୍ଟ ସେହି ପ୍ରଦୂଷିତ ପାଣିକୁ ଲୁକ୍କାୟିତ ଭାବେ ନଦୀ କିମ୍ବା ସମୁଦ୍ରରେ ଛଡାଯାଉଛି। ଯେଉଁଥିପାଇଁ କମ୍ପାନୀକୁ ୮.୦୭ ଏମ୍‌ଟିପିଏ ପାଇଁ ଅଙ୍କୁଶ ଲଗାଯାଇଛି। ସେହି ମଧୁର ପାଣିକୁ ଶୋଧନ କରି କାମରେ ଲଗାଇବା ପାଇଁ ପରାମର୍ଶ ଦିଆଯାଇଛି ବୋଲି ଦାଶ କହିଛନ୍ତି।

ସୂଚନାଯୋଗ୍ୟ, ପାରାଦୀପ ଶିଳ୍ପାଞ୍ଚଳର ଏକମାତ୍ର ଜଳ ଉତ୍ସ ହେଲା ତାଳଦଣ୍ଡା କେନାଲ। ୨୦୧୩ରୁ ତାଳଦଣ୍ଡା କେନାଲ ଖରାଦିନେ ଆବଶ୍ୟକ ପାଣି ଯୋଗାଇ ପାରୁନାହିଁ। ଯାହାଦ୍ୱାରା ଖରାଦିନେ ପାରାଦୀପରେ ଜଳ ସଙ୍କଟ ଲାଗି ରହୁଛି। ଏ ସମ୍ପର୍କରେ ଏଏମ୍‌ଏନ୍‌ଏସ୍ କମ୍ପାନୀର ଜନସମ୍ପର୍କ ଅଧିକାରୀ ରବିନାରାୟଣ ପୃଷ୍ଟିଙ୍କୁ ଗତ ୮ ଦିନ ହେଲା ଏହି ଦୁଇଟି ପ୍ରସଙ୍ଗ ଉପରେ ପଚରାଯାଇଥିଲା। ସେ ଉପରିସ୍ଥ ଅଧିକାରୀଙ୍କ ପାଖରୁ ମତାମତ ଆଣିବେ କହି ସମୟ ଗଡାଇ ଚାଲିଛନ୍ତି। ଏପରି କି ଲିଖିତ ଭାବେ ମତାମତ ମାଗିବା ପରେ ମଧ କୌଣସି ପ୍ରତିକ୍ରିୟା ମିଳିନାହିଁ।


CONSENT ORDER Page 1

STATE POLLUTION CONTROL BOARD, ODISHA
(DEPARTMENT OF FOREST & ENVIRONMENT, GOVERNMENT OF ODISHA)
A/118, Nilakantha Nagar, Unit-VIII, Bhubaneswar-751012
Phone-0674-2564033 / EPABX : 2561909/2562847
E-mail: paribesh1@ospcboard.org/ Website: www.ospcboard.org

No 13267 / IND-I-CON-6258 Dt. 01-07-2021

CONSENT ORDER

Sub : Consent for Existing / New operation of the plant under Section 25 of the Water (Prevention & Control of Pollution) Act, 1974 and under Section 21 of the Air (Prevention & Control of Pollution) Act, 1981.

Ref : Your online application ID No. 3173602, dtd. 11-10-2020

Consent to operate is hereby granted under section 25/26 of Water (Prevention & Control of Pollution) Act, 1974 and under section 21 of Air (Prevention & Control of Pollution) Act, 1981 and rules framed thereunder to

Name of the Industry: M/s. Arcelor Mittal Nippon Steel India Ltd., Pellet Plant Unit-2 (Formerly known as Essar Steel India Limited)

Name of the Occupier & Designation: Mr. Dilip Oommen, CEO

Address: At - Udayabata, PO - Paradeep, Dist - Jagatsinghpur.

This consent order is valid for the period up to 31.03.2022

This consent order is valid for the product quantity, specified outlets, discharge quantity and quality, specified chimney/stack, emission quantity and quality of emissions as specified below. This consent is granted subject to the general and special conditions stipulated therein.

A. Details of Products Manufactured

| Sl. No. | Product | Quantity |
|---|---|---|
| 01. | Iron ore Pellet Plant (Unit-2) | 6 Million Ton /Annum |

* Total production capacity of the whole plant (i.e., Unit-1 & 2) shall not exceed 29,000 TPD and to maintain annual production within 8.7 MTPA to ensure ZLD and till excess water treatment and reuse facilities are developed.

ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏଏମ୍‌ଏନ୍‌ଏସ୍‌କୁ ଦେଇଥିବ ଚିଠି।


ଏଏମ୍‌ଏନ୍‌ଏସ୍ ଚିମିନିରୁ ବାହାରୁଥିବା ନାଲି ଧୂଳି।

# ବାଘ ଛାଲ ଜବତ କଲା ଏସ୍‌ଟିଏଫ୍

**ଅଭିଯୁକ୍ତ ଗିରଫ**

ଭୁବନେଶ୍ୱର,(ବ୍ୟୁରୋ)/ ପାରଳାଖେମୁଣ୍ଡି/ ଆର୍. ଉଦୟଗିରି, ୨।୩ (ଡି.ଏନ୍.ଏ.)

ରାଜ୍ୟରେ ବନ୍ୟଜନ୍ତୁ ଶିକାର ଓ ଚୋରା ଚାଲାଣ ଅବାଧରେ ଚାଲିଛି। ଏହାକୁ ରୋକିବା ପାଇଁ ସ୍ପେଶାଲ ଡ୍ରାଇଭ୍ ମାଧ୍ୟମରେ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ପଦକ୍ଷେପ ଜାରି ରଖିଥିଲେ ମଧ୍ୟ କିଛି ସୁଫଳ ମିଳୁନି। ଯେତେ ଚଢ଼ାଉ ହେଉଛି, ବନ୍ୟପ୍ରାଣୀ ସାମଗ୍ରୀ ସେତେ ବାହାରୁଛି। ବୁଧବାର ଏସ୍‌ଟିଏଫ୍ ଗଜପତି ଜିଲା ଆର୍ ଉଦୟଗିରି ଥାନା ଅନ୍ତର୍ଗତ ମହେନ୍ଦ୍ରଗଡ଼ର ମାଛଘର ଗ୍ରାମ ଓ ଖମାରି ସାହିର ମଝି ରାସ୍ତାରେ ଚଢ଼ାଉ କରି ଜଣେ ବନ୍ୟପ୍ରାଣୀ ଶିକାରିଙ୍କୁ ଗିରଫ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ଖମାରି ସାହିର ପବିତ୍ର ଲିମା। ତାଙ୍କଠାରୁ ଏକ ବାଘ ଛାଲ ଓ ଅନ୍ୟାନ୍ୟ ଆପରାଧିକ ସାମଗ୍ରୀ ଜବତ କରାଯାଇଛି। ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଏସ୍‌ଟିଏଫ୍ ଗିରଫ ଅଭିଯୁକ୍ତଙ୍କୁ ରାମଗିରି ବନବିଭାଗକୁ ହସ୍ତାନ୍ତର କରିଛି। ଅପରପକ୍ଷରେ କେମିକାଲ ପରୀକ୍ଷା ପାଇଁ ଜବତ ବାଘଛାଲକୁ ଡେରାଡୁନସ୍ଥିତ ୱାର୍ଲ୍ଡ ଲାଇଫ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆକୁ ପଠାଇ ଦିଆଯାଇଛି। ତେବେ ଅଭିଯୁକ୍ତ ଜଣକ ବାଘକୁ କେଉଁ ଅଞ୍ଚଳରୁ ଶିକାର କରିଥିଲେ, ସେ ଉକ୍ତ ଛାଲକୁ କାହାକୁ ବିକ୍ରି କରିଥାନ୍ତେ, ତାଙ୍କ ସହ ଆଉ କେଉଁମାନେ ସମ୍ପୃକ୍ତ ଅଛନ୍ତି, ଏହା ପୂର୍ବରୁ ସେ ଆଉ କେତୋଟି ବାଘଛାଲ ଚାଲାଣ କରିଛନ୍ତି, ଏଭଳି ବିଭିନ୍ନ ଦିଗକୁ ନେଇ ଏସ୍‌ଟିଏଫ୍ ଓ ବନବିଭାଗ ପକ୍ଷରୁ ତଦନ୍ତକୁ ତ୍ୱରାନ୍ୱିତ କରାଯାଇଛି।

ଏସ୍‌ଟିଏଫ୍ ରିପୋର୍ଟ ଅନୁଯାୟୀ, ଏଯାବତ୍ ୨୬ଟି ବାଘ ଛାଲ, ୧୫ଟି ହାତୀ ଦାନ୍ତ, ୭ଟି ହରିଣ ଛାଲ, ୧୧ ଜୀବନ୍ତ ବଜ୍ରକାପ୍ତା, ୧୯.୫ କେଜି ବଜ୍ରକାପ୍ତା କାତି, ୨ଟି ବାଘଦାନ୍ତ, ୨୯ଟି ବାଘ ନଖ, ୪୬ ଜିବନ୍ତ ଶୁଆ ପକ୍ଷୀ ଜବତ କରାଯାଯାଇଛି। ଏଥିସହ ସମ୍ପୃକ୍ତ ୬୦ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ସୂଚନା ଦିଆଯାଇଛି।


ଜବତ ବାଘଛାଲ।

# ଜମି ଅଧିଗ୍ରହଣ ନେଇ ବଣ୍ଟାଗଲାଣି ୧୦୧ କୋଟି

- ସୁଙ୍କିଠାରୁ ବୋରିଗୁମ୍ମା ପର୍ଯ୍ୟନ୍ତ ରାଜପଥର ସମ୍ପ୍ରସାରଣକୁ ଗୁରୁତ୍ୱ
- ରାସ୍ତା ସମ୍ପ୍ରସାରଣରେ ଜମି ଦେଉଥିବା ହିତାଧିକାରୀଙ୍କୁ ଖୁବ୍‌ଶୀଘ୍ର ମିଳିବ ପ୍ରାପ୍ୟ

ଭୁବନେଶ୍ୱର,୨।୩(ବ୍ୟୁରୋ)

ଜମି ଅଧିଗ୍ରହଣରେ ବିଭିନ୍ନ ହିତାଧିକାରୀଙ୍କୁ ଗତ ମାସେ ମଧ୍ୟରେ ନିୟମ ଅନୁଯାୟୀ ୧୦୧ କୋଟି ଟଙ୍କା ପ୍ରାପ୍ୟ ବଣ୍ଟନ କରାଯାଇଛି। ଜାତୀୟ ରାଜପଥ ୫୫ର କଟକ-ଅନୁଗୋଳ ଭାଗମଧ୍ୟରେ ୨୧ ଗ୍ରାମ ମଧ୍ୟରୁ ୧୭ ଗ୍ରାମରେ ଦାଖଲ ଖାରଜ ମାମଲା ସମ୍ପୂର୍ଣ୍ଣ ହୋଇ ଜାତୀୟ ରାଜପଥ ପ୍ରାଧିକରଣକୁ ସମସ୍ତ ଜମି ହସ୍ତାନ୍ତର କରାଯାଇଛି। ସେହିପରି ଅନୁଗୋଳ-ସମ୍ବଲପୁର ଭାଗମଧ୍ୟରେ ସମୁଦାୟ ୭୦ରୁ ୬୧ ଗ୍ରାମରେ ଦାଖଲ ଖାରଜ ମାମଲା ସମ୍ପୂର୍ଣ୍ଣ ହୋଇ ଜାତୀୟ ରାଜପଥ ପ୍ରାଧିକରଣକୁ ସମସ୍ତ ଜମି ହସ୍ତାନ୍ତର କରାଯାଇଛି। ଏହା ବ୍ୟତୀତ ଏହି ସମୟରେ ବହୁ ଦାଖଲ ଖାରଜ ମାମଲା ହୋଇ ରେକର୍ଡ ସଂଶୋଧନ ସହ ଜାତୀୟ ରାଜପଥ ପ୍ରାଧିକରଣକୁ ଜମି ହସ୍ତାନ୍ତର କରାଯାଇଥିବା ସୂଚନା ମିଳିଛି। ବୁଧବାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କ ଅଧକ୍ଷତାରେ ରାଜ୍ୟ ମଧ୍ୟରେ ବିଭିନ୍ନ ଜାତୀୟ ରାଜପଥର ଜମି ଅଧିଗ୍ରହଣ କାର୍ଯ୍ୟ ତ୍ୱରାନ୍ୱିତ ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ରାଜସ୍ୱ ବିଭାଗ ଏବଂ ଜାତୀୟ ରାଜପଥ ପ୍ରାଧିକରଣର ବରିଷ୍ଠ ଅଧିକାରୀମାନେ ଯୋଗଦାନ କରିଥିଲେ। ଜାତୀୟ ରାଜପଥ ପ୍ରାଧିକରଣର ବରିଷ୍ଠ ଅଧିକାରୀମାନେ ଗତ ମାସେ ଭିତରେ ଜମି ଅଧିଗ୍ରହଣ କାର୍ଯ୍ୟ ତ୍ୱରାନ୍ୱିତ ହୋଇଥିବାରୁ ରାଜସ୍ୱ ବିଭାଗକୁ ଧନ୍ୟବାଦ ମଧ ଜଣାଇଛନ୍ତି।

ସେହିପରି ଅତିରିକ୍ତ ମୁଖ୍ୟ ଶାସନ ସଚିବ କୋରାପୁଟ ଜିଲାପାଳଙ୍କୁ ସୁଙ୍କିଠାରୁ ବୋରିଗୁମ୍ମା ପର୍ଯ୍ୟନ୍ତ ଜାତୀୟ ରାଜପଥର ଜମି ଅଧିଗ୍ରହଣ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ମୟୂରଭଞ୍ଜ ଜିଲାପାଳଙ୍କୁ ନିୟମିତ ଭାବେ ସମୀକ୍ଷା ବୈଠକ ନେଇ ଜମି ଅଧିଗ୍ରହଣ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ହିତାଧିକାରୀଙ୍କୁ ନିୟମ ଅନୁଯାୟୀ ପ୍ରାପ୍ୟ ବଣ୍ଟନ କରାଯିବ। ତତ୍କାଳ ଦାଖଲ ଖାରଜ ଫଇସଲା କରି ଜାତୀୟ ରାଜପଥ ପ୍ରାଧିକରଣକୁ ଜମି ହସ୍ତାନ୍ତର ଉପରେ ଗୁରୁତ୍ୱାରୋପ କଲେ ଅଧିଗ୍ରହଣ ସମ୍ପୂର୍ଣ୍ଣ ପରେ ତୁରନ୍ତ କାମ ଆରମ୍ଭ ଓ ତ୍ୱରାନ୍ୱିତ କରାଯିବ। ଦେଶ ଓ ରାଜ୍ୟରେ ଜାତୀୟ ରାଜପଥ ଗୁଡିକ ସରବରାହର ଅନ୍ୟତମ ମୁଖ୍ୟ ମାଧ୍ୟମ। ତେଣୁ ଜାତୀୟ ରାଜପଥ ନିମନ୍ତେ ଜମି ଅଧିଗ୍ରହଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଓ ଜମି ହସ୍ତାନ୍ତର କାମକୁ ଅଗ୍ରାଧିକାର ଭିତ୍ତିରେ ସମାପନ କରିବାକୁ ସମସ୍ତ ଅଧିକାରୀଙ୍କୁ ସେ ନିର୍ଦ୍ଦେଶ ଦେଇଛନ୍ତି।


ଅମାବାସ୍ୟା ଅବସରରେ ବୁଧବାର ଅମାବାସ୍ୟା ନାରାୟଣଙ୍କୁ ସାଗର ବିଜେ ନୀତି ପାଇଁ ପୁରୀ ମହୋଦଧିକୁ ନିଆଯାଉଛି।

# 'ଢିଙ୍କିଆ ଜନଶୁଣାଣି ବିଫଳ କରିବାକୁ ଚକ୍ରାନ୍ତ'

ଭୁବନେଶ୍ୱର,୨।୩(ବ୍ୟୁରୋ)

ଜଗତ୍‌ସିଂହପୁର ଜିଲା ଢିଙ୍କିଆରେ ଜିନ୍ଦଲ କମ୍ପାନୀ ପକ୍ଷରୁ ଷ୍ଟିଲ୍ ପ୍ଲାଣ୍ଟ ନିର୍ମାଣ ପାଇଁ ଜନଶୁଣାଣି କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ହେଲେ ଏହାକୁ ବିଫଳ କରିବା ପାଇଁ ପୋଲିସ ଓ ପ୍ରଶାସନ ଉଦ୍ୟମ କରୁଥିବା ଲୋକଶକ୍ତି ଅଭିଯାନ ଓ ଇନ୍‌ସାଫ୍ ତଥା ମିଥ୍ୟା ମୋକଦ୍ଦମା ବିରୋଧୀ ଅଭିଯାନ ପକ୍ଷରୁ ଅଭିଯୋଗ କରାଯାଇଛି।

ବୁଧବାର ଲୋହିଆ ଏକାଡେମୀଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅଭିଯାନର ରାଜ୍ୟ ସଭାପତି ପ୍ରଫୁଲ୍ଲ ସାମନ୍ତରା ଓ ଇନ୍‌ସାଫ୍‌ର ରାଜ୍ୟ ଆବାହକ ନରେନ୍ଦ୍ର ମହାନ୍ତି ଅଭିଯୋଗ କରି କହିଛନ୍ତି, ଢିଙ୍କିଆରେ ପୋଲିସ ନିର୍ଯାତନା ଘଟଣାର ତଦନ୍ତ ପାଇଁ ଓଡିଶା ହାଇକୋର୍ଟଙ୍କ ନିର୍ଦ୍ଦେଶରେ ଓକିଲଙ୍କ ଏକ କମିଟି ଗଠନ କରାଯାଇଥିଲା। ଉକ୍ତ ୫ ଜଣିଆ କମିଟି ଗତ ଫେବୃୟାରୀ ୧୯ରେ ଘଟଣାର ତଦନ୍ତ ସହ ସାଧାରଣ ଜନତାଙ୍କ ମତାମତ ସଂଗ୍ରହ କରିବାକୁ ଢିଙ୍କିଆ ଯାଇଥିଲେ। କିନ୍ତୁ ପୋଲିସ ଉପସ୍ଥିତି ତଥା ସହଯୋଗରେ କମ୍ପାନୀ ସମର୍ଥକମାନେ ବିରୋଧୀଙ୍କୁ ମାଡ ମାରି ଅଶାନ୍ତ ପରିସ୍ଥିତି ସୃଷ୍ଟି କରିବାରୁ ତାହା ବସ୍ତୁତଃ ବିଫଳ ହୋଇଥିଲା। ଏହାପରେ ଗତ ୨୩ ଫେବୃୟାରୀରେ କମିଟିର ସଦସ୍ୟ ଲୋକଙ୍କ ଅଭିଯୋଗ ଶୁଣିଥିଲେ। ସେହିଭଳି ଆସନ୍ତା ୫ ତାରିଖରେ ଜନଶୁଣାଣି ହେବ। ତେବେ ଏହା ପୂର୍ବରୁ କମିଟି ନିକଟରେ ପୋଲିସ ବିରୋଧରେ ଅଭିଯୋଗ ରଖିଥିବା ୫ଜଣଙ୍କୁ ସୋମବାର ପୋଲିସ ଉଠାଇ ନେଇ ୨ଜଣଙ୍କ ନାମରେ ମିଛ ମକଦ୍ଦମା ରୁଜୁ କରିଛି। ଆସନ୍ତା ଜନଶୁଣାଣିରେ କେହି ପୋଲିସ ବିରୋଧରେ ନ କହିବା ପାଇଁ ଲୋକଙ୍କୁ ଧମକ ଦିଆଯାଉଛି। ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଭଣ୍ଡୁର କରିବା ପାଇଁ ପୋଲିସ ପ୍ରଶାସନର ଏହା ଏକ ହୀନ ଚକ୍ରାନ୍ତ କରାଯାଉଛି। ଏଣୁ ଜନ ଶୁଣାଣିବେଳେ ଜନସାଧାରଣ ଓ କମିଟି ସଦସ୍ୟଙ୍କ ମଧ୍ୟରେ ଏକ ନିର୍ଦ୍ଦିଷ୍ଟ ଦୂରତା ରହୁ। କମିଟି ସଦସ୍ୟଙ୍କ ନିକଟରେ ଜିଲାପାଳ, ଏସ୍.ପି ଅବା ପୋଲିସ ଅଧିକାରୀ ନ ରହିଲେ ସତ୍ୟ ସାମ୍ନାକୁ ଆସିପରିବ ନାହିଁ ବୋଲି ସେମାନେ ଦାବି କରିଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ଆଣବିକ ଯୁଦ୍ଧ...

ଖେରସୋନ୍‌ସ୍ଥିତ ରିଜିଓନାଲ ସେଣ୍ଟରକୁ ନିଜ ନିୟନ୍ତ୍ରଣକୁ ନେଇଛନ୍ତି। ତେବେ ସହରର ସାଧାରଣ ସେବା ଓ ପରିବହନ ସ୍ୱାଭାବିକ ଭାବେ କାର୍ଯ୍ୟ କରୁଛି। ସେଠାରେ ଖାଦ୍ୟ ଓ ଅନ୍ୟ ଜରୁରୀ ସାମଗ୍ରୀଗୁଡ଼ିକର ନିଅଣ୍ଟିଆ ସ୍ଥିତି ଦେଖାଦେଇନାହିଁ। ଆଇନଶୃଙ୍ଖଳା ବଜାୟ ରଖିବା, ନାଗରିକଙ୍କୁ ସୁରକ୍ଷା ଦେବା ଏବଂ ସରକାରୀ ଅଫିସଗୁଡ଼ିକୁ କାର୍ଯ୍ୟକ୍ଷମ ରଖିବା ନେଇ ରୁଷିଆ ସେନା ଓ ସ୍ଥାନୀୟ ଅଧିକାରୀମାନଙ୍କ ମଧ୍ୟରେ ଆଲୋଚନା ଜାରି ରହିଛି। ଅନ୍ୟପକ୍ଷେ ରାସ୍ତାରେ ଏବେ ମଧ ଦୁଇପକ୍ଷଙ୍କ ମଧ୍ୟରେ ଘମାଘୋଟ ଲଢ଼େଇ ଚାଲିଥିବା କ୍ୱିଭ୍ କହିଛି। ରୁଷିଆର ଦାବିକୁ ଭୁଲ୍ ପ୍ରମାଣିତ କରିବାକୁ ଯାଇ ଖେରସୋନ୍ ମେୟର ଆଇଗୋର କୋଲିଖାଇଭ୍ ଏକ ଫେସ୍‌ବୁକ୍ ପୋଷ୍ଟରେ ଲେଖିଛନ୍ତି, ଆମେମାନେ ଏବେ ବି ୟୁକ୍ରେନ୍‌ରେ ରହିଛୁ। ଏବେ ବି ଦୃଢ଼ ରହିଛୁ। ପ୍ରାଣ ହରାଇଥିବା ଲୋକଙ୍କ ମୃତଦେହଗୁଡ଼ିକୁ ସଂଗ୍ରହ କରିବା ପାଇଁ ତାଙ୍କୁ ବାଟ ବାହାର କରିବାକୁ ପଡ଼ିବ। ଭାଙ୍ଗିରୁଜି ଯାଇଥିବା ବିଦ୍ୟୁତ୍ ଯୋଗାଣ, ଗ୍ୟାସ୍, ପାଣି ଓ ଅନ୍ୟ ଭିତ୍ତିଭୂମି ମଧ ସଜାଡ଼ିବାକୁ ହେବ। କିନ୍ତୁ ଦିନକ ଭିତରେ ଏସବୁ କାର୍ଯ୍ୟ ଶେଷ କରିବାର ତାତ୍ପର୍ଯ୍ୟ ହେଉଛି ଚମତ୍କାର କରିବା ବୋଲି ସେ କହିଛନ୍ତି। ୟୁକ୍ରେନ୍ ସଙ୍କଟ ଭିତରେ ନର୍ଥ ଆଟଲାଣ୍ଟିକ୍ ଟ୍ରିଟି ଅର୍ଗାନାଇଜେଶନ୍ (ନାଟୋ) ମହାସଚିବ ଜେନ୍ସ ଷ୍ଟୋଲଟେନ୍‌ବର୍ଗ ପୋଲାଣ୍ଡ ରାଷ୍ଟ୍ରପତି ଆଣ୍ଡ୍ରେଜେଜ୍ ଡୁଡାଙ୍କୁ ଭେଟିଛନ୍ତି। ପୋଲାଣ୍ଡର ଲସ୍କ ଏୟାର ବେସ୍‌ରେ ଉଭୟେ ପୂର୍ବ ୟୁରୋପର ସୁରକ୍ଷା ଉପରେ ଆଲୋଚନା କରିଛନ୍ତି। ନିକଟରେ ଆମେରିକା ନାଟୋ ଅଧୀନରେ ଥିବା ପୂର୍ବ ୟୁରୋପକୁ ପ୍ରାୟ ୫ ହଜାର ସୈନ୍ୟ ପଠାଇଛି।

### ଭାରତୀୟ ଛାତ୍ରଙ୍କ ମୃତ୍ୟୁର ତଦନ୍ତ କରିବ ରୁଷିଆ

ରୁଷୀୟ ସୈନ୍ୟଙ୍କ ଆକ୍ରମଣରେ ୟୁକ୍ରେନ୍‌ର ଖର୍କିଭ୍ ସହରରେ ପ୍ରାଣ ହରାଇଥିବା ଭାରତୀୟ ଡାକ୍ତରୀ ଛାତ୍ର ନବୀନ ଶେଖରପ୍ପାଙ୍କ ମୃତ୍ୟୁ ଘଟଣାର ତଦନ୍ତ କରାଯିବ ବୋଲି ରୁଷିଆ ରାଷ୍ଟ୍ରଦୂତ ଡେନିସ୍ ଆଲିପୋଭ୍ କହିଛନ୍ତି। ଗଣମାଧ୍ୟମକୁ ସୂଚନା ଦେଇ ବୁଧବାର ଡେନିସ୍ କହିଛନ୍ତି, ମେଡିକାଲ ଛାତ୍ର ନବୀନ ଶେଖରପ୍ପାଙ୍କ ମୃତ୍ୟୁରେ ସେ ଦୁଃଖିତ। ତାଙ୍କ ପରିବାର ସହ ପୂରା ଦେଶକୁ ସେ ସମବେଦନା ଜଣାଇଛନ୍ତି। ସମସ୍ତ ଭାରତୀୟ ଛାତ୍ରୀଛାତ୍ରଙ୍କୁ ସୁରକ୍ଷିତ ଫେରାଇ ଆଣିବା ନିମନ୍ତେ ରୁଷିଆ ସବୁ ପଦକ୍ଷେପ ନେବ ଏବଂ ନବୀନଙ୍କ ମୃତ୍ୟୁର ତଦନ୍ତ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି। ପ୍ରକାଶ ଯେ, କର୍ଣ୍ଣାଟକସ୍ଥିତ ହବେରି ଜିଲା ଚଲାଗେରି ଗ୍ରାମର ୨୧ ବର୍ଷୀୟ ନବୀନ ଗ୍ରୋସେରି ଆଣିବାକୁ ଯାଇ ଧାଡ଼ିରେ ଛିଡ଼ା ହୋଇଥିବାବେଳେ ରୁଷୀୟ ସୈନ୍ୟଙ୍କ ଆକ୍ରମଣର ଶିକାର ହୋଇଥିଲେ।

### ବର୍ଷା ପରେ...

ଇନ୍‌ଷ୍ଟ୍ରାଗ୍ରାମରେ ଶେୟାର କରିବା ସହ 'ଏହା କଣ' ବୋଲି ଲେଖିଥିଲେ। ପରେ ଏହା ଭାଇରାଇ ହୋଇଥିଲା। ଏହା ସାର୍କ ଭ୍ରୂଣ କିମ୍ବା ଅନ୍ୟ କୌଣସି ସାମୁଦ୍ରିକ ଜୀବ ହୋଇପାରେ ବୋଲି ଜଣେ ଅନୁମାନ କରିଛନ୍ତି। ଜୀବବିଜ୍ଞାନୀ ଏଲି ଏଲିସା ଉକ୍ତ ଫଟୋକୁ ପୁନର୍ବାର ଇନ୍‌ଷ୍ଟ୍ରାଗ୍ରାମରେ ପୋଷ୍ଟ କରି ଏହାକୁ ଚିହ୍ନଟ କରିବା ଲାଗି ଅନୁରୋଧ କରିଛନ୍ତି।

### ଆସନ୍ତା ସପ୍ତାହରୁ...

ଶେଷ ହେବ। ଏହା ପରେ ମାର୍ଚ୍ଚ ୧୦ରେ ସମସ୍ତ ୫ ରାଜ୍ୟରେ ଭୋଟ ଗଣତି ହୋଇ ଫଳାଫଳ ପ୍ରକାଶ ପାଇବ। ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣ ଓ ପାଶ୍ଚାତ୍ୟ ଦେଶଗୁଡ଼ିକ ପ୍ରତିବନ୍ଧକ ଲଗାଇବା ପରେ ମସ୍କୋରୁ ତୈଳ ଓ ଗ୍ୟାସ୍ ଯୋଗାଣ ବାଧାପ୍ରାପ୍ତ ହୋଇପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି। ଏହାକୁ ଦୃଷ୍ଟିରେ ରଖି ଅନ୍ତର୍ଜାତୀୟ ବଜାରରେ ୨୦୧୪ ମଧ୍ୟଭାଗରୁ ପ୍ରଥମ ଥର ଲାଗି ତୈଳ ଦର ୧୧୦ ଡଲାର ଅତିକ୍ରମ କରିଛି। ଭାରତ କିଣୁଥିବା ଅଶୋଧିତ ତୈଳ ବାସ୍କେଟ୍ ମାର୍ଚ୍ଚ ୧ରେ ୧୦୨ ଡଲାରରୁ ଅଧିକ ରହିଛି। ଗତବର୍ଷ ନଭେମ୍ବର ପ୍ରଥମ ଭାଗରୁ ଭାରତରେ ପେଟ୍ରୋଲ ଓ ଡିଜେଲ ଦର ସ୍ଥିର ରହିଛି। ସେତେବେଳେ ଅନ୍ତର୍ଜାତୀୟ ବଜାରରେ ତେଲ ଦର ବ୍ୟାରେଲ୍ ପ୍ରତି ହାରାହାରି ୮୧.୫ ଡଲାର ଥିଲା। ଦର ସ୍ଥିର ରହିବା ଫଳରେ ଇଣ୍ଡିଆନ ଅଏଲ୍ କର୍ପୋରେଶନ, ଭାରତ ପେଟ୍ରୋଲିୟମ୍ ଲିଃ, ହିନ୍ଦୁସ୍ଥାନ ପେଟ୍ରୋଲିୟମ୍ କର୍ପୋରେଶନ ଲିଃ ପେଟ୍ରୋଲ ଓ ଡିଜେଲରେ ଲିଟର ପ୍ରତି ୫.୭ ଟଙ୍କା କ୍ଷତି ସହୁଛନ୍ତି। ଏଥିରେ ସେମାନଙ୍କର ଲିଟର ପ୍ରତି ସ୍ୱାଭାବିକ ଲାଭ ୨ ଟଙ୍କା ୫୦ ପଇସାକୁ ହିସାବକୁ ନିଆଯାଇ ନାହିଁ। ତେଣୁ ବିପଣନ ଲାଭ ସ୍ୱାଭାବିକ ସ୍ଥିତିକୁ ଆଣିବାକୁ ହେଲେ ତୈଳ କମ୍ପାନୀଗୁଡ଼ିକ ଦର ୯ ଟଙ୍କା କିମ୍ବା ୧୦ ପ୍ରତିଶତ ବଢ଼ାଇପାରନ୍ତି ବୋଲି ଜେପି ମୋର୍ଗାନ ପକ୍ଷରୁ କୁହାଯାଇଛି।

### ଶ୍ରମ ଦିବସ...

ଆକାଉଣ୍ଟ ଜରିଆରେ ପ୍ରଦାନ କରାଯାଉଛି। ତେବେ ସାମଗ୍ରୀ ଯୋଗାଣ ପାଇଁ ଅର୍ଥ ଦେବାରେ କେନ୍ଦ୍ର ସରକାର କାଳକ୍ଷେପଣ ନୀତି ଅବଲମ୍ବନ କରୁଛନ୍ତି।

ପଞ୍ଚାୟତିରାଜ ବିଭାଗରୁ ମିଳିଥିବା ସୂଚନା ମୁତାବକ ବର୍ତ୍ତମାନ ସୁଦ୍ଧା ପ୍ରାୟ ୧ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଏ ବାବଦରେ ଓଡ଼ିଶା ସରକାର କେନ୍ଦ୍ରରୁ ପାଇବାର ଅଛି। ୨୦୨୧ ନଭେମ୍ବରରେ ଏହି ପରିମାଣ ୭୦୦କୋଟି ଟଙ୍କା ଥିବାବେଳେ ଏବେ ଏହା ବୃଦ୍ଧି ପାଇ ୧ ହଜାର କୋଟିକୁ ଟପିଗଲାଣି। କେନ୍ଦ୍ରୀୟ ଅନୁଦାନ ଠିକ୍ ସମୟରେ ମିଳୁ ନ ଥିବାରୁ ମୁଖ୍ୟମନ୍ତ୍ରୀ ୨୦୨୧ ନଭେମ୍ବର ୧ରେ ପ୍ରଧାନମନ୍ତ୍ରୀଙ୍କୁ ପତ୍ର ଲେଖି ବକେୟା ୧୦୮୮.୭୨ କୋଟି ଏମ୍‌ଜିଏନ୍‌ଆରଇଜିଏସ୍ ପାଣ୍ଠି ଯୋଗାଇ ଦେବା ପାଇଁ ଅନୁରୋଧ କରିଥିଲେ। ଏଥିରେ ସାମଗ୍ରୀ ବାବଦରେ କେବଳ ୭୧୦.୮୧ କୋଟି ଟଙ୍କା ଥିଲା। ଏବେ ଏହା ୧ ହଜାର କୋଟି ଟଙ୍କାକୁ ଟପିଗଲାଣି। କେନ୍ଦ୍ର ସରକାର ଶ୍ରମିକମାନଙ୍କର ଦେୟ ଦେଉଥିବା ବେଳେ ସାମଗ୍ରୀ ବାବଦ ଅର୍ଥ ଯୋଗାଉ ନ ଥିବାରୁ ରାଜ୍ୟ ଉପରେ ଆର୍ଥିକ ବୋଝ ବଢ଼ିଚାଲିଛି।

ପରିସ୍ଥିତିକୁ ମୁକାବିଲା ପାଇଁ ରାଜ୍ୟ ସରକାର ନିଜସ୍ୱ ପାଣ୍ଠିରୁ ପ୍ରାୟ ୭୦୦ କୋଟି ଟଙ୍କା ଏ ବାବଦରେ ପଞ୍ଚାୟତିରାଜ ବିଭାଗକୁ ଯୋଗାଇ ଦେଇ ସାରିଲେଣି। ତେବେ ସାମଗ୍ରୀ ଖରିଦ ବାବଦରେ ଆହୁରି ୪୦୦ କୋଟି ଟଙ୍କା ଆବଶ୍ୟକ ପଡୁଛି। ବକେୟା ଅର୍ଥ ତୁରନ୍ତ ଯୋଗାଇ ଦେବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ କେନ୍ଦ୍ର ସରକାରଙ୍କୁ ପୁଣି ଥରେ ଅବଗତ କରାଯାଇଛି। କୋଭିଡ୍ ସମୟରେ ଶ୍ରମିକମାନଙ୍କୁ ଅଧିକ କାମ ଯୋଗାଇ ଦେବା ପାଇଁ ଅଧିକରୁ ଅଧିକ ଶ୍ରମ ଦିବସ ସୃଷ୍ଟି କରିବା ପାଇଁ ରାଜ୍ୟ ସରକାର ଲକ୍ଷ୍ୟ ରଖିଥିବାରୁ ଅର୍ଥ ବାଧକ ସାଜିଛି। ପଞ୍ଚାୟତିରାଜ ବିଭାଗର ଜଣେ ବରିଷ୍ଠ ଅଧିକାରୀଙ୍କ କହିବା କଥା ହେଲା ଯେ ଓଡ଼ିଶା ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଅନ୍ୟ ରାଜ୍ୟ ତୁଳନାରେ ଭଲ ପ୍ରଦର୍ଶନ କରୁଛି। ଯେତେ ଶ୍ରମ ଦିବସ ସୃଷ୍ଟି କରାଯାଇ ପାରିବ ସେହି ଅନୁପାତରେ କେନ୍ଦ୍ର ନିକଟରୁ ଅନୁଦାନ ମିଳିବା କଥା। ମାତ୍ର କେନ୍ଦ୍ର ସରକାରଙ୍କ ଏହି ଯୋଜନା ପ୍ରତି ବିଶେଷ ଆଗ୍ରହ ଥିବାଭଳି ମନେ ହେଉନାହିଁ। ଚଳିତ କେନ୍ଦ୍ରୀୟ ବଜେଟରେ ଏମ୍‌ଜିଏନ୍‌ଆରଇଜିଏସ୍ ପାଇଁ ଆବଶ୍ୟକ ବ୍ୟବସ୍ଥା ରହିଥିଲେ ସୁଦ୍ଧା ପାଣ୍ଠି ଯୋଗାଣରେ କେନ୍ଦ୍ରୀୟ ଅବହେଳା ଅଧିକ ଶ୍ରମ ଦିବସ ସୃଷ୍ଟି କ୍ଷେତ୍ରରେ ଏକ ବଡ଼ ପ୍ରତିବନ୍ଧକ ହୋଇ ଛିଡ଼ାହୋଇଛି।

### ରାସ୍ତା ଅବରୋଧ...

ପ୍ରଦୀପ କୁମାର ଭୂୟାଁ ୨୪୩ ଖଣ୍ଡ ଭୋଟ ପାଇଥିଲେ। ହରିବନ୍ଧୁ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବାରିକ ଶବରଙ୍କଠାରୁ ୧୯୬ ଖଣ୍ଡ ଭୋଟ ଅଧିକ ପାଇ ସରପଞ୍ଚ ନିର୍ବାଚିତ ହୋଇଛନ୍ତି। ନିର୍ବାଚନ ହାରିବା ପରେ ଶବର ଆନ୍ଧ୍ରର କେତେଜଣ ନେତାଙ୍କ ପ୍ରରୋଚନାରେ ପଞ୍ଚାୟତରେ ଉନ୍ନୟନ କାର୍ଯ୍ୟ କରାଇ ନ ଦେବାକୁ ଚକ୍ରାନ୍ତ କରୁଥିବା ସରପଞ୍ଚ କାର୍ଯୀ ଅଭିଯୋଗ କରିଛନ୍ତି। ସେ ରାତିଅଧରେ ପଞ୍ଚାୟତର ପାଚିଡ଼ିଆ, ଶଗଡ଼ିଆ, ଲଭା, ମୋଟାସାହି, କଣ୍ଟାକୁମ୍ଭ ଗାଁ ରାସ୍ତାକୁ କେଉଁଠି ଖୋଳିଦେବା ସହ କେଉଁଠି ରାସ୍ତା ମଝିରେ ବଡ଼ ବଡ଼ ପଥର ପକାଇ ଅବରୋଧ କରିଛନ୍ତି। ଏସବୁ ଗାଁ ଆନ୍ଧ୍ର ସୀମାକୁ ଲାଗି ରହିଛି। ରାସ୍ତା ଅବରୋଧ ଯୋଗୁ ଲୋକେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଏ ନେଇ ସରପଞ୍ଚ କାର୍ଯୀ ଗାରାବନ୍ଧ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାସ୍ଥଳକୁ ଆସି ଅନୁଧ୍ୟାନ କରିବା ବେଳେ ପରାଜିତ ପ୍ରାର୍ଥୀଙ୍କ ସମର୍ଥକମାନେ ସେମାନଙ୍କୁ ଗାଳିଗୁଲଜ କରିଥିବା ଦେଖାଯାଇଥିଲା। ପରେ ପୋଲିସ ରାସ୍ତାରୁ ପଥର କାଢ଼ି ଅବରୋଧ ହଟାଇଥିଲା। ଖୋଳା ଯାଇଥିବା ରାସ୍ତା ପୋତିବା କାର୍ଯ୍ୟ ଆରମ୍ଭ କରାଯାଇଛି। ଏ ନେଇ ଗାରାବନ୍ଧ ଥାନା ଅଧିକାରୀ ସର୍ବେଶ୍ୱର ସାମନ୍ତରାୟଙ୍କ ସହ ଯୋଗାଯୋଗ କରିବାରେ ଘଟଣାର ତଦନ୍ତ ଚାଲିଛି। ପ୍ରମାଣ ମିଳିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ଅନ୍ୟପକ୍ଷରେ ଅଭିଯୋଗ ସଂକ୍ରାନ୍ତରେ ପରାଜିତ ପ୍ରାର୍ଥୀ ବାରିକ ଶବରଙ୍କ ମତାମତ ମିଳିପାରି ନାହିଁ।

# ଏଥର ସମାଜସେବା

ତାପସୀ ପାନ୍ନୁଙ୍କ ମୁଣ୍ଡକୁ ଏକ ନୂଆ ଆଇଡିଆ ଜୁଟିଛି। ଏଣିକି ଅଭିନୟ ସହ ସେ ଆଉ ଏକ କ୍ଷେତ୍ରରେ ପାଦ ରଖିବାକୁ ଯାଉଛନ୍ତି। ତାହା ହେଲା ସମାଜସେବା। କେବଳ ସେତିକି ନୁହେଁ, ଏଥିପାଇଁ ସେ ଏକ ଗ୍ରୁପ୍ ଗଠନ କରିଛନ୍ତି। ନିଜର ଏଭଳି ଆଭିମୁଖ୍ୟ ସମ୍ପର୍କରେ ତାପସୀ କହନ୍ତି, 'ଅନେକ ସ୍ଥାନ ବୁଲିବା ପରେ ଥରେ ମୋ ମନରେ ସମାଜ ସେବା କଥା ଉଠିଥିଲା। ତା'ପରେ ଏ ନେଇ ଗମ୍ଭୀର ଭାବରେ ଚିନ୍ତା କରିଥିଲି। କେବଳ ସେତିକି ନୁହେଁ, ଏ ନେଇ କେତେ ଜଣ ନାମୀ ସମାଜସେବୀଙ୍କ ସହ ଆଲୋଚନା କଲି। ଏବେ ନିଜକୁ ମୁଁ ଏ କାମରେ ସାମିଲ କରିବି। ମୋର କେତେ ଜଣ ସାଙ୍ଗ ଏ କ୍ଷେତ୍ରରେ ସହଯୋଗର ହାତ ବଢ଼ାଇଛନ୍ତି। ଆମେ ଏକାଠି ହୋଇ ସମାଜସେବା ବିଷୟରେ ଜନସାଧାରଣଙ୍କୁ ସଚେତନ କରାଇବୁ। ତା' ସହ ବିଶେଷଭାବରେ ସ୍ଲମ ଏରିଆରେ ଏହି କାମ ଉପରେ ଅଧିକ ଗୁରୁତ୍ୱ ଦିଆଯିବ। କେବଳ ସେତିକି ନୁହେଁ, ସମାଜସେବାକୁ ନେଇ ଏକ ଫିଲ୍ମ ନିର୍ମାଣ କରିବାକୁ ମଧ୍ୟ ଯୋଜନା ରହିଛି।' ତେବେ ତାପସୀଙ୍କ ଏହି ନୂଆ ଯୋଜନା କେତେ ସଫଳ ହେଉଛି ତାହା ଆଗାମୀ ସମୟ ହିଁ କହିବ।


ତାପସୀ ପାନ୍ନୁ

# ଆଉ ଜଣେ ନବାଗତା


ଲିଜା

ଓଲିଉଡ୍‌ର ନବାଗତାଙ୍କ ତାଲିକାରେ ଆଉ ଜଣେ ନବାଗତା ନିଜ ନାମକୁ ସାମିଲ କରିଛନ୍ତି। ସେ ହେଲେ ଲିଜା। ଛୋଟ ପରଦାରେ ପ୍ରସାରିତ 'ସାବିତ୍ରୀ' ଧାରାବାହିକର ଟାଇଟଲ ଭୂମିକାରେ ଅଭିନୟ କରି ପ୍ରଶଂସା ସାଉଁଟିବା ପରେ ସେ ବଡ଼ ପରଦାରେ ଏଣ୍ଟ୍ରି କରୁଛନ୍ତି। ତାଙ୍କୁ ଏପରି ସୁଯୋଗ ଦେଇଛନ୍ତି ପ୍ରଯୋଜକ ଅକ୍ଷୟ କୁମାର ପରିଜା। ଅକ୍ଷୟ ପରିଜା ପ୍ରଡକ୍ସନ ବ୍ୟାନରରେ ପ୍ରସ୍ତୁତ ଓଡ଼ିଆ ଚଳଚ୍ଚିତ୍ର 'ଦୃଷ୍ଟିକୋଣ'ରେ ସେ ନାୟିକା ସାଜିଛନ୍ତି। ଏଥିରେ ତାଙ୍କୁ ଜଣେ ନିରୀହ ସାଧାରଣ ତଥା ପାଠୁଆ ଯୁବତୀ ଚରିତ୍ରରେ ଦେଖିବାକୁ ମିଳିବ। ଜଣେ ମହିଳା ସମାଜରେ ସାମନା କରୁଥିବା ଘଟଣାବଳୀକୁ ସୁନ୍ଦର ଭାବରେ ଏହି ଫିଲ୍ମରେ ଉପସ୍ଥାପନା କରାଯାଇଛି। ସୁଶାନ୍ତ ମଣିଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ ଏଲିନା ସାମନ୍ତରାୟଙ୍କୁ ପ୍ରମୁଖ ଭୂମିକାରେ ଦେଖିବାକୁ ମିଳିବ।

ଅପେରା ହାଲଚାଲ

# ପ୍ରଥମ ସିନ୍‌କୁ ଭୁଲି ପାରୁନି

ତୁଳସୀ ଗଣନାଟ୍ୟ ପରିବେଷିତ 'ଆଖି ତୁ କାନ୍ଦେନା' ଅପେରା ନାଟକରୁ ମାନସ ରଞ୍ଜନ ଦାସ (ଲୁଲୁ)ଙ୍କର ଜଲିଉଡ୍ ଯାତ୍ରା ଆରମ୍ଭ ହୋଇଥିଲା। ଏ ସମ୍ପର୍କରେ ସେ କହନ୍ତି, 'ଏହି ନାଟକର ଶେଷ ପର୍ଯ୍ୟାୟରେ ମୁଁ ମଞ୍ଚ ଉପରକୁ ଆସିଥିଲି। ଓକିଲ ଭୂମିକାଟିକୁ ବେଶ୍ ସୁନ୍ଦର ଭାବରେ ତୁଲାଇଥିଲି। ପଞ୍ଚମ ଶ୍ରେଣୀରେ ପଢୁଥିବା ବେଳେ ମୁଁ ଶିଶୁ କଳାକାର ଭାବରେ ଅଭିନୟ କରିବା ପରେ ଆମ ଗାଁ (ଉତ୍ତରକୂଳ ମଣିଜଙ୍ଗ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଧାରିବିଲି ଗ୍ରାମ)ରେ ଅନେକ ନାଟକରେ ନାୟକ ସାଜିଛି। ମୋ ପାଇଁ ପ୍ରେରଣାର ଉତ୍ସ ସାଜିଛନ୍ତି ବର୍ତ୍ତମାନ ମୁଁ ଅଭିନୟ କରୁଥିବା ଅପେରା ସ୍ୱର୍ଣ୍ଣମହଲର ସ୍ୱତ୍ୱାଧିକାରୀ କ୍ଷୀରୋଦ ସ୍ୱାଇଁ।' ପାର୍ଶ୍ୱ ଅଭିନେତା ଭାବରେ ଅଭିନୟ କରୁଥିବା ମାନସଙ୍କ ଅଭିନୀତ ଅପେରା ନାଟକଗୁଡିକ ମଧ୍ୟରେ ରହିଛି 'ଗୀତାକୁ ଛୁଇଁଲେ ପାପ', 'ସିନ୍ଦୂର ହାଟରେ ନାହିଁ ସିନ୍ଦୂର', ଅସତୀ ତୁଳସୀ ସତୀ ଚଉରା' ଏବଂ କ୍ଷୀରୋଦ ସ୍ୱାଇଁଙ୍କର ହିଟ୍ ନାଟକ 'ସ୍ୱର୍ଣ୍ଣମହଲର ସୁନା ବୋହୂ' (ଅପେରା ସ୍ୱର୍ଣ୍ଣମହଲ)।


ମାନସ

# କାର୍ତ୍ତିକଙ୍କ ପ୍ରଶଂସାରେ କ୍ରିତି

କ୍ରିତି ସାନନ ଏବେ ଯୁଆଡ଼େ ଗଲେ କାର୍ତ୍ତିକ ଆର୍ଯ୍ୟନଙ୍କୁ ପ୍ରଶଂସା କରିବାକୁ ଭୁଲୁ ନାହାନ୍ତି। କାରଣ ଶୁଟିଂ ଚାଲିଥିବା ହିନ୍ଦୀ ସିନେମା 'ଶେହେଜାଦା'ରେ ଏହି ଯୋଡ଼ିକୁ ଦର୍ଶକ ଦେଖିବାକୁ ପାଇବେ। ଖାସ୍ କଥା ହେଲା ଫିଲ୍ମଟି ଚଳିତବର୍ଷ ନଭେମ୍ବର ୪ରେ ପରଦା ଉପରକୁ ଆସିବ। ଏହି ଚିତ୍ରରେ କାର୍ତ୍ତିକଙ୍କ ସହ ତାଙ୍କର ଯୋଡ଼ି ବେଶ୍ ଜମିବ ବୋଲି ଆଶା ରଖିଛନ୍ତି କ୍ରିତି। ଏ ନେଇ ସେ କହନ୍ତି, 'ଏହି ଫିଲ୍ମରେ ଆମ ଯୋଡ଼ିକୁ ଦର୍ଶକ ପସନ୍ଦ କରିବେ ବୋଲି ମୋର ଦୃଢ଼ ବିଶ୍ୱାସ ରହିଛି। ଅନ୍ୟପକ୍ଷରେ ଏହି ଫିଲ୍ମରେ କାର୍ତ୍ତିକଙ୍କ ନିକଟରୁ ମୁଁ ଆକ୍ଟିଂ ବିଷୟରେ ଅନେକ କିଛି ଶିଖିଛି। ବ୍ୟକ୍ତିଗତ ଜୀବନରେ ସେ ଜଣେ ଭଲ ମଣିଷ। ତାଙ୍କର ପର୍ସନାଲିଟି ମୋତେ ବହୁତ ପ୍ରଭାବିତ କରିଛି। ଏ ନେଇ ତାଙ୍କୁ ଯେତେ ପ୍ରଶଂସା କରିବି ତାହା ସେତେ କମ୍ ହେବ।' ଏବେ ସତେଯେମିତି ଭାଗ୍ୟଦେବୀ କ୍ରିତିଙ୍କ ପ୍ରତି ପ୍ରସନ୍ନ ହୋଇଛନ୍ତି। ନିକଟରେ ସେ ତିନୋଟି ସିନେମା ସାଇନ୍ କରିଛନ୍ତି ଏବଂ ଆଉ କେତୋଟି ଅଫର ମଧ୍ୟ ହାତରେ ରହିଛି। 'ଲୁକ୍କା ଛପି'ରେ ପ୍ରଥମ ଥର ପାଇଁ କାର୍ତ୍ତିକ-କ୍ରିତି ଯୋଡ଼ି ଅଭିନୟ କରିଥିଲେ। ତେବେ 'ଶେହେଦାଦେ' ଫିଲ୍ମ କ୍ରିତିଙ୍କ ପାଇଁ କେତେ ଶୁଭପ୍ରଦ ସାବ୍ୟସ୍ତ ହେଉଛି ତାହା ଦେଖିବାକୁ ବାକି ରହିଲା।


କ୍ରିତି ସାନନ

# ସତ୍ୟ ଯାହା ଚାହୁଁଥିଲେ...


ସତ୍ୟ ଦାସ

ବେଳେବେଳେ ଜଣେ ଯାହା ଭାବୁଥାଏ ତାହା ସହଜରେ ପୂରଣ ହୋଇଯାଇଥାଏ। ଦେଖୁନାହାନ୍ତି, ମ୍ୟୁଜିକ ଆଲବମ ପ୍ରଯୋଜନା କରିବା ସମୟରେ ସେ ଏକ କାହାଣୀଟିଏ ଖୋଜି ପାଇଥିଲେ। ଆଉ ତାହାକୁ ଆଧାର କରି ସିନେମା ନିର୍ମାଣ କରିବାକୁ ମନସ୍ଥ କରିଥିଲେ। ତାହା ନିକଟରେ ସତରେ ପରିଣତ ହୋଇଛି। ହଁ, ସେ ହେଲେ ନବାଗତ ପ୍ରଯୋଜକ ସତ୍ୟ ନାରାୟଣ ଦାସ। ଜଗଦମ୍ବା ପ୍ରଡକ୍ସନ ବ୍ୟାନରରେ ସେ 'ମୁଁ ଦିଲ୍ ତୁ ଧଡକନ୍' ଶୀର୍ଷକ ଓଡିଆ ଫିଲ୍ମ ପ୍ରଯୋଜନା କରିବାକୁ ଯାଉଛନ୍ତି। ଏହାର ପ୍ରାରମ୍ଭିକ କାମ ଏବେ ଆଗେଇ ଚାଲିଛି। ଏ ନେଇ ସତ୍ୟ କହନ୍ତି, 'ଦର୍ଶକାଦୃତ ବେଶ୍ କେତୋଟି ମ୍ୟୁଜିକ ଆଲବମ ତିଆରି କରିବା ପରେ ମୋ ମନକୁ ଏକ କାହାଣୀ ଆସିଥିଲା ଏବଂ ତାହାକୁ ଚଳଚ୍ଚିତ୍ରର ରୂପ ଦେବାକୁ ସ୍ଥିର କରିଥିଲି। ତାହା ଏବେ ପୂରଣ ହୋଇଛି। ଏକ ଭିନ୍ନ ଧରଣର ଲଭ୍ ଷ୍ଟୋରିକୁ ନେଇ ଏହାର କାହାଣୀ ଗତିଶୀଳ ଏବଂ ତାହା ଦର୍ଶକଙ୍କୁ ପ୍ରଭାବିତ କରିବ ବୋଲି ଆଶା ରଖିଛି।' ତେବେ ସତ୍ୟଙ୍କ ଦ୍ୱାରା ପ୍ରଯୋଜିତ ଫିଲ୍ମରେ କି ମସଲା ଅଛି ତାହା ରିଲିଜ ପରେ ହିଁ ଜଣାପଡିବ।

# ମାପି ଚୁପି ଚାଲିବେ ତାରା

ତାରା ସୁତାରିଆ ନିଜ ଆକ୍ଟିଂ କ୍ୟାରିୟରକୁ ନେଇ ବେଶ୍ ସଚେତନ। ଦେଖୁନାହାନ୍ତି, ଗୋଟିଏ ଗୋଟିଏ ଅଫରକୁ ସେ କେମିତି ଭଲ ଭାବରେ ତର୍ଜମା କରିବା ପରେ ହିଁ ଭରୁଛନ୍ତି। ଅବଶ୍ୟ ଏଥିପାଇଁ ଏ କେତୋଟି ଅଫରକୁ ସେ ହାତଛଡା କରିଛନ୍ତି। କିନ୍ତୁ ତାହାକୁ ନେଇ ମନଦୁଃଖ କରୁନାହାନ୍ତି ତାରା। ଏପରି ମାନସିକତା ବିଷୟରେ ସେ କହନ୍ତି, 'ଆକ୍ଟିଂ ଲାଇନ୍ ବେଶ୍ ଖସଡା। ଥରେ ଗୋଡ ଖସିଗଲେ ପୁଣି ଥରେ ଉଠିବା କଷ୍ଟକର ହୋଇଥାଏ। ତେଣୁ ଏଥିପାଇଁ ମାପିଚୁପି ଚାଲିବାକୁ ପଡିବ। ତା' ସହ ବେଶ୍ ସତର୍କ ରହିବା ଜରୁରୀ। ଏକାଥରେ ୫-୬ଟି ସିନେମାରେ ଅଭିନୟ କରିବା ପୁଣି ସେଗୁଡିକ ବକ୍ସ ଅଫିସରେ ଫ୍ଲପ୍ ହେବା-କ୍ୟାରିୟର ପାଇଁ ଆଦୌ ଭଲ ନୁହେଁ ବୋଲି କହିବି। ତେଣୁ ମୁଁ ସ୍ଥିର କରିଛି, ଦେଖିଚାହିଁ ଫିଲ୍ମ ସାଇନ୍ କରିବି। ମୁଁ ଅଭିନୟ କରିଥିବା ନୂଆ ସିନେମା 'ତଡପ୍'ର ରିଲିଜ ହୋଇସାରିଛି। ଏଥିରେ ନବାଗତ ଆହାନ୍ ସେଟ୍ଟି (ସୁନୀଲ ସେଟ୍ଟିଙ୍କ ପୁଅ) ମୋ ଅପୋଜିଟ୍‌ରେ ଅଛନ୍ତି। ତେଲୁଗୁ ବ୍ଲକ୍ ବଷ୍ଟର 'ଆରଏକ୍ସ ୧୦୦'ର ରିମେକ୍ ହେଉଛି 'ତଡପ୍'।

ନୂଆ ସିନେମା

# କିସ୍‌ମିସ୍

ନାୟିକାରୁ ପ୍ରଯୋଜିକା ସାଜିଥିବା ଝିଲିକ୍ ନିକଟରେ ଆଉ ଏକ ନୂଆ ସିନେମାର ଟାଇଟଲ ଘୋଷଣା କରିଛନ୍ତି। କେବଳ ସେତିକି ନୁହେଁ, ଇତିମଧ୍ୟରେ ଏହାର ଶୁଟିଂ ମଧ୍ୟ ଆରମ୍ଭ ହୋଇଯାଇଛି। ଫିଲ୍ମଟିର ଟାଇଟଲ ରହିଛି 'କିସ୍‌ମିସ୍'। 'ରୁଦ୍ରାଣୀ' ପରେ ଏହା ହେଉଛି ଝିଲିକ୍‌ଙ୍କ ଦ୍ୱାରା ପ୍ରଯୋଜିତ ଦ୍ୱିତୀୟ ସିନେମା। ଏହି ଫିଲ୍ମର ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ସୁଶାନ୍ତ ମଣି ଓରଫ ସାନୁ। ଚିତ୍ରର ନାୟକ ସ୍ୱରାଜ ବାରିକ ସାଜିଥିବା ବେଳେ ତାଙ୍କ ସହ ସ୍କ୍ରିନ୍ ଶେୟାର କରୁଛନ୍ତି ଶିବାନୀ ସଙ୍ଗୀତା। ଏମାନଙ୍କ ବ୍ୟତୀତ ପ୍ରୀତିରାଜ, ନିତୁ ସିଂ, ପ୍ରଯୋଜକ ସଞ୍ଜୟ ନାୟକ (ଟୁଟୁ) ଏବଂ ଧରିତ୍ରୀ ଖଣ୍ଡୁଆଳ ପ୍ରମୁଖ କଳାକାର ଅଭିନୟ କରୁଛନ୍ତି। ସଂଯୋଜିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ଆଗଧାଡିର ସଙ୍ଗୀତ ନିର୍ଦ୍ଦେଶକ ଅଭିଜିତ ମଜୁମଦାର। କୋରିଓଗ୍ରାଫି ଦାୟିତ୍ୱ ତୁଲାଉଛନ୍ତି ଲୁବୁନ୍-ଟୁବୁନ୍। ଝିଲିକ୍ ମୋସନ ପିକ୍ଚର୍ସ ବ୍ୟାନରରେ ଏହାର କାର୍ଯ୍ୟକାରୀ ପ୍ରଯୋଜକ ହେଉଛନ୍ତି ଅରୁଣ ସ୍ୱାଇଁ ଏବଂ ଋତୁରାଜ ଖଟୁଆ। ଚିତ୍ରର କ୍ରିଏଟିଭ ହେଡ୍ ଅଛନ୍ତି ପ୍ରଣୟ ଜେଠୀ।

ରିଲିଜ ଅପେକ୍ଷାରେ

# ଭାବେ ସିନା କହି ପାରେନା

ଓଡ଼ିଆ ଚଳଚ୍ଚିତ୍ର 'ଭାବେ ସିନା କହି ପାରେନା' ମୁକ୍ତିଲାଭ ଅପେକ୍ଷାରେ ରହିଛି। ଏକ ଭିନ୍ନ ଧରଣର ଟିନ୍ ଏଜ ପ୍ରେମ କାହାଣୀକୁ ନେଇ ଏହାକୁ ପ୍ରସ୍ତୁତ କରାଯାଇଛି। ଫିଲ୍ମଟିର ପ୍ରଯୋଜନା କରିଛନ୍ତି ପ୍ରଙ୍କଜ କୁମାର ରାଉତ। ଖାସ୍ କଥା ହେଲା ଏହି ଫିଲ୍ମରୁ ନିଜର ନିର୍ଦ୍ଦେଶନା କ୍ୟାରିୟର ଆରମ୍ଭ କରୁଛନ୍ତି ଅନ୍ୟତମ ଲୋକପ୍ରିୟ ଖଳନାୟକ ଅସୀତ ପତି। ବଡ଼ ପରଦାରେ ଏପରି ଭୂମିକାରେ ଦର୍ଶକଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିବା ଅସୀତ ନିର୍ଦ୍ଦେଶନା ପରି ଗୁରୁ ଦାୟିତ୍ୱ ଠିକ୍ ଭାବରେ ତୁଲାଇଥିବା କହନ୍ତି। ଚିତ୍ରର ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି ଅଭିଷେକ ରଥ ଏବଂ ତାଙ୍କର ନାୟିକା ସାଜିଛନ୍ତି ନବାଗତା ଅର୍ଚ୍ଚିତା। ଏମାନଙ୍କ ବ୍ୟତୀତ ଦୁଷ୍ମନ୍ତ ପଣ୍ଡା, ପ୍ରଦ୍ୟୁମ୍ନ ଲେଙ୍କା, ଅସୀତ ପତି, ମନୀଷା ରଥ ପ୍ରମୁଖ କଳାକାର ଏଥିରେ ଅଭିନୟ କରିଛନ୍ତି।


ଶୀବାନୀ-ସ୍ୱରାଜ


ଅଭିଷେକ-ଅର୍ଚ୍ଚିତା

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୮ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଗୁରୁବାର, ମାର୍ଚ୍ଚ ୩/୨୦୨୨ Sambalpur, Thursday, March 3/ 2022



ଚାଷୀମାନେ ସୋହେଲା ଥାନା ଛକଠାରେ ରାୟପୁର-ସମ୍ବଲପୁର ଜାତୀୟ ରାଜପଥ ଅବରୋଧ କରିଛନ୍ତି।

# ଆବଶ୍ୟକ ବେଳେ ସାର ଅଭାବ

**ଚାଷୀଙ୍କ ରାଜପଥ ଅବରୋଧ**

**ସୋହେଲା,୨।୩(ଡି.ଏନ.ଏ.)**

ବରଗଡ଼ ଜିଲା ସୋହେଲା ଅଞ୍ଚଳରେ ସାରର ଅଭାବ ପରିଲକ୍ଷିତ ହୋଇଛି। ଅନ୍ୟପକ୍ଷରେ ସାର ବିକ୍ରିରେ କଳାବଜାର ହେଉଥିବା ଅଭିଯୋଗ ହୋଇଥିଲା। ଏହାର ପ୍ରତିବାଦରେ ବୁଧବାର ପୂର୍ବାହ୍ନ ୧୧ଟାରୁ ଚାଷୀମାନେ ସୋହେଲା ଥାନା ଛକଠାରେ ରାୟପୁର-ସମ୍ବଲପୁର ଜାତୀୟ ରାଜପଥ ଅବରୋଧ କରି ବିରୋଧ ପ୍ରଦର୍ଶନ କରିଥିଲେ। ଏଥିଯୋଗୁ ରାସ୍ତାର ଉଭୟ ପାର୍ଶ୍ୱରେ ଶହଶହ ଗାଡିମୋଟର ଅଟକି ରହିଥିଲା। ଜିଲା କୃଷି ଅଧିକାରୀ ଅମିୟ ସାହୁ ଏବଂ ସହକାରୀ କୃଷି ଅଧିକାରୀ ମାନିଆ ମିର୍ଦ୍ଧା ଘଟଣାସ୍ଥଳରେ ପହଞ୍ଚି ଚାଷୀଙ୍କ ସହିତ ଆଲୋଚନା କରିଥିଲେ। ଯଥେଷ୍ଟ ୟୁରିଆ ଓ ଅନ୍ୟାନ୍ୟ ସାର ଯୋଗାଇଦେବା, ଅଧିକୃତ ବିକ୍ରେତାମାନେ ନିର୍ଦ୍ଧାରିତ ଦାମରେ ବିକିବା, ଦୋକାନ ସାମ୍ନାରେ ଦର ତାଲିକା ଲଗାଇବା, ଚାଷୀଙ୍କୁ ସାର ସମତୁଲ ବଣ୍ଟନ କରିବା ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ହଟିଥିଲା।

# ଆଜିଠୁ ଖୋଲିବ ଘଟଗାଁ ତାରିଣୀ ମନ୍ଦିର

କେନ୍ଦୁଝର/ଘଟଗାଁ,୨।୩(ସ୍ୱ.ପ୍ର.): କୋଭିଡ୍ କଟକଣା କୋହଳ ହେବା ପରେ ଗୁରୁବାର ଠାରୁ କେନ୍ଦୁଝର ଜିଲା ଘଟଗାଁ ତାରିଣୀ ପୀଠ ଭକ୍ତଙ୍କ ପ୍ରବେଶ ଓ ଦର୍ଶନ ଲାଗି ଖୋଲିବ। ଜିଲାପାଳଙ୍କ ଆଦେଶ କ୍ରମେ ମା' ତାରିଣୀ ମନ୍ଦିର ଟ୍ରଷ୍ଟ ପକ୍ଷରୁ ଏକ ସ୍ୱତନ୍ତ୍ର ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଏଥିପାଇଁ ସ୍ୱତନ୍ତ୍ର ଗାଇଡ୍‌ଲାଇନ ପ୍ରସ୍ତୁତ କରାଯାଇଥିବା ଟ୍ରଷ୍ଟ ବୋର୍ଡ ସଭାପତି ରାଜେନ୍ଦ୍ର ପଟ୍ଟନାୟକ ସୂଚନା ଦେଇଛନ୍ତି। ପ୍ରବେଶ ପାଇଁ ମାସ୍କ ଜରୁରୀ। ଦର୍ଶନ ଓ ଭୋଗ ଲଗାଇବା ପାଇଁ ଧାଡ଼ି ଅଲଗା ରହିବ। ଗାଡ଼ି ପୂଜା ଗେଟ ନଂ.୫ରେ ହେବ। ମନ୍ଦିର ପରିସରରେ ଭୋଗ, ପୂଜା ସାମଗ୍ରୀ ବିକ୍ରି ପରବର୍ତ୍ତୀ ନିର୍ଦ୍ଦେଶନାମା ପ୍ରାପ୍ତି ପରେ କାର୍ଯ୍ୟକାରୀ ହେବ। ଏପ୍ରିଲରୁ ସେପ୍ଟେମ୍ବର ପର୍ଯ୍ୟନ୍ତ ମନ୍ଦିର ସକାଳ ୬ଟାରୁ ୧ଟା ଓ ଅପରାହ୍ନ ୩ଟା୩୦ରୁ ୮ଟା ଏବଂ ଅକ୍ଟୋବରରୁ ମାର୍ଚ୍ଚ ସକାଳ ୬ଟା୩୦ରୁ ୧ଟା ଓ ଅପରାହ୍ନ ୩ଟାରୁ ୮ଟା ପର୍ଯ୍ୟନ୍ତ ଖୋଲିବ ବୋଲି ନିଷ୍ପତ୍ତି ହୋଇଛି। ଅନ୍ୟମାନଙ୍କ ମଧ୍ୟରେ ଟ୍ରଷ୍ଟ ବୋର୍ଡର ନିର୍ବାହୀ ଅଧିକାରୀ ସଞ୍ଜୀବ ମହାପାତ୍ର, ସଦସ୍ୟ ଆନନ୍ଦ ସିଂ, ନିର୍ମଳ ମହାନ୍ତିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ୟୁକ୍ରେନ୍‌ରେ ଫସିଛନ୍ତି କେନ୍ଦୁଝରର ଶୁଭଲକ୍ଷ୍ମୀ

- ଫୋନ ଯୋଗେ ହୋଇପାରୁନି ଯୋଗାଯୋଗ
- ମେସେଜ୍‌ରେ ସ୍ଥିତି ଜଣାଉଛନ୍ତି

**ଆନନ୍ଦପୁର,୨।୩(ସ୍ୱ.ପ୍ର.)**



ଶୁଭଲକ୍ଷ୍ମୀ ବରାଳ

କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ରାମଚନ୍ଦ୍ରପୁର ଥାନା ଅଧୀନ ଅଳତୀ ଗ୍ରାମର ଡାକ୍ତରୀ ଛାତ୍ରୀ ୟୁକ୍ରେନରେ ଫସି ରହିଛନ୍ତି। ୨୦୧୬ମସିହା ଠାରୁ ଅଳତୀ ଗ୍ରାମର ଶିକ୍ଷକ ସୁବାସ ଚନ୍ଦ୍ର ବରାଳଙ୍କ ଝିଅ ଶୁଭଲକ୍ଷ୍ମୀ ୟୁକ୍ରେନ୍‌ର ଖର୍କିଭ୍ ସ୍ଥିତ କେଏନ୍‌ଏମ୍‌ୟୁ ସରକାରୀ ମେଡିକାଲ କଲେଜର ପାଠ ପଢୁଛନ୍ତି। ୟୁକ୍ରେନ ଉପରେ ରୁଷିଆର ଘନ ଘନ ଆକ୍ରମଣର ବିଭୀଷିକା ଏବେ ତାଙ୍କ ପରିବାରବର୍ଗଙ୍କୁ ଭୟଭୀତ କରିପକାଇଛି। ରୁଷିଆ ଆକ୍ରମଣର ପ୍ରଥମ ଦିନରେ ସେ ରହୁଥିବା ମେଡିକାଲ କଲେଜ ହଷ୍ଟେଲର ୨୦୦ ମିଟର ଦୂରରେ ହୋଇଥିବା ବୋମାମାଡ଼ ସମ୍ପର୍କରେ ସେ ପରିବାରବର୍ଗଙ୍କ ସହିତ କଥା ହୋଇଥିଲେ। ସରକାରୀ ନିର୍ଦ୍ଦେଶ ମୁତାବକ ଘରୁ ବାହାରକୁ ନ ବାହାରିବା ପାଇଁ କୁହାଯାଉଥିବା ଏବଂ ଖାଦ୍ୟ ସାମଗ୍ରୀ ଯୋଗାଇ ଦିଆଯାଉଥିବା କହିଥିଲେ। ଆକ୍ରମଣ ପୂର୍ବରୁ ଏବଂ ପରେ ଅନେକ ଭାରତୀୟ ଛାତ୍ରୀଛାତ୍ର ପଳାଇ ଆସିଛନ୍ତି। ହେଲେ ତାଙ୍କର ଡାକ୍ତରୀ ପାଠ ପଢ଼ିବାର ଶେଷ ବର୍ଷ ହୋଇଥିବାରୁ ଅଫଲାଇନ୍ ପରୀକ୍ଷା ବାଧ୍ୟତାମୂଳକ ବୋଲି କଲେଜ ପକ୍ଷରୁ ସୂଚନା ପାଇ ଆଉ ଫେରିପାରି ନ ଥିଲେ। ଇତିମଧ୍ୟରେ ଭାରତୀୟମାନଙ୍କୁ ସ୍ଥାନାନ୍ତରର ବ୍ୟବସ୍ଥା କରାଯାଇଥିଲେ ସୁଦ୍ଧା ଶୁଭଲକ୍ଷ୍ମୀ ଫେରିପାରିନାହାନ୍ତି। ମଙ୍ଗଳବାର ଶୁଭଲକ୍ଷ୍ମୀ ଫୋନ ଯୋଗେ ପରିବାରବର୍ଗଙ୍କ ସହିତ କଥା ହୋଇଥିଲେ। ବୁଧବାର ତାଙ୍କ ସହ କୌଣସି ଯୋଗାଯୋଗ ହୋଇପାରି ନ ଥିବାବେଳେ ମେସେଜ ଜରିଆରେ ସେ ସ୍ଥିତି ଜଣାଇଛନ୍ତି। ଟ୍ରେନ୍ ଯୋଗେ ବର୍ଡର ଅଞ୍ଚଳକୁ ବହୁ ଭାରତୀୟଙ୍କ ସହିତ ଆସୁଥିବା ସେ କହିଥିଲେ। ନିକଟସ୍ଥ ଏକ ଦେଶକୁ ସ୍ଥାନାନ୍ତର ହୋଇଥିବା କଥା ସେ ସୂଚନା ଦେଇଛନ୍ତି। ବୁଧବାର ତାଙ୍କ ସହିତ ଅନ୍ୟ କୌଣସି ଯୋଗାଯୋଗ ହୋଇପାରି ନ ଥିବାରୁ ବାପା ସୁବାସ ବ୍ୟସ୍ତ ହୋଇପଡ଼ିଛନ୍ତି। ତୁରନ୍ତ ତାଙ୍କ ଝିଅକୁ ଫେରାଇ ଆଣିବାକୁ ସେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିକଟରେ ନିବେଦନ କରିଛନ୍ତି।

# ଫସିଥିବା ଓଡ଼ିଆଙ୍କ ପାଇଁ ହେଲ୍ପଲାଇନ ନମ୍ବର ଜାରି କଲା ଭାଜପା

**ଭୁବନେଶ୍ୱର, ୨।୩(ବ୍ୟୁରୋ)**

ରୁଷିଆ ୟୁକ୍ରେନ୍ ଉପରେ ଆକ୍ରମଣ ଜାରି ରଖିଛି। ଏହି କାରଣରୁ ବହୁ ସଂଖ୍ୟାରେ ଓଡ଼ିଆଙ୍କ ସମେତ ଭାରତୀୟ ଛାତ୍ରୀଛାତ୍ର ୟୁକ୍ରେନ୍‌ର ବିଭିନ୍ନ ସହରରେ ଫସି ରହିଛନ୍ତି । ଆକ୍ରମଣ ଯୋଗୁ ଭୟଭୀତ ହୋଇ ଭାରତୀୟମାନେ ବର୍ତ୍ତମାନ ସୀମା ପାରହୋଇ ରୋମାନିଆ, ହଙ୍ଗେରି ଭଳି ଦେଶର ସୀମାବର୍ତ୍ତୀ ଅଞ୍ଚଳରେ ଲୁଚି ରହିଛନ୍ତି। ୟୁକ୍ରେନ୍‌ଠାରେ ଫସି ରହିଥିବା ଭାରତୀୟଙ୍କ ସୁରକ୍ଷା ଏବଂ ସେମାନଙ୍କୁ ସୁରକ୍ଷିତ ଭାବେ ଦେଶକୁ ଫେରାଇ ଆଣିବା ପାଇଁ ମୋଦି ସରକାର ସମସ୍ତ ପ୍ରକାର ପ୍ରଚେଷ୍ଟା ଜାରି ରଖିଛନ୍ତି। ଏହାସହ ପ୍ରବାସୀ ଓଡ଼ିଆ ଛାତ୍ରୀଛାତ୍ର ଏବଂ ତାଙ୍କ ପରିବାରକୁ ସହାୟତା ଯୋଗାଇଦେବା ପାଇଁ ରାଜ୍ୟ କାର୍ଯ୍ୟାଳୟରେ ଗୋଟିଏ ହେଲ୍ପଡେସ୍କ ଖୋଲାଯାଇଛି । ଫସିରହିଥିବା ଛାତ୍ରୀଛାତ୍ର ଏବଂ ତାଙ୍କ ପରିବାର ସଦସ୍ୟମାନେ ସହାୟତା ପାଇଁ (+୯୧)୬୭୪-୨୩୯୩୯୫୫କୁ ଡାଏଲ କରି ଏବଂ ହ୍ୱାଟ୍ସଆପ୍ ନମ୍ବର +୯୧-୬୩୭୦୯୫୪୨୦୩ ନମ୍ବରରେ ଦାୟିତ୍ୱରେ ଥିବା ରଶ୍ମିରଞ୍ଜନ କାନୁନ୍‌ଗୋ ଏବଂ ଲକ୍ଷ୍ମୀକାନ୍ତ ମିଶ୍ରଙ୍କ ସହିତ ଯୋଗାଯୋଗ କରିବାକୁ ରାଜ୍ୟ ସଭାପତି ସମୀର ମହାନ୍ତି ଅନୁରୋଧ କରିଛନ୍ତି । ସେହିପରି ୟୁକ୍ରେନ୍ ଏବଂ ପଡ଼ୋଶୀ ରାଷ୍ଟ୍ରରେ ଫସି ରହିଥିବା ରାଜ୍ୟର ବିଭିନ୍ନ ଜିଲାର ଶତାଧିକ ଛାତ୍ରୀଛାତ୍ରଙ୍କ ପାଇଁ ଚିନ୍ତା ପ୍ରକଟ କରିବା ସହିତ ସେମାନଙ୍କୁ ଓଡ଼ିଶାକୁ ସୁରକ୍ଷିତ ଭାବେ ଫେରାଇ ଆଣିବା ପାଇଁ ସମୀର ଓଡ଼ିଶା ଦାୟିତ୍ୱରେ ଥିବା ଭାଜପା ରାଷ୍ଟ୍ରୀୟ ସମ୍ପାଦକ ବିନୋଦ ତାବଡେଙ୍କ ସମେତ ଅନ୍ୟାନ୍ୟ ରାଷ୍ଟ୍ରୀୟ ନେତୃବୃନ୍ଦଙ୍କ ସହ ଆଲୋଚନା କରିଛନ୍ତି ।

# ଭାରତୀୟ ଛାତ୍ରଙ୍କୁ ତୁରନ୍ତ ଉଦ୍ଧାର ଦାବିରେ ବିକ୍ଷୋଭ




କଂଗ୍ରେସ ଭବନ ସମ୍ମୁଖରେ ଛାତ୍ର କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

**ଭୁବନେଶ୍ୱର,୨।୩(ବ୍ୟୁରୋ)**

ଯୁଦ୍ଧ ପ୍ରପୀଡିତ ୟୁକ୍ରେନରେ ଫସିରହିଥିବା ଭାରତୀୟ ଛାତ୍ରୀଛାତ୍ରଙ୍କୁ ତୁରନ୍ତ ସ୍ୱଦେଶ ଫେରାଇ ଆଣିବାକୁ ଛାତ୍ର କଂଗ୍ରେସ ପକ୍ଷରୁ ଦାବି କରାଯାଇଛି। ଏନେଇ ବୁଧବାର ମଧ୍ୟାହ୍ନରେ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜଙ୍କ ନେତୃତ୍ୱରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ବହୁ ଛାତ୍ର ଓ କଂଗ୍ରେସ କର୍ମୀ ଶୋଭାଯାତ୍ରାରେ କଂଗ୍ରେସ ଭବନରୁ ବାହାରି ମାଷ୍ଟରକ୍ୟାଣ୍ଟିନ ଛକ, କନ୍‌ଭେଣ୍ଟ ଛକ ଦେଇ ପୁଣି ମାଷ୍ଟରକ୍ୟାଣ୍ଟିନ ଛକକୁ ଫେରିଥିଲେ। ୟୁକ୍ରେନରେ ଥିବା ଭାରତୀୟ ଛାତ୍ରୀଛାତ୍ରଙ୍କ ଉପରେ ଅତ୍ୟାଚାର କରାଯାଉଥିବାରୁ ପ୍ରତିବାଦରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। କାର୍ଯ୍ୟକ୍ରମରେ ରଞ୍ଜିତ ପାତ୍ର, ବିଭୁ ପ୍ରସାଦ ଜେନା, କାର୍ତ୍ତିକେଶ୍ୱର କାଣ୍ଡି, ଅଜିତ ବାରିକ, ରଞ୍ଜିତ ସେନାପତି, ସାଗର ପଟ୍ଟନାୟକ, ଅବିନାଶ ନନ୍ଦ, ଆରିୟନ ସାସମଲ, ଶାହାରୁଖ ଖାନ, ଅଖିଳେଶ ଯାଦବ, ସୂର୍ଯ୍ୟକାନ୍ତ ସାହୁ, ସ୍ୱୟଂଭୁ, ଦେବୀ ପ୍ରସାଦ ଦାସ, ସରୋଜ ସିଂ ପ୍ରମୁଖ ଯୋଗଦେଇଥିଲେ। ଏହି ପ୍ରସଙ୍ଗରେ ନୱାଜ କହିଛନ୍ତି, ୟୁକ୍ରେନରୁ ବହୁପୂର୍ବରୁ ସମସ୍ତ ଦେଶ ସେମାନଙ୍କର ଛାତ୍ରୀଛାତ୍ରଙ୍କୁ ଫେରାଇ ଆଣିଛନ୍ତି। କିନ୍ତୁ କେନ୍ଦ୍ର ସରକାରଙ୍କ ପାଇଁ ଭାରତୀୟ ଛାତ୍ର ରୁଷ-ୟୁକ୍ରେନ୍ ଯୁଦ୍ଧର ଭୟାନକ ପରିସ୍ଥିତିର ସାମ୍ନା କରୁଛନ୍ତି। ମୋଦି କାହିଁକି ନିଜ ଛାତ୍ରୀଛାତ୍ରଙ୍କୁ ଆଗୁଆ ଉଦ୍ଧାର କଲେନି? ଯୁଦ୍ଧ ପରିସ୍ଥିତି ଆସିଲେ ପ୍ରଧାନମନ୍ତ୍ରୀ ମୋଦି କିପରି ଅକର୍ମା ହୋଇପଡ଼ିଛନ୍ତି, ତାହାର ପ୍ରମାଣ ମିଳୁଛି ବୋଲି ନୱାଜ କହିଛନ୍ତି।

# ୟୁକ୍ରେନ୍‌ରେ ବାଲିଆପାଳର ବିବେକାନନ୍ଦ



ବିବେକାନନ୍ଦ ପାତ୍ର

- ଉଦ୍ଧାର ପାଇଁ ପରିବାର ଲୋକଙ୍କ ନିବେଦନ

**ଲଙ୍ଗଳେଶ୍ୱର,୨।୩(ଡି.ଏନ.ଏ.):** ମେଡିକାଲ ପଢିବାକୁ ଯାଇ ୟୁକ୍ରେନରେ ଫଶି ରହିଥିବା ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଶ୍ରୀରାମପୁର ଗ୍ରାମର ଭୁବନମୋହନ ପାତ୍ରଙ୍କ ପୁଅ ବିବେକାନନ୍ଦ ଏବେ ଭୋକ ଉପାସରେ କାଳ କାଟୁଛନ୍ତି। ସେ ରହୁଥିବା ଆପାର୍ଟମେଣ୍ଟ ନିକଟରେ ବୋମା ବିସ୍ଫୋରଣ ହେଉଥିବାରୁ ଭୟଭୀତ ଅବସ୍ଥାରେ ରହିଛନ୍ତି। ଗତ ଦୁଇଦିନ ପୂର୍ବରୁ ସେ ଘର ଲୋକଙ୍କ ସହ କଥା ହୋଇଥିଲେ। ତାଙ୍କ ପାଖରେ କିଛି ଖାଦ୍ୟ ନ ଥିବାରୁ ଭୋକ ଉପାସରେ ରହୁଛନ୍ତି ବୋଲି କହିଥିଲେ। ପୁଅର ଏଭଳି ଅବସ୍ଥା ଶୁଣି ମା'ବାପା ମଧ ନ ଖାଇ ନ ପିଇ ଫେରିବା ବାଟକୁ ଅପେକ୍ଷା କରି ରହିଛନ୍ତି। ପୁଅକୁ ସୁରକ୍ଷିତ ଘରକୁ ଫେରାଇ ଆଣିବା ପାଇଁ ମା'ବାପା ଗାଁ ଠାକୁରାଣୀଙ୍କ ନିକଟରେ ଦୀପ ଜାଳି ପ୍ରାର୍ଥନା କରୁଥିବା ବେଳେ କେନ୍ଦ୍ର ସରକାରଙ୍କଠାରେ ନିବେଦନ କରିଛନ୍ତି। ବିବେକାନନ୍ଦ ମେଡିକାଲ ପଢ଼ିବା ପାଇଁ ୨୦୧୯ରେ ୟୁକ୍ରେନ୍‌ର ଖର୍କିଭ୍ ସହରକୁ ଯାଇଥିଲେ। ସେ ଏବେ ତୃତୀୟ ବର୍ଷର ଏମ୍‌ବିବିଏସ୍ ଛାତ୍ର। ତେବେ ୟୁକ୍ରେନ ଉପରେ ରୁଷିଆର ଆକ୍ରମଣ ଯୋଗୁ ଏଭଳି ଭୟାବହ ପରିସ୍ଥିତି ସୃଷ୍ଟି ହୋଇଛି।

# ହଙ୍ଗେରୀରେ ପହଞ୍ଚିଲେ ଡାକ୍ତରୀ ଛାତ୍ର ସିଦ୍ଧାର୍ଥ

**ବୌଦ୍ଧ,୨।୩( ସ୍ୱ.ପ୍ର.)**



ସିଦ୍ଧାର୍ଥ ରାହୁଲ ମହାପାତ୍ର

ଗତ କିଛିଦିନ ହେଲା ୟୁକ୍ରେନ୍ ଉପରେ ରୁଷିଆ ପକ୍ଷରୁ ଘନ ଘନ ଆକ୍ରମଣ ଜାରି ରହିଥିବା ବେଳେ ବିଶ୍ୱବାସୀ ଏହାକୁ ନେଇ ଚିନ୍ତିତ ଅଛନ୍ତି । ଯୁଦ୍ଧର ଘନଘଟା ଯୋଗୁ ୟୁକ୍ରେନ୍‌ରେ ପାଠ ପଢୁଥିବା ଭାରତର ହଜାର ହଜାର ମେଡିକାଲ ଛାତ୍ର ବର୍ତ୍ତମାନ ସେଠାରେ ଫସି ରହି ସ୍ୱଦେଶକୁ ଫେରି ଆସିବା ପାଇଁ ଅନାଇ ବସି ରହିଛନ୍ତି । ଏହି ଛାତ୍ରଙ୍କ ମଧ୍ୟରେ ବୌଦ୍ଧ ସହରର ରାମେଶ୍ୱର ବିହାରରେ ରହୁଥିବା ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ମହାପାତ୍ର ଓ ଅଧାପିକା ଗୀତାରାଣୀ ମହାପାତ୍ରଙ୍କ ଏକମାତ୍ର ପୁତ୍ର ସିଦ୍ଧାର୍ଥ ରାହୁଲ ମହାପାତ୍ର ଅଛନ୍ତି। ସିଦ୍ଧାର୍ଥ ୟୁକ୍ରେନ୍‌ର କିଭ୍ ମେଡିକାଲ ୟୁନିଭର୍‌ସିଟିର ୫ମ ବର୍ଷର ଛାତ୍ର । ସେ କିଭ୍ ହରଲିସ୍କା ୧୨୪ରେ ଫସି ରହିଥିଲେ । ସିଦ୍ଧାର୍ଥଙ୍କ ଭିଜା ଅବଧି ସରିଯାଉଥିବାରୁ ଡାକ୍ତରୀ ପାଠ ଅଧାରେ ରହିଯିବା ଭୟରେ ସେ ଗତ ଫେବୃୟାରୀ ୧୨ରେ ୟୁକ୍ରେନ୍ ଯାଇଥିଲେ। କିନ୍ତୁ ହଠାତ୍ ଯୁଦ୍ଧ ପରିସ୍ଥିତି ହୋଇଯିବାରୁ ସେ ଆଉ ଫେରି ପାରି ନ ଥିଲେ। ଏପଟେ ଯୁଦ୍ଧ ଜୋରସୋରରେ ଚାଲିଥିବା ବେଳେ ନାନା ଆଶଙ୍କା ମଧ୍ୟରେ ତାଙ୍କର ମାତା ପିତା ଦିନ କାଟୁଛନ୍ତି । ପରିବାର ସୂତ୍ରରୁ ମିଳିଥିବା ସୂଚନା ମୁତାବକ, ଫସି ରହିଥିବା ଛାତ୍ରଙ୍କୁ ଆଣିବା ପାଇଁ ଭାରତ ସରକାର ସବୁ ବ୍ୟବସ୍ଥା ଆରମ୍ଭ କରିଛନ୍ତି। ଇତିମଧ୍ୟରେ ସିଦ୍ଧାର୍ଥ ସୁରକ୍ଷିତ ଭାବରେ ହଙ୍ଗେରୀର ରାଜଧାନୀ ବୁଦାପେଷ୍ଟରେ ପହଞ୍ଚିଥିବା ଜଣାଯାଇଛି। ସିଦ୍ଧାର୍ଥ ଅନ୍ୟ କେତେଜଣ ବନ୍ଧୁଙ୍କ ସହ ଭୋକ ଉପାସରେ ପ୍ରାୟ ୧୫ କିଲୋମିଟର ଚାଲି ଚାଲି ଆସିବା ପରେ ତିନୋଟି ଟ୍ରେନ ବଦଳାଇ ଯାତ୍ରା କରିଥିଲେ । ଏହାପରେ ୟୁକ୍ରେନ୍ ସୀମାରୁ ବସ୍ ଯୋଗେ ଆସି ବୁଦାପେଷ୍ଟରେ ପହଞ୍ଚିଛନ୍ତି। ସେଠାରେ ପହଞ୍ଚିବା ପରେ ଭାରତୀୟ ଦୂତାବାସ ପକ୍ଷରୁ ତାଙ୍କର ହୋଟେଲରେ ରହିବା ଓ ଖାଇବା ବ୍ୟବସ୍ଥା କରାଯାଇଥିବା ଜଣାପଡ଼ିଛି। ସେଠାରୁ ଖୁବ୍‌ଶୀଘ୍ର ସେ ଭାରତ ଫେରିବେ ବୋଲି ପରିବାର ଲୋକଙ୍କ ନିକଟରୁ ସୂଚନା ମିଳିଛି।

# ପୂର୍ବତନ ବିଧାୟକ ମୁକୁନ୍ଦ ସୋଡ଼ି ଅସୁସ୍ଥ

**ମାଲକାନଗିରି,୨।୩ (ଡି.ଏନ.ଏ.)**



ମୁକୁନ୍ଦ ସୋଡ଼ି

ମାଲକାନଗିରି ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ତଥା ବରିଷ୍ଠ ବିଜେଡି ନେତା ମୁକୁନ୍ଦ ସୋଡ଼ି ଅସୁସ୍ଥ ହୋଇପଡିଛନ୍ତି। ଗତ ୨୩ ତାରିଖରୁ ସେ ଉଚ୍ଚ ରକ୍ତଚାପ ରୋଗରେ ପୀଡିତ ହୋଇ ଗୁରୁତର ଅବସ୍ଥାରେ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ତାଙ୍କର ଚିକିତ୍ସା ଜାରି ରହିଛି। ବୁଧବାର ମାଲକାନଗିରି ଜିଲା ବିଜୁ ଜନତା ଦଳ ସଭାପତି ତଥା ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା, ମାଲକାନଗିରିର ପୂର୍ବତନ ବିଧାୟକ ମାନସ ମାଡକାମି, ଜିଲା କାର୍ଯ୍ୟକାରୀ ସଭାପତି ଦୁର୍ଗା ପ୍ରସାଦ ତ୍ରିପାଠୀ, ବରିଷ୍ଠ ଉପଦେଷ୍ଟା ରାଜେନ୍ଦ୍ର ପଣ୍ଡା, ଗୋପାଳ କୃଷ୍ଣ ପଣ୍ଡା, ବିଜୁ ଛାତ୍ର ଜନତା ଦଳ ସଭାପତି ତାପସ ରଞ୍ଜନ ନାୟକ, ଯୁବ ଜନତା ଦଳ ଆଇଟି ସଂଯୋଜକ ମନୋଜ ପଟ୍ଟନାୟକଙ୍କ ସମେତ ଅନେକ ଦଳୀୟ କର୍ମୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ସୋଡିଙ୍କୁ ଭେଟି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ। ଏଥିସହ ତାଙ୍କୁ ଚିକିତ୍ସା କରୁଥିବା ଡାକ୍ତର ଏବଂ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ।

# ତେଲେଙ୍ଗା କଟୁରି ଦେଖାଇ ଲୁଟିନେଲେ ୩ଲକ୍ଷ

**ବାଲେଶ୍ୱର ଅଫିସ, ୨।୩**

ବାଲେଶ୍ୱର ସହଦେବଖୁଣ୍ଟା ଥାନା ଅଧୀନ ଦହପଡ଼ା ନିକଟସ୍ଥ ନଦୀବାଙ୍କରେ ଜଣେ ବ୍ୟବସାୟୀଙ୍କୁ ତେଲେଙ୍ଗା କଟୁରୀ ଦେଖାଇ ୩ଜଣ ଦୁର୍ବୃତ୍ତ ୩ଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ବୁଧବାର ମଧ୍ୟାହ୍ନରେ ଏହି ଘଟଣା ଘଟିଛି। ଏନେଇ ସହଦେବଖୁଣ୍ଟା ଥାନାରେ ଲିଖିତ ଅଭିଯୋଗ ହୋଇଛି। ଫୁଲାଡି ଗ୍ରାମର ଗଙ୍ଗାଧର ବେହେରା ପୁଅ ବାହାଘର ପାଇଁ ଷ୍ଟେଟ୍‌ବ୍ୟାଙ୍କ ବାଲେଶ୍ୱର ମୁଖ୍ୟ ଶାଖାରୁ ୩ଲକ୍ଷ ଟଙ୍କା ଉଠାଇଥିଲେ। ଟଙ୍କାକୁ ନିଜ ସ୍କୁଟି ଡିକିରେ ରଖି ଘରକୁ ଯାଉଥିଲେ। ନଦୀବାଙ୍କ ନିକଟରେ ପଛରୁ ୩ଜଣ ଯୁବକ ମୁହଁାଙ୍କି ଏକ କଳା ପଲସରରେ ତାଙ୍କ ନିକଟରେ ପହଞ୍ଚି ଅଟକିବା ପାଇଁ କହିଥିଲେ। ସେ ନ ଅଟକିବାରୁ ତାଙ୍କ ଗାଡ଼ିକୁ ଗୋଇଠା ମାରି ତାଙ୍କୁ ପକାଇ ଦେଇଥିଲେ। ସଙ୍ଗେ ସଙ୍ଗେ ଗଙ୍ଗାଧର ନିଜ ସ୍କୁଟି ଚାବିକୁ ଗାଡିରୁ ଖୋଲି ନେଇଥିଲେ। ଦୁର୍ବୃତ୍ତମାନେ ତାଙ୍କୁ ତେଲେଙ୍ଗା କଟୁରୀ ଦେଖାଇ ଚାବି ମାଗିଥିଲେ। ସେ ନ ଦେବାରୁ ତାଙ୍କୁ ମାଡ଼ ମାରି ଚାବି ଛଡ଼ାଇ ନେଇ ଡିକି ଖୋଲି ୩ଲକ୍ଷ ଟଙ୍କା ଲୁଟି ନେଇଥିଲେ। ରାସ୍ତାର ଦୁଇ ପାର୍ଶ୍ୱରେ କିଛି ଲୋକ ଏହାକୁ ଛିଡ଼ା ହୋଇ ଦେଖିଥିଲେ ମଧ କୌଣସି ପ୍ରତିବାଦ ନ କରିବାରୁ ଦୁର୍ବୃତ୍ତମାନେ ଘଟଣାସ୍ଥଳରୁ ପଳାଇ ଯାଇଥିଲେ। ଏନେଇ ସହଦେବଖୁଣ୍ଟା ଥାନାରେ ମାମଲା (ନଂ. ୬୩/୨୨) ରୁଜୁ କରାଯାଇଛି।

# ପୋଲିସ ଗୁଳିରେ ମାଓବାଦୀ ନିହତ



ଜବତ ସାମଗ୍ରୀ

**ମାଲକାନଗିରି,୨।୩ (ଡି.ଏନ୍.ଏ.)**

ଛତିଶଗଡ଼ ଦାନ୍ତେୱାଡା ଜିଲା କଟକଲ୍ୟାଣ ଥାନା ଅନ୍ତର୍ଗତ ତୁମକାପାଲଠାରେ ପୋଲିସ ଗୁଳିରେ ବୁଧବାର ଜଣେ ମାଓବାଦୀ ନିହତ ହୋଇଛନ୍ତି। ତାଙ୍କ ନାମ ଲକ୍ଷ୍ମା କବାସୀ। ସେ ଡିଭିଜନ ପ୍ଲାଟୁନ୍ କମାଣ୍ଡର-୩୧ର ଜଣେ ସଦସ୍ୟ ବୋଲି ଜଣାପଡିଛି। ତାଙ୍କ ଘର ଦର୍ନାପାଲରେ। ଘଟଣା ସ୍ଥଳରୁ ପୋଲିସ ବନ୍ଧୁକ, ଟିଫିନ ବୋମା, ବିସ୍ଫୋରକ ସହ ବହୁ ସାମଗ୍ରୀ ଜବତ କରିଛି। କୋମ୍ବିଂ ସମୟରେ ପୋଲିସ ମାଓବାଦୀଙ୍କ ସହ ମୁହାଁମୁହିଁ ହେବାରୁ ଦୀର୍ଘ ସମୟ ଧରି ଉଭୟ ପକ୍ଷଙ୍କ ମଧ୍ୟରେ ଗୁଳି ବିନିମୟ ଚାଲିଥିଲା। ପରେ ସର୍ଚ୍ଚ ସମୟରେ ଜଣେ ମାଓବାଦୀଙ୍କ ମୃତଦେହ ମିଳିଥିଲା।



Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

## ୨୧ଖଣ୍ଡ ଶାଗୁଆନ ଗଣ୍ଡି ଜବତ



ଲାଠୋର,(ଡି.ଏନ.ଏ.): ବଲାଙ୍ଗୀର ଜିଲା ଲାଠୋର ବନାଞ୍ଚଳ ଅଧିନ ଖର୍ଲି ଗ୍ରାମରୁ ବୁଧବାର ସନ୍ଧ୍ୟାରେ ଲାଠୋର ଏବଂ ହରିଶଙ୍କର ଷ୍ଟାଫ ୨୧ ଖଣ୍ଡ ଶାଗୁଆନ ଗଣ୍ଡି ଜବତ କରିଛି। ଲାଠୋର ରେଞ୍ଜର ପ୍ରଭାତୀ ସେଠ ଏବଂ ଖପ୍ରାଖୋଲ ରେଞ୍ଜର ଗିରିଧାରୀ ନାଗ ସଦଳବଳେ ଖର୍ଲି ଗ୍ରାମର ଧନୁର୍ଯ୍ୟ ମେହେରଙ୍କ ଘରେ ଚଢାଉ କରିଥିଲେ। ରେଡ଼ ସମୟରେ ତାଙ୍କ ଘରୁ ୨୧ ଗଣ୍ଡି ଶାଗୁଆନ କାଠ ଜବତ ହୋଇଥିଲା। ଲାଠୋର ରେଞ୍ଜରେ ଏକ ମାମଲା ରୁଜୁ କରି ଧନୁର୍ଯ୍ୟଙ୍କୁ ଗୁରବାର କୋର୍ଟ ଚାଲାଣ କରାଯିବ ବୋଲି ରେଞ୍ଜର ସେଠ ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ଚେୟାରମ୍ୟାନ ପାଇଁ ୯, କାଉନସିଲର ପାଇଁ ୬ ପ୍ରାର୍ଥିପତ୍ର ବିକ୍ରି

**କଣ୍ଟାବାଞ୍ଜି ଏନ୍ଏସି ନିର୍ବାଚନ**

କଣ୍ଟାବାଞ୍ଜି,୨।୩(ଡି.ଏନ.ଏ.): ୧୬ୱାର୍ଡ ବିଶିଷ୍ଟ ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଏନ୍ଏସି ନିର୍ବାଚନ ପାଇଁ ପ୍ରାର୍ଥିପତ୍ର ଦାଖଲ ଆରମ୍ଭ ହୋଇଛି। ବୁଧବାର ପ୍ରଥମ ଦିନରେ ଚେୟାରମ୍ୟାନ ପାଇଁ ୯ ଏବଂ କାଉନସିଲର ପଦ ପାଇଁ ୬ଟି ପ୍ରାର୍ଥିପତ୍ର ବିକ୍ରି ହୋଇଛି। ଏହି ଏନ୍ଏସିରେ ମୋଟ ଭୋଟଦାତାଙ୍କ ସଂଖ୍ୟା ୧୭,୫୫୧। ସେଥିରୁ ୮,୮୨୪ ପୁରୁଷ, ୮,୭୨୩ ମହିଳା ଏବଂ ୪ଜଣ ତୃତୀୟ ଲିଙ୍ଗୀ ରହିଛନ୍ତି। ୨୫ଟି ବୁଥ୍ରେ ଭୋଟରମାନେ ମତଦାନ କରିବେ।

### ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ, ୪ ଆହତ

**ପାୱାର ଟିଲର ପୋଡି ଘଟଣା**

ଲୋଇସିଂହା,୨।୩(ଡି.ଏନ.ଏ): ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ଝାରମୁଣ୍ଡା ଗାଁରେ ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ ଘଟି ଉଭୟ ପକ୍ଷରୁ ୪ ଜଣ ଆହତ ହୋଇଛନ୍ତି। ଆହତମାନେ ହେଲେ ସରୋଜିନୀ ଆରୁଖ, ରାମେଶ୍ୱର ଆରୁଖ, ଚିନୁ ପାଣ୍ଡେ ଓ ଦେଶାନ୍ତର ପାଣ୍ଡେ। ଆହତମାନଙ୍କୁ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲ ସ୍ଥାନାନ୍ତର କରାଯାଇଛି। ପୋଲିସ ସୂଚନାମତେ, ଝାରମୁଣ୍ଡା ଗ୍ରାମର ଆରୁଖ ପରିବାର ଏକ ପାୱାର ଟିଲରକୁ କେହି ପୋଡି ଦେଇଥିଲେ। ଏହାକୁ ନେଇ ସେମାନେ ପାଣ୍ଡେ ପରିବାରକୁ ଦୋଷାରୋପ କରିଥିଲେ। ଏହାକୁ ନେଇ ଉଭୟ ପରିବାର ମଧ୍ୟରେ ମାରପିଟ ଘଟିଥିଲା। ଆକ୍ରମଣ ଓ ପ୍ରତି ଆକ୍ରମଣରେ ଉଭୟ ପରିବାର ୪ ଜଣ ଆହତ ହୋଇଛନ୍ତି। ଏନେଇ ଲୋଇସିଂହା ଥାନାରେ ପୃଥକ ମାମଲା ରୁଜୁ ହୋଇଥିବା ଏସ୍ଆଇ ନବୀନ ଭୋଇ କହିଛନ୍ତି। ସେହିପରି ଗ୍ରାମରେ ନିର୍ବାଚନ ପରବର୍ତ୍ତୀ ହିଂସା ଦେଖିବାକୁ ମିଳିଛି। ଜଣେ ପାରିଜିତ ପ୍ରାର୍ଥୀ ଗ୍ରାମର ଟିକ୍ରାପଡାରେ ଟଙ୍କାମଗାକୁ ନେଇ ତୁମୁଳକାଣ୍ଡ ଘଟିଥିଲା। ଏହାକୁ ନେଇ ମଧ୍ୟ ଥାନରେ ଏତଲା ହୋଇଛି। ଉଭୟ ଘଟଣାକୁ ନେଇ ମଙ୍ଗଳବାର ରାତିରେ ଗାଁରେ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା।

### ବକ୍ସିତୁଲସୀପାଲି ସରପଞ୍ଚ ଭାବେ ଦିବ୍ୟ ନିର୍ବାଚିତ

ଜୁନାଗଡ,୨।୩(ଡି.ଏନ.ଏ.): କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ବକ୍ସିତୁଲସୀପାଲି



ସରପଞ୍ଚ ଭାବେ ଦିବ୍ୟ ଶଙ୍କର ଦୀପ ନିର୍ବାଚିତ ହୋଇଛନ୍ତି। ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ସୁଧର୍ମା ଦୁର୍ଗାଙ୍କୁ ୯୫୧ଖଣ୍ଡ ଭୋଟରେ ପରାସ୍ତ କରି ବିଜୟୀ ହୋଇଛନ୍ତି। ବକ୍ସିତୁଲସୀପାଲି ପଞ୍ଚାୟତକୁ ଏକ ଉନ୍ନତମାନର ପଞ୍ଚାୟତ କରିବାକୁ ସେ ଲକ୍ଷ୍ୟ ରଖିଥିବା କହିଛନ୍ତି। ସେହିପରି ଦିବ୍ୟ ଜିଲା ଭାଜପା ଯୁବମୋର୍ଚ୍ଚା ସମ୍ପାଦକ ମଧ ରହିଛନ୍ତି।

### ପ୍ରଶାନ୍ତ ପାଇବେ ପେନ ଇନ ବୁକ୍ସ 'ଯୁବ ଲେଖକ ପୁରସ୍କାର'

କର୍ଲାମୁଣ୍ଡ,୨।୩(ଡି.ଏନ.ଏ.): କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରେଗଡା ଗ୍ରାମର ଖ୍ୟାତନାମା ଯୁବକବି ପ୍ରଶାନ୍ତ କୁମାର ଦାଶଙ୍କ



ନାମ ୨୦୨୧ ମସିହା ପାଇଁ ସମ୍ମାନଜନକ ପେନ ଇନ ବୁକ୍ସ ଯୁବ ଲେଖକ ପୁରସ୍କାର ତାଲିକାରେ ସ୍ଥାନ ପାଇଛି। ଅଗ୍ରଣୀ ପ୍ରକାଶନ ସଂସ୍ଥା ପେନ ଇନ ବୁକ୍ସ ପକ୍ଷରୁ ପ୍ରତିବର୍ଷ ପରି ଚଳିତ ଥର ପାଇଁ ମଧ ଯୁବ ଲେଖକ ପୁରସ୍କାର ତାଲିକା ଘୋଷିତ ହୋଇଛି। ଓଡ଼ିଆ, ହିନ୍ଦୀ ଓ ଇଂଲିଶ ଭାଷାରେ ଲେଖାଲେଖି କରୁଥିବା ୧୦ଜଣ ଯୁବ ଲେଖକଙ୍କୁ ନିଜର ମୌଳିକ ପାଣ୍ଡୁଲିପି ପାଇଁ ଏହି ପୁରସ୍କାର ପ୍ରଦାନ କରାଯାଇଥାଏ। ଏହି ପରିପ୍ରେକ୍ଷୀରେ ଯୁବକବି ପ୍ରଶାନ୍ତ କୁମାର ଦାଶ ତାଙ୍କର ପାଣ୍ଡୁଲିପି 'ମା ମୋତେ କ୍ଷମା କରିଦେବୁ' ପାଇଁ ପେନ ଇନ ବୁକ୍ସ ଯୁବ ଲେଖକ ପୁରସ୍କାର-୨୦୨୧ ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏପରି ଏକ ସାହିତ୍ୟ ଅନୁଷ୍ଠାନରୁ ତାଙ୍କ ଲେଖା ପାଇଁ ଏତେ ବଡ ସମ୍ମାନ ମିଳିଥିବାରୁ ବିଭିନ୍ନ ମହଲରୁ ପ୍ରଶାନ୍ତଙ୍କୁ ଶୁଭେଚ୍ଛା ସୁଅ ଛୁଟୁଛି। କର୍ଲାମୁଣ୍ଡା ପ୍ରେସ କ୍ଲବ, ନିଝରିଣୀ ସାହିତ୍ୟ ସଂସଦ, ରିଷିଡା, ସାହିତ୍ୟ ଓ ସଂସ୍କୃତି ପରିଷଦ, କର୍ଲାମୁଣ୍ଡା ପକ୍ଷରୁ ଦାସଙ୍କୁ ଅଭିନନ୍ଦନ ଜ୍ଞାପନ କରାଯାଇଛି।

# କାଜୁବାଦାମ ଅମଳ ବୃଦ୍ଧି ଉପରେ ଗୁରୁତ୍ୱ

**କାଜୁବାଦାମ ଚାଷ ଉପରେ ପ୍ରଶିକ୍ଷଣ ନେଲେ ଚାଷୀ**

ସୋନପୁର,୨।୩(ନି.ପ୍ର.)



ଅତିଥି ଓ ବୈଜ୍ଞାନିକ କାଜୁ ଚାଷ ସମ୍ପର୍କିତ ପୁସ୍ତିକାକୁ ଲୋକାର୍ପିତ କରୁଛନ୍ତି।

ସର୍ବଭାରତୀୟ ସଂଯୋଜିତ କାଜୁ ଗବେଷଣା ପ୍ରକଳ୍ପ ସହାୟତାରେ ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର ପକ୍ଷରୁ ଅନୁସୂଚିତ ଜାତି ଉପଯୋଜନାରେ କାଜୁ ବାଦାମ ଚାଷ ସମ୍ବନ୍ଧୀୟ ଏକ ଦିନିକିଆ ପ୍ରଶିକ୍ଷଣ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ସୋନପୁର କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ବଲାଙ୍ଗୀର ଜିଲାର ଉପ ଉଦ୍ୟାନ କୃଷି ନିର୍ଦ୍ଦେଶକ ଡ. ପ୍ରଫୁଲ୍ଲ କୁମାର ଭଞ୍ଜ ଯୋଗଦେଇ ସୋନପୁର ଜିଲାରେ କାଜୁ ଚାଷର ଗୁରୁତ୍ୱ ଓ ପ୍ରଚାର ପ୍ରସାର ଉପରେ ଆଲୋଚନା କରିଥିଲେ। କାଜୁ ଗବେଷଣା ପ୍ରକଳ୍ପର ଭାରପ୍ରାପ୍ତ ଅଧିକାରୀ ପ୍ରଫେସର ପ୍ରମୋଦ କୁମାର ପଣ୍ଡା କାଜୁ ଗବେଷଣା ପ୍ରକଳ୍ପର ବିଭିନ୍ନ କାର୍ଯ୍ୟକ୍ରମ ଏବଂ ନୂତନ ଜ୍ଞାନ କୌଶଳ ଦ୍ୱାରା କିପରି କାଜୁବାଦାମ ଚାଷର ଅମଳ ବୃଦ୍ଧି ପାଇବ ସେ ବିଷୟରେ ବୈଜ୍ଞାନିକମାନେ ତଥ୍ୟ ଉପସ୍ଥାପନା କରିଥିଲେ। କୃଷି ବିଜ୍ଞାନ କେନ୍ଦ୍ର ସୋନପୁରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡ. ଜୀବନଜିତ୍ ସେନ କାଜୁବାଦାମ ଚାଷ ଦ୍ୱାରା କିଭଳି ମୃର୍ତ୍ତିକା ସଂରକ୍ଷଣ କରାଯାଇପାରିବ ଏବଂ ଖତ ଓ ସାର ପ୍ରୟୋଗ ଦ୍ୱାରା ଅମଳ ଅଧିକ ହୋଇପାରିବ ସେ ବିଷୟରେ ବୁଝାଇଥିଲେ। ସୁବର୍ଣ୍ଣପୁରର ଭାରପ୍ରାପ୍ତ ଜିଲା ମୁଖ୍ୟ କୃଷି ଅଧିକାରୀ ପ୍ରମିଳ କୁମାର ସ୍ୱାଇଁ ଓ ପ୍ରାକ୍ତନ ମୁଖ୍ୟ ଜିଲା କୃଷି ଅଧିକାରୀ ଭାସ୍କର ପାଢୀ ଜୈବିକ ଉପାୟରେ କାଜୁବାଦାମ ଚାଷର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। କେନ୍ଦ୍ରର କୀଟତତ୍ତ୍ୱ ବିଶେଷଜ୍ଞ ଡ.ତ୍ରିନାଥ ଖଣ୍ଡାୟତରାୟ କାଜୁ ଫସଲର ମୁଖ୍ୟ ପୋକ ଓ ରୋଗର ସମନ୍ୱିତ ପରିଚାଳନା ଉପରେ ଚାଷୀଙ୍କୁ ବୁଝାଇଥିଲେ। ମିଶନ ଶକ୍ତିର ଜିଲା ପ୍ରକଳ୍ପ ସଂଯୋଜକ କାର୍ତ୍ତିକ ଚନ୍ଦ୍ର ନାୟକ ଯୋଗଦେଇ କାଜୁବାଦାମ ପ୍ରକ୍ରିୟାକରଣରେ ମହିଳାମାନଙ୍କର ଭୂମିକା ଉପରେ ଆଲୋକପାତ କରିଥିଲେ। ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ହୃଷିକେଶ ଦାଶ ଓ ଡୁଙ୍ଗୁରିପାଲିର ସହକାରୀ ଉଦ୍ୟାନ କୃଷି ଅଧିକାରୀ ତ୍ରିଦେବ ବଘାର ଯୋଗଦାନ କରି ବିଭାଗ ପକ୍ଷରୁ ଜିଲାରେ କାଜୁ ଚାଷ ପାଇଁ କାର୍ଯ୍ୟକ୍ରମ ଉପରେ ଆଲୋଚନା କରିଥିଲେ। ଶିବିରରେ ଜିଲାର ବିଭିନ୍ନ ଅଞ୍ଚଳରୁ ୫୦ରୁ ଉର୍ଦ୍ଧ୍ୱ ଅଗ୍ରଣୀ କାଜୁ ଚାଷୀ ଯୋଗଦାନ କରି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ କାଜୁଚାରାର କଲମୀକରଣ ଉପରେ ପ୍ରଶିକ୍ଷଣ ଦିଆଯାଇଥିଲା। ପରେ ଚାଷୀ ଓ ବୈଜ୍ଞାନିକମାନେ କାଜୁ ବଗିଚା କ୍ଷେତ୍ର ପରିଦର୍ଶନରେ ଯାଇଥିଲେ। କାର୍ଯ୍ୟକ୍ରମକୁ କୃଷି ବିଜ୍ଞାନ କେନ୍ଦ୍ରର ସମ୍ପ୍ରସାରଣ ବୈଜ୍ଞାନିକ ସୁପ୍ରଭା ସେଠୀ, ଗୃହ ବିଜ୍ଞାନୀ ଲୋପାମୁଦ୍ରା ରାୟ, ମନୋଜ କୁମାର ଜେନା ଓ ପ୍ରମୋଦ ମୁଦୁଲି ପ୍ରମୁଖ ସହଯୋଗ କରିଥିଲେ।

# ଯୁବତୀଙ୍କୁ ପ୍ରତାରଣା, ଜେଲ ଗଲେ ଅଭିଯୁକ୍ତ

କୋକସରା,୨।୩(ଡି.ଏନ.ଏ.)

ପ୍ରଥମେ ପ୍ରେମ ପରେ ବିବାହ ପ୍ରତିଶ୍ରୁତି ଦେଇ ଜଣେ ଯୁବତୀଙ୍କୁ ଘରୁ ଫେରାର କରି ଆଣି ଶାରୀରିକ ସମ୍ପର୍କ ରଖି ପ୍ରତାରଣା କରିବା ଅଭିଯୋଗ ହୋଇଛି। ଏହି ଘଟଣାର ତଦନ୍ତ କରି କଳାହାଣ୍ଡି ଜିଲା କୋକସରା ପୋଲିସ ଜଣେ ଯୁବକଙ୍କୁ ବୁଧବାର ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ କାଶିବାହାଲ ପଞ୍ଚାୟତ ଧନସରା ଗ୍ରାମର ସୁଶାନ୍ତ କୁମାର ନାଏକ। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ସୂଚନା ଅନୁସାରେ ଧନସରା ଗ୍ରାମର ସୁଶାନ୍ତ ଜଣେ ଅନ୍ୟ ଜାତିର ଯୁବତୀଙ୍କୁ ପ୍ରଥମେ ପ୍ରେମ ଓ ପରେ ବିବାହ ପ୍ରତିଶ୍ରୁତି ଦେଇ ଗତ ଜାନୁୟାରୀ ୨୫ରେ ଫେରାର କରି ମୋହନଗିରି ଅଞ୍ଚଳକୁ ଆଣି ସମ୍ପର୍କୀୟ ଘରେ ରଖିଥିଲେ। ଯୁବତୀଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ଯୁବତୀ ଅନ୍ୟ ଜାତିର ହୋଇଥିବାରୁ ଯୁବକଙ୍କ ପରିବାର ଏହାକୁ ବିରୋଧ କରିଥିଲେ। ଯୁବତୀଙ୍କୁ ଆଣି ତାଙ୍କ ଗାଁରେ ଛାଡି ଦେଇଥିଲେ। ପରିବାର ଚାପରେ ଯୁବକ ବିବାହ ପାଇଁ ମନା କରିଥିଲେ। ଏ ନେଇ ସମ୍ପୃକ୍ତା ପୀଡିତା କୋକସରା ଥାନାରେ ଫେବୃୟାରୀ ୨୦ରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ତଦନ୍ତ କରି ଯୁବକଙ୍କୁ ଗିରଫ କରି ଯୁବତୀଙ୍କ ଡାକ୍ତରୀମାଇନା ସହ ମାଜିଷ୍ଟ୍ରେଟଙ୍କ ନିକଟରେ ୧୬୪ ବୟାନ ରେକର୍ଡ ପରେ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଏ ନେଇ ଥାନାରେ ଏକ ମାମଲା (ନଂ.୪୩/୨୨) ରୁଜୁ କରି କୋର୍ଟ ଚାଲାଣ କରିଥିବା କୋକସରା ଥାନାଧିକାରୀ ସୂଚନା ଦେଇଛନ୍ତି।

# ଭଗବତୀ ଟ୍ରଫି କ୍ରିକେଟ୍, ବିସିଏ ଉଲୁଣ୍ଡା ବିଜୟୀ

ସୋନପୁର,୨।୩(ନି.ପ୍ର.)


ଅତିଥି ଓ କର୍ମକର୍ତ୍ତାଙ୍କ ଗହଣରେ ଉଭୟ ଦଳର ଖେଳାଳି।

ସୋନପୁର ଗାନ୍ଧୀ ପଡିଆରେ ଚାଲିଥିବା ୧୧ତମ ଆନ୍ତଃ ଜିଲା ଭଗବତୀ ଟ୍ରଫି କ୍ରିକେଟ୍ ଟୁର୍ନାମେଣ୍ଟର ବୁଧବାର ମ୍ୟାଚ୍‌ରେ ବିସିଏ ଉଲୁଣ୍ଡା ବିଜୟୀ ହୋଇଛି। ତରଭା କ୍ରିକେଟ୍ କ୍ଲବ ଓ ବିସିଏ ଉଲୁଣ୍ଡା ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ତରଭା ଦଳ ଟସ୍ ଜିତି ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ଉଲୁଣ୍ଡା ଦଳ ପ୍ରଥମେ ବ୍ୟାଟିଂ କରି ୨୩.୧ ଓଭରରେ ୧୮୦ ରନ କରି ଅଲ ଆଉଟ ହୋଇ ଯାଇଥିଲା। ଉମା ଶଙ୍କର ହୋତା ୩୬ ରନ ଓ ପ୍ରଶାନ୍ତ ବିଶି ୩୭ ରନ ସଂଗ୍ରହ କରିଥିଲେ। ତରଭାର ସଞ୍ଜୟ ଡୁଙ୍ଗୁରି ୪ ଓଭର ବୋଲିଂ କରି ୩୫ ରନ ବିନିମୟରେ ୩ଟି ଉଇକେଟ୍ ଅକ୍ତିଆର କରିଥିଲେ। ମୁକ୍ତାର ଖାନ ୪ ଓଭର ବୋଲିଂ କରି ୨୯ ରନ ବିନିମୟରେ ୩ ଉଇକେଟ୍ ଅକ୍ତିଆର କରିଥିଲେ। ଜବାବରେ ତରଭା ଦଳ ମୁକ୍ତାର ଖାନଙ୍କ ୭୨ ରନ ଓ ନୱାବ ଖାନଙ୍କ ୨୭ ରନ ସଂଗ୍ରହ ସତ୍ତ୍ୱେ ପରାଜୟ ବରଣ କରିଥିଲା। ଉଲୁଣ୍ଡା ଦଳ ୨ ରନରେ ବିଜୟ ହାସଲ କରିଥିଲା। ଉଲୁଣ୍ଡାର ପୁରୁଷୋତ୍ତମ ପାତ୍ର ୫ ଓଭର ବୋଲିଂ କରି ୨୪ ରନ ବିନିମୟରେ ୩ ଉଇକେଟ୍ ହାସଲ କରିଥିଲେ। ଉଲୁଣ୍ଡାର ଉମା ଶଙ୍କର ହୋତାଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରା ଯାଇଥିଲା। ରଘୁବୀର ମିଶ୍ର ଓ ଶ୍ରୀବନ୍ତ କୁମାର ନାୟକ ମ୍ୟାଚ୍ ପରିଚାଳନା କରିଥିଲେ। ଅମ୍ଳାନ ଅଭିଜିତ ହୋତା ଧାରା ବିବରଣୀ ପ୍ରଦାନ କରିଥିଲେ। କିଷନଲାଲ ସାଗର ସ୍କୋରର ଦାୟିତ୍ୱ ନିର୍ବାହ କରିଥିଲେ। ହିମାଂଶୁ ମେହେର ମ୍ୟାଚ୍‌ରେ ଅତିଥି ଭାବେ ଯୋଗ ଦେଇଥିଲେ।

## ଏନ୍ଏସି ନିର୍ବାଚନ ପାଇଁ ସରଗରମ ରାଜନୀତି

**ବିଜେଡିରେ ୨ ବ୍ୟବସାୟୀଙ୍କ ସମେତ ୪ ଆଶାୟୀ**

ଖଡିଆଳ,୨।୩(ଡି.ଏନ.ଏ.)

ପଞ୍ଚାୟତ ନିର୍ବାଚନ ଶେଷ ହେବା ପରେ ଆସନ୍ତା ମାର୍ଚ୍ଚ ୨୪ରେ ହେବ ପୌର ନିର୍ବାଚନ। ଏଥିପାଇଁ ନୂଆପଡ଼ା ଜିଲାର ପ୍ରମୁଖ ଖଡିଆଳ ସହରରେ ବି ରାଜନୀତି ସରଗରମ ହେବାରେ ଚାଲିଛି। ଏନ୍ଏସିର ୧୩ଟି କାଉନସିଲର୍ ପାଇଁ ନିର୍ବାଚନ ହେବା ସହ ଏଥର ଏନ୍ଏସି ଅଧ୍ୟକ୍ଷଙ୍କୁ ସହରବାସୀ ନିର୍ବାଚିତ କରିବେ। ଏନ୍ଏସି ଅଧ୍ୟକ୍ଷ ପଦ ସାଧାରଣବର୍ଗଙ୍କ ପାଇଁ ସଂରକ୍ଷଣ ରହିଛି। ଏଥିଲାଗି ୩ ପ୍ରମୁଖ ଦଳରୁ ଟିକେଟ ହାତେଇବା ପାଇଁ ଆଶାୟୀ ପ୍ରାର୍ଥିମାନେ ଜୋରଦାର୍ ଲବି ଆରମ୍ଭ କରି ଦେଇଛନ୍ତି। ତେବେ ବିଜେଡିର ଟିକେଟ ପାଇଁ ସହରର ବ୍ୟବସାୟୀଙ୍କ ମଧ୍ୟରେ ଏକ ପ୍ରକାର ପ୍ରତିଦ୍ୱନ୍ଦ୍ୱିତା ଦେଖାଦେଇଛି। କିଛି ଦିନ ତଳେ ସହରର ଜଣାଶୁଣା ବ୍ୟବସାୟୀ ମୂଳଚନ୍ଦ ଅଗ୍ରୱାଲ ବିଜେଡିରେ ଯୋଗଦେଇ ପ୍ରାଥମିକ ସଦସ୍ୟତା ଗ୍ରହଣ କରିଥିବା ବେଳେ ଅଧ୍ୟକ୍ଷ ପଦ ପାଇଁ ଟିକେଟ ଲବି ବୋଲି ଚର୍ଚ୍ଚା ଜୋର୍ ଧରିଥିବା ବେଳେ ମଙ୍ଗଳବାର ଟିକେଟ ଆଶାୟୀରେ ଖଡିଆଳ ଜଣାଶୁଣା ଆଉ ଜଣେ ବ୍ୟବସାୟୀ ଅର୍ଚ୍ଚନା ଗୋୟଲ ବିଜେଡିରେ ସାମିଲ ହୋଇ ଦଳୀୟ ଟିକେଟ ପାଇଁ ଆଶାୟୀ ଥିବା ଜଣାପଡିଛି। ସେମାନଙ୍କ ବାଦ୍ ରାଜପରିବାର କୁମାର ଅଙ୍କିତ ସିଂଦେଓ ଏବଂ ବିଜେଡି ନେତ୍ରୀ ମମତା ମଞ୍ଜରୀ ଥପା ମଧ୍ୟ ଆଶାୟୀ ଥିବା ଜଣାପଡିଛି। ସେହିପରି କଂଗ୍ରେସ ପକ୍ଷରୁ ଜିଲା ପରିଷଦ ସଭ୍ୟ ଉଜ୍ଜଳ ଗୁପ୍ତାଙ୍କ ନାମ ଚର୍ଚ୍ଚାରେ ଥିବା ବେଳେ ଭାଜପା ପକ୍ଷରୁ ଭାଜପା ନଗର ସଭାପତି ବିକାଶ ସିଂଘଲଙ୍କ ନାମ ଚର୍ଚ୍ଚାରେ ଥିବା ଜଣାପଡିଛି। ବିଜେଡିରେ ଦୁଇ ବ୍ୟବସାୟୀଙ୍କ ସମେତ ୪ ଆଶାୟୀ ଥିବା ବେଳେ ଦଳ କାହା ଉପରେ ଭରସା କରିବ ତାହା ଉପରେ ଏବେ ସମସ୍ତଙ୍କ ନଜର ରହିଛି।

# ଜିଲାପାଳଙ୍କ ଉଦ୍ଦେଶ୍ୟରେ ଅଭିଭାବକଙ୍କ ଦାବିପତ୍ର


ଅଭିଭାବକମାନେ ତୁଷୁରା ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

**ଫି' ନ ଦେଲେ ପରୀକ୍ଷା ଦେବା ମନା**

ଗୁଡ଼ଭେଲା, ୨।୩(ଡି.ଏନ.ଏ.)

ଦୁଇବର୍ଷର ପରୀକ୍ଷା ଫି' ନ ଦେଲେ ଯୁକ୍ତଦୁଇ ପରୀକ୍ଷା ଦେଇ ପାରିବେ ନାହିଁ ବୋଲି ବଲାଙ୍ଗୀର ଜିଲା ତୁଷୁରା ସହରସ୍ଥିତ ତୋଷାଳି ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କର୍ତ୍ତୃପକ୍ଷ ଛାତ୍ରୀମାନଙ୍କୁ କହିବା ପରେ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ଛାତ୍ରୀ ଓ ସେମାନଙ୍କ ଅଭିଭାବକମାନେ ଜିଲାପାଳଙ୍କ ଦୃଷ୍ଟିଆକର୍ଷଣ କରିଛନ୍ତି। ବୁଧବାର ଏ ନେଇ ସେମାନେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ତୁଷୁରା ତହସିଲଦାର ରବୀନ୍ଦ୍ର କୁମାର ପଟେଲଙ୍କୁ ପ୍ରଦାନ କରିଛନ୍ତି। ଏଥିରେ ସେମାନେ ଉଲ୍ଲେଖ କରିଛନ୍ତି ଯେ, ନାମଲେଖା ପରଠାରୁ ଶିକ୍ଷକ ଅଭାବ ଯୋଗୁ ପାଠପଢା ବ୍ୟାଘାତ ହୋଇଛି। ଏହାସତ୍ତ୍ୱେ ସେମାନେ ଫି' ବାବଦକୁ ୧୨ହଜାର ଟଙ୍କା ପୈଠ କରିଛନ୍ତି। ହେଲେ ଆଉ ୧୨ହଜାର ଟଙ୍କା ନ ଦେଲେ ପରୀକ୍ଷା ଦେଇ ପାରିବ ନାହିଁ ବୋଲି କହୁଛନ୍ତି। ବୈଠକ ଡାକି ସମସ୍ୟାର ସମାଧାନ ସେମାନେ ଚାହୁଁଥିଲେ ହେଁ କର୍ତ୍ତୃପକ୍ଷ ଆନ୍ତରିକତା ପ୍ରକାଶ କରୁ ନ ଥିବା ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ରାଜେଶ ବାରିକ, ସ୍ୱାର୍ଥ ଧରୁଆ, ସୁବଳ ନାଏକ, ପୀତବାସ ପୁଟେଲ, ନୂତନ ମଲ୍ଲିକ, ଜୟଶକ୍ତି ଦେବ ଭଣ୍ଡା, ଚନ୍ଦ୍ରମଣି ପ୍ରଧାନ, ଶଶିକାନ୍ତ ପଟେଲ, ଡିଙ୍ଗର ରଣା, ରାଜେନ୍ଦ୍ର କୁମାର ସାହୁ, ପ୍ରଶାନ୍ତ ପ୍ରଧାନ ପ୍ରମୁଖ ଅଭିଭାବକ ଉପସ୍ଥିତ ଥିଲେ। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଦାୟିତ୍ୱରେ ଥିବା ରବୀନ୍ଦ୍ର ମହାକୁରଙ୍କୁ ପଚାରିବାରୁ ଏ ନେଇ ଖୁବ୍‌ଶୀଘ୍ର ନିଷ୍ପତ୍ତି ନିଆଯିବ ବୋଲି କହିଛନ୍ତି।

# ଯୁବୋଦୟରେ ଜାତୀୟ ବିଜ୍ଞାନ ଦିବସ

ବଲାଙ୍ଗୀର ଅଫିସ, ୨।୩



ଜାତୀୟ ବିଜ୍ଞାନ ଦିବସ ପାଳନ ଅବସରରେ ଯୁବୋଦୟ କଲେଜ ଅଫ୍ ଆଡଭାନ୍ସ ଟେକ୍ନୋଲଜିର ଛାତ୍ରୀଛାତ୍ରମାନେ।

ଯୁବୋଦୟ କଲେଜ ଅଫ୍ ଆଡଭାନ୍ସ ଟେକ୍ନୋଲଜିର ଯୁକ୍ତତିନି ଛାତ୍ରୀଛାତ୍ରମାନେ ଜାତୀୟ ବିଜ୍ଞାନ ଦିବସ ପାଳନ ଅବସରରେ ଏସିଆର ଦ୍ୱିତୀୟ ବୃହତ୍ତମ କୁକୁଡା ଫାର୍ମ କୁହାଯାଉଥିବା ଫଭୋ ଫାର୍ମ ପରିଦର୍ଶନ କରିଥିଲେ। ବୈଷୟିକ ଜ୍ଞାନ କୌଶଳର ବ୍ୟବହାର ଦ୍ୱାରା ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟକର ଭାବରେ ଖାଦ୍ୟ ଉପଯୋଗୀ ଅଣ୍ଡା କିପରି ଉତ୍ପାଦନ ହେଉଛି ତାହା ବୁଲି ଦେଖିଥିଲେ। ଯୁବୋଦୟ କଲେଜ ଅଫ୍ ଆଡଭାନ୍ସ ଟେକ୍ନୋଲୋଜି ଅଧ୍ୟକ୍ଷଙ୍କ ନେତୃତ୍ୱରେ ତଥା ସମସ୍ତ ଅଧ୍ୟାପିକା ଓ ଅଧ୍ୟାପକ ଏହି ପରିଦର୍ଶନ ସମୟରେ ଉପସ୍ଥିତ ଥିଲେ। ସମ୍ପୂର୍ଣ୍ଣ କୋଭିଡ କଟକଣା ମଧ୍ୟରେ ଯୁବୋଦୟ ଡାଇରେକ୍ଟର ଅମ୍ବରୀଶ ଦାଶଙ୍କ ପରିଚାଳନାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆଗାମୀ ଦିନରେ ବିଜ୍ଞାନକୁ ପ୍ରୋତ୍ସାହନ ଦିଆଯିବାର ବାତାବରଣ ସୃଷ୍ଟି କରାଯିବା ଉପରେ ଗୁରୁତ୍ୱ ଦିଆଯିବ ଏବଂ ଗ୍ରାମୀଣ ବିକାଶରେ ବିଜ୍ଞାନର ଭୂମିକାକୁ ବିଶେଷ ଦୃଷ୍ଟି ଦିଆଯିବ ବୋଲି ଡାଇରେକ୍ଟର ଦାଶ କହିଥିଲେ। ସକ୍ମା ସ୍ଥିତ ଯୁବୋଦୟ କଲେଜ ପରିସରରେ ମହାନ ବୈଜ୍ଞାନିକ ସାର୍ ସିଭି ରମଣଙ୍କୁ ସମର୍ପିତ କରି ଜାତୀୟ ବିଜ୍ଞାନ ଦିବସ ପାଳନ କରାଯାଇଥିଲା। ବିଜ୍ଞାନର ଜୟଯାତ୍ରା ଜାରି ରହିଛି ଓ ବିଜ୍ଞାନ ବିଶ୍ୱର ମଙ୍ଗଳ ପାଇଁ ଏକ ଆଶୀର୍ବାଦ ବୋଲି କହିଥିଲେ।

# ଖପ୍ରାଖୋଲ କପ୍ ଫୁଟବଲ: ମହରାପଦର ବିଜୟୀ

ଖପ୍ରାଖୋଲ,୨।୩(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ହାଇସ୍କୁଲ ଖେଳ ପଡିଆରେ ନବମ ଖପ୍ରାଖୋଲ କପ୍ ଫୁଟବଲ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଘାଟିତ ହୋଇଛି। ମୁଖ୍ୟ ଅତିଥିଭାବେ ଯୋଗଦେଇ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଶ୍ମିରଞ୍ଜନ ରାଉତ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ସାମାଜିକ କର୍ମୀ ସତ୍ୟାନନ୍ଦ ସେନ୍ଦ୍ରିଆ, ପଞ୍ଚାନନ ପଧାନ ଯୋଗଦେଇଥିଲେ। ଉଦଘାଟନୀ ମ୍ୟାଚ ମହରାପଦର ଏବଂ ଭରୁଆମୁଣ୍ଡା ମଧ୍ୟରେ ହୋଇଥିଲା। ମହରାପଦର ଦଳ ୪-୦ ଗୋଲରେ ଭରୁଆମୁଣ୍ଡାକୁ ପରାସ୍ତ କରି ବିଜୟୀ ହୋଇଥିଲା। ରାଜୀବ ବିଶ୍ୱାଳ ଖେଳ ପରିଚାଳନା କରିଥିଲେ। ଲାଇନରେ ରାମପ୍ରସାଦ ସାହୁ ଓ ରାଜକିଶୋର ମଲ୍ଲିକ ସହଯୋଗ କରିଥିଲେ।


ଟୁର୍ନାମେଣ୍ଟକୁ ମୁଖ୍ୟ ଅତିଥି ଉଦ୍‌ଘାଟନ କରୁଛନ୍ତି।

## ଜାଗର ଯାତ୍ରା ପାଳିତ

ବାଉଁଶୁଣୀ,୨।୩(ଡି.ଏନ.ଏ.)

ବୌଦ୍ଧ ବ୍ଲକ ବାଉଁଶୁଣୀର ଐତିହାସିକ ଶୈବପୀଠ ଭୁବନେଶ୍ୱର ବାବା ମନ୍ଦିରରେ ମହାଶିବରାତ୍ରି ଉପଲକ୍ଷେ ଜାଗର ଯାତ୍ରା ପାଳିତ ହୋଇଯାଇଛି। ଏହି ଅବସରରେ ରାମାୟଣ ପାରାୟଣ ଏବଂ ଅଷ୍ଟପ୍ରହରୀ ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା। ଅଷ୍ଟପ୍ରହରୀ ନାମଯଜ୍ଞରେ ନବକିଶୋର ମେହେର ଓ ତାଙ୍କ ସ୍ତ୍ରୀ କର୍ତ୍ତା ଭାବରେ ଦାୟିତ୍ୱ ତୁଲାଇଥିଲେ। ହରେକୃଷ୍ଣ ପୁରୋହିତ ପୂଜା କାର୍ଯ୍ୟ କରିଥିଲେ। ଅଞ୍ଚଳର ହଜାର ହଜାର ଭକ୍ତ ନିଜର ମାନସିକ ପୂରଣ ପାଇଁ ଦୀପଜାଳି ରାତି ଉଜାଗର ରହିଥିଲେ। ରାତି ୧୧ଟା ୪୫ ମିନିଟରେ ମହାଦୀପ ଉଠିଥିଲା। ଭୁବନେଶ୍ୱର ବାବା ଉନ୍ନୟନ ପରିଷଦ କମିଟି ତରଫରୁ ସୁନ୍ଦର ଆଲୋକମାଳାର ଆୟୋଜନ କରାଯାଇଥିବା ଦେଖିବାକୁ ମିଳିଥିଲା। କମିଟି ସଦସ୍ୟ ଅଶୋକ ଦେହୁରୀ, ବାବାରାମ ଦେହୁରୀ, ଗୁଣନିଧି ମେହେର, ଚିତ୍ତରଞ୍ଜନ ମେହେର, କ୍ଷୀରୋଦ ମେହେରଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ।

# ବିଜେଡି-କଂଗ୍ରେସ ଛକାପଞ୍ଝା

**ଖଡିଆଳ ପଞ୍ଚାୟତ ସମିତି ଅଧ୍ୟକ୍ଷ ପଦବୀ**

ଖଡିଆଳ,୨।୩(ଡି.ଏନ.ଏ.)


ପୁଷ୍ପାଞ୍ଜଳି ନନ୍ଦ


କିରଣ ଜୟପୁରିଆ

ଆସନ୍ତା ୧୨ ତାରିଖରେ ହେବ ବ୍ଲକ ଅଧ୍ୟକ୍ଷ ପଦ ପାଇଁ ନିର୍ବାଚନ। ଏଥିପାଇଁ ନୂଆପଡା ଜିଲା ଖଡିଆଳ ବ୍ଲକରେ ବିଜେଡି ଏବଂ କଂଗ୍ରେସ ମଧ୍ୟରେ ଛକାପଞ୍ଝା ଲାଗି ରହିଛି। ଅଧ୍ୟକ୍ଷ ପଦ ହାତେଇବା ପାଇଁ କଂଗ୍ରେସ ଏବଂ ବିଜେଡି ଆଶାବାଦୀ ଅଛନ୍ତି। ବ୍ଲକ ଅଧ୍ୟକ୍ଷ ପଦ ସାଧାରଣ ବର୍ଗ (ମହିଳା)ମାନଙ୍କ ଲାଗି ସଂରକ୍ଷଣ ରହିଛି। ଏହି ପଦବୀ ପାଇଁ କଂଗ୍ରେସ ପକ୍ଷରୁ ପୂର୍ବତନ ବ୍ଲକ ଉପାଧ୍ୟକ୍ଷା ତଥା ଚଳିତ ନିର୍ବାଚନରେ ଲାଞ୍ଜି ପଞ୍ଚାୟତରୁ ସମିତି ସଭ୍ୟ ଭାବେ ନିର୍ବାଚିତ ପୁଷ୍ପାଞ୍ଜଳି ନନ୍ଦଙ୍କୁ ସମର୍ଥିତ କରି ଅଧ୍ୟକ୍ଷ ପଦ ପାଇଁ ଦୌଡରେ ଥିବା ବେଳେ ବିଜେଡି ପକ୍ଷରୁ ଯୁବନେତା ଦିଲୀପ କୁମାର ଦୁରିଆଙ୍କ ସ୍ତ୍ରୀ ତଥା ଚିହ୍ନାଗୁଡା ପଞ୍ଚାୟତ ନିର୍ବାଚିତ ସମିତି ସଭ୍ୟ କିରଣ ଜୟପୁରିଆ ଅଶାୟୀ ଥିବା ଜଣାପଡିଛି। ବ୍ଲକରେ ୨୬ଟି ପଞ୍ଚାୟତ ଥିବା ବେଳେ ନିର୍ବାଚନ ପୂର୍ବରୁ ଅରେଡା ପଞ୍ଚାୟତ ଜଣେ ସମିତିସଭ୍ୟ ପ୍ରାର୍ଥୀଙ୍କ ଅକାଳ ବିୟୋଗ ହେବାରୁ ଏଠାରେ ନିର୍ବାଚନ ସ୍ଥଗିତ ରହିଛି। ଫଳରେ ୨୫ଟି ପଞ୍ଚାୟତରେ ସମିତି ସଭ୍ୟ ନିର୍ବାଚନ ହୋଇଥିଲା। ଅଧ୍ୟକ୍ଷ ପଦ ହାତେଇବା ପାଇଁ ଉଭୟ କଂଗ୍ରେସ ଏବଂ ବିଜେଡି ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରି ରଣକୌଶଳ ଆରମ୍ଭ କରିଛନ୍ତି। ବିଜେଡି ପକ୍ଷରୁ ସମର୍ଥିତ ୧୪ଜଣ ବିଜୟୀ ସମିତି ସଭ୍ୟଙ୍କୁ ନେଇ ଅଜ୍ଞାତବାସରେ ଥିବା ବେଳେ କଂଗ୍ରେସ ମଧ ୧୫ଜଣ ବିଜୟୀ ସମିତି ସଭ୍ୟ ସମର୍ଥିତଙ୍କୁ ଅଜ୍ଞାତବାସରେ ରଖିଥିବା ନେଇ ଉଭୟ ଶିବିରରେ ଚର୍ଚ୍ଚା ହେଉଛି। ତେବେ ନିର୍ବାଚିତ ୨୫ ସମିତି ସଭ୍ୟ ମଧ୍ୟରୁ ୪ରୁ ୫ଜଣ କେଉଁ ଶିବିରରେ ନ ଥିବା ଚର୍ଚ୍ଚା ହେଉଛି। ଏପରିସ୍ଥିତିରେ କିରଣଙ୍କ ଶିବିରରେ ୧୪ ଏବଂ ପୁଷ୍ପାଞ୍ଜଳିଙ୍କ ଶିବିରରେ ୧୫ଜଣ ନିର୍ବାଚିତ ସମିତି ସଭ୍ୟ ଥିବା ଉଭୟ ଦାବି କରୁଛନ୍ତି।

# ପୌର ନିର୍ବାଚନ ପାଇଁ ବଢ଼ିଲା ଉତ୍କଣ୍ଠା

- ପ୍ରଥମ ଦିନରେ ୨୪ ନାମାଙ୍କନ ଆବେଦନପତ୍ର ନେଲେ
- ଅଧ୍ୟକ୍ଷା ପଦ ପାଇଁ ନେଲେ ୩, କାଉନସିଲର ପାଇଁ ୨୧ ଆବେଦନପତ୍ର

ବଲାଙ୍ଗୀର ଅଫିସ,୨।୩

ପଞ୍ଚାୟତ ନିର୍ବାଚନ ପ୍ରକ୍ରିୟା ନ ସରୁଣୁ ଏବେ ପୌର ନିର୍ବାଚନ ସକାଶେ ପ୍ରବଳ ଉତ୍କଣ୍ଠା ପରିଲକ୍ଷିତ ହେଉଛି। ବୁଧବାରଠାରୁ ପୌର ନିର୍ବାଚନ ସକାଶେ କାଉନସିଲ ଏବଂ ପୌର ଅଧ୍ୟକ୍ଷା, ଅଧ୍ୟକ୍ଷ ପଦ ପାଇଁ ନାମାଙ୍କନ ସକାଶେ ଆବେଦନପତ୍ର ବିକ୍ରି ଆରମ୍ଭ ହୋଇଛି। ଆସନ୍ତା ୭ ତାରିଖ ମଧ୍ୟରେ ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ଶେଷ ହେବ। ବଲାଙ୍ଗୀର ମ୍ୟୁନିସିପାଲିଟିରେ ବୁଧବାର ପ୍ରଥମ ଦିନରେ ୨୪ଟି ଫର୍ମ ବିକ୍ରୟ ହୋଇଛି। ଏଥିରୁ ୩ଟି ଫର୍ମ ଅଧ୍ୟକ୍ଷା ପଦ ପାଇଁ ଆଶାୟୀମାନେ କିଣିଥିବାବେଳେ ଅନ୍ୟ ୨୧ଟି ଫର୍ମ କାଉନସିଲର ଆଶାୟୀମାନେ କିଣିଛନ୍ତି।

ଚଳିତ ପୌର ନିର୍ବାଚନରେ ବଲାଙ୍ଗୀର ମ୍ୟୁନିସିପାଲିଟି ଅଧ୍ୟକ୍ଷ ପଦ ମହିଳାମାନଙ୍କ ପାଇଁ ସଂରକ୍ଷିତ ରହିଛି। ପ୍ରଥମ ଥର ସକାଶେ ଅଧ୍ୟକ୍ଷା ପଦ ପାଇଁ ନିର୍ବାଚନ ଅନୁଷ୍ଠିତ ହେବ। ଅଧ୍ୟକ୍ଷା ପଦ ହାତେଇବାକୁ ବହୁ ଆଶାୟୀ ସେମାନଙ୍କ ଭାଗ୍ୟ ପରୀକ୍ଷା ପାଇଁ ଆଗଭର ହେଉଥିବା ଚର୍ଚ୍ଚାର ବିଷୟ ହୋଇଛି। ବଲାଙ୍ଗୀର ଓକିଲ ସଂଘ ସମ୍ପାଦକ ଅମନ ନାଗଙ୍କ ସହଧର୍ମିଣୀ ସବିତା ବାର୍ଲା ବୁଧବାର ବଲାଙ୍ଗୀର ମ୍ୟୁନିସିପାଲିଟି ଅଧ୍ୟକ୍ଷା ପଦ ଆଶାୟୀ ଭାବେ ଆବେଦନପତ୍ର କିଣିଛନ୍ତି। କେଉଁ ଦଳରୁ ସବିତା ପ୍ରାର୍ଥୀ ହେବେ ତାହା ସ୍ପଷ୍ଟ ହୋଇନାହିଁ। ଅନ୍ୟପଟେ ବିଜେଡିର ପୁରୁଣା କର୍ମୀ ଓ କାଉନସିଲମାନେ ସେମାନଙ୍କ ଭାଗ୍ୟ ପରୀକ୍ଷା କରିବାକୁ ଆଶାୟୀ ତାଲିକାରେ ଥିବା ଜଣାପଡିଛି। ବିଜେଡି ଦଳୀୟ ଟିକଟ ପାଇଁ ଏବେ ସବୁଠୁ ବେଶୀ ପ୍ରତିଦ୍ୱନ୍ଦ୍ୱିତା ହେଉଛି। ପଞ୍ଚାୟତ ନିର୍ବାଚନରେ ବିଜେଡିର ଅଭୂତପୂର୍ବ ସଫଳତା ପରେ ପୌର ନିର୍ବାଚନରେ ମଧ୍ୟ ବିଜେଡି ଏହି ସଫଳତା ଦୋହରାଇ ଆଶା ରଖି ବହୁ ବ୍ୟକ୍ତି ଟିକଟ ଲବିରେ ରହିଥିବା ଜଣାପଡିଛି। ଅନେଟ ଟିକେଟ ଆଶୟୀ ଏବେ ମନ୍ତ୍ରୀ ଟୁକୁନି ସାହୁ, ମନ୍ତ୍ରୀ ସୁଶାନ୍ତ ସିଂ, ପୂର୍ବତନ ମନ୍ତ୍ରୀ ଅନଙ୍ଗ ଉଦୟ ସିଂଦେଓ, ପୂର୍ବତନ ଏମ୍‌ପି କଳିକେଶ ନାରାୟଣ ସିଂଦେଓ ଓ ଯୁବନେତା ଅର୍କେଶ ନାରାୟଣ ସିଂଦେଓଙ୍କ ପାଖରେ ଲବି କରୁଥିବା ଶୁଣାଯାଉଛି। ଭାଜପା ଟିକେଟ ପାଇଁ ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ ଓ ପୂର୍ବତନ ମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କୁ ଆଶାୟୀମାନେ ଯୋଗାଯୋଗ କରୁଛନ୍ତି। ସେହିପରି କଂଗ୍ରେସ ଟିକେଟ ପାଇଁ ବରିଷ୍ଠ ନେତା ତଥା ବିଧାୟକ ନରସିଂହ ମିଶ୍ର, ପିସିସି ପ୍ରବକ୍ତା ସମରେନ୍ଦ୍ର ମିଶ୍ରଙ୍କଠାରେ ଆଶାୟୀମାନେ ଲବି କରୁଛନ୍ତି। ଦିନକୁ ଦିନ ନିର୍ବାଚନ ବ୍ୟୟବହୁଳ ହୋଇପଡିଥିବାରୁ ରାଜନୈତିକ ଦଳମାନେ ବ୍ୟକ୍ତିତ୍ୱ ସହ ଆଶାୟୀ ପ୍ରାର୍ଥୀଙ୍କ ଅର୍ଥନୈତିକ ସ୍ଥିତି ଉପରେ ମଧ୍ୟ ବିଚାର କରାଯାଉଥିବା ଚର୍ଚ୍ଚାର ବିଷୟ ହୋଇଛି।

## ବଲାଙ୍ଗୀର ଜିଲା: ୫ ସହରାଞ୍ଚଳରେ ୧.୪୭ ଲକ୍ଷ ଭୋଟର

ଆସନ୍ତା ୨୪ ତାରିଖରେ ପୌରାଞ୍ଚଳ ନିର୍ବାଚନ ଅନୁଷ୍ଠିତ ହେବ। ବଲାଙ୍ଗୀର ଜିଲାରେ ୫ଟି ସହରାଞ୍ଚଳ ରହିଛି। ସେଥିରୁ ଦୁଇଟି ମ୍ୟୁନିସିପାଲିଟି ଓ ୩ଟି ଏନ୍‌ଏସି। ବଲାଙ୍ଗୀର ଓ ଟିଟିଲାଗଡ ମ୍ୟୁନିସିପାଲିଟି ଏବଂ କଣ୍ଟାବାଞ୍ଜି, ପାଟଣାଗଡ ଓ ତୁଷରା ଏନଏସି। ବଲାଙ୍ଗୀର ମ୍ୟୁନିସିପାଲିଟିରେ ୭୮,୭୨୩ ଭୋଟର ରହିଛନ୍ତି। ଟିଟିଲାଗଡରେ ୨୫,୮୩୭, ପାଟଣାଗଡରେ ୧୬,୭୨୩, କଣ୍ଟାବାଞ୍ଜିରେ ୧୭,୫୫୧ ଏବଂ ତୁଷରା ଏନ୍‌ଏସିରେ ୮୨୭୪ ଭୋଟର ରହିଛନ୍ତି। ଚଳିତ ପୌର ନିର୍ବାଚନରେ ବଲାଙ୍ଗୀର ମ୍ୟୁନିସିପାଲିଟିରେ ୮୪ଟି ବୁଥ୍ ହେବ। ସେହିପରି ଟିଟିଲାଗଡରେ ୨୮, ପାଟଣାଗଡରେ ୨୨, କଣ୍ଟାବାଞ୍ଜିରେ ୨୫ ଓ ତୁଷରାରେ ୧୧ଟି ବୁଥ୍‌ରେ ଭୋଟ ଗ୍ରହଣ କରାଯିବ।

## ସଂକ୍ଷେପରେ

### ‘ପଢ଼ିବାକୁ ଶିଖିବା: ଶିଖିବାକୁ ପଢ଼ିବା’ କାର୍ଯ୍ୟକ୍ରମ ଉଦ୍‌ଘାଟିତ

**କଳାହାଣ୍ଡି ଶିକ୍ଷା ବିଭାଗର ଅଭିନବ ପ୍ରୟାସ**

**ଭବାନୀପାଟଣା,୨।୩(ସ୍ୱ.ପ୍ର.):** କୋଭିଡ୍ ମହାମାରୀ ଯୋଗୁ ଗତ ଦୁଇବର୍ଷ ପରେ ପ୍ରାଥମିକ ବିଦ୍ୟାଳୟ ଖୋଲିଛି। ଶିକ୍ଷାର୍ଥୀମାନଙ୍କ ହ୍ରାସ ପାଇଥିବା ଶିକ୍ଷଣସ୍ତରକୁ ଅଭିବୃଦ୍ଧି କରିବା ଉଦ୍ଦେଶ୍ୟ ନେଇ ମଙ୍ଗଳବାର କଳାହାଣ୍ଡି ଜିଲା ଶିକ୍ଷା ବିଭାଗ ପକ୍ଷରୁ ଏକ ଅଭିନବ ‘ପଢିବାକୁ ଶିଖିବା : ଶିଖିବାକୁ ପଢ଼ିବା’ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ପ୍ରାଥମିକସ୍ତରରେ ଅଧ୍ୟୟନ କରୁଥିବା ବିଶେଷ କରି ପ୍ରଥମରୁ ତୃତୀୟ ଶ୍ରେଣୀରେ ପଢୁଥିବା ଛାତ୍ରୀଛାତ୍ର ଅତିକମରେ ପଢିବା, ଲେଖିବା, ବୁଝିବା ଓ କହିବାର ସାମର୍ଥ୍ୟ ସହ ଶ୍ରେଣୀ ଅନୁଯାୟୀ ସଂଖ୍ୟାଜ୍ଞାନ ସୁନିଶ୍ଚିତ କରିବାକୁ ଏହା କାର୍ଯ୍ୟକାରୀ କରାଯାଇଛି। ଏହା ଜିଲାର ଛାତ୍ରୀଛାତ୍ରମାନଙ୍କୁ ନୂତନ ଜ୍ଞାନ ଓ କୌଶଳର ଏକ ବିରାଟ ଦୁନିଆକୁ ପ୍ରବେଶ କରେଇବା ବ୍ୟତିରେକ ସର୍ବଶିକ୍ଷଣ ପାଇଁ ସାମର୍ଥ୍ୟ, ଭାଷାଦକ୍ଷତାରେ ନିପୁଣତା ଓ ଉପର ଶ୍ରେଣୀରେ ଭଲ ପ୍ରଦର୍ଶନ ପାଇଁ ସହାୟକ ହେବ ବୋଲି ଉଦଘାଟକ ଭାବେ ଯୋଗଦେଇ କଳାହାଣ୍ଡି ଜିଲାପାଳ ତଥା ଡିପିଏମୟୁ ଏଫଏଲଏନ ଅଧ୍ୟକ୍ଷ ଡ. ଗାଭାଲି ପରାଗ ହର୍ଷଦ ମତବ୍ୟକ୍ତ କରିଛନ୍ତି। ଡିଜିଟାଲ ପ୍ଲାଟଫର୍ମ ଗୁଗଲ ମିଟରେ ଆୟୋଜିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଜିଲା ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ଚୋପଦାର ସଭାପତିତ୍ୱ କରିଥିଲେ । ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଟେମଲାଲ ଦୁବେ କାର୍ଯ୍ୟକ୍ରମର ରୂପରେଖ, ଉଦ୍ଦେଶ୍ୟ ଓ ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଏଥିରେ ଡିପିଏମୟୁର ସମସ୍ତ ସଭ୍ୟାସଭ୍ୟଙ୍କ ସମେତ ଜିଲାର ସମସ୍ତ ବିଇଓ ଅଂଶ ଗ୍ରହଣ କରିଥିଲେ।

## ଭବାନୀପାଟଣାରେ ବିଜେଡିର ବିଜୟ ଉତ୍ସବ



ବିଜେଡିର ବିଜୟ ଉତ୍ସବରେ ଉପସ୍ଥିତ ମନ୍ତ୍ରୀଙ୍କ ସହ ଅନ୍ୟମାନେ।

**ଦଳକୁ ପୂର୍ଣ୍ଣ ସହମତ ଦେଇଥିବାରୁ ଜିଲାବାସୀଙ୍କୁ ଧନ୍ୟବାଦ ଜଣାଇଲେ**

ଭବାନୀପାଟଣା,୨।୩(ସ୍ୱ.ପ୍ର.)

ଚଳିତ ପଞ୍ଚାୟତ ନିର୍ବାଚନରେ କଳାହାଣ୍ଡି ଜିଲାରେ ବିଜେଡି ବାଜିମାତ କରିଛି। ଜିଲାର ୩୬ଟି ଜିଲା ପରିଷଦ ଆସନରୁ ବିଜେଡି ୩୩ଟି ଆସନ ଦଖଲ କରିଛି। ସେହିପରି ଭାଜପା ୨ଟି ଓ କଂଗ୍ରେସକୁ ଗୋଟିଏ ଆସନରେ ସନ୍ତୁଷ୍ଟ ହେବାକୁ ପଡିଛି। ବିଜେଡିର ଏପରି ଅପ୍ରତ୍ୟାଶୟ ବିଜୟ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ କ୍ଲିନଚିଟ ଦେଇଛି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଭବାନୀପାଟଣାଠାରେ ବିଜୟ ଉତ୍ସବ ପାଳନ କରିଛି ବିଜେଡି। ଜିଲା ସଭାପତି ପୁଷ୍ପେନ୍ଦ୍ର ସିଂଦେଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବିଜୟ ଉତ୍ସବରେ ମୁଖ୍ୟଅତିଥି ଭାବେ କଳାହାଣ୍ଡି ପ୍ରଭାରୀ ତଥା ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ, ସ୍ୱତନ୍ତ୍ର ଅତିଥି ଭାବେ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର, ସମ୍ମାନିତ ଅତିଥି ଭାବେ ନର୍ଲା ବିଧାୟକ ଭୁପିନ୍ଦର ସିଂହ, ଧର୍ମଗଡ଼ ବିଧାୟକ ମୌଷଧି ବାଗ, ପୂର୍ବତନ ବିଧାୟକ ଦୁଷ୍ମନ୍ତ ନାଏକ ପ୍ରମୁଖ ଯୋଗଦେଇଥିଲେ। ଜିଲାରେ ବିଜୟୀ ହୋଇଥିବା ସମସ୍ତ ବିଜେଡିର ଜିଲା ପରିଷଦ ସଭ୍ୟାସଭ୍ୟଙ୍କୁ ଶୁଭେଚ୍ଛା ଜଣାଇବା ସହ ସମ୍ବର୍ଦ୍ଧିତ କରିଥିଲେ। ସେହିପରି ଉପସ୍ଥିତ ସମସ୍ତ ନେତୃବୃନ୍ଦ ବିଜୟ ପାଇଁ ପୂର୍ଣ୍ଣସହମତ ଦେଇଥିବାରୁ କଳାହାଣ୍ଡିବାସୀଙ୍କୁଧନ୍ୟବାଦଦେଇଥିଲେ।

## ପ୍ରଥମ ଦିନରେ ୭ ଜଣ ନାମାଙ୍କନପତ୍ର ଖରିଦ କଲେ

**ବୌଦ୍ଧଗଡ ବିଜ୍ଞାପିତ ଅଞ୍ଚଳ ପରିଷଦ**

**ବୌଦ୍ଧ,୨।୩(ସ୍ୱ.ପ୍ର.):** ରାଜ୍ୟରେ ପୌର ପରିଷଦ ଓ ବିଜ୍ଞାପିତ ଅଞ୍ଚଳ ପରିଷଦ ପାଇଁ ବୁଧବାର ଠାରୁ ନାମାଙ୍କନପତ୍ର ଦାଖଲ ଆରମ୍ଭ ହୋଇଛି । ବୌଦ୍ଧ ବିଜ୍ଞାପିତ ଅଞ୍ଚଳ ପରିଷଦର ୧୭ ଗୋଟି ୱାର୍ଡ ପାଇଁ ମଧ୍ୟ ନାମାଙ୍କନ ପତ୍ର ଦାଖଲ ଆରମ୍ଭ ହୋଇଛି । ବୌଦ୍ଧ ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧ୍ୟକ୍ଷ ପଦବୀ ସାଧାରଣବର୍ଗଙ୍କ ପାଇଁ ଉର୍ଦ୍ଦିଷ୍ଟ ରହିଛି । ନିର୍ବାଚନ ପାଇଁ ବୌଦ୍ଧ ସହରରେ ରାଜନୀତୀ ଉଷ୍ମ ହେବା ସହ ବିଜେଡି, କଂଗ୍ରେସ ଓ ଭାଜପା ପକ୍ଷରୁ କାହାକୁ ପ୍ରାର୍ଥୀ କରାଯିବ ସେନେଇ ଦଳର ଛାମୁଆ ନେତାମାନେ ରୁଦ୍ଧ ଦ୍ୱାରା ବୈଠକ ଚଲାଇଛନ୍ତି । ଏପେଟ ପ୍ରମୁଖ ରାଜନୈତିକ ଦଳଗୁଡିକର ପ୍ରାର୍ଥୀ କିଏ ହେବ ଚୂଡାନ୍ତ ହୋଇ ନ ଥିବା ବେଳେ ବୌଦ୍ଧ ବିଜ୍ଞାପିତ ଅଞ୍ଚଳ ପରିଷଦ ନିର୍ବାଚନ ପାଇଁ ନାମାଙ୍କନ ପତ୍ର ଦାଖଲର ପ୍ରଥମ ଦିନରେ ୭ ଗୋଟି ନାମାଙ୍କନ ପତ୍ର ବିକ୍ରି ହୋଇଛି । ଅଧ୍ୟକ୍ଷ ପଦ ପାଇଁ ବ୍ରାହ୍ମଣ ସାହିର ଦେଶବନ୍ଧୁ ପଣ୍ଡା, ଷଷ୍ଠ କୁମାର ପୁରୋହିତ , ଗିରିଜା ଶଙ୍କର ପାଢୀ, ରୁପେଶ କୁମାର ମିଶ୍ର ଓ ଖଲିଆବଗିଚାର ରଞ୍ଜିତ କୁମାର ପଟ୍ଟନାୟକ ନାମାଙ୍କନ ପତ୍ର ଖରିଦ କରିଛନ୍ତି । ୱାର୍ଡ ସଭ୍ୟ ପଦ ପାଇଁ ମାଳିସାହିର ଶୁଭେନ୍ଦୁ କୁମାର ଶତପଥୀ ଓ ସନ୍ତୋଷ କୁମାର ନାଏକ ନାମାଙ୍କନ ପତ୍ର ଖରିଦ କରିଥିବା ନେଇ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ଜଣାପଡିଛି ।

## ଶ୍ରାଦ୍ଧ ଦିବସରେ ଭୀମ ଭୋଇଙ୍କୁ ଶ୍ରଦ୍ଧାଞ୍ଜଳି



ଶ୍ରାଦ୍ଧ ଉତ୍ସବ ଅବସରରେ ଅତିଥି ବୃନ୍ଦ।

ସୋନପୁର,୨।୩(ନି.ପ୍ର.)

ଶୂନ୍ୟବ୍ରହ୍ମ ଉପାସନାର ପ୍ରମୁଖ ଉପାସକ ତଥା ସନ୍ଥକବି ଭୀମଭୋଇଙ୍କ ୧୨୭ତମ ଶ୍ରାଦ୍ଧ ଦିବସ ସୁବର୍ଣ୍ଣପୁରଠାରେ ବୁଧବାର ପାଳିତ ହୋଇଯାଇଛି। ଅଗ୍ରଣୀ ସାହିତ୍ୟ ସଂସ୍କୃତି ଅନୁଷ୍ଠାନ ମହାନଦୀ ସାହିତ୍ୟ ସଂସଦ ପକ୍ଷରୁ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ସଭାଗୃହଠାରେ ଆୟୋଜିତ ଶ୍ରାଦ୍ଧ ଉତ୍ସବରେ କବିଙ୍କ କାଳଜୟୀ ସାହିତ୍ୟ ଓ ମହିମା ଧର୍ମର ଦର୍ଶନ ଉପରେ ଆଲୋଚକମାନେ ଆଲୋକପାତ କରି କବିଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ଓଡିଶା ସାହିତ୍ୟ ଏକାଡେମୀର ସଭ୍ୟ ଡ.ଦେବାଶିଷ ପାଣିଗ୍ରାହୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସାରସ୍ୱତ ଶ୍ରାଦ୍ଧ ସମାରୋହରେ ଅତିରିକ୍ତ ଜିଲାପାଳ ସୂର୍ଯ୍ୟ ନାରାୟଣ ଦାଶ, ବରିଷ୍ଠ ଲେଖକ ତଥା ମହିମା ଧର୍ମର ଗବେଷକ ଗୋରେଖନାଥ ସାହୁ, କବି ଡ.ପୁରୁଷୋତ୍ତମ ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇ ଶୂନ୍ୟବ୍ରହ୍ମ ଉପାସନା ସହ ମହିମା ଧର୍ମର ସନ୍ତୁଳିତ ଧର୍ମଧାରା ଏବଂ କବିଙ୍କ ସାହିତ୍ୟରେ ଅଦ୍ୱୈତବାଦୀ ଚିନ୍ତା ଚିନ୍ତନ ଉପରେ ବକ୍ତବ୍ୟ ରଖିଥିଲେ। ସଂସଦ ସମ୍ପାଦକ ଡ.ସୌରଭ ରଞ୍ଜନ ଖମାରୀ ସ୍ୱାଗତ ସମ୍ଭାଷଣ କରିଥିବା ବେଳେ କବି ଲକ୍ଷ୍ମୀ ନାରାୟଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଜନ୍ମପୀଠ ଜଟେସିଂହା ସହ ଖଲିଆପାଲି ସମାଧିପୀଠ ଏବଂ ଜିଲାର ମହିମା ଆଶ୍ରମଗୁଡିକରେ ମହିମା ଧର୍ମୀ ବାବା ମାତା ଓ ଶ୍ରଦ୍ଧାଳୁଙ୍କ ଦ୍ୱାରା ଶ୍ରାଦ୍ଧ ଉତ୍ସବ ପାଳିତ ହୋଇଛି।

## ଟ୍ରକ୍ ଧକ୍କାରେ ବାଇକ୍ ଆରୋହୀ ମୃତ: ଜଣେ ଗୁରୁତର

**ଲହୁଣୀପଡ଼ା,୨।୩(ଡି.ଏନ.ଏ.):** ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ଥାନା ଅନ୍ତର୍ଗତ କଲେଇପୋଷ ବାରସୁଆଁ ପୂର୍ତ୍ତ ବିଭାଗ ରାସ୍ତାର ବାସୁବାହାଲ ଗ୍ରାମ ନିକଟରେ ବୁଧବାର ସନ୍ଧ୍ୟାରେ ଟ୍ରକ ଓ ବାଇକ୍ ମଧ୍ୟରେ ଧକ୍କା ହୋଇଥିଲା। ଫଳରେ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଲହୁଣୀପଡ଼ା ଥାନା ଅନ୍ତର୍ଗତ କୁଡେଇକଳା ପଞ୍ଚାୟତ ଦେଓଦେବପୁରୁ ଗ୍ରାମର ସୁନିଲ ମୁଣ୍ଡା(୨୫), ଶାନ୍ତିଏଲ ମୁଣ୍ଡା(୨୬) ଓଡ଼ି୧୪ଡବ୍ଲ୍ୟୁ – ୨୨୭୯ ବାଇକ୍ ଯୋଗେ ଲହୁଣୀପଡ଼ାରୁ ନିଜ ଗ୍ରାମ ଦେଓଦେବପୁରୁ ଯାଉଥିଲେ। ଖଣି ଅଞ୍ଚଳରୁ ଲୁହାପଥର ବୋଝେଇ ଟ୍ରକ୍ ଓଡ଼ି୧୪ଟି – ୩୯୬୦ ଲହୁଣୀପଡ଼ା ପଟେ ଆସୁଥିବା ବେଳେ ବାସୁବାହାଲ ଗ୍ରାମ ନିକଟରେ ଧକ୍କା ହୋଇଥିଲା। ଫଳରେ ସୁନିଲ ଓ ଶାନ୍ତିଏଲ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ଉଭୟଙ୍କୁ ଲହୁଣୀପଡ଼ା ଡାକ୍ତରଖାନାକୁ ଚିକିତ୍ସା ପାଇଁ ନିଆଯାଇଥିଲେ ମଧ୍ୟ ସୁନିଲଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଶାନ୍ତିଏଲଙ୍କ ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ପ୍ରାଥମିକ ଚିକିତ୍ସା ପରେ ରାଉରକେଲା ସ୍ଥାନାନ୍ତର କରି ଦେଇଥିବା ଜଣାପଡିଛି। ଖବରପାଇ ଲହୁଣୀପଡ଼ା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ବାଇକ ଓ ଟ୍ରକକୁ ଜବତ କରି ଘଟଣାର ତଦନ୍ତ ଚଳାଇଛି।

**DISTRICT RURAL DEVELOPMENT AGENCY, GANJAM, CHATRAPUR**
E-mail: ori-dganjam@nic.in
Phone: 06811-263965, 06811-263021, FAX: 06811-263552
Letter No. 2097 Dated: 01.03.2022

**Invitation for Expression of Interest**

District Rural Development Agency, Ganjam, Chatrapur invites Expression of Interest in 2 (Two) bid system from interested suppliers/ authorized dealers for supply, installation and commissioning with compressive maintenance of 2 KW Solar Inverters (includes PV, Inverter & Battery) in High Schools/OAV of Ganjam District. The valid Licence wherever as applicable from the Govt. of Odisha is required for participation. The bidder who fulfils all qualifications and criteria as specified can submit the expression of interest for the purpose. The quoted price shall exclusive of GST but inclusive of other taxes and conveyance charges for supplying, installation, commissioning including erection and installation and post maintenance for 5 years warranty for replacement in-situ in different High School/OAV of Ganjam District. The successful bidder if approved by the Committee under Chairmanship of Collector, Ganjam will be assigned the work by District Administration/ Sponsoring agency of Ganjam district.
The scheduled bid documents can also be downloaded from Ganjam District website i.e. **https://ganjam.nic.in** for participation in tender process.

Sd./- Collector-cum-CEO
Zilla Parishad, Ganjam

**OFFICE OF THE DIVISIONAL FOREST OFFICER, KHARIAR K.L. DIVISION, KHARIAR - 766107**
Phone/Fax No. 06671-232245
e-mail: dfokenduleafkhariar@gmail.com
Notice No. 366 Dated: 23.02.2022

**SHORT TENDER NOTICE FOR HIRING OF PRIVATE VEHICLE**

No. MM-370: Sealed tenders are invited from interested GST Registered Service Providers/Travel Agencies for providing Scorpio (preferably Model S-09 or S-11)/Bolero/Mahindra Max Models of vehicles (Number, Duration and place of engagement mentioned in the Tender document) for official use on hiring basis at Divisional Forest Office (KL) Khariar as per T&C. Detailed terms and conditions and Nos of vehicles to be engaged can be obtained from the **Divisional Forest officers (KL) Khariar** during office hour. The last date of submission of tender at Divisional office is **15.03.2022 upto 04.00 P.M.** The tender papers are to be opened on the same day at **05.00 P.M.**

Sd./- Divisional Forest Officer
Khariar (KL) Division
OIPR-08029/11/0009/2122

**OFFICE OF THE SUPERINTENDING ENGINEER, RWS & S DIVISION, BARGARH**
Email :- eerwss_bgh@nic.in, Ph (O):-06646 233220, FAX :- 06646 234626
No. 627 / Dt. 25.02.2022
**GOVERNMENT OF ODISHA “e” PROCUREMENT NOTICE**
**Bid Identification No 13 of 2021-22**

No. O-1736:- The Executive Engineer, RWS&S Division, Bargarh on behalf of the Governor of Odisha invites tenders from the valid licensed holder contractors of class **‘B’** or **‘A’** and **‘A’** or **‘Special’** registered with any department of State Government or equivalent class of Central Govt. etc. to be eventually drawn up in G2 Contract Form for the work as per terms and condition noted below.
1. Name of the work:- **Execution of Improvement with retrofitting of rural piped water supply to different villages on clubbed up mode under Padampur, Paikmal & Jharbandha Block in the District Bargarh - 9** Nos.
2. Approx. Estimated cost :- **Varies from Rs 79.21** to **344.27** lakhs
3. Date and time of availability of document in the portal :- **Dt 10.03.2022** to **Dt. 06.04.2022** up to **5.00** P.M.
4. Last date/ time for receipt of bids in the portal :- Dt **06.04.22** up to **5.00** P.M
5. Date & time of Opening of Tender :- Dt **07.04.22** at **11.00** A.M.
6. Name and address of the Officer Inviting Bid :- Executive Engineer, RWS&S Division, Bargarh, District :- Bargarh

Further details can be seen from the e-procurement portal “**http//tendersorissa.gov.in**”.
The authority reserves the right to reject any or all the tenders without assigning any reason thereof.
OIPR-25157/11/0017/2122 Sd./- Executive Engineer, RWS&S Division, Bargarh

**WORKS DEPARTMENT** No. B-1024
**OFFICE OF THE SUPERINTENDING ENGINEER, ROURKELA (R&B) DIVISION, UDITNAGAR , ROURKELA**
e-Mail Id – eepwdrkl@gmail.com
Government of Orissa “e” Procurement Notice
**Bid Identification No.: 51/ 2021-2022 Dated: 14.02.2022**

1. Number of works: Total 1 (One) number of Work
2. Estimated cost: Rs.48.63 lakhs
3. Period of completion: Four (04) calendar months
4. Date & Time of availability of bid document in the portal: Dt 23.02.2022 at 11.00 A.M.
5. Last date/ Time for receipt of bids in the portal: Dt 04.03.2022 up to 05.00 P.M.
6. Date of opening of Bid: Dt.07.03.2022 at 11.30 A.M.
7. Name and Address of the Officer Inviting Bid: Superintending Engineer, (R & B) Division, Rourkela, Uditnagar.

Further details can be seen from the e-procurement portal **http//tendersorissa.gov.in**”
**Sd./- Superintending Engineer, R & B Division , Rourkela**
OIPR-34068/11/0028/2122

**ODISHA COOPERATIVE TASAR & SILK FEDERATION LTD. (SERIFED)**
Sahid Nagar, Janpath, Bhubaneswar-751007, Tel : 0674-2545586 / 2545852
E-mail: serifedodisha@gmail.com, Website: www.serifedodisha.in
Bid identification no:- VI-33(08)/SERIFED/2021-22/250 DT.02.03.2022

**INVITATION FOR BIDS (e-Procurement)**

The MANAGING DIRECTOR (SERIFED), Odisha, Bhubaneswar invites Item rate Tenders in single cover system in ONLINE MODE only, for **1 no of work at Bargarh**. The bid documents such as DTCN/BOQ etc. can be seen/ downloaded from the government website: **www.tendersodisha.gov.in** during the period **dt. 04.03.2022 to 17.00 hours up to dt. 10.03.2022.** Online bids shall be received till **17.00 hours dt.10.03.2022** & shall be opened **at 11.30 AM on Dt. 11.03.2022.** Any addendum / corrigendum / cancellation of tender can also be seen in the said website.

Sd/-
MANAGING DIRECTOR

**OFFICE OF THE EXECUTIVE ENGINEER BALLIGUDA (R&B) DIVISION, BALLIGUDA**
Email ID: eepwd_balliguda@yahoo.com
Letter No. 499 GOVERNMENT OF ODISHA Dtd.23.02.2022

**NOTICE INVITING QUOTATION CALL**
**BUDGETARY QUOTATION CALL NOTICE No. 17 Dtd.23.02.2022**

No. B-1027: In pursuance of decision to revise the Schedule of Rates - 2014, sealed budgetary quotation are invited from the Transporter/ Labour Supplier and other Stakeholders in their letter head as applicable dealing with for respetive items having registration/labour licence with valid GSTIN of conveyance of materials **(available in the office of the Superintending Engineer, Balliguda (R&B) Division)** for inclusion in the revised Scheduled of rates in Government of Odisha to be used in different Civil construction/infrastructure works and repair works. The interested party i.e. the bidder shall quote his price in the format available in the official website Government in Works Department.
The sealed quotations with all supporting documents complete in all respects will be **received from 10.00 A.M. of Dt.23.02.2022 to 5.00 P.M. of Dt.05.03.2022** in the quotation box available in the office of the Superintending Engineer, Balliguda (R&B) Division, Balliguda and will be **opened on Dt.06.03.2022 at 12.30 P.M.** in presence of the quotationers or their authorized representatives who desire to be present. This quotation is invited to ascertain and assess the rate different item of conveyance for Materials at par with lowest market rate for revision of Schedule of Rates 2014. The quotation shall be considered only if applied in Letter Head of Transporter/Labour Supplier and other Stakeholders mentioning registration/Labour licence with valid GSTIN failing which quotation shall be rejected.
The undersigned reserves the right to accept or reject/cancel any or all quotations without assigning any reason thereof.

Sd./- Superintending Engineer
OIPR-34038/11/0011/2122 Balliguda (R&B) Division, Balliguda

**GOVERNMENT OF ODISHA** No. O-1734
**OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, KENDRAPARA-JAJPUR**
At/P.O.: Nayabazar, Cuttack - 753004, Tel No. 0671-2444488, Email: serw_kpd@yahoo.com
No. Tender Online RCK-5/22 Letter No. 430 Date: 28.02.2022

**e-Procurement NOTICE**

1. Name of the work : Tender for the road projects of Constituency wise R.D. Roads Developed under MMSY Scheme during 2021-22 in the Dist. of Kendrapara-Jajpur.
2. Class of Contractor : As specified in the Column 5 of the Annexure.
3. Time for Completion : As specified in the Column-6 of the Annexure.
4. Detail Projects : As per Annexure attached
5. Other details :

| Procurement Officer | Bid Identification No. | Availability of Tender Online for Bidding | | Last date & Time of seeking tender clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Kendrapara-Jajpur | Tender Online RCK-5/22 | 03.03.2022 at 11.00 A.M. | 17.03.2022 to 5.00 P.M. | 16.03.2022 upto 5.00 P.M. | 21.03.2022 at 11.30 A.M. | Will be Intimated Later |

Further details can be seen from the website **www.tendersorissa.gov.in**.
OIPR-25129/11/0040/2122 Sd./- Chief Construction Engineer
Rural Works Circle, Kendrapara-Jajpur

**OFFICE OF THE ADDITIONAL CHIEF ENGINEER RENGALI HEAD WORKS CIRCLE, SAMAL, ANGUL-759037**
No.A-849:- E-mail-seicsamal19@gmail.com
**Bid identification No- NCB1/ORDRIP/RDD-02/2021-22**
**‘e’ PROCUREMENT NOTICE**

| | | |
|---|---|---|
| 1 | Nature of the works | Improvement to Rengali Dam under DRIP (Dam Rehabilitation and Improvement Project) Phase II & III for the year 2021-22 (Package I) |
| 2 | No. of works | 01(One) |
| 3 | Value of works | Rs.445.90501 Lakh |
| 4 | Bid security | Rs.4,46,000.00 |
| 5 | Period of completion | 18 (Eighteen) calendar months |
| 6 | Class of contractors | Any class as per the criteria fixed |
| 7 | Procurement Officer | Additional Chief Engineer, Rengali Head Works Circle, Samal |
| 8 | Bid Identification No. | NCB1/ORDRIP/RDD-02/2021-22 |
| 9 | Availability of tender for online bidding | From 10.00hrs of 08.03.2022 to 07.04.2022 upto 15.00 hrs. |
| 10 | Last date and time of seeking tender clarification | 16.03.2022 upto 15.00 hrs. |
| 11 | Pre Bid Meeting | On dated 23.03.2022 at 11.30 hrs in the O/o the Additional Chief Engineer, Rengali Head Works Circle, Samal, Angul-759037 |
| 10 | Date and time of opening of Technical Bid | 07.04.2022 at 16.00 hrs. |

Further details conditions can be seen from the Govt. web site www.tendersorissa.gov.in.

Sd./- Additional Chief Engineer,
Rengali Head Works Circle, Samal
OIPR-32020/11/0004/2122